

ଇତିହାସ ରଚିଲେ ଦ. ଆଫ୍ରିକା କ୍ରିକେଟର
ପୃଷ୍ଠା ୬

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Website: sanchar.live  mail Id: sancharodisha@gmail.com
RNI NO :ODIODI/2001/04811  Postal Regd No : BN/249/15-17
Vol. 32 | ISSUE 318 | ଭାଗ ୩୨ | ସଂଖ୍ୟା ୩୧୮
Bhubaneswar | Tuesday 11 February 2025 | Page 8 Rs. 4.00
ଭୁବନେଶ୍ୱର ମଙ୍ଗଳବାର ୧୧ ଫେବୃଆରୀ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

### ଟ୍ରମ୍ପଙ୍କ ନିମନ୍ତ୍ରଣ ରକ୍ଷାକଲେ ମୋଦି

## ୧୨ରେ ଦୁଇ ବନ୍ଧୁଙ୍କ ଅଷ୍ଟମ ଭେଟଘାଟ

**ନୂଆଦିଲ୍ଲୀ, ୧୦।୨:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଚାରିଦିନିଆ ଫ୍ରାନ୍ସ ଏବଂ ଆମେରିକା ଗସ୍ତରେ ଯାଇଛନ୍ତି। ଫ୍ରାନ୍ସରେ ସେ ଏଆଇ ଆକ୍ସନ ଶିଖର ସମ୍ମିଳନୀରେ ସହ-ଅଧକ୍ଷତା କରିବେ। ସେ ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକ୍ରନଙ୍କ ସହ ସେଠାରେ

**ଫ୍ରାନ୍ସ ଆକ୍ସନ ଶିଖର ସମ୍ମିଳନୀରେ ସହ-ଅଧକ୍ଷତା କରିବେ ପ୍ରଧାନମନ୍ତ୍ରୀ**



ପ୍ରଥମ ଭାରତୀୟ କନସୁଲେଟ ଉଦଘାଟନ କରିବା ପାଇଁ ମାର୍ସିଲେ ମଧ ଗସ୍ତ କରିବେ। ଏଥିସହ ମୋଦି ଅନ୍ତର୍ଜାତୀୟ ଥର୍ମୋନ୍ୟୁକ୍ଲିୟର ପରୀକ୍ଷଣାତ୍ମକ ରିଆକ୍ଟର ପ୍ରକଳ୍ପ ପରିଦର୍ଶନ କରିବେ। ଫ୍ରାନ୍ସ ପରେ ସେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିମନ୍ତ୍ରଣ କ୍ରମେ ଦୁଇଦିନିଆ ଆମେରିକା ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି। ଟ୍ରମ୍ପ ଦ୍ୱିତୀୟ ଥର ପାଇଁ ରାଷ୍ଟ୍ରପତି ହେବା ପରେ ପ୍ରଧାନମନ୍ତ୍ରୀ ମୋଦି ତାଙ୍କର ପ୍ରଥମ ଆମେରିକା ଗସ୍ତକୁ ଦ୍ୱିପାକ୍ଷିକ ସମ୍ପର୍କରେ ସଫଳତାକୁ ଆହୁରି ଆଗକୁ ବଢ଼ାଇବାର ଏକ ସୁଯୋଗ ବୋଲି ବର୍ଣ୍ଣନା କରିଛନ୍ତି। ଫ୍ରାନ୍ସ ଗସ୍ତରେ ଯିବା ପୂର୍ବରୁ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ଏହି ଗସ୍ତ ପ୍ରଯୁକ୍ତିବିଦ୍ୟା, ବାଣିଜ୍ୟ, ପ୍ରତିରକ୍ଷା, ଶକ୍ତି ଏବଂ ଯୋଗାଣ ସ୍ଥିରତା କ୍ଷେତ୍ର ସମେତ ଆମେରିକା ସହ ଭାରତର ସହଭାଗୀତାକୁ ଆହୁରି ଉନ୍ନତ ଏବଂ ଗଭୀର କରିବା ପାଇଁ ଏକ ଏଜେଣ୍ଡା ବିକଶିତ ଦିଗରେ ମଧ ସାହାଯ୍ୟ କରିବ।

ଆମେରିକା ଗସ୍ତ ସମ୍ପର୍କରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି ଯେ ଯଦିଓ ତାଙ୍କର ଐତିହାସିକ ନିର୍ବାଚନ ବିଜୟ ଏବଂ ଜାନୁଆରୀରେ ଶାସନଭାର ➪ପୃଷ୍ଠା-୬

### ପରୀକ୍ଷା ପୂର୍ବରୁ ପିଲାଙ୍କ ମନୋବଳ ବଢ଼ାଇଲେ ମୋଦି-ମୋହନ

# ଫଳ ନୁହେଁ, ପ୍ରସ୍ତୁତି ଉପରେ ଫୋକସ୍ କର: ମୁଖ୍ୟମନ୍ତ୍ରୀ

- ଚାପଗ୍ରସ୍ତ ନ ହୋଇ ଶିକ୍ଷକଙ୍କ କଥା ମାନିବାକୁ ପରାମର୍ଶ
- ପାଠପଢ଼ାରେ ଏକାଗ୍ରତା ପାଇଁ ମନରୁ ଭୟ ଦୂର କର
- ଡିଜିଟାଲ୍ ଉପକରଣର କମ୍ ଉପଯୋଗ କର
- ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କଲେ ୧୬୮ ପରୀକ୍ଷାର୍ଥୀ

**ଭୁବନେଶ୍ୱର, ୧୦।୨ (ସଂଚାର ବ୍ୟୁରୋ):** ପରୀକ୍ଷା ସମୟରେ ଅଧିକାଂଶ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକ ଚିନ୍ତାଗ୍ରସ୍ତ ରହିଥାନ୍ତି। ଗୋଟିଏ ପଟେ ପରୀକ୍ଷାରେ କ'ଣ ପ୍ରଶ୍ନ ଆସିବ, ତା'ର ଉତ୍ତର କିପରି ଦେବେ, ସେନେଇ ପରୀକ୍ଷାର୍ଥୀ ଚିନ୍ତିତ ଥିବା ବେଳେ ଅଭିଭାବକ ନିଜ ପିଲାଙ୍କ ଫଳାଫଳ ଓ ଭବିଷ୍ୟତ କ୍ୟାରିଅର୍ ଉପରେ ଏହାର ପ୍ରଭାବ ନେଇ ବ୍ୟସ୍ତବିବ୍ରତ ହୋଇପଡୁଥିବା ଦେଖାଯାଇଆସିଛି। ତେଣୁ ଏପରି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଛାତ୍ରଛାତ୍ରୀ ଓ ସେମାନଙ୍କ ଅଭିଭାବକଙ୍କ ମନରେ ଥିବା ବିଭିନ୍ନ ଦ୍ୱନ୍ଦ୍ୱ ଦୂର କରିବା ସହ ସେମାନଙ୍କ ମନୋବଳ ବଢ଼ାଇବା ସକାଶେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ପରୀକ୍ଷା ପେ ଚର୍ଚ୍ଚା' ଉପରେ ଆଲୋଚନା କରିଛନ୍ତି। ସ୍ଥାନୀୟ ୟୁନିଟ୍-୧ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ପୂର୍ବାହ୍ନ ୧୧ଟା ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ପରୀକ୍ଷା ପୂର୍ବରୁ କୌଣସି ଛାତ୍ରଛାତ୍ରୀ ବିଶେଷ ଚାପ ନ ନେଇ ଶିକ୍ଷକମାନଙ୍କ ପରାମର୍ଶ ମାନିବା ସହ ସମୟର ସଦୁପଯୋଗ କରିବାକୁ ପରାମର୍ଶ ଦେଇଛନ୍ତି। ସର୍ବଦା ଆଗକୁ ବଢ଼ିବାର ଇଚ୍ଛା ନେଇ ଆତ୍ମବିଶ୍ୱାସର ସହ କଠୋର ପରିଶ୍ରମ ଜାରି ରଖିଲେ ସଫଳତା ନିଶ୍ଚୟ ମିଳିବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି।

ଏହି ଅବସରରେ 'ପରୀକ୍ଷା ପେ ଚର୍ଚ୍ଚା'ର ଅଷ୍ଟମ ସଂସ୍କରଣରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ସିଧାସଳଖ ଛାତ୍ରଛାତ୍ରୀ, ଶିକ୍ଷକ ଓ ଅଭିଭାବକଙ୍କ ସହ ଏହି ମତ ବିନିମୟ କାର୍ଯ୍ୟକ୍ରମ ସଂକ୍ରାନ୍ତରେ ପ୍ରସ୍ତୁତ ଭିଡିଓଟି ୟୁନିଟ-୧ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ପରିବେଷଣ କରାଯାଇଥିଲା ଓ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଛାତ୍ରଛାତ୍ରୀଙ୍କ ମାର୍ଗଦର୍ଶନ କରିବା ସହ ଧୈର୍ଯ୍ୟ, ସିଦ୍ଧାନ୍ତ ଓ ଦୃଢ଼ ବିଶ୍ୱାସର ସହ ପରୀକ୍ଷା ପାଇଁ ପ୍ରସ୍ତୁତ ରହିବା ଏବଂ ଚାପମୁକ୍ତ ରହି ପରୀକ୍ଷା ଦେବା ସହ ସଫଳତା ହାସଲ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଶିକ୍ଷା ଜୀବନ ପ୍ରତି ଏକ ଆନନ୍ଦର ମନୋଭାବକୁ ପ୍ରୋତ୍ସାହିତ କରେ। ଛାତ୍ରଛାତ୍ରୀମାନେ ପରୀକ୍ଷା ଦେବା



ସମୟଠାରୁ ପରୀକ୍ଷା ପୂର୍ବ ସମୟକୁ ଭଲ ଭାବେ ଉପଯୋଗ କରିବା ସହ ନିଜକୁ ମାନସିକ ସ୍ତରରେ ଦୃଢ଼ ରଖି ଓ ପରୀକ୍ଷା ସମୟରେ କୌଣସି ଚାପରେ ନ ଆସି ଶିକ୍ଷକଶିକ୍ଷୟିତ୍ରୀଙ୍କ କଥା ମାନି ଏକାଗ୍ର ଚିତ୍ତରେ ପଢ଼ିବା ଉଚିତ। ପରୀକ୍ଷା ପ୍ରତି କେବେହେଲେ ଭୟଭାବ ରଖିବ ନାହିଁ। କାରଣ ଭୟ ➪ପୃଷ୍ଠା-୬

## ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ ପରୀକ୍ଷାର୍ଥୀଙ୍କ ଆତ୍ମବିଶ୍ୱାସ ବଢ଼ାଇଛି

**ନୂଆଦିଲ୍ଲୀ/ଭୁବନେଶ୍ୱର:** ନୂଆଦିଲ୍ଲୀର ସୁନ୍ଦର ନର୍ସରୀଠାରେ ଆଜି ନୂଆ ରୂପରେ ଆୟୋଜିତ 'ପରୀକ୍ଷା ପେ ଚର୍ଚ୍ଚା (ପିପିସି)-୨୦୨୫ର ଅଷ୍ଟମ ସଂସ୍କରଣରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ବଛାବଛା ଛାତ୍ରଛାତ୍ରୀଙ୍କ ସହ ସାକ୍ଷାତ ଆଲୋଚନା କରିବା ସହ ସେମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇଛନ୍ତି। ପରୀକ୍ଷା ପ୍ରସ୍ତୁତି, ପରୀକ୍ଷାରୁ ଚାପ କମ କରିବା ତଥା ଆଗାମୀ ଭବିଷ୍ୟତ ପାଇଁ ପ୍ରଧାନମନ୍ତ୍ରୀ

**ଜନଆନ୍ଦୋଳନରେ ପରିଣତ ହୋଇଛି 'ପରୀକ୍ଷା ପେ ଚର୍ଚ୍ଚା'**



ଛାତ୍ରଛାତ୍ରୀ ଓ 'ଏଗଜାମ ୱାରିଅର୍ସ'ଙ୍କୁ ଦେଇଥିବା ଉପାଦେୟ ପରାମର୍ଶ ସେମାନଙ୍କ ଆତ୍ମବିଶ୍ୱାସକୁ ବଢ଼ାଇପାରିଛି ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ ନୂଆଦିଲ୍ଲୀର ନ୍ୟାସନାଲ ମିଡିଆ ସେଣ୍ଟରରୁ 'ପରୀକ୍ଷା ପେ ଚର୍ଚ୍ଚା'ର ସିଧା ପ୍ରସାରଣ ଦେଖିବା ପରେ ଜଣେ ବନ୍ଧୁ, ଅଭିଭାବକ ବା ପରିବାରର ସଦସ୍ୟ ଭଳି ପ୍ରଧାନମନ୍ତ୍ରୀ ବିଦ୍ୟାର୍ଥୀମାନଙ୍କ ସହ କଥା ହୋଇଥିବା କହିଛନ୍ତି। ସେ କହିଛନ୍ତି ଯେ ଛାତ୍ରଛାତ୍ରୀଙ୍କ ମନରେ ଥିବା ଅନେକ ଅସମାହିତ ପ୍ରଶ୍ନର ଉତ୍ତର ପ୍ରଧାନମନ୍ତ୍ରୀ ଦେବା ସହ ପରୀକ୍ଷା ପୂର୍ବରୁ ଏହି ଆଲୋଚନା ଛାତ୍ରଛାତ୍ରୀ ଓ ପରୀକ୍ଷା ଯୋଦ୍ଧାଙ୍କୁ ଅନୁପ୍ରାଣିତ କରିଛି। ➪ପୃଷ୍ଠା-୬

### ମୁଖ୍ୟମନ୍ତ୍ରୀଙ୍କ ସହ ଏନ୍‌ସିସି ମହାନିର୍ଦ୍ଦେଶକଙ୍କ ସାକ୍ଷାତାଲୋଚନା

## ଓଡ଼ିଶାରେ ପ୍ରତିଷ୍ଠା ହେବ ୩ କ୍ୟାଡେଟ୍ ଟ୍ରେନିଙ୍ଗ୍ ସେଣ୍ଟର୍

**ଭୁବନେଶ୍ୱର, ୧୦।୨ (ସଂଚାର ବ୍ୟୁରୋ):** ଏନ୍‌ସିସି ମହାନିର୍ଦ୍ଦେଶକ ଲେଫ୍ଟନାଣ୍ଟ ଜେନେରାଲ ଗୁରୁବୀର ପାଲ୍ ସିଂହ ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିବା ସହ ରାଜ୍ୟରେ ଏନ୍‌ସିସିର ସମ୍ପ୍ରସାରଣ ସମ୍ପର୍କରେ ଆଲୋଚନା କରିଛନ୍ତି। ଏହି ଆଲୋଚନା ଅନୁସାରେ, ଓଡ଼ିଶାରେ ଏବେ ଏନ୍‌ସିସି କ୍ୟାଡେଟ୍ ସଂଖ୍ୟା ୬୦ ହଜାର ଥିବା ବେଳେ ଏହାକୁ ୯୦ ହଜାରକୁ ବୃଦ୍ଧି କରାଯିବ। ଏଥିପାଇଁ କେନ୍ଦ୍ରୀୟ ବିଦ୍ୟାଳୟ, ନବୋଦୟ ବିଦ୍ୟାଳୟ ସହ ରାଜ୍ୟର ଅନ୍ୟାନ୍ୟ ବିଦ୍ୟାଳୟରେ ମଧ ଏନ୍‌ସିସି. ଶାଖା ପ୍ରତିଷ୍ଠା କରାଯିବ। ରାଜ୍ୟରେ ଏନ୍‌ସିସି ପିଲାଙ୍କ ଦକ୍ଷତା ବୃଦ୍ଧି ପାଇଁ କଟକ, ବ୍ରହ୍ମପୁର ଓ ସମ୍ବଲପୁରରେ ୩ଟି ଟ୍ରେନିଙ୍ଗ୍ ସେଣ୍ଟର ପ୍ରତିଷ୍ଠା କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ସେହିପରି କଟକ ଓ ବ୍ରହ୍ମପୁରରେ ଏଥିପାଇଁ ୫ ଏକର ଲେଖାଏଁ ଜମି ଉପଲବ୍ଧ ଥିବାବେଳେ ସମ୍ବଲପୁରରେ ଏଥିପାଇଁ ୧୦ ଏକର ଜମି ଯୋଗାଇ ଦିଆଯିବ। ତା'ଛଡ଼ା କୋରାପୁଟରେ ଏନ୍‌ସିସିର ଗ୍ରୁପ୍ ହେଡ୍‌କ୍ୱାର୍ଟର୍ସ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଅଧିକାରୀ ଓ କର୍ମଚାରୀ ମଧ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।ଏହି ଅବସରରେ ଝାରସୁଗୁଡ଼ା ➪ପୃଷ୍ଠା-୬



- ୯୦ ହଜାରକୁ ବଢ଼ିବ କ୍ୟାଡେଟ୍ ସଂଖ୍ୟା
- ଝାରସୁଗୁଡ଼ାରେ ବିମାନ ଉଡ଼ାଣ ପ୍ରଶିକ୍ଷଣ ନେବେ କ୍ୟାଡେଟ୍
- ହ୍ୟାଙ୍ଗର୍ ପାଇଁ ଦେଢ଼ କୋଟି ଟଙ୍କାର ବ୍ୟୟ ବରାଦ

### ବାରବାଟୀ ବିଭ୍ରାଟ: ନୈତିକ ଦାୟିତ୍ୱ କାହାର?

## ସୂରଜ ନା ସନ୍ୟାସୀ-କ୍ରୀତଦାସ

**କଟକ, ୧୦।୨ (ସଂଚାର ବ୍ୟୁରୋ):** ବାରବାଟୀ ବିଭ୍ରାଟକୁ ନେଇ ଏବେ ସାରା ରାଜ୍ୟ ଉଠୁଛି ପଡୁଛି। ସମସ୍ତେ ବର୍ତ୍ତମାନ କ୍ରିଡାମନ୍ତ୍ରୀ ଓ ରାଜ୍ୟ ସରକାରଙ୍କୁ ଦାୟୀ କରୁଛନ୍ତି। ନିଶ୍ଚିତ ଭାବେ ଯେଉଁ ସରକାର ଅମଳରେ ଏହି ବିପର୍ଯ୍ୟୟ ହୋଇଛି ସେହି ସରକାର ଉତ୍ତରଦାୟୀ। ଏଥିପାଇଁ ସରକାର ତୁରନ୍ତ ଓଡିଶା କ୍ରିକେଟ ଆସୋସିଏସନକୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ହେଲେ ଗତ ୨୪ ବର୍ଷ ଧରି ଯେଉଁ ସରକାର ଦାୟିତ୍ୱରେ ଥିଲେ ସେମାନେ ଭିତ୍ତିଭୂମି ବିକାଶ ପାଇଁ କଣ କରିଥିଲେ? ବର୍ତ୍ତମାନ ସରକାରଙ୍କ ପରିଚାଳନାଗତ ସମସ୍ୟା ସହ ପୂର୍ବ ବିଜେଡି ସରକାରଙ୍କ ଖାମଖିଆଲ ନୀତିକୁ ନେଇ ମଧ ପ୍ରଶ୍ନ ଉଠୁଛି।

**୨୪ ବର୍ଷ ହେଲା କାହିଁକି ନୂଆ ଡିଜି କିଣା ହୋଇନଥିଲା**



ବାରବାଟୀ ଷ୍ଟାଡିୟମରେ ୨୦୦୧ରେ ଫ୍ଲଡ଼୍‌ଲାଇଟ ଲାଗିଥିଲା। ସେ ସମୟରେ ପୂର୍ବତନ ଭାରତୀୟ କ୍ରିକେଟର କପିଲ ଦେବ ଏହାର ଉଦଘାଟନ କରିଥିଲେ। ଏ ଭିତରେ ୨୪ ବର୍ଷ ହେଲାଣି। ବୈଦ୍ୟୁତିକ ଇଞ୍ଜିନୟରଙ୍କ କହିବାନୁଯାୟୀ, ଗୋଟେ ଗୋଟେ ଡିଜି ସେଟ ବା ଡିଜେଲ ଜେନେରେଟର ସେଟର ଲାଇଫ ସ୍ପାନ ହେଉଛି ୧୦ରୁ ୧୨ ବର୍ଷ। ଅର୍ଥାତ ୨୦୧୧ରୁ ୨୦୧୩ ମଧରେ ଏହିସବୁ ଡିଜି ସେଟ୍ ବଦଳିବା କଥା। କିନ୍ତୁ ଏତେ ବର୍ଷ ଧରି ଏହିସବୁ ଡିଜି ➪ପୃଷ୍ଠା-୬



### କାନ ଡେରିଥା

ଲାଇଟ ଲିଭିଲେ ଗୀତ ବାଜୁଅଛି
ଛି ଛି ଛିରେ ନନୀ ଛି
ସମ୍ପାଦକ ପରା ପ୍ରବଳ ଖାଇଛି
ତଥାପି କ୍ଷମତା ଅଛି
ପରିବାର ତାଙ୍କ ଖୁସି...
ବରଷକେ ଥରେ ମ୍ୟାଚ
ଆଇଲେ
ପେଟ ବି ଇଞ୍ଚ ବଢୁଛି ।

■ ଦେବାଶିଷ

**ନନ୍‌ଷ୍ଟପ ଅଭିଯାନ**

## ୪୦ ଦିନରେ ୮୬ ମାଓବାଦୀ ନିପାତ

- ଟାର୍ଗେଟ ୨୦୨୬ ସୁଦ୍ଧା ମାଓମୁକ୍ତ ଭାରତ
- ଇନ୍ଦ୍ରାବତୀ ଜଙ୍ଗଲରେ ଚାଲିଥିଲା ବଡ଼ ଯୋଜନା

**ଛତିଶଗଡ଼, ୧୦।୨ (ସଂଚାର ବ୍ୟୁରୋ):** ମାଓବାଦୀଙ୍କ ବିରୋଧରେ ଆରମ୍ଭ ହୋଇଛି ନନ୍‌ଷ୍ଟପ ଅଭିଯାନ। ବର୍ଷର ପ୍ରଥମ ୪୦ ଦିନ ଭିତରେ ନିପାତ ହେଲେଣି ୮୬ ଜଣ ମାଓବାଦୀ। ୨୦୨୬ ମାର୍ଚ୍ଚ ସୁଦ୍ଧା ମାଓବାଦୀଙ୍କ ମୂଳୋତ୍ପାଟନ ପାଇଁ ଦିଆଯାଇଥିବା ଟାର୍ଗେଟକୁ ଆଖି ଆଗରେ ରଖି କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କ ଆହ୍ୱାନ କ୍ରମେ ଜୋରଦାର ଅଭିଯାନ ଚଳାଇଛନ୍ତି ସୁରକ୍ଷା ବାହିନୀ।

ମୋଦି ସରକାରଙ୍କ ୧୦ ବର୍ଷରେ ଦେଶରେ ୫୩ ପ୍ରତିଶତ କମିଛି ନକ୍ସଲ ହିଂସା। ୨୦୦୪ରୁ ୧୪ ମଧରେ ଦେଶରେ ୧୬ ହଜାର ୪୬୩ ନକ୍ସଲ ହିଂସା ହୋଇଥିବା ବେଳେ, ଗତ ୧୦ ବର୍ଷରେ ଏହା ୭ ହଜାର ୭୦୦କୁ କମିଛି। ଏମାନଙ୍କୁ ମିଶାଇ ଛତିଶଗଡ଼ରେ ଚାଲିଥିବା ନକ୍ସଲ ବିରୋଧୀ ଅପରେସନରେ ଚଳିତ ବର୍ଷର ପ୍ରଥମ ୪୦ ଦିନ ଭିତରେ ନିପାତ ହେଲେଣି ୮୬ ଜଣ ମାଓବାଦୀ। ୨୦୨୬ ମାର୍ଚ୍ଚ ସୁଦ୍ଧା ମାଓବାଦର ମୂଳୋତ୍ପାଟନ ପାଇଁ ଆହ୍ୱାନ ଦେଇଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ।

ମହାରାଷ୍ଟ୍ର ସୀମାକୁ ଲାଗିଥିବା ଛତିଶଗଡ଼ ବିଜାପୁର ଓ ନାରାୟଣପୁର ମଧବର୍ତ୍ତୀ ଜଙ୍ଗଲରେ ଠୁଳ ହୋଇଥିଲେ ବହୁ ସଂଖ୍ୟାରେ ମାଓବାଦୀ। ହିଂସା ମାଧମରେ ଆଗାମୀ ନିର୍ବାଚନକୁ ପ୍ରଭାବିତ କରିବା ଥିଲା ଏମାନଙ୍କର ଲକ୍ଷ୍ୟ। ଗୁଇନ୍ଦା ସୂଚନା ପାଇବା ପରେ ସପ୍ତାହେ ହେଲା ଜଙ୍ଗଲ ଭିତରେ ଚାଲିଥିଲା ସର୍ଚ୍ଚ ଅପରେସନ। ଯେଉଁଥିରେ ସାମିଲ ଥିଲେ ୭୦୦ ଯବାନ। ରବିବାର ସକାଳେ ଇନ୍ଦ୍ରାବତୀ ଜାତୀୟ ଉଦ୍ୟାନରେ ପଶିଥିଲେ ଯବାନ। ନିପାତ ୩୧ ନକ୍ସଲଙ୍କ ମଧରେ ଅଛନ୍ତି ୧୧ ଜଣ ମହିଳା।

ଛତିଶଗଡ଼ ବିଜାପୁରର ଦୁର୍ଗମ, ଘଞ୍ଚ ଜଙ୍ଗଲରେ ପରିପୂର୍ଣ୍ଣ ଇନ୍ଦ୍ରାବତୀ ଜାତୀୟ ଉଦ୍ୟାନ ଅଞ୍ଚଳରେ ୯ ତାରିଖରେ ହୋଇଥିବା ନକ୍ସଲବିରୋଧୀ ବଡ଼ ଅପରେସନରେ ୩୧ ଜଣ ମାଓବାଦୀ ନିପାତ ହୋଇଛନ୍ତି। ଏହି ଅପରେସନରେ ସହିଦ ➪ପୃଷ୍ଠା-୬

## ଡିଏମ୍‌ଏଫ୍ ହେରଫେରର ମାଷ୍ଟରମାଇଣ୍ଡ ଥିଲେ ସରୋଜ

- ନବଙ୍କ ଆଶୀର୍ବାଦରେ ଚାଲିଥିଲା ଲୁଟ୍
- ମଙ୍ଗ ଧରିଥିଲେ ସଂଗ୍ରାମ
- ଆରଟିଆଇ କର୍ମୀ ଖୋଲିଲେ ଗୁମର

**ଭୁବନେଶ୍ୱର, ୧୦।୨ (ସଂଚାର ବ୍ୟୁରୋ):** ଝାରସୁଗୁଡ଼ା ଜିଲ୍ଲାରେ କୋଟି କୋଟି ଟଙ୍କାର ଜିଲ୍ଲା ଖଣିଜ ପାଣ୍ଠି (ଡିଏମଏଫ୍) ହେରଫେରର ମାଷ୍ଟରମାଇଣ୍ଡ ଥିଲେ ତତ୍କାଳୀନ ଜିଲ୍ଲାପାଳ ସରୋଜ ସାମଲ। ପୂର୍ବତନ ମନ୍ତ୍ରୀ ନବ ଦାଶଙ୍କ ଆର୍ଶୀବାଦରେ ସାମଲ ଏଭଳି କାର୍ଯ୍ୟ କରିଥିବା ନେଇ ଅଭିଯୋଗ କରିଛନ୍ତି ସୂଚନା ଅଧିକାର କର୍ମୀ ସତ୍ୟ ନାରାୟଣ ରାଓ।

ଶ୍ରୀ ରାଓ କହିଛନ୍ତି ଯେ ଡିଏମ୍‌ଏଫ୍‌ର ପରିଚାଳନା ଦାୟିତ୍ୱ ପ୍ରାଇସ ୱାଟର ହାଉସ କୁପର୍ସ ନାମକ ଏକ ସଂସ୍ଥାକୁ ଦିଆଯାଇଥିଲା। ଏଥିପାଇଁ ଉକ୍ତ ସଂସ୍ଥା ସହିତ ୨୦୧୭ରେ ଚୁକ୍ତିନାମା ହୋଇଥିଲା। ତଦନୁଯାୟୀ ଉକ୍ତ ସଂସ୍ଥାକୁ ତା'ର ପ୍ରାପ୍ୟ ବାବଦରେ ମାସକୁ ୫ ଲକ୍ଷ ୪୦ ହଜାର ଟଙ୍କା ପ୍ରଦାନ କରାଯାଉଥିଲା। ଚୁକ୍ତି ଅନୁଯାୟୀ ଏହି ସଂସ୍ଥାକୁ ଏକ ବର୍ଷ ପାଇଁ କାମ ମିଳିଥିଲା ଓ ଆବଶ୍ୟକ ସ୍ଥଳେ ତିନି ବର୍ଷ ପାଇଁ ବୃଦ୍ଧି କରାଯିବା କଥା। ହେଲେ ଦିଆଯାଉଥିବା ଅର୍ଥ ପରିମାଣ କୌଣସିସ୍ଥଳରେ ବଢ଼ିପାରିବ ନାହିଁ।

କିନ୍ତୁ କରୋନା ଆଳ ଦେଖାଇ ଜିଲ୍ଲାପାଳ ଶ୍ରୀ ସାମଲ ଏହି ଚୁକ୍ତିନାମାକୁ ପାଞ୍ଚ ବର୍ଷ ବଢ଼ାଇଦେଲେ ଓ ପିଡବ୍ଲ୍ୟୁସିର ପ୍ରାପ୍ୟକୁ ମଧ ବୃଦ୍ଧି କରିଦେଲେ। ସେତେବେଳେ ସଂଗ୍ରାମ ନାମକ ଜଣେ ବ୍ୟକ୍ତି ମଧସ୍ଥି ସାଜିଥିଲେ। ଝାରସୁଗୁଡ଼ା ଗୋଟିଏ ଶିଳ୍ପବହୁଳ ଜିଲ୍ଲା ହୋଇଥିବାରୁ ୧୪୦୦ରୁ ୧୫୦୦ କୋଟି ଟଙ୍କାର ଖଣିଜ ପାଣ୍ଠି ଆଦାୟ ହେଉଥିଲା। ଏହି ଅର୍ଥରେ ଜିଲ୍ଲାରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟଜଳ, ଗମନାଗମନ ବ୍ୟବସ୍ଥାର ଉନ୍ନତି ହେବା କଥା। ହେଲେ ପିଡବ୍ଲ୍ୟୁସି କି ପ୍ରକାର ପାଣ୍ଠି ପରିଚାଳନା କଲା ଓ ଜିଲ୍ଲାପାଳ କି ପ୍ରକାର ପଦକ୍ଷେପ ଗ୍ରହଣ କଲେ, ତାହା ଝାରସୁଗୁଡ଼ା ଜିଲ୍ଲାବାସୀ ଦେଖୁଛନ୍ତି ବୋଲି ଶ୍ରୀ ରାଓ କହିଛନ୍ତି।



ଡିଏମ୍‌ଏଫ୍‌ର ଏଭଳି ଦୁରୁପଯୋଗ ଓ ମନଇଚ୍ଛା ବ୍ୟବହାର ନେଇ ଶ୍ରୀ ରାଓ ନୂଆଦିଲ୍ଲୀଠାରେ ଭାରତର ମହାଲେଖାକାରଙ୍କ ନିକଟରେ ବ୍ୟକ୍ତିଗତ ଭାବେ ଅଭିଯୋଗ କରିଥିଲେ। ମାମଲାର ଗମ୍ଭୀରତାକୁ ଉପଲବ୍ଧି କରି ସିଏଜି ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ହେଲେ ତତ୍କାଳୀନ ଜିଲ୍ଲାପାଳ ଶ୍ରୀ ସାମଲ ବିଜେଡି ସରକାରର ଗେହ୍ଲାପୁଅ ଥିବାରୁ କୌଣସି ତଦନ୍ତ ହୋଇନଥିଲା। ଏବେ ବିଜେଡି ସରକାର ବିଦାହୋଇ ବିଜେପି ସରକାରକୁ ୭ ମାସ ପୂରିଥିଲେ ବି କୌଣସି ଅକୁହା କାରଣ ଯୋଗୁଁ ଏହି ମାମଲାର ତଦନ୍ତ ହୋଇପାରୁନାହିଁ। ସିଏଜିଙ୍କ ନିର୍ଦ୍ଦେଶ ଅନୁଯାୟୀ, ଡିଏମଏଫ୍‌ର ତଦନ୍ତ କରାଗଲେ କେବଳ ତତ୍କାଳୀନ ଜିଲ୍ଲାପାଳ ତଥା ବର୍ତ୍ତମାନର ସୂଚନା ଓ ଲୋକସମ୍ପର୍କ ନିର୍ଦ୍ଦେଶକ ଶ୍ରୀ ସାମଲଙ୍କ ବେଆଇନ କାରବାରର ପର୍ଦ୍ଦାଫାସ ହେବନାହିଁ, ଏଥିରେ ଜଡ଼ିତ ଅନେକ ରାଜନେତା ଓ ଅଫିସରଙ୍କ ମୁଖା ମଧ ଖୋଲିଯିବ ବୋଲି ଶ୍ରୀ ରାଓ କହିଛନ୍ତି।



# ଘନଘନ ଖବର ପ୍ରକାଶ ପରେ ପହଞ୍ଚିଲେ ଜିଲ୍ଲାପାଳ ଓ ବିଧାୟକ

## ● ମିଳିଲା ବର୍ଦ୍ଧିତ ଭତ୍ତା ଓ ଭିନ୍ନକ୍ଷମ ପ୍ରମାଣପତ୍ର ● ଆବାସ ଯୋଜନାରେ ଘର ପାଇଁ ଦେଲେ ପ୍ରତିଶ୍ରୁତି



'ସଂଚାର' ମହାପ୍ରଭାବ

**ମହାକାଳପଡ଼ା,୧୦।୨ (ସଂଚାର ବ୍ୟୁରୋ):** ସଂଚାରରେ ବାରମ୍ବାର ଖବର ପ୍ରସାରଣ ପରେ ଜଣେ ଶତପ୍ରତିଶତ ଭିନ୍ନକ୍ଷମ ଯୁବତୀଙ୍କ ସମସ୍ୟା ସମାଧାନ ହୋଇଛି। ସରକାରଙ୍କ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯିବା ସହିତ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରାଯାଇଛି। ଆଜି କେନ୍ଦ୍ରାପଡ଼ା ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ମହାକାଳପଡ଼ା ବିଧାୟକ ଡଃ ଦୁର୍ଗା ପ୍ରସନ୍ନ ନାୟକ, ମହାକାଳପଡ଼ା ଭାରା ପ୍ରାପ୍ତ ବିଡ଼ିଓ ଶିବ ମଲ୍ଲିକ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ୍ ପରିଡ଼ା ଓ ସ୍ଥାନୀୟ ସରପଞ୍ଚ ଲକ୍ଷ୍ମିପ୍ରିୟାଙ୍କ ବାସଭବନରେ ପହଞ୍ଚି ଲକ୍ଷ୍ମିପ୍ରିୟାଙ୍କୁ ଏହିସବୁ ସହାୟତା ପ୍ରଦାନ କରିଛନ୍ତି।

ଆଧାର କାର୍ଡ ନଥିବାରୁ ରାସନ୍ ଚାଉଳ ଓ ଭିନ୍ନକ୍ଷମ ପ୍ରମାଣପତ୍ର ପାଉନଥିଲେ ମହାକାଳପଡ଼ା ବ୍ଲକ ତିଖିରି ପଞ୍ଚାୟତ ବାଲିସୁଆଁ ଗ୍ରାମର ବୃଦ୍ଧା ସତ୍ୟଭାମା ରାଉତଙ୍କ ୪୦ ବର୍ଷୀୟା ଶତପ୍ରତିଶତ ଭିନ୍ନକ୍ଷମ ଯୁବତୀ ଲକ୍ଷ୍ମିପ୍ରିୟା ରାଉତ। ଆଧାର ନଥିବାରୁ ସେ ଭିନ୍ନକ୍ଷମ ପ୍ରମାଣପତ୍ର ଆବେଦନ କରି ପାରୁନଥିଲେ। ଯାହା ଫଳରେ ସେ ୩୫୦୦ ଟଙ୍କା ପାଇବାରୁ ବଞ୍ଚିତ ଥିଲେ। ଭଙ୍ଗା ଦଦରା କୁଡ଼ିଆରେ ମାଆ ଝିଅ ଦୁଇଜଣ ଅତି ଦୟନୀୟ ଅବସ୍ଥାରେ ପଡି ରହିଥିଲେ। ଏନେଇ ଜାନୁଆରୀ ୬ ତାରିଖରେ ଦୈନିକ ଖବରକାଗଜ "ସଂଚାର"ରେ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶର ପରେ ପ୍ରଶାସନିକ ତତ୍ପରତା ଦେଖିବାକୁ ମିଳିଥିଲା। ଆଧାର ଟିମ୍ ଘରେ ପହଞ୍ଚି ତାଙ୍କର ଆଧାର ପଞ୍ଜିକରଣ କରାଇବା ପରେ ତାଙ୍କର ଆଧାର କାର୍ଡ ମିଳିଥିଲା। ଆଧାର କାର୍ଡ ମିଳିବା ତାଙ୍କ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଁ ଆବେଦନ କରାଗଲା। ପରେ ପରେ କେନ୍ଦ୍ରାପଡ଼ା ସିଡିଏମଓଙ୍କ ନିର୍ଦ୍ଦେଶ କ୍ରମେ ମେଡିକାଲ୍ ଟିମ୍ ପହଞ୍ଚି ସ୍ୱାସ୍ଥ୍ୟ ପରୀକ୍ଷା କରି ଭିନ୍ନକ୍ଷମ ପ୍ରମାଣପତ୍ର କରାଇଥିଲେ।

ସବୁଠାରୁ ବଡ଼ କଥା ହେଉଛି ଜଣେ ଅସହାୟ ପରିବାର ଏତେ ଦୟନୀୟ ଅବସ୍ଥାରେ ପଡି ରହିଥିଲେ ହେଲେ ସ୍ଥାନୀୟ ସରପଞ୍ଚ କି ଜନପ୍ରତିନିଧି ଏହା ଉପରେ ଦୃଷ୍ଟି ଦେଉନଥିଲେ। ଯାହାକୁ ସଂଚାର ଓ ମହାକାଳପଡ଼ା ୟୁଥ୍ ଗ୍ରୁପ୍ ସାମ୍ନାକୁ ଆଣି ଖବର ପ୍ରସାରଣ କରିଥିଲା। ଘଟଣାର ବାସ୍ତବତା ଏମିତି ଥିଲା ଯେ ସାଧାରଣ ଲୋକଙ୍କ ସମାଲୋଚନା ପ୍ରଶାସନ ଓ ସ୍ଥାନୀୟ ଜନପ୍ରତିନିଧି ଙ୍କୁ ଅସ୍ତବ୍ୟସ୍ତ କରି ପକାଇଲା। ଯାହାର ପ୍ରଭାବରେ ଆଜି ଖୋଦ୍ ଜିଲ୍ଲା ପ୍ରଶାସନ ଓ ମହାକାଳପଡ଼ା ବିଧାୟକ ପରିବାର ନିକଟରେ ପହଞ୍ଚି ବର୍ଦ୍ଧିତ ଭତ୍ତା ୩୫୦୦ ଟଙ୍କା, ଭିନ୍ନକ୍ଷମ ପ୍ରମାଣପତ୍ର, ରାସନ୍ ଚାଉଳ ଯୋଗାଇ ଦେଇଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ପକ୍କାଘର ଖଣ୍ଡିଏ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି।

# ଗହୀରମଥାରୁ ଟ୍ରଲର ଜବତ, ୬ ମତ୍ସ୍ୟଜୀବୀ ଗିରଫ



**ରାଜନଗର,୧୦।୨ (ସଂଚାର ବ୍ୟୁରୋ):** ଗହୀରମଥା ସାମୁଦ୍ରିକ ନିଷିଦ୍ଧ ଅଞ୍ଚଳରେ ବେଆଇନ ଭାବେ ମାଛ ମାରୁଥିବା ବେଳେ ବନ ବିଭାଗର ପାଟ୍ରୋଲିଂ ଟିମ ଗୋଟିଏ ଟ୍ରଲର ଜବତ କରିବା ସହ ଏଥିରେ ଥିବା ୬ ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଗହୀରମଥା ରେଞ୍ଜ ଦାୟିତ୍ୱରେ ଥିବା ଏସି ଏଫ ମାନସ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଫରେଷ୍ଟର ପ୍ରଫୁଲ କୁମାର ମାଝୀଙ୍କ ନେତୃତ୍ୱରେ ବନ ବିଭାଗର ପାଟ୍ରୋଲିଂ ଟିମ ବରୁଣେଇ ନିକଟରେ ଉର୍ବଶୀ ନାମକ ଟ୍ରଲର କୁ ଜବତ କରିଥିଲେ। ଜବତ ଟ୍ରଲର ରୁ ୧୨ କେଜି ମାଛ, ୧ ଟି ଜି ପି ଏସ, ୧ଟି ଭି ଏଚ ଏଫ, ୧ଟି ଫିସ ଫାଇଣ୍ଡର ଓ ୮ ଟି ଜାଲ, ୨ ଟି ମୋବାଇଲ ଫୋନ ଜବତ କରାଯାଇଛି।ଟ୍ରଲର ଥିବା ମତ୍ସ୍ୟଜୀବୀ ମାନେ ହେଲେ ବଂକେଶ ଦାସ, ସଂକେଶ ଦାସ, ସୂର୍ଯ୍ୟକାନ୍ତ ଗିରୀ, ସଞ୍ଜୟ ବେହେରା, ପ୍ରମୋଦ ଜେନା, ଭିମା ଗିରୀ ପ୍ରମୁଖ ୬ ଜଣଙ୍କୁ ଗିରଫ କରାଯାଇ ବନ୍ୟ ପ୍ରାଣୀ ଆଇନ ୧୯୭୨ ରେ ମୋକଦମା ରୁଜୁ କରି କୋର୍ଟ ଚାଲାଣ କରାଯାଇଥିବା ନେଇ ବନବିଭାଗ ଠାରୁ ସୂଚନା ମିଳିଛି। ଗିରଫ ମତ୍ସ୍ୟଜୀବମାନେ କେନ୍ଦ୍ରାପଡା ଅଞ୍ଚଳର ବୋଲି ଜଣାପଡ଼ିଛି।

# ସୁରତରୁ ଆସିପାରୁନି ଦାଦନ ଶ୍ରମିକଙ୍କ ମୃତଦେହ

**କେନ୍ଦ୍ରାପଡ଼ା,୧୦।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ବ୍ଲକ ଅନ୍ତର୍ଗତ ଅଙ୍ଗୁଳାଇ ପଂଚାୟତ ବରେଇ ଗ୍ରାମବାସୀଙ୍କୁ ଆଣିଦେଇଛି ଏକ ଦୁଃଖଦ ଘଟଣା । ଏହି ଗ୍ରାମର ବଂଶୀଧର ସେଠୀଙ୍କ ବଡ଼ପୁଅ ନିରଞ୍ଜନ ସେଠୀଙ୍କ ମୃତଶରୀର ସୁରତରୁ ନିଜ ଗାଁକୁ ଆସିପାରୁନି ଯାହାକୁ ନେଇ ପୁରା ପରିବାର ଚନ୍ତାରେ ପଡିଛନ୍ତି । ସୂଚନା ଥାଉକି ନିରଞ୍ଜନ ଜଣେ ଗରିବ ପରିବାର ବ୍ୟକ୍ତି ହୋଇଥିବା ବେଳେ ତାଙ୍କ ବଡ଼ ପୁଅ ନିରଞ୍ଜନ ୧୦ବର୍ଷ ହେବ ସୁରତରେ ଏକ ଘରୋଇ ସୂତା କମ୍ପାନୀରେ ଚାକିରୀ କରୁଥିଲେ। ନିଜ ପତ୍ନୀ ବର୍ଷା ସେଠୀଙ୍କ ସହ ନିରଞ୍ଜନ ସୁରତ ସହରର ଆଶାପୁରା କଲୋନୀରେ ଭଡା ଘରେ ରହୁଥିଲେ । ଗତ ରବିବାର ବିଳମ୍ବିତ ରାତ୍ରୀରେ ହଟାତ ବର୍ଷା ଫୋନ ଯୋଗେ ନିରଞ୍ଜନ ବେକରେ ରଶି ଲଗାଇ ମୃତ୍ୟୁ ବରଣ କରିଛନ୍ତି ବୋଲି ମୃତ ଖବର ଦେବା ସହ ୫୦ହାଜର ଟଙ୍କା ଦେଲେ ନିରଞ୍ଜନଙ୍କ ମୃତ ଶରୀର ଗାଁକୁ ନିଆଯିବ ବୋଲି କହିବା ପରେ ନିରଞ୍ଜନଙ୍କ ପରିବାର ଲୋକେ ଦୁଃଖରେ ଭାଙ୍ଗି ପଡ଼ିଥିଲେ। ତେବେ କାହିଁକି ନିରଞ୍ଜନ ଆତ୍ମହତ୍ୟା କଲେ ବୋଲି ବର୍ଷାଙ୍କୁ ନିରଂଜନଙ୍କ ବାପା ବଂଶୀଧର ଓ ତାଙ୍କ ମା କାଞ୍ଚନ ପଚାରିବାରୁ ବର୍ଷା ରାଗି ଯାଇ ଦୁବ୍ୟବହାର କରିବା ସହ ଫୋନ କାଟି ଦେଇଥିଲେ। ତେବେ ନିରାଶ ହୋଇ ନିରଞ୍ଜନଙ୍କ ପରିବାର ପକ୍ଷରୁ ବର୍ଷାଙ୍କ ବିରୁଦ୍ଧରେ ଏତଲା ଦେବାସହ ତାଙ୍କ ପୁଅକୁ ତାଙ୍କ ବୋହୁ ବର୍ଷା କିଛି ଅସମାଜିକ ଯୁବକଙ୍କୁ ଲଗାଇ ମାରିଦେବା ପରେ ୫୦ହାଜର ଟଙ୍କା ଦାବୀ କରୁଥିବା ଅଭିଯୋଗରେ ଦର୍ଶା ଯାଇଛି। ତେବେ ନିରଞ୍ଜନଙ୍କ ମୃତ ମରଶରୀର କିପରି ଗାଁରେ ପହଂଚିବ ଏହାକୁ ନେଇ ଅର୍ଥ ବାଧକ ସାଜିଥିବା ବେଳେ ପିତା ବଂଶୀଧର ସ୍ଥାନୀୟ ବିଧାୟକ ଦୁର୍ଗା ପ୍ରସନ୍ନ ନାୟକ ଓ ସାଂସଦ ବୈଜୟନ୍ତ ପଣ୍ଡାଙ୍କ ନିକଟରେ ସହାୟତା ପାଇଁ ନିବେଦନ କରିଛନ୍ତି ।

# ପଥରରେ ଛେଚି ଯୁବକଙ୍କୁ ହତ୍ୟା

**ବ୍ରହ୍ମପୁର,୧୦।୨ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ପଟିଗୁଡ଼ା ପଞ୍ଚାୟତ ଡୋଳବ ଗାଁ ନିକଟ ରାସ୍ତାକଡ ଚାଷଜମିରୁ ଜଣେ ଯୁବକଙ୍କ ମୃତଦେହକୁ ସୋମବାର ସକାଳେ ପାଟପୁର ପୋଲିସ ଜବତ କରିଛି। ମୃତକ ଜଣକ ହେଲେ ପୋଡ଼ାମାରି ଗ୍ରାମ ଢ଼ିମିରା ସାହିର ରଜତ ଗୌଡ଼(୨୫)। ରଜତଙ୍କ ମୁଣ୍ଡକୁ ପଥରରେ ଛେଚି ବୀଭତ୍ସ ଭାବେ ହତ୍ୟା କରାଯାଇଛି। ଖବର ପାଇ ପାଟପୁର ଥାନା ଆଇଆଇସି ଦୀପ୍ତିରଞ୍ଜନ ବେହେରା ସଦଳବଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୋଲିସ ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରାଯିବା ପରେ ଜବତ ମୃତଦେହକୁ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇ ଦିଆଯାଇଛି। ରଜତଙ୍କ ମୃତଦେହଟି ଚାଷଜମିର ହିଡ଼ ପାର୍ଶ୍ୱରେ ପଡ଼ିଥିବା ବେଳେ ପ୍ରାୟ ୧୦ ଫୁଟ ଦୂରରେ ଏକ ବାଇକ୍ ରାସ୍ତା ଉପରେ ପଡ଼ିଥିଲା। ଭୋର୍‌ରେ ସମ୍ପୃକ୍ତ ଅଞ୍ଚଳରେ ପ୍ରବଳ କୁହୁଡି ହୋଇଥିଲା। କିଛି ଗ୍ରାମବାସୀ ପ୍ରଥମେ ବାଇକ୍‌ଟିକୁ ଦେଖି କୁହୁଡି ଯୋଗୁ ଦୁର୍ଘଟଣା ଘଟିଥିବା ଅନୁମାନ କରିଥିଲେ। ପରେ କିଛି ଦୂରରେ ଥିବା ଜମିରେ ଯୁବକଙ୍କ ରକ୍ତାକ୍ତ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ତେବେ ଏହା ଏକ ହତ୍ୟାକାଣ୍ଡ ବୋଲି ଜଣାପଡିଛି। ରଜତ ହାଇଦ୍ରାବାଦର ଏକ ହୋଟେଲରେ କାମ କରୁଥିଲେ। ଗତ କିଛିଦିନ ହେଲା ସେ ଗ୍ରାମକୁ ଆସିଥିଲେ। ସନ୍ଧ୍ୟାରେ କାମ ଅଛି କହି ଘରୁ ଯାଇଥିଲେ। ବିଳମ୍ବିତ ରାତି ଯାଏ ଘରକୁ ଫେରି ନ ଥିଲେ। ଘର ଲୋକେ ତାଙ୍କ ମୋବାଇଲକୁ ଫୋନ କରିଥିଲେ ମଧ୍ୟ ସେ ଫୋନ୍ ଉଠାଇ ନ ଥିଲେ। ପରିବାର ଲୋକେ ଗ୍ରାମର ବିଭିନ୍ନ ସ୍ଥାନକୁ ଯାଇ ତାଙ୍କୁ ଖୋଜିଥିଲେ ମଧ୍ୟ ତାଙ୍କ ସନ୍ଧାନ ମିଳି ନ ଥିଲା। ରଜତଙ୍କ ମୃତ୍ୟୁର କାରଣ ସଡ଼କ ଦୁର୍ଘଟଣା ନା ହତ୍ୟା ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ଜଣାପଡ଼ିବ ବୋଲି ଆଇଆଇସି କହିଛନ୍ତି।



# ଜମି ପଟାଧାରୀଙ୍କ ନାମରେ ଖୋଲାହେବ ମେଲ୍ ଆଇଡି

**କେନ୍ଦ୍ରାପଡ଼ା,୧୦।୨ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ନୂତନ ନିର୍ଦ୍ଦେଶ ମୁତାବକ ଜମି ପଟାଧାରୀ ଙ୍କ ନାମରେ ମେଲ୍ ଆଇ.ଡି ଖୋଲାହେବ । ରାଜସ୍ୱ ବିଭାଗ ଓ କୃଷି ବିଭାଗର ମିଳିତ ଉଦ୍ୟମରେ ଚାଷୀ ମାନଙ୍କ ଡାଟାବେସ ତିଆରି କରିବା ପାଇଁ ଏହି ବ୍ୟବସ୍ଥା କରାଯାଇଛି । ପ୍ରତ୍ୟେକ ପଂଚାୟତ ସ୍ତରରେ ଓ ଜନସେବା କେନ୍ଦ୍ର ମାନଙ୍କରେ ପଟାଧାରୀ ଜମି ମାଲିକ ମାନେ ଏହି ପଞ୍ଜିକରଣ କରିପାରିବେ । ସରକାରଙ୍କ କୃଷି ଓ କୃଷକ ଉନ୍ନତିକରଣ ଯୋଜନା ଗୁଡିକ ସଂପର୍କରେ ସବିଶେଷ ତଥ୍ୟ ଓ ଆଗାମୀ ଯୋଜନା ଓ ବିଭିନ୍ନ ସହାୟତା ସମ୍ବନ୍ଧରେ ତଥ୍ୟ ଗୁଡିକର ସୂଚନା ଏହି ମେଲ ଆଇ.ଡି ମାଧ୍ୟମରେ ଚାଷୀଙ୍କ ପାଖରେ ପହଁଚି ପାରିବ । ତେବେ କେନ୍ଦ୍ରାପଡା ବ୍ଲକର ଓସ୍ତପୁର ପଂଚାୟତ ରେ ଏହି ଯୋଜନାର ଶୁଭାରମ୍ଭ କରାଯାଇଛି । ସରପଂଚ ପ୍ରସନ୍ନ ରାଉତଙ୍କ ଉଦ୍ୟମରେ ପଂଚାୟତର ୧୦ ଜଣ ଚାଷୀ ଏହି ନାମ ପଞ୍ଜିକରଣ କରିଥିଲେ । ପଞ୍ଜିକରଣ ସମୟରେ ଏଟିଏମ ଗୀତାଞ୍ଜଳୀ ଦାସ,ଭିଏଡବ୍ଲୁ ଲକ୍ଷ୍ମୀପ୍ରିୟା ସେଠୀଙ୍କ ସମେତ ଚାଷୀ ବିଜୟାନନ୍ଦ ପ୍ରଧାନ, ବସନ୍ତ କୁମାର ପରିଡା, ଭରତ ଚନ୍ଦ୍ର ପରିଡା, ନବ କିଶୋର ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

# ବନ୍ତଳା ପଞ୍ଚାୟତରେ ମିଳିତ ଅଭିଯୋଗ ଶୁଣାଣି ଶିବିର

## ୧୩୩ ଅଭିଯୋଗରେ ୧୨ସାମୂହିକ ଓ ୧୨୧ ବ୍ୟକ୍ତିଗତ



**କେନ୍ଦ୍ରାପଡ଼ା,୧୦।୨ (ସଂଚାର ବ୍ୟୁରୋ):** ଗରଦପୁର ବ୍ଲକ ଅନ୍ତର୍ଗତ ବନ୍ତଳା ଗ୍ରାମ ପଞ୍ଚାୟତଠାରେ ସୋମବାର ମିଳିତ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୦ ଟା ୩୦ ସମୟରୁ ଆରମ୍ଭ ହୋଇ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଚାଲିଥିଲା। ଗରଦପୁର ବ୍ଲକ ଅନ୍ତର୍ଗତ ବନ୍ତଳା ଗ୍ରାମ ପଞ୍ଚାୟତଠାରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ମିଳିତ ଅଭିଯୋଗ ଶୁଣାଣି ଶିବିରରେ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନୀଲୁ ମହାପାତ୍ର, ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ, କେନ୍ଦ୍ରାପଡା ଶ୍ରୀ ଅଜାମ୍ବର ମହାନ୍ତି, ଏସପି ଶ୍ରୀ ସିଦ୍ଧାର୍ଥ କଟାରିଆ, ଗରଦପୁର ବିଡିଓ ଆଲୋକ କୁମାର ସେଠୀ, ଗରଦପୁର ତହସିଲଦାର ତୃପ୍ତି ଦାଶ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡ଼ା ପ୍ରମୋଦ କୁମାର ପ୍ରହରାଜ, ଡେପୁଟି କଲେକ୍ଟର ପଲ୍ଲବୀ ପ୍ରିୟଦର୍ଶିନୀ, ଡେପୁଟି କଲେକ୍ଟର ପଲ୍ଲବୀ ପାତ୍ର, ସମସ୍ତ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ, ଲାଇନ୍ ଡିପାର୍ଟମେଂଟ୍‌ର ନିର୍ବାହୀ ଯନ୍ତ୍ରୀ ପ୍ରମୁଖ ଅଭିଯୋଗ ଶୁଣାଣିରେ ସହାୟତା କରିଥିଲେ। ଅନୁଷ୍ଠିତ ଅଭିଯୋଗ ଶୁଣାଣିରେ ମୋଟ୍ ୧୩୩ ଗୋଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା ବେଳେ ସେଥି ମଧ୍ୟରୁ ୧୨ ଗୋଟି ସାମୂହିକ ଏବଂ ୧୨୧ ଗୋଟି ବ୍ୟକ୍ତିଗତ ଅଭିଯୋଗ ଥିଲା। ଚିକିତ୍ସା ସହାୟତା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ୍ ଫଣ୍ଡରୁ ୩୦,୦୦୦ ଟଙ୍କା ୩ ଜଣ ଆବେଦନକାରୀଙ୍କୁ ଦେବା ପାଇଁ ଜିଲ୍ଲାପାଳ ମଞ୍ଜୁର କରିଥିବା ବେଳେ ରେଡ୍‌କ୍ରସ୍ ପାଣ୍ଠିରୁ ୧ ଜଣଙ୍କୁ ଚିକିତ୍ସା ସହାୟତା ବାବଦରେ ମୋଟ ଟ. ୬,୦୦୦/- ଟଙ୍କାର ଚେକ୍ ପ୍ରଦାନ ପାଇଁ ମଞ୍ଜୁର କରିଛନ୍ତି। ସମସ୍ତ ଅଭିଯୋଗର ସମାଧାନ ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

# ୧୯୮୦ ବ୍ୟାଚ ପୁରାତନ ଛାତ୍ରଙ୍କ ବନ୍ଧୁମିଳନ



**ମାର୍ଶାଘାଇ,୧୦।୨ (ସଂଚାର ବ୍ୟୁରୋ):** ମାର୍ଶାଘାଇ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୮୦ମସିହା ବ୍ୟାଚ ବନ୍ଧୁମିଳନ କାର୍ଯ୍ୟକ୍ରମ ରବିବାର ମାର୍ଶାଘାଇ ଯଜ୍ଞ ପଡିଆରେ ଅନୁଷ୍ଠିତ ହୋଇଥିଲା। ବିଜେପି ରାଜ୍ୟ ମୁଖପାତ୍ର ତଥା ପୁରାତନ ଛାତ୍ର ଇଂ ଜ୍ଞାନଦେବ ବେଉରା, ରଶ୍ମିରଂଜନ ସାମଲ, ଇଂ ଚିତ୍ତରଞ୍ଜନ ରଥ, ଇଂ ରମାକାନ୍ତ ଦାସ ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ସମୟର ସ୍ମୃତିବଖାଣି ଥିଲେ। ପୁରାତନ ଛାତ୍ର ସୁଜଳ କୁମାର ସାହୁ, କୀର୍ତ୍ତନ ବେଉରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ହୃଷିକେଶ ବେହେରା, ଭବାନୀ ଶଙ୍କର ନାୟକ,ଇଂ ରବିନ୍ଦ୍ର କୁମାର ରାଉତ, ଅମୂଲ୍ୟ ଦାସ, ବାବୁଲି ଜେନା, ନୃସିଂହ ପାତ୍ର, ତ୍ରୈଲୋକ୍ୟ ନାଥ ଓଝା, ରବିନ୍ଦ୍ର ନାୟକ,ଖଗେଶ୍ୱର ପ୍ରଧାନ, ନୀଳାଦ୍ରି ବିହାରୀ ରାଉତ, ଗୋପୀନାଥ ସାହୁ, କୈଳାସ ଲେଙ୍କା, ରମେଶ ଚୁଲି, ମହେଶ୍ୱର ମହାନ୍ତି, ଧୀରେନ୍ଦ୍ର ପ୍ରଧାନ,ସୁମନ ମହାପାତ୍ର, ହେମନ୍ତ ରାଉତ, ପ୍ରଦୀପ୍ତ କୁମାର ରାଉତରାୟ, ଜୟନ୍ତ କୁମାର ନାୟକ, ପ୍ରଫୁଲ୍ଲ କୁମାର ସ୍ୱାଇଁ, ସୁରେଶ ସ୍ୱାଇଁ,ଦିଲୀପ ପ୍ରଧାନ, ଅନିରୁଦ୍ଧ ଦାସଙ୍କ ସମେତ ୫୦ଜଣ ପୁରାତନ ଛାତ୍ର ଯୋଗଦେଇଥିଲେ।

# ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର କର୍ମକର୍ତ୍ତା ନିର୍ବାଚନ



**କେନ୍ଦ୍ରାପଡା,୧୦।୨ (ସଂଚାର ବ୍ୟୁରୋ):** ଅଖିଳ ଭାରତୀୟ ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘ କେନ୍ଦ୍ରାପଡା ଜିଲ୍ଲା ଶାଖାର ବୈଠକ ଓ କର୍ମକର୍ତ୍ତା ନିର୍ବାଚନ ହୋଇଯାଇଛି। ବରିଷ୍ଠ କାର୍ଯ୍ୟକର୍ତ୍ତା ଗୋଲଖ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ରାଜ୍ୟ ସଭାପତି କୃଷ୍ଣଚନ୍ଦ୍ର ପଣ୍ଡା, ଉପ ସଭାପତି ସବିତା ଜେନାଙ୍କ ସହ ଶତାଧିକ ଶିକ୍ଷକ, ଶିକ୍ଷୟିତ୍ରୀ ଯୋଗ ଦେଇ ରାଜ୍ୟ ସ୍ତରରେ ମହାସଂଘ ତରଫରୁ ରାଷ୍ଟ୍ର, ଶିକ୍ଷା ଓ ଶିକ୍ଷକ ମାନଙ୍କ ପଇଁ ନିଆ ଯାଉଥିବା ଅନେକ ଉନ୍ନତି ମୂଳକ ପଦକ୍ଷେପ ସଂପର୍କରେ ରାଜ୍ୟ ସଭାପତି ସୂଚନା ପ୍ରଦାନ କରିଥିଲେ । ବୈଠକରେ ସଭାପତି ଶ୍ରୀ ପଣ୍ଡାଙ୍କ ତତ୍ୱାବଧାନରେ ମହାସଂଘର ଜିଲ୍ଲା ଶାଖାର କାର୍ଯ୍ୟକର୍ତ୍ତା ଘୋଷଣା କରାଯାଇଛି । ଉପଦେଷ୍ଟା ବିଦ୍ୟୁତ୍ ଖୁଣ୍ଟିଆ, ଜ୍ୟୋସ୍ନାରାଣୀ ଜେନା, ଜୟଦେବ ମଣ୍ଡଳ, ସୁକାନ୍ତ କୁମାର ତ୍ରିପାଠୀ, ଦିବାକର ବାରିକ, ସଂଗଠନର ସଂପାଦକ କନକ ଓଝା, ସଭାପତି ଭାବେ ପ୍ରମୋଦ କୁମାର ଖୁଣ୍ଟିଆ, ସାଧାରଣ ସଂପାଦକ ଅଶ୍ୱିନୀ କୁମାର ରାଉତ, ଉପ ସଭାପତି ଅନିଲ କୁମାର ଦାସ, କମଳାକାନ୍ତ ସାହୁଙ୍କ ସହ ଅନ୍ୟ କର୍ମକର୍ତ୍ତା ମାନଙ୍କୁ ମନୋନିତ କରାଯାଇଛି ।

# ବିଜେପି କୃଷକ ମୋର୍ଚ୍ଚାର ବିଭିନ୍ନ ଧାନ ମଣ୍ଡି ପରିଦର୍ଶନ



**କେନ୍ଦ୍ରାପଡ଼ା,୧୦।୨ (ସଂଚାର ବ୍ୟୁରୋ):** ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ ଧାନମଣ୍ଡି ପରିଦର୍ଶନ କରିବା ସହିତ ଚାଷୀ ମାନଙ୍କ ସହିତ ଆଲୋଚନା କରିଥିଲେ। କେନ୍ଦ୍ରାପଡା ଜିଲ୍ଲା

## ଜିଲ୍ଲାପାଳଙ୍କ ସହ କଲେ ଆଲୋଚନା

ଡୋରାବିଶ ବ୍ଲକ ଅନ୍ତର୍ଗତ କୁଣିଆପାଲ,ନହଗଂ, ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ବଡମୂଳବସନ୍ତ, କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଗୁଲୁନଗର ପ୍ରଭୃତି ଧାନମଣ୍ଡୀକୁ ଆଜି ଧାନମଣ୍ଡୀ ପରିଦର୍ଶନ ସମୟରେ ଧାନ କୁଇଣ୍ଟାଲ ପ୍ରତି ୩୧୦୦ ଟଙ୍କା କରିଥିବାରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଉପସ୍ଥିତ ଚାଷୀମାନେ ଧନ୍ୟବାଦ ଜଣାଇବା ସହିତ କୃତଜ୍ଞତା ଜଣାଇଥିଲେ। ଯୋଉଁ ମାନେ ଧାନ କିଣା କାରବାରରେ ବିଶୃଙ୍ଖଳା ଓ ଅସାଧୁ ଉପାୟ ଅବଲମ୍ବନ କରିବେ ସେମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତ ମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ରାଜ୍ୟ ସଭାପତି ମହେଶ୍ୱର ସାହୁ ଚେତାବନୀ ଦେଇଛନ୍ତି।

କେନ୍ଦ୍ରାପଡା ଜିଲ୍ଲା ଧାନମଣ୍ଡୀ ପରିଦର୍ଶନ ସମୟରେ ବ୍ୟାପକ ଅବ୍ୟବସ୍ଥା ପରିଲକ୍ଷିତ ହୋଇଥିଲା। ଧାନମଣ୍ଡୀ ମାନଙ୍କରେ ଚାଷୀ ମାନଙ୍କ ବିଶ୍ରାମ ନେବା ପାଇଁ କୌଣସି ବ୍ୟବସ୍ଥା ନ ଥିବା, ପିଇବା ପାଇଁ ପାଣି ର ବ୍ୟବସ୍ଥା ନଥିବା, ଶୌଚ ହେବା ପାଇଁ ପାଇଖାନା ନଥିବା ଦେଖିବାକୁ ମିଳିଥିଲା। ଧାନକୁ ସୁରକ୍ଷିତ ରଖିବା ପାଇଁ ପଲିଥିନ ର ବ୍ୟବସ୍ଥା ନଥିବାର ରାଜ୍ୟ ସଭାପତି ଶ୍ରୀ ମହେଶ୍ୱର ସାହୁ ପରିଦର୍ଶନ ସମୟରେ ଦେଖିବାକୁ ପାଇଥିଲେ। ରାଇସ ମିଲମାନଙ୍କୁ ଧାନ ନେଇକରି ଦେବା ପାଇଁ ଧାନମଣ୍ଡୀର ଅଧିକାରୀମାନେ ବାଧ୍ୟ କରୁଥିବା ଚାଷୀମାନେ ଅଭିଯୋଗ କରିଥିଲେ। ଅପରାହ୍ନ ୪ଟା ସମୟରେ ବିଜେପି କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ସାହୁ କେନ୍ଦ୍ରପଡା ଜିଲ୍ଲାପାଳଙ୍କୁ ଭେଟି ଏହି ସବୁ ସମସ୍ୟାର ସମାଧାନ କରିବା ପାଇଁ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଶ୍ରୀଧର ପ୍ରସାଦ ପ୍ରଧାନ, ରାଜ୍ୟ ସଂପାଦକ ବିକ୍ରମ କେଶରୀ ରାଉତରାୟ, ଜିଲ୍ଲା ସାଧାରଣ ସମ୍ପାଦକ ବିଚିତ୍ର କୁମାର ପ୍ରଧାଙ୍କ ସମେତ ଶତାଧିକ ଚାଷୀ ଓ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

# ଜାତୀୟ ରାଜପଥରେ ବସ୍ ଦୁର୍ଘଟଣା

**ଖୋର୍ଦ୍ଧା,୧୦।୨ (ସଂଚାର ବ୍ୟୁରୋ):** ଖୋର୍ଦ୍ଧା ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ବୋଲଗଡ଼ ତହସିଲ ନିକଟ ଗୋପବନ୍ଧୁ ଛକରେ ଏକ ବଡ଼ ଦୁର୍ଘଟଣା ଘଟିଛି। ସୂଚନାଯୋଗ୍ୟ ନାରାୟଣୀ ନାମକ ଏକ ଘରୋଇ ବସ ଭୁବନେଶ୍ୱରରୁ ନୟାଗଡ଼ ଯିବା ରାସ୍ତାରେ ବୋଲଗଡ଼ ଗୋପବନ୍ଧୁ ଛକରେ ଅନ୍ୟ ଏକ ଗାଡ଼ିକୁ ଓଭର ଟେକ କରୁଥିବା ବେଳେ ଗାଡ଼ିର ପତା କଟି ଯିବାରୁ ଭାରସାମ୍ୟ ହରାଇ ଏକ ଗଛରେ ପିଟି ହୋଇ ଦୁର୍ଘଟଣା ଘଟିଥିବା ସୂଚନା ମିଳିଛି। ଏହି ଦୁର୍ଘଟଣାରେ ବସର ଡ୍ରାଇଭର ସମେତ ୫ ଜଣ ଗୁରୁତର ହୋଇଛନ୍ତି। ୧୦ ଜଣ ଯାତ୍ରୀ ଆହତ ହୋଇଛନ୍ତି। ବସରେ ୪୫ରୁ ଉର୍ଦ୍ଧ୍ୱ ଯାତ୍ରୀ ରହିଥିବା ସୂଚନା ମିଳିଛି। ସମସ୍ତ ଆହତଙ୍କୁ ସ୍ଥାନୀୟ ଲୋକ ବୋଲଗଡ଼ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଘଟଣା ସ୍ଥଳରେ ବୋଲଗଡ଼ ପୁଲିସ ପହଞ୍ଚି ତଦନ୍ତ ଚଳାଇଥିବା ସୂଚନା ମିଳିଛି।

# ମା' ଧ୍ୟାନଧ୍ୟାୟୀ ୟୁଥ କ୍ଲବର ନିଆରା ପୂଜା ଉତ୍ସବ



**ପଟ୍ଟାମୁଣ୍ଡାଇ,୧୦।୨ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ପୌରାଞ୍ଚଳ ଅଧୀନ ବାଲିପଡା ଗ୍ରାମର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ମା ଧ୍ୟାନଧ୍ୟାୟୀ ୟୁଥ କ୍ଲବ ପକ୍ଷରୁ ମା ସରସ୍ୱତୀଙ୍କ ନିଆରା ପୂଜା ଉତ୍ସବ ଅନୁଷ୍ଠିତ ହେଉଛି। ଦୀର୍ଘ ୨୨ ଦିନ ଧରି ଏହି ପୂଜା ଉତ୍ସବର ସ୍ୱତନ୍ତ୍ର କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେଉଛି। ଯାହାକି ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ବୈଦିକ ରୀତିନୀତିରେ ଚାଲିଥିବା ପୂଜା ଉତ୍ସବରେ ଅତିଥି ଭାବେ ରାଜନଗର ବିଧାୟକ ଧ୍ରୁବ ସାହୁ, ପୌରାଧକ୍ଷ ହେମନ୍ତ ସାହୁ, ବିଜେଡ଼ି ନଗର ସଭାପତି ବୁଢ଼ା ଲେଙ୍କା, କାଉନସିଲର ପ୍ରଶାନ୍ତ ବାରିକ, ବରିଷ୍ଠ ନେତା ରାଜଦିପ ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଏହି ପୂଜା ଓ ଭସାଣ ଉତ୍ସବକୁ ମା ଧ୍ୟାନଧ୍ୟାୟୀ ୟୁଥ କ୍ଲବର କର୍ମକର୍ତ୍ତା ଓ ବରିଷ୍ଠ ସଭ୍ୟ ବିଶ୍ୱରଞ୍ଜନ ତ୍ରିପାଠୀ, ବିଶ୍ୱଜିତ ବିଶ୍ୱାଳ, ସତ୍ୟଜିତ ବିଶ୍ୱାଳ, ସ୍ମୃତି ରଞ୍ଜନ ମହାନ୍ତି, ଅନୁପମ ଜେନା, ସୁଭେନ୍ଦୁ ବିଶ୍ୱାଳ, ସରୋଜ କାନ୍ତ ତ୍ରିପାଠୀ, ପବିତ୍ର ସାହୁ, ଅମିତ ମହାନ୍ତି, ସଂଜୀବ ନାୟକ, ରଞ୍ଜିତ ତ୍ରିପାଠୀ, ରାହୁଲ ଜେନା ପ୍ରମୁଖ ପରିଚାଳନା କରିଥିଲେ। ଆସନ୍ତା ୨୪ ତାରିଖରେ ଭସାଣ ଉତ୍ସବ ଅନୁଷ୍ଠିତ ହେବାକୁ ଥିବା ବେଳେ ଏହି ନିଆରା ଭସାଣ ଉତ୍ସବକୁ ଦେଖିବା ପାଇଁ ଲୋକଙ୍କ ମଧ୍ୟରେ ଉତ୍କଣ୍ଠା ପ୍ରକାଶ ପାଇଛି।

# ତୁଳସୀ ମହିଳା ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

**କେନ୍ଦ୍ରାପଡ଼ା,୧୦।୨ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଗୋପ ସ୍ଥିତ ତୁଳସୀ ମହିଳା ମହା ବିଦ୍ୟାଳୟର ବାର୍ଷିକ ଉତ୍ସବ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ସୋଆ ବିଶ୍ୱ ବିଦ୍ୟାଳୟର ମୁଖ୍ୟ ଓ ମେଡିକାଲ୍ ପରାମର୍ଶଦାତା ତଥା ଏ.ଆଇ. ଆଇଏମ୍ଏସ୍ ଭୁବନେଶ୍ୱରର ଅବସରପ୍ରାପ୍ତ ନିର୍ଦ୍ଦେଶକ ପଦ୍ମଶ୍ରୀ ପ୍ରଫେସର୍ ଡାକ୍ତର ଅଶୋକ କୁମାର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜ୍ଞାନ, ନିଷ୍ଠା, ସଚ୍ଚୋଟତା, ଅଭିଜ୍ଞତା ସଫଳତାର ଚାବିକାଠି ବୋଲି ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। କେନ୍ଦ୍ରାପଡ଼ାର ଅତିରିକ୍ତ ଜିଲ୍ଲାପାଳ ତଥା ମହାବିଦ୍ୟାଳୟ ପରିଚାଳନା ସମିତିର ସଭାପତି ନିଲୁ ମହାପାତ୍ର ମାନସିକ କ୍ଷେତ୍ରରେ ଆମେ ସୁହୃଦ ହୋଇପାରିଲେ ଆମେ ସବୁ କ୍ଷେତ୍ରରେ ଜିତି ପାରିବା ବୋଲି ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଶୈଳବାଳା ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପିକା ଡ଼ଃ ସୁଲୋଚନା ଦାସ ଛାତ୍ରୀମାନଙ୍କୁ ଚରିତ୍ର ଗଠନ ତଥା ଶୃଙ୍ଖଳିତ ଜୀବନ ଯାପନ ପାଇଁ ଉପାଦେୟ ପରାମର୍ଶ ପ୍ରଦାନ କରିଥିଲେ । ଅଧ୍ୟକ୍ଷ ପ୍ରଫେସର୍ ରଞ୍ଜିତ୍ ରଞ୍ଜନ ସାହୁ ଉତ୍ସବରେ ପୌରହିତ୍ୟ କରିବା ସହିତ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଉତ୍ସବରେ କମିଟିର ଉପଦେଷ୍ଟା ଡ଼ଃ ମଥୁରୀ ଚରଣ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ପ୍ରଶାସନିକ ଅଧିକାରିଣୀ ପ୍ରାଧ୍ୟାପିକା ଜ୍ୟୋତ୍ସ୍ନାମୟୀ ପତି ବାର୍ଷିକ ବିବରଣୀ ପାଠ କରିଥିଲେ। ଅଧ୍ୟକ୍ଷ ପ୍ରଫେସର୍ ସାହୁ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି, ମୁଖ୍ୟବକ୍ତାଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ନାଟ୍ୟ ସଂସଦର ଉପସଭାପତି ଅଧ୍ୟାପିକା ପ୍ରଜ୍ଞା ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ। ସଭା କାର୍ଯ୍ୟକୁ ଅଧ୍ୟାପିକା ଡ଼ଃ ଶକ୍ତି ଶେଖର ଦାଶ ଓ ଅଧ୍ୟାପିକା ଭାରତୀ ଜେନା ସଂଯୋଜନା କରିଥିଲେ । ବିଭିନ୍ନ ସାହିତ୍ୟ ଓ ସାଂସ୍କୃତିକ ପ୍ରତିଯୋଗିତାର କୃତି ପ୍ରତିଯୋଗୀ ମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।






# ଅନ୍ତେଇ ବିଜୁ ପଟ୍ଟନାୟକ କଲେଜର ବାର୍ଷିକ ଉତ୍ସବ

**ମାର୍ଶାଘାଇ,୧୦।୨ (ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ଅନ୍ତେଇସ୍ଥିତ ବିଜୁ ପଟ୍ଟନାୟକ କଲେଜର ୪୪ତମ ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଥିଲା। କଲେଜର ଅଧକ୍ଷ ବିଶ୍ୱଜିତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ମହାକାଳପଡ଼ା ବିଧାୟକ ଡ଼ଃ ଦୁର୍ଗା ପ୍ରସନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ହାସ୍ୟ କବି ଡ଼ଃ ରମାକାନ୍ତ ମହାପାତ୍ର ମୁଖ୍ୟ ବକ୍ତା ଏବଂ ସମ୍ମାନିତ ଅତିଥି ଭାବରେ ସମାଜସେବୀ ଗଙ୍ଗାଧର ସାମଲ, ରଞ୍ଜନ ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ । ଇତିହାସ ବିଭାଗ ଅଧ୍ୟାପକ ଅକ୍ଷୟ କୁମାର ରାଉତ ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ବିଶ୍ୱରଂଜନ ପରିଡା ଧନ୍ୟବାଦ ପ୍ରଦାନ କରିଥିଲେ । ଇଂରାଜୀ ଅଧ୍ୟାପକ ଚିନ୍ମୟ କୁମାର ରାଉତରାୟ ମଞ୍ଚ ପରିଚାଳନା କରିଥିଲେ । ସଭା ପୂର୍ବରୁ ବିଧାୟକ ଶ୍ରୀ ନାୟକ କଲେଜ ପରିସରରେ ଏକ କୋଟି ଟଙ୍କା ବ୍ୟୟ ଅଟକଳରେ ପ୍ରଶାସନିକ ଭବନ ନିର୍ମାଣର ଶିଳାନ୍ୟାସ କରିଥିଲେ । ନିରଞ୍ଜନ ପରିଡା,ମନୋରଞ୍ଜନ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଚିତ୍ରୋତ୍ପଳା ମଣ୍ଡଳ ସଭାପତି ହିରଣ୍ୟ ମହାପାତ୍ର, ବିଜେପି କର୍ମକର୍ତ୍ତା ମାନସ ରଞ୍ଜନ ଲେଙ୍କା, ସରୋଜକାନ୍ତ ସ୍ୱାଇଁଙ୍କ ସମେତ ଶତାଧିକ ବିଜେପି କର୍ମୀ ଶୋଭାଯାତ୍ରାରେ ବିଧାୟକଙ୍କୁ ସଭାସ୍ଥଳକୁ ପାଛୋଟି ନେଇଥିଲେ ।

# ଯୁବକଙ୍କୁ ଟ୍ରକ୍ ଚଢ଼ାଇ ହତ୍ୟା!

**ଦେବଗଡ,୧୦।୨(ସଂଚାର ବ୍ୟୁରୋ):** ରିଆମାଳ ଥାନା ଅନ୍ତର୍ଗତ ବୁଚା କଟେଇଠାରେ ଟ୍ରକରେ ଧକ୍କା ଦେଇ ଆଲୋକ ନାମକ ଜଣେ ଯୁବକଙ୍କୁ ହତ୍ୟା କରାଯାଇଥିବା ନେଇ ଅଭିଯୋଗ ହୋଇଛି । ଆଲୋକ ଗାଁରେ କୁକୁଡ଼ା ମାଂସ ବିକ୍ରି କରି ପରିବାର ଚଳାନ୍ତି । ତେବେ ମିଳିଥିବା ସୂଚନା ଅନୁସାରେ କତରାପାଲି ଗାଁର ଆଲୋକ ସାହୁ ଓ ସେହି ଗାଁର ଟ୍ରକ ଡ୍ରାଇଭର ସୁଗ୍ରୀ ମାଝୀଙ୍କ ମଧ୍ୟରେ ଗତ ୩ ମାସ ତଳେ କୁକୁଡା ମାଂସର ଟଙ୍କା ଦିଆନିଆକୁ ନେଇ ପାଟି ତୁଣ୍ଡ ହୋଇଥିଲା । ସେ ଦିନ ହୋଇଥିବା ସେହି ଘଟଣାକୁ ଆଲୋକ ଭୁଲି ଯାଇଥିଲେ । କିନ୍ତୁ ଟ୍ରକ ଡ୍ରାଇଭର ସୁଗ୍ରୀ ମନରୁ ଲିଭି ନଥିଲା ପ୍ରତିଶୋଧର ନିଆଁ । ତେବେ ଗତକାଲି ସନ୍ଧ୍ୟାରେ ବୁଚା କଟେଇ ଛକ ନିକଟରେ ଥିବା ତ୍ରିନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ପାଇଁ ହେଉଥିବା ପ୍ରସ୍ତୁତି ବୈଠକରେ ଯୋଗ ଦେବାକୁ ଯାଇଥିଲେ ଆଲୋକ । ରାତ୍ରୀରେ ବୈଠକ ସରିବା ପରେ ଘରକୁ ଫେରିବା ପାଇଁ ନିଜ ବାଇକରେ ବସୁଥିବା ବେଳେ ପୂର୍ବରୁ ଅନତି ଦୂରରେ ଟ୍ରକ ସହ ଛକି ରହିଥିବା ସୁଗ୍ରୀ ମାଝୀ ଦ୍ରୁତ ଗତିରେ ଆସି ଅଲୋକଙ୍କୁ ଧକ୍କା ଦେଇଥିଲା । ପରେ ସେଠାରୁ ଟ୍ରକ ସହ ଫେରାର ହୋଇଯାଇଥିଲା ସୁଗ୍ରୀ ମାଝୀ । ବୈଠକରେ ଥିବା ତ୍ରିନାଥ କମିଟିର ସଦସ୍ୟମାନେ ଗୁରୁତର ଆଲୋକଙ୍କୁ ଉଦ୍ଧାର କରି ତୁରନ୍ତ ଛତାବର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ । ମାତ୍ର ଚିକିତ୍ସାଧିନ ଅବସ୍ଥାରେ ହିଁ ଆଲୋକଙ୍କର ମୃତ୍ୟୁ ଘଟିଥିବା ଡାକ୍ତର ସୂଚନା ଦେଇଥିଲେ । ଅଭିଯୋଗ ପାଇବା ପରେ ରିଆମାଳ ପୋଲିସ ତତ୍ପରତା ଦେଖାଇ ଅନୁଗୁଳ ପୋଲିସ ସହ ଯୋଗାଯୋଗ କରି ଅଭିଯୁକ୍ତ ସୁଗ୍ରୀକୁ ଅଟକ ରଖିବା ସହ ଟ୍ରକକୁ ଜବତ କରିଛି । ତେବେ ଏହି ଘଟଣାରେ ପୋଲିସର ପ୍ରତିକ୍ରିୟା ମିଳିପାରି ନାହିଁ । ଅନ୍ୟପଟେ ସୁଗ୍ରୀଙ୍କ ପରିବାର ପକ୍ଷରୁ ମଧ୍ୟ ପ୍ରତିକ୍ରିୟା ମିଳିପାରି ନାହିଁ । ପୋଲିସର ତଦନ୍ତ ପରେ ହିଁ ଏ ଘଟଣାର ରହସ୍ୟ ଖୋଲିବ । ଏପଟେ ଆଲୋକଙ୍କ ମୃତ୍ୟୁ ପରେ ବେସାହାରା ହୋଇପଡ଼ିଛି ପୂରା ପରିବାର ।

● ଚିକେନ୍ ବାବଦ ଟଙ୍କାକୁ ନେଇ ହୋଇଥିଲା ପାଟିତୁଣ୍ଡ

## ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟଜଳ ଯୋଗାଣ ନେଇ ମନ୍ତ୍ରୀଙ୍କ ସୂଚନା

# ୨୦୨୬ ଜୁନ୍ ସୁଦ୍ଧା ୨୦୭ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ

**ଭୁବନେଶ୍ୱର,୧୦।୨(ସଂଚାର ବ୍ୟୁରୋ):** ଆଗକୁ ଗ୍ରୀଷ୍ମଋତୁ ଆସୁଥିବା ବେଳେ ଏହି ସମୟରେ ରାଜ୍ୟର ଜନସାଧାରଣ ଯେପରି ଜଳସଙ୍କଟର ସମ୍ମୁଖୀନ ନ ହେବେ, ସେଥିସକାଶେ ରାଜ୍ୟ ସରକାର ସମସ୍ତ ପ୍ରକାର ପଦକ୍ଷେପ ନେଉଛନ୍ତି। ବିଶେଷକରି ଗ୍ରାମାଞ୍ଚଳରେ ଜଳଯୋଗାଣକୁ ନେଇ ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରକାର ସତର୍କତାମୂଳକ ପଦକ୍ଷେପ ନିଆଯାଉଛି। ଗ୍ରାମାଞ୍ଚଳରେ ବିଶୁଦ୍ଧ ପାନୀୟଜଳ ଯୋଗାଣ ସରକାରଙ୍କ ପ୍ରାଥମିକତା ହୋଇଥିବା ବେଳେ ଏହା ସୁନିଶ୍ଚିତ କରିବାକୁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ଆଜି ଗଣମାଧ୍ୟମକୁ ସମ୍ବୋଧନ କରି ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି।



ମନ୍ତ୍ରୀ କହିଛନ୍ତି ଯେ ବିଗତ ବର୍ଷମାନଙ୍କରେ ବିଦ୍ୟୁତ ଦେୟ ପଇଠ ହୋଇନଥିବା ଯୋଗୁଁ ଗ୍ରାମାଞ୍ଚଳର ଅନେକ ପାନୀୟ ଜଳ ପ୍ରକଳ୍ପ ଅକାମୀ ହୋଇଯାଉଥିଲା, ଯାହା ଗ୍ରାମାଞ୍ଚଳରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ପ୍ରଭାବିତ କରିଥିଲା। କିନ୍ତୁ ଆଗାମୀ ଗ୍ରୀଷ୍ମଋତୁ ପୂର୍ବରୁ ଏହି ସମସ୍ତ ସମସ୍ୟାର ସମାଧାନ ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ଗ୍ରାମାଞ୍ଚଳର ବୃହତ ପାନୀୟ ଜଳପ୍ରକଳ୍ପର ବକେୟା ବିଦ୍ୟୁତ ଦେୟ ପାଇଁ ବସୁଧା ଯୋଜନା ଅଧୀନସ୍ଥ ଅନୁଦାନ ବ୍ୟବହାର କରିବାକୁ କୁହାଯାଇଛି। ଏଥିସହ ନଳକୂପ ଖନନକୁ ପୁନଃଅନୁମତି ପ୍ରଦାନ କରାଯାଇଛି। ଗ୍ରାମାଞ୍ଚଳର ଅଚଳ ନଳକୂପ ବଦଳରେ ନୂତନ ନଳକୂପ ସ୍ଥାପନ ସହ ନଳକୂପ ନଥିବା ନୂତନ ଜନବସତି, ପାଇପ୍ ଜଳଯୋଗାଣ ହୋଇନଥିବା ତଥା ବ୍ୟକ୍ତିଗତ ନଳକୂପ ନଥିବା ଅଞ୍ଚଳରେ ପ୍ରତି ସତୁରୀରୁ ଊର୍ଦ୍ଧ୍ୱ ବାସିନ୍ଦା ସର୍ତ୍ତରେ ନୂତନ ନଳକୂପ ଖନନ ପାଇଁ ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ପକ୍ଷରୁ ଅନୁମତି ଦିଆଯାଇଛି। ଗ୍ରାମାଞ୍ଚଳମାନଙ୍କରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ସବୁମତେ ପ୍ରୟାସ କରାଯାଉଛି। ଏଥିସହ ଆସନ୍ତା ମାର୍ଚ୍ଚ ଶେଷ ସୁଦ୍ଧା ୭୨ଟି ବୃହତ ପାନୀୟଜଳ ପ୍ରକଳ୍ପ, ଡିସେମ୍ବର ଶେଷ ସୁଦ୍ଧା ୫୪ଟି ବୃହତ ପାନୀୟ ଜଳ ପ୍ରକଳ୍ପ ଓ ୨୦୨୬ ଜୁନ୍ ଶେଷ ସୁଦ୍ଧା ୮୧ଟି ବୃହତ ପାନୀୟଜଳ ପ୍ରକଳ୍ପ ଏହିପରି ମୋଟ ୨୦୭ଟିର ନିର୍ମାଣ କାର୍ଯ୍ୟ ଶେଷ କାର୍ଯ୍ୟକ୍ଷମ ହେବାର ଯୋଜନା ରହିଛି ବୋଲି ମନ୍ତ୍ରୀ କହିଛନ୍ତି।

ମନ୍ତ୍ରୀ ଆହୁରି କହିଛନ୍ତି ଯେ ଦୁର୍ଗମ ଓ ଉପାନ୍ତ ଅଞ୍ଚଳମାନଙ୍କରେ ଟ୍ୟାଙ୍କର ଯୋଗେ ବିଶୁଦ୍ଧ ପାନୀୟଜଳ ଯୋଗାଇଦେବାକୁ ଜିଲ୍ଲା ପ୍ରଶାସନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଜନସାଧାରଣଙ୍କଠାରୁ ଅଭିଯୋଗ ଶୁଣାଣି ମାଧ୍ୟମରେ ଯେଉଁସବୁ ପ୍ରସ୍ତାବ ଆସୁଛି, ସେସବୁର ସମାଧାନ ପାଇଁ ଉଦ୍ୟମ ହେଉଛି। ସାମଗ୍ରିକ ଭାବେ ରାଜ୍ୟବାସୀଙ୍କ ପାନୀୟ ଜଳ ସଂକ୍ରାନ୍ତ ଆବଶ୍ୟକତା ପୂରଣ ପାଇଁ ସରକାର ପ୍ରାଥମିକତା ଭିତ୍ତିରେ କାର୍ଯ୍ୟ କରୁଛନ୍ତି ବୋଲି ମନ୍ତ୍ରୀ ଶ୍ରୀ ନାଏକ କହିଛନ୍ତି।

## ଟ୍ୱିନ୍ ସିଟି କ୍ରାଇମ୍

### ବାଛୁରୀଙ୍କୁ ନେଇ ଯାଉଥିବା ଗାଡ଼ି ସହ ୩ ଅଭିଯୁକ୍ତ ଗିରଫ



**ଭୁବନେଶ୍ୱର,୧୦।୨(ସଂଚାର ବ୍ୟୁରୋ):** ଅଭିଯୋଗକାରୀ ବିଭୁ ପ୍ରସାଦ ବାରିକଙ୍କ ଏତଲା ଆଧାରରେ ଇନ୍ଫୋସିଟି ଥାନା ପୁଲିସ ମାମଲାର ତଦନ୍ତ କରିବା ସହିତ ତିନିଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।। ସୂଚନା ଯୋଗ୍ୟ ଯେ, ଅଭିଯୋଗକାରୀ ବିଭୁ ପ୍ରସାଦ ପଟିଆ, ଦୋଳମଣ୍ଡପ ସାହି ବାସିନ୍ଦା ହୋଇଥିବା ବେଳେ, ଏକ ସଂଗଠନର ସଦସ୍ୟ। ଗତକାଲି ମଧ୍ୟାହ୍ନରେ ଏକ ଟାଟା ଏସି ଗାଡ଼ି ଯୋଗେ କିଛି ଗୋରୁ ଚାଲାଣ ହେଉଥିବା ନେଇ ସେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ। ମିଳିଥିବା ସୂଚନାର ସତ୍ୟାସତ୍ୟ ଯାଞ୍ଚ କରିବା ଲାଗି ନିଜର କିଛି ବନ୍ଧୁଙ୍କୁ ସାଙ୍ଗରେ ନେଇ ପଟିଆ ଛକ ଅଭିମୁଖେ ଯାଇଥିଲେ। ସେଠାରେ ପହଞ୍ଚିବା ପରେ ଚାରିଗୋଟି ବାଛୁରୀଙ୍କୁ ନେଇ ଯାଉଥିବା ଏକ ଟାଟା ଏସି ଗାଡିକୁ ସେମାନେ ସେଠାରେ ଅଟକାଇଥିଲେ। ଗାଡିରେ ଥିବା ତିନି ଅଭିଯୁକ୍ତଙ୍କୁ ବାଛୁରୀ ଚାଲାଣ ନେଇ ପଚାରାଉଚରା କରିବାରୁ, ସେମାନଙ୍କ ମଧ୍ୟରୁ ଜଣେ ଅଭିଯୁକ୍ତ ଶିବରାମ ମିଶ୍ର ସେମାନଙ୍କୁ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ଜୀବନରୁ ମାରିଦେବାର ଧମକ ଦେଇଥିଲେ। ଏହା ଦେଖି ଅଭିଯୋଗକାରୀ ଏବଂ ତାଙ୍କ ବନ୍ଧୁ ମାନେ ସମ୍ପୃକ୍ତ ତିନି ଅଭିଯୁକ୍ତଙ୍କୁ କାବୁ କରି ବାଛୁରୀ ଓ ଟାଟାଏସି ଗାଡି ସହ ପୁଲିସ ଜିମା ଦେଇଥିଲେ। ଅଭିଯୋଗ ଆଧାରରେ ପୁଲିସ ମାମଲା ରୁଜୁ କରି ତଦନ୍ତ କରିବା ସହିତ ଅଭିଯୁକ୍ତ ମାନଙ୍କୁ ଗିରଫ କରି ସେମାନଙ୍କ ହେପାଜତରୁ ସମ୍ପୃକ୍ତ ଟାଟା ଏସି ଗାଡି ଏବଂ ୪ ଟି ବାଛୁରୀ ଜବତ କରିଥିଲେ। ମୁଖ୍ୟ ଅଭିଯୁକ୍ତ ଶିବରାମ ମିଶ୍ର ବାଛୁରୀ ଗୁଡିକୁ ଅଭିଯୁକ୍ତ ଟାଟାଏସି ଚାଳକ ସଞ୍ଜୟ ବାରିକ ଏବଂ ଲେବର ଦୁର୍ଯ୍ୟୋଧନ ବେହେରାଙ୍କ ସହଯୋଗରେ ନନ୍ଦନ ବିହାର, ଫେଜ-୨ ଅଞ୍ଚଳରେ ଥିବା ହାତିମୁଣ୍ଡା ଗୋଶାଳାକୁ ହତ୍ୟା କରିବା ନିମନ୍ତେ ଚାଲାଣ କରୁଥିବା ନେଇ, ଅଭିଯୁକ୍ତ ମାନେ ତଦନ୍ତ ସମୟରେ ସ୍ୱୀକାର କରିଥିଲେ।

### ଚୋରା ମୋବାଇଲ ବିକ୍ରି ବେଳେ ମାଡ଼ିବସିଲା ପୁଲିସ



**ଭୁବନେଶ୍ୱର,୧୦।୨(ସଂଚାର ବ୍ୟୁରୋ):** ଖାରବେଳନଗର ଥାନା ପୁଲିସ ମାମଲାରେ ସମ୍ପୃକ୍ତ ଥିବା ଅଭିଯୋଗରେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।। ସୂଚନାଯୋଗ୍ୟ ଯେ, ଖାରବେଳନଗର ଥାନାଧିକାରୀଙ୍କ ନିର୍ଦ୍ଦେଶ ମୁତାବକ ସମ୍ପୃକ୍ତ ଥାନାର ଏକ ପେଟ୍ରୋଲିଂ ଟିମ ଆଜି ନିଜ ପରିସୀମା ଅଞ୍ଚଳ ମଧ୍ୟରେ ପେଟ୍ରୋଲିଂ କରୁଥିବା ବେଳେ, ଅଭିଯୁକ୍ତ ଜଣକ ମାଷ୍ଟରକ୍ୟାଣ୍ଟିନ ଛକ ଅନ୍ତର୍ଗତ ସେଙ୍କୋ ଜୁଏଲାରୀ ନିକଟରେ କେତେଗୁଡିଏ ଚୋରା ମୋବାଇଲ ଫୋନକୁ କମ ଦାମରେ ବିକ୍ରି କରିବା ଲାଗି ଗ୍ରାହକଙ୍କ ସହ ଯୋଗାଯୋଗ କରୁଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇଥିଲେ। ମିଳିଥିବା ଏହି ସୂଚନା ଆଧାରରେ ପେଟ୍ରୋଲିଂ ଟିମ କାଳ ବିଳମ୍ବ ନକରି ତୁରନ୍ତ ଘଟଣା ସ୍ଥଳରେ ଅତର୍କିତ ଚଢଉ କରିବା ସହିତ ଅଭିଯୁକ୍ତଙ୍କୁ କାବୁ କରିବାରେ ସକ୍ଷମ ହୋଇଥିଲେ। ତଲାସି ବେଳେ ପୁଲିସ ଅଭିଯୁକ୍ତଙ୍କ ହେପାଜତରୁ ୪ ଟି ଦାମୀ ଚୋରା ମୋବାଇଲ ଫୋନ ଜବତ କରିଥିଲେ। ପଚରାଉଚରା ବେଳେ ଅଭିଯୁକ୍ତ ଜଣକ କୌଣସି ଏକ ଅଜଣା ଯୁବକଙ୍କ ନିକଟରୁ ଏହି ମୋବାଇଲ ଫୋନ ଗୁଡିକୁ କମ ଦାମରେ କିଣିଥିବା କଥା ସ୍ୱୀକାର କରିଥିଲ।

# ଜନଅଭିଯାନରେ ପରିଣତ ହେବ 'ଟିବିମୁକ୍ତ ସଚେତନତା'

- ବିଭିନ୍ନ ବର୍ଗକୁ ଅଭିଯାନରେ ସାମିଲ ହେବାକୁ ନିବେଦନ
- ଆଧୁନିକ ଚିକିତ୍ସାରେ ଟିବିର ସମ୍ପୂର୍ଣ୍ଣ ବିଲୋପ ସମ୍ଭବପର



**ଢେଙ୍କାନାଳ,୧୦।୨(ସଂଚାର ବ୍ୟୁରୋ):** ଯକ୍ଷ୍ମା ଏକ ଜଟିଳ ରୋଗ ନୁହେଁ, ଆଧୁନିକ ଚିକିତ୍ସା ବଳରେ ଟିବିର ସମ୍ପୂର୍ଣ୍ଣ ବିଲୋପ ସମ୍ଭବପର। ଏଥିପାଇଁ ରୋଗୀଙ୍କୁ ଧୈର୍ଯ୍ୟ ଓ ସାହସର ସହ ଏହି ରୋଗର ମୁକାବିଲା କରିବାକୁ ପଡ଼ିବ। ଏହି ମନ୍ତ୍ରକୁ ଆଧାର କରି ଜନସଚେତନତା ମାଧ୍ୟମରେ ଢେଙ୍କାନାଳ ଜିଲ୍ଲାରେ ଟିବିମୁକ୍ତ କାର୍ଯ୍ୟକ୍ରମକୁ ଏକ ଜନଅଭିଯାନରେ ପରିଣତ କରିବା ପାଇଁ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆହ୍ୱାନ କରିଛନ୍ତି। ଶ୍ରୀ ପ୍ରଧାନ ଢେଙ୍କାନାଳ ଜିଲ୍ଲାକୁ ଯକ୍ଷ୍ମା ମୁକ୍ତ କରିବା ପାଇଁ 'ଟିବିମୁକ୍ତ-ନିକ୍ଷୟ ମିତ୍ର' ଅଭିଯାନରେ ସାମିଲ ହେବାକୁ ଜିଲ୍ଲାର ଗୁରୁଜନ, ଯୁବ ସଂଗଠନ, ସାମାଜିକ ସଂଗଠନ ଓ ନାଗରିକଙ୍କୁ ନିବେଦନ କରିଛନ୍ତି। ସେ କହିଛନ୍ତି ଯେ ସ୍ୱାସ୍ଥ୍ୟ ଆମ ଜୀବନର ମୂଳ ଆଧାର। ସାମାଜିକ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ। ଏହାକୁ ଦୃଷ୍ଟିରେ ରଖି ଭାରତକୁ ଆଗାମୀ ଡିସେମ୍ବର ସୁଦ୍ଧା ସମ୍ପୂର୍ଣ୍ଣ ଭାବେ ଟିବିମୁକ୍ତ କରିବା ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି 'ଟିବି ମୁକ୍ତ ଭାରତ ଅଭିଯାନ-ନିକ୍ଷୟ ମିତ୍ର'ରେ ସାମିଲ ହେବାକୁ ଦେଶବାସୀଙ୍କୁ ଆହ୍ୱାନ କରିଛନ୍ତି। ଜିଲ୍ଲା, ବ୍ଲକ, ପଞ୍ଚାୟତ ସ୍ତରରେ ଟିବି ଅଭିଯାନକୁ ବ୍ୟାପକ କରିବା ପାଇଁ ସରକାର ନିରନ୍ତର କାମ କରୁଛନ୍ତି। ପଞ୍ଚାୟତଗୁଡ଼ିକ ମଧ୍ୟରେ ସୁସ୍ଥ ପ୍ରତିଯୋଗିତା ସୃଷ୍ଟି କରିବା ପାଇଁ ମୋଦି ସରକାର ପ୍ରାଥମିକତା ଦେଉଛନ୍ତି। ବୈଠକ ମାଧ୍ୟମରେ ଯକ୍ଷ୍ମା ରୋଗୀଙ୍କୁ ଚିହ୍ନଟ କରିବା ସହ ରୋଗ ନିରାକରଣ ପାଇଁ ପଦକ୍ଷେପ ନେବା ଉପରେ ଗୁରୁତ୍ୱ ଦିଆଯାଉଛି। ଏହି ଅଭିଯାନରେ ଟିବି ପୀଡ଼ିତଙ୍କୁ ସାହାଯ୍ୟ କରିବା ପାଇଁ ନିକ୍ଷୟ ପୋର୍ଟାଲ ନିରନ୍ତର କାମ କରୁଛି। ନିକ୍ଷୟ ମିତ୍ର ଓ କମ୍ ସମୟରେ ପ୍ରଭାବୀ ଉପଚାର ଭଳି ପଦକ୍ଷେପ ଯୋଗୁ ଓଡ଼ିଶା ଓ ଦେଶରେ ଯକ୍ଷ୍ମା ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଉଛି। ଯକ୍ଷ୍ମା ବିରୋଧରେ ଲଢ଼େଇ ପାଇଁ ଭାରତର ବୈଶ୍ୱିକ ନେତୃତ୍ୱ କ୍ଷମତା ମଜବୁତ୍ ହୋଇପାରିଛି। ଭାରତ ବହୁମୁଖୀ ଢଙ୍ଗ ଯଥା ରୋଗୀଙ୍କୁ ଦୁଇ ଗୁଣ ସମର୍ଥନ, ଜନ ଭାଗିଦାରୀ, ନୂତନ ଔଷଧ ଓ ଟେକ୍ନୋଲୋଜି ଓ ଉତ୍ତମ ନିଦାନ ଉପକରଣର ବ୍ୟବହାର ମାଧ୍ୟମରେ ଯକ୍ଷ୍ମା ସହ ଲଢ଼େଇ କରୁଛି। ଏହି ପରିପ୍ରେକ୍ଷୀରେ ଆମେ ସମସ୍ତେ ଏକାଠି ହେବା ଓ ଯକ୍ଷ୍ମା ଦୂର କରିବା ପାଇଁ ଏହି ସଚେତନତା ଅଭିଯାନକୁ ଜନଆନ୍ଦୋଳନରେ ପରିଣତ କରିବାକୁ କେନ୍ଦ୍ର ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ପରଜଙ୍ଗ ବିଧାୟକ ବିଭୁତି ଭୂଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ସେନା, ହିନ୍ଦୋଳ ବିଧାୟିକା ସୀମାରାଣୀ ନାଏକ, ଢେଙ୍କାନାଳ ମ୍ୟୁନିସିପାଲ ଚେୟାରମ୍ୟାନ ଜୟନ୍ତୀ ପାତ୍ର, ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଓ ଏସପି ଅଭିନବ ସୋନକର ଉପସ୍ଥିତ ଥିଲେ।

# ବିକଶିତ ଓଡ଼ିଶା ପାଇଁ ସହରାଞ୍ଚଳରେ ପରିବର୍ତ୍ତନ

**ଭୁବନେଶ୍ୱର,୧୦।୨(ସଂଚାର ବ୍ୟୁରୋ):** ବିକଶିତ ଓଡ଼ିଶା@୨୦୩୬ ଦୃଷ୍ଟିକୋଣ ଅନୁଯାୟୀ ସ୍ମାର୍ଟ ଓ ସ୍ଥାୟୀ ସହର ବିକାଶ ପାଇଁ ରାଜ୍ୟ ସରକାର ତାଙ୍କର ପ୍ରତିବଦ୍ଧତା ଉପରେ କାର୍ଯ୍ୟ କରୁଛନ୍ତି। ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢ଼ୀ ଆଜି ୨୧ତମ ଡ୍ୟାସବୋର୍ଡ ବୈଠକରେ ଅଧ୍ୟକ୍ଷତା କରି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ପ୍ରଭାବଶାଳୀ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ପୌର ସଂସ୍ଥାଗୁଡ଼ିକୁ ସଶକ୍ତ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି। ବୈଠକରେ ସହରାଞ୍ଚଳ ବିକାଶ ପ୍ରକଳ୍ପ ଚଳାଇବାରେ ପୌରସଂସ୍ଥାର ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ରାଜ୍ୟର ସ୍ଥାୟୀ ସହରୀକରଣ ଦୃଷ୍ଟିକୋଣରେ ଯୋଗଦାନ କରୁଥିବା ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ସେମାନଙ୍କର କ୍ଷମତା ବୃଦ୍ଧି ରଣନୀତି ଉପରେ ମଧ୍ୟ ଆଲୋଚନା ହୋଇଛି। ଏହି ଅବସରରେ ନିୟମିତ ଭାବେ ୟୁଏଲବିଗୁଡିକର ସାପ୍ତାହିକ ଅଗ୍ରଗତି ସୂଚନା ପ୍ରଦାନ ସୁନିଶ୍ଚିତ କରିବା ସକାଶେ ବରିଷ୍ଠ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ବୈଠକରେ ସହରାଞ୍ଚଳ ଜୀବନଶୈଳୀ, ଭିତ୍ତିଭୂମି ଏବଂ ସ୍ଥାୟିତ୍ୱ ଉପରେ ଗୁରୁତ୍ୱପୂର୍ଣ୍ଣ ସକାରାତ୍ମକ ପ୍ରଭାବ ପକାଇଥିବା ପ୍ରକଳ୍ପଗୁଡ଼ିକୁ ଚୟନ ଓ କାର୍ଯ୍ୟକାରୀ କରିବା ଉପରେ ମଧ୍ୟ ଆଲୋକପାତ କରାଯାଇଛି। ଓଡ଼ିଶା ସରକାର 'ବିକଶିତ ଓଡ଼ିଶା@୨୦୩୬' ଲାଗି ପ୍ରତିବଦ୍ଧ, ରଣନୈତିକ ଯୋଜନା, ସଶକ୍ତ ସ୍ଥାନୀୟ ପ୍ରଶାସନ ଏବଂ ଉନ୍ନତ ତଥ୍ୟ ବିଶ୍ଳେଷଣର ବ୍ୟବହାର ମାଧ୍ୟମରେ ସ୍ଥାୟୀ ସହରାଞ୍ଚଳ ବିକାଶ ଉପରେ ଧ୍ୟାନ କେନ୍ଦ୍ରିତ କରୁଛନ୍ତି। ଏହି ୨୧ତମ ଡ୍ୟାସବୋର୍ଡ ବୈଠକରେ ପ୍ରଭାବଶାଳୀ ସହରାଞ୍ଚଳ ପ୍ରକଳ୍ପଗୁଡ଼ିକର କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ପାଇଁ ସ୍ଥିର କରାଯାଇଛି, ଯାହା ରାଜ୍ୟର ସହରଗୁଡ଼ିକୁ ସ୍ମାର୍ଟ ଓ ଅଧିକ ସ୍ଥାୟୀ ସହରାଞ୍ଚଳ କେନ୍ଦ୍ରରେ ପରିଣତ କରିବ।



## କାବୁ ହେଲା ମାରଣା ଷଣ୍ଢ, ଆକ୍ରମଣରେ ନେଇଥିଲା ମହିଳାଙ୍କ ଜୀବନ

**ବାରଙ୍ଗ,୧୦।୨(ସଂଚାର ବ୍ୟୁରୋ):** ଷଣ୍ଢ ଆକ୍ରମଣରେ ଜୀବନ ଚାଲିଯିବା ପରେ ଭୁବନେଶ୍ୱର ବରିମୁଣ୍ଡରେ ଉତ୍ତେଜନା ଦେଖା ଦେଇଥିଲା । ଉତ୍ୟକ୍ତ ଲୋକଙ୍କ ରାସ୍ତାରୋକ । ବୁଲା ଷଣ୍ଢ ନୀତିଦିନ ଲୋକଙ୍କୁ ମାରୁଥିବା ନେଇ ଅଭିଯୋଗ । ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଇଞ୍ଜଣା ଓ ବରିମୁଣ୍ଡରେ ଷଣ୍ଢ ଆତଙ୍କରେ ଆତଙ୍କିତ ଥିଲେ ସ୍ଥାନୀୟ ଲୋକେ । ହେଲେ ଆଜି ସବୁ ସୀମା ଟପିଗଲା ଷଣ୍ଢ ଆକ୍ରମଣରେ ଜଣେ ମହିଳାଙ୍କ ଜୀବନ ଚାଲିଗଲା । ଶେଷରେ ବହୁ ଚେଷ୍ଟା ପରେ କାବୁ ହେଲା ମାରଣା ଷଣ୍ଢ ।ଦୀର୍ଘ ଦିନ ଧରି ସ୍ଥାୟୀ ପ୍ରତିକାର ଦାବି କରୁଥିଲେ ସୁଦ୍ଧା କେହି କର୍ଣ୍ଣପାତ କରୁନଥିଲେ । ହେଲେ ଏହି ସମସ୍ୟାର ସ୍ଥାୟୀ ପ୍ରତିକାର ଦାବିରେ ରାସ୍ତାରେ ସ୍ଥାନୀୟ ଲୋକ ରାସ୍ତାରୋକ କରିବା ସହ ଧାରଣାରେ ବସିଛନ୍ତି । କାରଣ ଏହି ସମସ୍ୟା ଆଜିର ନୁହେଁ, ଗତ ସପ୍ତାହରେ ଷଣ୍ଢ ଆକ୍ରମଣରେ ୫ ଜଣ ଆହତ ହୋଇଥିଲେ। ଗତକାଲି ରାତିରେ ମହିଳାଙ୍କୁ ଷଣ୍ଢ ମାରିଥିଲା। ତାଙ୍କର ଆଜି ସକାଳୁ ମୃତ୍ୟୁ ହୋଇଯିବା ପରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି ।

# ପ୍ରତିଭାଙ୍କ ପାଇଁ କ୍ରୀଡ଼ା ନର୍ସରୀ ହେବ ବ୍ଲକ୍‌ସ୍ତରୀୟ ଷ୍ଟାଡିୟମ୍

- ପ୍ରତି ବ୍ଲକ୍‌ରେ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ପହଞ୍ଚାଇବା ଲକ୍ଷ୍ୟ
- ୪୧୨୪ କୋଟି ଟଙ୍କାର ବ୍ୟୟ ଅଟକଳ
- ପ୍ରତି ଷ୍ଟାଡିୟମ୍ ପାଇଁ ୮ରୁ ୧୦ ଏକର ଜାଗା

**ଭୁବନେଶ୍ୱର,୧୦।୨(ସଂଚାର ବ୍ୟୁରୋ):** ନିକଟରେ କ୍ୟାବିନେଟ୍ ବୈଠକରେ ରାଜ୍ୟର ୩୧୪ ବ୍ଲକ୍‌ରେ ଷ୍ଟାଡିୟମ୍ ନିର୍ମାଣ ପ୍ରସ୍ତାବକୁ ମଞ୍ଜୁରୀ ମିଳିଥିବା ବେଳେ ଏ ବାବଦରେ ମୋଟ ୪୧୨୪ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏହି ଷ୍ଟାଡିୟମ୍ ନିର୍ମାଣ ସକାଶେ ୮ରୁ ୧୦ ଏକର ଜାଗା ବ୍ୟବହାର କରାଯିବ ବୋଲି ନିଷ୍ପତ୍ତି ହୋଇଥିବା ବେଳେ ଏ ସଂକ୍ରାନ୍ତରେ ଆଜି କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି। ତାଙ୍କ ସୂଚନାନୁସାରେ, ବ୍ଲକ୍‌ସ୍ତରରେ ରହିଥିବା କ୍ରୀଡ଼ା ପ୍ରତିଭାମାନଙ୍କୁ ଏହି ଷ୍ଟାଡିୟମ୍ ସେମାନଙ୍କ ପ୍ରତିଭା ବିକାଶ ସକାଶେ ଭରପୂର ସୁଯୋଗ ଦେବ। ଅର୍ଥାତ୍ ଏହି ଷ୍ଟାଡିୟମ୍ ଗ୍ରାମାଞ୍ଚଳ ପ୍ରତିଭାଙ୍କ ସକାଶେ କ୍ରୀଡ଼ା ନର୍ସରୀ ଭାବେ କାର୍ଯ୍ୟ କରିବ। ଏହା ରାଜ୍ୟରେ କ୍ରୀଡ଼ାର ସାମଗ୍ରିକ ବିକାଶ ଦିଗରେ ସହାୟକ ହେବ। ଏଥିସହ ପ୍ରତି ବ୍ଲକ୍‌ରେ ବିଶ୍ୱସ୍ତରୀୟ କ୍ରୀଡ଼ା ଭିତ୍ତିଭୂମି ପହଞ୍ଚାଇବା ସରକାରଙ୍କ ଲକ୍ଷ୍ୟ ବୋଲି ଶ୍ରୀ ସୂରଜ କହିଛନ୍ତି। ଆଜି ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ଟେନିସ ସେଣ୍ଟର ଅଡ଼ିଟୋରିୟମ୍‌ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କ୍ରୀଡ଼ାମନ୍ତ୍ରୀ ବ୍ଲକ୍‌ସ୍ତରୀୟ ଷ୍ଟାଡିୟମ ନିର୍ମାଣ ନିମନ୍ତେ ପ୍ରସ୍ତାବିତ ମାଷ୍ଟର ପ୍ଲାନ ସମ୍ବନ୍ଧରେ ବିସ୍ତୃତ ବିବରଣୀ ପ୍ରଦାନ କରିଛନ୍ତି। ଷ୍ଟାଡ଼ିୟମର ମାଷ୍ଟର ପ୍ଲାନ ଓ ରୂପରେଖକୁ ଏକ ପ୍ରେସେଣ୍ଟେସନ ଓ ପ୍ରତିକାତ୍ମକ ଭିଡିଓ ମାଧ୍ୟମରେ ମନ୍ତ୍ରୀ ଉପସ୍ଥାପିତ କରିଛନ୍ତି। ମନ୍ତ୍ରୀଙ୍କ ସୂଚନାନୁସାରେ, ପ୍ରତିଟି ଷ୍ଟାଡିୟମରେ ସାଧାରଣ ସୁବିଧା କେନ୍ଦ୍ର ସହ ଷ୍ଟାଡିୟମର ବାହ୍ୟ ବିକାଶ, ଜଳ ଯୋଗାଣ ଓ ନିଷ୍କାସନ, ଆଲୋକୀକରଣ ଉପରେ ମଧ୍ୟ ପ୍ରାଧାନ୍ୟ ଦିଆଯିବ। ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାର ଆୟୋଜନ କରାଯାଇ ତୃଣମୂଳ ସ୍ତରରୁ କ୍ରୀଡ଼ା ପ୍ରତିଭା ଚୟନ କରାଯିବ। କ୍ରୀଡ଼ା ଓ କ୍ରୀଡ଼ାବିତମାନଙ୍କର ସାମଗ୍ରିକ ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ। ତୃଣମୂଳ ସ୍ତରରେ ସୁଦୃଢ଼ କ୍ରୀଡ଼ା ଭିତ୍ତିଭୂମିର ନିର୍ମାଣ ହେବା ସହ କ୍ରୀଡ଼ାବିତମାନେ କ୍ରୀଡ଼ା ଜଗତରେ ଯେପରି ନିଜର ସ୍ୱର୍ଣ୍ଣିମ ଭବିଷ୍ୟତ ନିର୍ମାଣ କରିପାରିବେ, ସେ ଦିଗରେ ସରକାର ଗୁରୁତ୍ୱାରୋପ କରୁଥିବା କ୍ରୀଡ଼ାମନ୍ତ୍ରୀ ଶ୍ରୀ ସୂରଜ କହିଛନ୍ତି।






# ୧୬ରେ ବିଧାନସଭା ଘେରିବେ ପ୍ରାଥମିକ ଶିକ୍ଷକ

**ଭୁବନେଶ୍ୱର,୧୦।୨(ସଂଚାର ବ୍ୟୁରୋ):** ପ୍ରାଥମିକ ଶିକ୍ଷାରୁ ସ୍କିମାଟିକ ନିଯୁକ୍ତି ଉଚ୍ଛେଦ ଓ ନିଯୁକ୍ତ ପାଇଥିବା ସ୍କିମାଟିକ ଶିକ୍ଷକଙ୍କୁ ତୁରନ୍ତ ନିୟମିତ ଶିକ୍ଷକ କରିବା ଆଦି ତିନି ଦଫା ଦାବି ନେଇ ଆସନ୍ତା ୧୬ ତାରିଖରେ ବିଧାନସଭା ଘେରାଉ କରିବେ ପ୍ରାଥମିକ ଶିକ୍ଷକ। ପ୍ରାଥମିକ ଶିକ୍ଷକ ସମନ୍ୱୟ ସମିତି ପକ୍ଷରୁ ରବିବାର ଶ୍ରମିକ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଘ ସଭାପତି ବ୍ରହ୍ମାନନ୍ଦ ମହାରଣା ଏହି ଚେତାବନୀ ଦେଇଛନ୍ତି। ୮ ଓ ୬ ବର୍ଷର ଶିକ୍ଷା ସହାୟକ/ କନିଷ୍ଠ ଶିକ୍ଷକଙ୍କ କାର୍ଯ୍ୟକାଳକୁ ନୋଶନାଲ ଇନ୍‌କ୍ରିମେଣ୍ଟ ଦେଇ ଗଣନା କରିବା, ଅନ୍ୟରାଜ୍ୟ ଭଳି ପ୍ରାଥମିକ ଶିକ୍ଷକଙ୍କୁ ଅବିକଳ କେନ୍ଦ୍ରୀୟ ହାରରେ ୩୫,୪୦୦ ଦରମା ଦେବା ଓ ଶିକ୍ଷକଙ୍କୁ ପୁରୁଣା ପେନସନ ପ୍ରଦାନ କରିବା ଆଦି ଦାବି ନେଇ ଏହି ଆନ୍ଦୋଳନ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିବ। ପ୍ରାଥମିକ ଶିକ୍ଷାକ୍ଷେତ୍ରରେ ଯାହା ପରିସ୍ଥିତି ସୃଷ୍ଟି ହେବ, ସେଥିପାଇଁ ଶିକ୍ଷକମାନେ ନୁହନ୍ତି, ବରଂ ସରକାର ଦାୟୀ ରହିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି।

# ୧୮୮୬ ଗାଁ ଓଡିଏଫ୍ ପ୍ଲସ ମାନ୍ୟତାରୁ ଦୂରରେ

**ଭୁବନେଶ୍ୱର,୧୦।୨:** ଓଡିଶାର ୧୮୮୬ଟି ଗାଁଏବେ ବି ଓଡିଏଫ୍ ପ୍ଲସ ମାନ୍ୟତା ପାଇପାରି ନାହାନ୍ତି। ସକଳ ଉଦ୍ୟମ ସତ୍ତ୍ୱେ ବାହ୍ୟ ମଳତ୍ୟାଗମୁକ୍ତ (ଓଡିଏଫ୍) ପ୍ଲସ ଗ୍ରାମ ହାର ୯୫.୯୭ ପ୍ରତିଶତ ରହିଛି। ଓଡିଏଫ୍ ପ୍ଲସ ମାନ୍ୟତା ହେଉଛି ବାହ୍ୟ ମଳତ୍ୟାଗ ମୁକ୍ତ ଗ୍ରାମ ସହିତ କଠିନ ଓ ତରଳ ବର୍ଜ୍ୟର ପରିଚାଳନା। ସ୍ୱଚ୍ଛ ଭାରତ ମିଶନରେ ବାହ୍ୟ ମଳତ୍ୟାଗ ଗ୍ରାମ ସଂକ୍ରାନ୍ତରେ କେନ୍ଦ୍ର ଜଳଶକ୍ତି ରାଷ୍ଟ୍ରମନ୍ତ୍ରୀ ଭି ସୋମାନ୍ନା ରାଜ୍ୟସଭାରେ ଦେଇଥିବା ଏକ ଉତ୍ତରରେ ଏହି ସୂଚନା ମିଳିଛି। ମନ୍ତ୍ରୀ ତାଙ୍କ ଉତ୍ତରରେ ଦର୍ଶାଇଛନ୍ତି ଯେ ସମଗ୍ର ଦେଶରେ ମୋଟ୍ ୫,୮୬,୬୧୧ଟି ଗ୍ରାମ ଥିବାବେଳେ ଗତ ୭ ତାରିଖ ସୁଦ୍ଧା ୫,୬୩,୨୪୨ଟି ଗ୍ରାମ ଓଡିଏଫ୍ ପ୍ଲସ ତାଲିକାରେ ସ୍ଥାନ ପାଇଛି। ଅର୍ଥାତ୍ ଦେଶର ୯୬ ପ୍ରତିଶତ ଗାଁ ଓଡିଏଫ୍ ପ୍ଲସ ଗାଁ ପାଲଟିଛି। ସେହିଭଳି ଓଡିଶାରେ ମୋଟ୍ ୪୬,୮୨୩ଟି ଗାଁ ଥିବାବେଳେ ଏଥିମଧ୍ୟରୁ ୯୫.୯୭ ପ୍ରତିଶତ ଗାଁକୁ ଓଡିଏଫ୍ ପ୍ଲସ ଗାଁର ମାନ୍ୟତା ମଳିଛି। ତେବେ ଏବେ ବି ରାଜ୍ୟର ୧୮୮୬ଟି ଗାଁ ଲୋକେ କଠିନ ଓ ତରଳ ବର୍ଜ୍ୟ ପରିଚାଳନାରୁ ଦୂରରେ ରହିଛନ୍ତି । ତେବେ ଓଡିଶାର ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶରେ ୯୯.୭୨ ପ୍ରତିଶତ ଓଡିଏଫ୍ ପ୍ଲସ ମାନ୍ୟତା ପାଇଥିବାବେଳେ ପଶ୍ଚିମବଙ୍ଗରେ ଏହି ହାର ୯୬.୬୩ ପ୍ରତିଶତ ରହିଛି। ଛତିଶଗଡରେ ଏହା ୯୫.୧୩ ପ୍ରତିଶତ ଥିବାବେଳେ ଝାଡଖଣ୍ଡରେ ୯୦.୪୩ ପ୍ରତିଶତ ରେକର୍ଡ କରାଯାଇଛି। ତେବେ ଶତପ୍ରତିଶତ ବାହ୍ୟ ମଳତ୍ୟାଗମୁକ୍ତ ସହିତ କଠିନ ଓ ତରଳ ବର୍ଜ୍ୟ ପରିଚାଳନା ଗ୍ରାମ ତାଲିକାରେ ଥିବା ରାଜ୍ୟଗୁଡିକ ମଧ୍ୟରେ ଲଦାଖ, ଲାକ୍ଷାଦ୍ୱୀପ, ସିକିମ୍, ପୁଡୁଚେରୀ ଆଦି ରହିଥିବାବେଳେ ଆନ୍ଧ୍ରପ୍ରଦେଶ, ଆସାମ, କର୍ଣ୍ଣାଟକ, ମଧ୍ୟପ୍ରଦେଶ ଓ ଉତ୍ତରାଖଣ୍ଡରେ ଏହି ହାର ୯୯ ପ୍ରତିଶତରୁ ଅଧିକ ରହିଛି। ସବୁଠାରୁ କମ୍ ୫୮.୬୦ ପ୍ରତିଶତ ଓଡିଏଫ୍ ପ୍ଲସ ଗାଁ ରହିଛି ନାଗାଲାଣ୍ଡରେ। କେନ୍ଦ୍ରମନ୍ତ୍ରୀଙ୍କ ସୂଚନାନୁଯାୟୀ, ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) କାର୍ଯ୍ୟକ୍ରମ ଅକ୍ଟୋବର ୨, ୨୦୧୪ ଗାନ୍ଧୀ ଜୟନ୍ତୀ ଅବସରରେ ଆରମ୍ଭ ହୋଇଥିଲା ଓ ୨୦୧୯ ଗାନ୍ଧୀ ଜୟନ୍ତୀ ସୁଦ୍ଧା ଦେଶର ସମସ୍ତ ଗ୍ରାମକୁ ବାହ୍ୟ ମଳତ୍ୟାଗମୁକ୍ତ ଗ୍ରାମରେ ପରିଣତ ପାଇଁ ଲକ୍ଷ୍ୟ ଥିଲା। ଏହା ଏକ ଜନଆନ୍ଦୋଳନରେ ପରିଣତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ୧୦ କୋଟି ଲୋକ ନିଜ ଘରେ ପାଇଖାନା ନିର୍ମାଣ କରିଥିଲେ ଏବଂ ଦେଶର ସମସ୍ତ ଗ୍ରାମକୁ ବାହ୍ୟ ମଳତ୍ୟାଗମୁକ୍ତ ଗାଁ ଭାବେ ଘୋଷଣା କରିଥିଲେ। ତେବେ ଯୋଜନାର ଦ୍ୱିତୀୟ ପର୍ଯ୍ୟାୟ ୨୦୨୦-୨୧ରୁ ୨୦୨୫-୨୬ ପର୍ଯ୍ୟନ୍ତ ଚଳାଯାଉଛି। (ତଥ୍ୟ)

## ଆକ୍ସନ ମୋଡରେ କଟକ କମିଶନରେଟ୍ ପୁଲିସ

**କଟକ,୧୦।୨(ସଂଚାର ବ୍ୟୁରୋ):** ଆକ୍ସନ ମୋଡକୁ ଫେରିଛି କଟକ କମିଶନରେଟ୍ ପୋଲିସ। ଅମାନିଆ ସାବଧାନ। ବିକଟାଳ ହର୍ଣ୍ଣ ଓ କଳା କାଚ ଲଗାଇଲେ ଦେବେ ଫାଇନ। କଟକ ଟ୍ରାଫିକ ପୋଲିସ ଓ କଟକ ଆରଟିଓ ମିଳିତ ଉଦ୍ୟମରେ କଟକ ରେ ବିକଟାଳ ହର୍ଣ୍ଣ ଓ କଳା କାଚ ର ଚେକିଂ କରାଯାଇଥିଲା । ଚେକିଂ ରେ ଯେଉଁମାନେ ଗାଡିରେ ବିକଟାଳ ହର୍ଣ୍ଣ ଓ କଳାକାଚ ଲଗାଇଥିଲେ ସେମାନଙ୍କ ଠାରୁ ମୋଟା ଅଙ୍କର ଫାଇନ ଆଦାୟ କରିଛି କମିଶନରେଟ ପୋଲିସ।ଏହି ସ୍ପେଶାଲ ଡ୍ରାଇଭ ଆଗକୁ ମଧ୍ୟ ଜାରି ରହିବ ବୋଲି କହିଛନ୍ତି ଟ୍ରାଫିକ ଏସିପି ଜୟନ୍ତ କୁମାର ଦୋରା।



● ଟିଟିଲାଗଡ଼ରେ ସାଇବାବାଙ୍କ ମନ୍ଦିର ଓ ଶ୍ରୀଗୁରୁ ଭାଗବତ ଟୁଙ୍ଗୀ ପ୍ରତିଷ୍ଠା

## ପିଲାଙ୍କୁ ସଂସ୍କାରସମ୍ପନ୍ନ କରିଥାଏ ମନ୍ଦିର: ଗୁରୁଜୀ

**ଟିଟିଲାଗଡ଼,୧୦।୨ (ସଂଚାର ବ୍ୟୁରୋ):** ଟିଟିଲାଗଡ଼ ସହରର କେନ୍ଦ୍ରସ୍ଥଳ ମୁଡ଼ାବନ୍ଧଠାରେ ଆଜି ଶିରିଡ଼ି ସାଇବାବାଙ୍କ ମନ୍ଦିର ଓ ଶ୍ରୀଗୁରୁ ଭାଗବତ ଟୁଙ୍ଗୀର ପ୍ରତିଷ୍ଠା ଉତ୍ସବ ଗୁରୁଜୀ ଡକ୍ଟର ଚନ୍ଦ୍ରଭାନୁ ଶତପଥୀଙ୍କ ଦ୍ୱାରା ସମ୍ପନ୍ନ ହୋଇଛି। ଗୁରୁଜୀ ଡକ୍ଟର ଶତପଥୀ ସକାଳେ ଉତ୍କଳୋ ବିମାନ ପଡ଼ିଆରେ ଓହ୍ଲାଇ ସେଠାରୁ ଟିଟିଲାଗଡ଼ରେ ଅନୁଷ୍ଠିତ ପ୍ରତିଷ୍ଠା ଉତ୍ସବରେ ଯୋଗଦେଇଥିଲେ। ଗୁରୁଜୀଙ୍କୁ ଦେଖିବା ସକାଶେ ସେଠାରେ ଶହ ଶହ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଗୁରୁଜୀ ପ୍ରଥମେ ଯଜ୍ଞଶାଳାକୁ ଯାଇ ଆହୂତି ଦେବା ପରେ ମନ୍ଦିର ଫଳକ ଉଦଘାଟନ କରିଥିଲେ। ଏହାପରେ ନବନିର୍ମିତ ଶ୍ରୀଗୁରୁ ଭାଗବତ ଟୁଙ୍ଗୀକୁ ଗୁରୁଜୀ ଉଦଘାଟନ କରିଥିଲେ। ଏହାପରେ ମନ୍ଦିରରେ ବିଗ୍ରହ ପ୍ରାଣପ୍ରତିଷ୍ଠା ଉତ୍ସବ ରୀତିନୀତି ସହକାରେ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ଗୁରୁଜୀ ସମବେତ ଭକ୍ତଙ୍କୁ ଉଦ୍‌ବୋଧନ ଦେଇ ମନ୍ଦିରର ପରିଚାଳନା ବ୍ୟବସ୍ଥା, ବିଭିନ୍ନ ଆଧ୍ୟାତ୍ମିକ ଓ ଦାତବ୍ୟ କାର୍ଯ୍ୟକ୍ରମ, ଉତ୍ସବ ଆଦି ପାଳନ ଓ ବାବାଙ୍କ ଶିକ୍ଷା ବିଷୟରେ ମୂଲ୍ୟବାନ ପରାମର୍ଶ ଦେଇଥିଲେ। ଛୋଟ ପିଲା ତଥା ନୂତନ ପିଢ଼ିକୁ ଶିକ୍ଷା, ସଂସ୍କାର ଓ ସଂସ୍କୃତିରେ ସମୃଦ୍ଧ ସମ୍ପନ୍ନ କରିବା ପାଇଁ ମନ୍ଦିରର ବିଶେଷ ଭୂମିକା ରହିଛି ବୋଲି ଗୁରୁଜୀ ତାଙ୍କ ଅଭିଭାଷଣରେ କହିଥିଲେ। ଶ୍ରୀଗୁରୁ ଭାଗବତ ଗ୍ରନ୍ଥ ଏ ଦିଗରେ ପିଲାମାନଙ୍କ ପାଇଁ ବିଶେଷ ସହାୟକ ହୋଇପାରିବ ବୋଲି ଗୁରୁଜୀ କହିଥିଲେ। ଶ୍ରୀଗୁରୁ ଭାଗବତ ଦେଶର ୨୦ଟି ଭାଷା ଓ ଉପଭାଷାରେ ପ୍ରକାଶ ପାଇସାରିଥିବା ବେଳେ ସମ୍ବଲପୁରୀ ଭାଷାରେ ମଧ୍ୟ ପ୍ରକାଶ ପାଇ ପଶ୍ଚିମ ଓଡ଼ିଶାରେ ବିପୁଳ ଆଦୃତ ହୋଇଛି ଓ ବହୁ ସ୍ଥାନରେ ଟୁଙ୍ଗୀମାନ ଖୋଲାଯାଇ ଏହାର ପଠନ ଓ ପାରାୟଣ କରାଯାଉଛି। ଟିଟିଲାଗଡ଼ ଶିରିଡ଼ି ସାଇ ସଂସ୍ଥାନ ପକ୍ଷରୁ ଆୟୋଜିତ ଏହି ପ୍ରତିଷ୍ଠା ଉତ୍ସବରେ ଓଡ଼ିଶା ବ୍ୟତୀତ ଛତିଶଗଡ଼ ଓ ବିହାରରୁ ବହୁ ଭକ୍ତ ଓ ଟୁଙ୍ଗୀ ସଦସ୍ୟ ଯୋଗଦେଇଥିଲେ।



## ଜୀବନ ଅମୃତ ଅନୁଚିନ୍ତା

ସଫଳତା ଓ ବିଫଳତା-ଗୋଟିଏ ମାସର ଦୁଇ ପକ୍ଷ ଅମାବାସ୍ୟା ଓ ପୂର୍ଣ୍ଣମୀ ଭଳି ସଫଳତା ଆଉ ବିଫଳତା ଜୀବନ-ମୁଦ୍ରାର ଦୁଇ ପାର୍ଶ୍ୱ।

SANCHAR
ସଂଚାର




# ମଧ୍ୟବିତ୍ତଙ୍କ ନିର୍ଣ୍ଣାୟକ ଭୂମିକା

ଦେଶରେ ମୋଟ ଜନସଂଖ୍ୟାର ସର୍ବାଧିକ ଅଂଶ ହେଲା ମଧ୍ୟବିତ୍ତବର୍ଗ। ଏହି ମଧ୍ୟବିତ୍ତ ବର୍ଗ ହିଁ ଦେଶର ସାମାଜିକ, ରାଜନୈତିକ ଏବଂ ଅର୍ଥନୈତିକ କ୍ଷେତ୍ରରେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଆନ୍ତି। ନିର୍ବାଚନରେ ସେମାନେ ଯାହାକୁ ସମର୍ଥନ କରନ୍ତି, ସେହି ଦଳ ହିଁ ବିଜୟୀ ହୋଇଥାଏ। ସେମାନଙ୍କ ସଂଖ୍ୟା ମଧ୍ୟ ବଢୁଛି। ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ସଂଖ୍ୟା ହ୍ରାସ ପାଉଛି। ଏମାନେ ମଧ୍ୟବିତ୍ତ ବର୍ଗରେ ସାମିଲ ହେଉଛନ୍ତି। ମଧ୍ୟବିତ୍ତ ବର୍ଗ ହେଉଛନ୍ତି ଶିକ୍ଷିତ ଏବଂ ସଚେତନ। ତେଣୁ ସେମାନେ ନିର୍ବାଚନରେ ଜନମତକୁ ପ୍ରଭାବିତ କରିଥାଆନ୍ତି। ଦିଲ୍ଲୀ ବିଧାନସଭା ନିର୍ବାଚନରେ ଏହା ଦେଖିବାକୁ ମିଳିଛି। ଏହା ପୂର୍ବରୁ ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ମଧ୍ୟ ଏହି ମଧ୍ୟବିତ୍ତ ବର୍ଗ ନିର୍ଣ୍ଣାୟକ ଭୂମିକା ନେଇଥିଲେ। ଦିଲ୍ଲୀ ବିଧାନସଭା ନିର୍ବାଚନରେ ବିଜେପିର ବିପୁଳ ବିଜୟ ପଛରେ ମଧ୍ୟବିତ୍ତ ବର୍ଗର ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଦିଲ୍ଲୀ ଭଳି ସହର ଯେଉଁଠି ବେତନଭୋଗୀ ସରକାରୀ ବା ବେସରକାରୀ କର୍ମଚାରୀଙ୍କ ସଂଖ୍ୟା ଅଧିକ ସେଠାରେ ସେଠାରେ ମଧ୍ୟବିତ୍ତ ବର୍ଗର ଭୂମିକା ନିର୍ବାଚନରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଏହି ବର୍ଗ ଯାହାକୁ ସମର୍ଥନ କରନ୍ତି, ସେହି ଦଳ ବିଜୟୀ ହୋଇଥାଏ। ୨୦୧୫ ଏବଂ ୨୦୨୦ରେ ଏହି ବର୍ଗ ଅରବିନ୍ଦ କେଜରିୱାଲଙ୍କୁ ସମର୍ଥନ କରିଥିଲା। ତେଣୁ ନିର୍ବାଚନରେ ଆପ ବିପୁଳ ବିଜୟ ହାସଲ କରିଥିଲା। କିନ୍ତୁ ଏଥର ମଧ୍ୟବିତ୍ତ ବଗର ସମର୍ଥନ ବିଜେପି ସପକ୍ଷରେ ଗଲା। ଏହି ସମର୍ଥନ ହାସଲ ଲାଗି ବିଜେପି ଦୀର୍ଘ ଦିନରୁ ଯୋଜନାବଦ୍ଧ ଭାବେ ଉଦ୍ୟମ କରିଥିଲା ଏବଂ ତଦନୁଯାୟୀ ରଣକୋ୍ଶଳ ପ୍ରସ୍ତୁତ କରିଥିଲା। ବିଜେପିର ଯୋଜନା ସଠିକ ଭାବେ କାର୍ଯ୍ୟକାରୀ କରାଯାଇ ଥିଲା। ଏହାର ସୁଫଳ ମଧ୍ୟ ମିଳିଲା। ସବୁଠାରୁ ବଡ଼ କଥା ହେଲା ବିଜେପିର ଏହି ସୁଚିନ୍ତିତ ଯୋଜନା ସମ୍ପର୍କରେ ବିରୋଧୀ ପୂର୍ବରୁ ଟେର ପାଇନଥିଲେ। ଏହାର ଜବାବ ମଧ୍ୟ ଆପ ବା କଂଗ୍ରେସ ହାତରେ ନଥିଲା। କାରଣ କେନ୍ଦ୍ରରେ ବିଜେପି ହିଁ କ୍ଷମତାରେ ରହିଛି। ଦିଲ୍ଲୀ ବିଧାନସଭା ନିର୍ବାଚନର କିଛି ଦିନ ପୂର୍ବରୁ କେନ୍ଦ୍ର ସରକାର



ଅଷ୍ଟମ ବେତନ କମିଶନ ଗଠନ ପ୍ରସ୍ତାବକୁ ମଞ୍ଜୁର କରିଥିଲେ। ଏହା ସରକାରୀ କର୍ମଚାରୀଙ୍କୁ ଖୁସି କରିଥିଲା। କାରଣ ଅଷ୍ଟମ ବେତନ କମିଶନଙ୍କ ସୁପାରିସ ଆଧାରରେ ୨୦୨୬ରୁ ସରକାରୀ କର୍ମଚାରୀଙ୍କ ଦରମା ଏବଂ ପେନସନ ବୃଦ୍ଧି ପାଇବ। କେନ୍ଦ୍ରର ଏହି ନିଷ୍ପତ୍ତି ଦିଲ୍ଲୀର ଭୋଟରମାନଙ୍କୁ ବିଜେପି ସପକ୍ଷରେ ରାୟ ଦେବାକୁ ପ୍ରୋତ୍ସାହିତ କରିଛି ନିଶ୍ଚୟ। ସେହିପରି ଫେବୃଆରୀ ପହିଲାରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ସଂସଦରେ ଆର୍ôଥକ ବର୍ଷ ୨୦୨୫-୨୬ ପାଇଁ ଉପସ୍ଥାପନ କରିଥିବା କେନ୍ଦ୍ରୀୟ ବଜେଟରେ ମଧ୍ୟବିତ୍ତ ବର୍ଗଙ୍କ ପାଇଁ ଅନେକ ଘୋଷଣା କରିଛନ୍ତି। ବଜେଟରେ ଏଥିଲାଗି ଅନେକ ପ୍ରସ୍ତାବ ରହିଛି। ସେଥିରୁ ସବୁଠାରୁ ବଡ଼ ଘୋଷଣା ହେଲା ବେତନଭୋଗୀଙ୍କ ନିମନ୍ତେ ବାର୍ଷିକ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟକର ଛାଡ଼। ଏହା ଫଳରେ ଚାକିରିଆ ଗୋଷ୍ଠୀ ଉପକୃତ ହେବେ। ନିର୍ମଳାଙ୍କ ଏହି ଘୋଷଣାକୁ ସାଧାରଣରେ ବ୍ୟାପକ ସ୍ୱାଗତ କରାଯାଇଛି। କାରଣ ଏହା ଦ୍ୱାରା ମଧ୍ୟବିତ୍ତ ବର୍ଗ ବିଶେଷ ଭାବେ ଉପକୃତ ହେବେ ଏବଂ ସେମାନଙ୍କର ବାର୍ଷିକ ପ୍ରାୟ ୮୦ ହଜାର ଟଙ୍କା ପର୍ଯ୍ୟନ୍ତ ସଂଚୟ ହୋଇପାରିବ। ଏହା ବ୍ୟତିତ ବଜେଟରେ ଆହୁରି ଅନେକ ପ୍ରସ୍ତାବ ରହିଛି ଯାହା ମଧ୍ୟବିତ୍ତ ବର୍ଗଙ୍କ ପାଇଁ ସ୍ୱାଗତଯୋଗ୍ୟ। ଦିଲ୍ଲୀ ନିର୍ବାଚନ ପାଇଁ ଭୋଟ ଗ୍ରହଣର ଠିକ ୪ ଦିନ ପୂର୍ବରୁ କେନ୍ଦ୍ରୀୟ ବଜେଟ ଉପସ୍ଥାପିତ ହୋଇଥିଲା। ଏହା ନିର୍ବାଚନରେ ଭୋଟରଙ୍କୁ ପ୍ରଭାବିତ କରିଥିବ ନିଶ୍ଚୟ। ଏହା ବିଜେପି ସପକ୍ଷରେ ଗଲା ଏବଂ ଦିଲ୍ଲୀରେ ଗେମ ଚେଞ୍ଜର ସାବ୍ୟସ୍ତ ହେଲା ବୋଲି ସ୍ୱୀକାର କରିବାକୁ ପଡ଼ିବ। ଦିଲ୍ଲୀରେ ବିଜେପି ଏବଂ ଆପ ମଧ୍ୟରେ ଭୋଟ ବ୍ୟବଧାନ ମାତ୍ର ୩ ପ୍ରତିଶତରେ ସୀମିତ। ତେଣୁ ବିଜେପି ଯଥେଷ୍ଟ ଅଧିକ ଆସନ ପାଇଥିଲେ ମଧ୍ୟ ଏହା ଅଳ୍ପକେ ଜିତିଛି ବୋଲି ସ୍ୱୀକାର କରିବାକୁ ପଡ଼ିବ। ଏଥିରେ ନିର୍ମଳାଙ୍କ ବଜେଟର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କେନ୍ଦ୍ରୀୟ ବଜେଟରେ ଏପରି ଅନେକ ଘୋଷଣା ରହିଛି ଯାହା ଦ୍ୱାରା ମଧ୍ୟବିତ୍ତ ବର୍ଗ ଆର୍ôଥକ ଦୃଷ୍ଟିରୁ ଫାଇଦାରେ ରହିବେ। ଏହା କେବଳ ନିର୍ମଳାଙ୍କର ଯୋଜନା ନୁହେଁ, ବିଜେପିର ଏହା ଏକ ସୁଚିନ୍ତିତ ରଣକୋ୍ଶଳର ସଫଳତା ବୋଲି କୁହାଯାଇପାରେ। ଦିଲ୍ଲୀ ନିର୍ବାଚନକୁ ଦୃଷ୍ଟିରେ ରଖି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏଭଳି ଏକ ବଜେଟ ପ୍ରସ୍ତୁତ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ତାଙ୍କ ନିର୍ଦ୍ଦେଶନାରେ ହିଁ ନିର୍ମଳା ବଜେଟ ପ୍ରସ୍ତୁତ କରିଛନ୍ତି। ଏଥିଲାଗି ପ୍ରଧାନମନ୍ତ୍ରୀ ମୋଦିଙ୍କ ଦୂରଦୃଷ୍ଟି ଏବଂ ରଣକୋ୍ଶଳକୁ ପ୍ରଶଂସା କରିବାକୁ ପଡ଼ିବ। ବିରୋଧୀ ମେଣ୍ଟରେ ଏଭଳି ସୁଚିନ୍ତିତ ଯୋଜନାର ଅଭାବ ରହିଛି ଏବଂ ମୋଦିଙ୍କ ଭଳି ନିର୍ବାଚନ ରଣନୀତିରେ ନିପୁଣ ବ୍ୟକ୍ତିଙ୍କ ଆଭବ ରହିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ସମକକ୍ଷ ହେବା ଭଳି କେହି ଜଣେ ହେଲେ ନେତା କଂଗ୍ରେସରେ ନାହାଁନ୍ତି। ବିଜେପିରେ ପ୍ରତି ବର୍ଷ ନୂଆନେତା ସୃଷ୍ଟି ହେଉଛନ୍ତି। କିନ୍ତୁ କଂଗ୍ରେସ କେବଳଗାନ୍ଧି-ନେହରୁ ପରିବାର ଉପରେ ନିର୍ଭରଶୀଳ। ପ୍ରତିଭାଶାଳି ନେତାଙ୍କୁ କଂଗ୍ରେସରେ ମୁଣ୍ଡ ଟେକିବାକୁ ମନା। କାରଣ କାଳେ ଦଳର ନେତୃତ୍ୱ ଗାନ୍ଧି-ନେହରୁ ପରିବାର ହାତରୁ ଚାଲିଯିବାର ଭୟ। ଦିଲ୍ଲୀରେ କଂଗ୍ରେସର ଭୋଟ ପ୍ରତିଶତ ମାତ୍ର ୬.୫ରେ ସୀମିତ। ଅଧିକାଂଶ ଆସନରେ ଦଳୀୟ ପ୍ରାର୍ଥୀ ଅମାନତ ହରାଇଛନ୍ତି। ଅନେକ ସ୍ଥାନରେ କଂଗ୍ରେସ ପ୍ରାର୍ଥୀ ଚତୁର୍ଥ ସ୍ଥାନରେ ରହିଛନ୍ତି। ଦଳର ଜଣେ ଆଗ ଧାଡ଼ିର ନେତ୍ରୀ ଭାବେ ପରିଚିତ ଅଲକା ଲାମ୍ବା ନୂଆଦିଲ୍ଲୀ ଆସନରେ ଅମାନତ ହରାଇଛନ୍ତି। ଏଥିରେ କଂଗ୍ରେସର ଅବସ୍ଥା କେତେ ଶୋଚନୀୟ ତାହା ଅନୁମେୟ। ଏବେ କଂଗ୍ରେସ ଏହାର ପୁରୁଣା ଚିନ୍ତାଧାରାକୁ ପଛରେ ପକାଇ ନୂଆ ନେତୃତ୍ୱ ସୃଷ୍ଟି କରିବା ଉଚିତ। ଅତୀତରେ କଂଗ୍ରେସ ଦିଲ୍ଲୀରେ କ୍ରମାଗତ ୧୫ ବର୍ଷ ଧରି କ୍ଷମତାସୀନ ଥିଲା। ଏହା ସୋନିଆ-ରାହୁଲଙ୍କ ପାଇଁ ନୁହେଁ, ଶୀଲା ଦୀକ୍ଷିତଙ୍କ ପାଇଁ ସମ୍ଭବ ହୋଇଥିଲା। ଏବେ କଂଗ୍ରେସରେ ଏଭଳି ନେତାଙ୍କ ଅଭାବ ରହିଛି। ଦିଲ୍ଲୀ ନିର୍ବାଚନ ପରେ କଂଗ୍ରେସ ଆତ୍ମସମୀକ୍ଷା କରିବା ଉଚିତ। ଦିଲ୍ଲୀର ୩ଟି ବିଧାନସଭା ଆସନ ବ୍ୟତିତ ଅନ୍ୟ ସବୁ ଆସନରେ ଦଳୀୟ ପ୍ରାର୍ଥୀ ଅମାନତ ହରାଇଛନ୍ତି। ଏହାର ପ୍ରଭାବ ଅନ୍ୟ ରାଜ୍ୟରେ ମଧ୍ୟ ପଡ଼ିବ। କଂଗ୍ରେସର ଏହି ଦୂରବସ୍ଥା ଯୋଗୁ ଅନ୍ୟ ରାଜ୍ୟରେ କଂଗ୍ରେସ କର୍ମୀ ଓ ନେତାଙ୍କ ମନୋବଳ ଭାଙ୍ଗିଯିବ। ଲୋକଙ୍କ ଆସ୍ଥା କଂଗ୍ରେସ ଉପରେ ରହିବନି। କଂଗ୍ରେସ ନିର୍ବାଚନ ଜିତି ସରକାର ଗଠନ କରିବା ଅସମ୍ଭବ, ଏହି ବାର୍ତ୍ତା ଲୋକଙ୍କ ନିକଟକୁ ଗଲେ ଆଉ ଦଳ ଉପରକୁ ଉଠିବା ଅସମ୍ଭବ। କୋ୍ଣସି ସମଭାବାପନ୍ନ ଦଳ ମଧ୍ୟ କଂଗ୍ରେସ ସହ ବୁଝାମଣା କରିବେ ନାହିଁ। ଦିଲ୍ଲୀରେ ଏଆଇଏମଆଇଏମ ୨ଟି ଆସନରେ ପ୍ରାର୍ଥୀ ଦେଇ ଦ୍ୱିତୀୟ ସ୍ଥାନରେ ରହିଲା। ଏହା ପଛରେ ସଂଖ୍ୟାଲଘୁ ସମ୍ପ୍ରଦାୟର ସମର୍ଥନ ଥିଲା। ଆଗାମୀ ଦିନରେ ୟୁପି ଏବଂ ବିହାରରେ ଏହି ଦଳର ଭୋଟ ପ୍ରତିଶତ ବଢ଼ିପାରେ। ଏହା କଂଗ୍ରେସ ଏବଂ ଅନ୍ୟ ସହଯୋଗୀ ଦଳ ପାଇଁ କ୍ଷତିକାରକ ହୋଇପାରେ। କାରଣ ଇଣ୍ଡିଆ ବ୍ଲକର ଅଂଶୀଦାର ଦଳମାନେ ସଂଖ୍ୟାଲଘୁ ସମ୍ପ୍ରଦାୟର ଭୋଟ ଉପରେ ନିର୍ଭର କରୁଛନ୍ତି। ଅସାଦୁଦ୍ଦିନ ଓୱେସି ଏଥିରେ ଭାଗ ବସାଉଛନ୍ତି।

# ପରୀକ୍ଷା ପାଇଁ ଲାଗିଥିବା ପିଲାର ଚାପକୁ ବୁଝନ୍ତୁ



**ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ**

ବାପା, ମା'ମାନେ ଥରେ ଧ୍ୟାନ ଦିଅନ୍ତୁ। ଆପଣଙ୍କ ପିଲା ଯଦି କହୁଛି, ମୋତେ ଭାରି ନର୍ଭସ୍ ଲାଗିଲାଣି ବା ଏଥର ପରୀକ୍ଷାରେ କଷ୍ଟ ପ୍ରଶ୍ନ ଆସିଲା ଭଳି ଲାଗୁଛି କିମ୍ବା ଆଉ ମାସ ଏତିକି ବେଳକୁ ମୁଁ ପରୀକ୍ଷା ହଲ୍‌ରେ ବସିଥିବି ବା ଏମିତି କିଛି, ତେବେ ଆପଣମାନେ ପିଲାର ପରିସ୍ଥିତିକୁ ଟିକିଏ ଗମ୍ଭୀରତାର ସହ ବିଚାର କରନ୍ତୁ। ପିଲାଟି ଉପରେ ପରୀକ୍ଷାର ଚାପ ମାଡ଼ି ବସିବା ଆରମ୍ଭ କଲାଣି ବୋଲି ଜାଣନ୍ତୁ। ପିଲା ଉପରେ ଯଦି ପରୀକ୍ଷାର ଚାପ ମାଡ଼ି ବସେ ତେବେ ତାର ପରୀକ୍ଷାର ଖରାପ ହେବାର ଆଶା ଅଧିକ। ଯଦିଓ, ଏମିତି ବି ପିଲା ଅଛନ୍ତି, ଯେଉଁମାନେ କି ଚାପରେ ରହିଲେ ପରୀକ୍ଷାରେ ଭଲ କରନ୍ତି।

ମନୋବୈଜ୍ଞାନିକମାନଙ୍କ ମତରେ ପରୀକ୍ଷାର ଚାପ ସାଧାରଣତଃ ଦୁଇ ପ୍ରକାର ହୋଇଥାଏ। ଗୋଟିଏ ହେଲା ଦୀର୍ଘ କାଳୀନ ଚାପ। ପରୀକ୍ଷା ପାଇଁ ପ୍ରସ୍ତୁତ ହେଲା ବେଳକୁ ପିଲାଟି ଏହି ଚାପ ଭୋଗେ। ଆଉ ଏକ ଚାପ ପରୀକ୍ଷା ଦିନରୁ ହିଁ ଆରମ୍ଭ ହୁଏ। ଅନେକ ଡାକ୍ତରୀ ପରୀକ୍ଷା ଏହା ପ୍ରମାଣ କରିସାରିଲାଣି ଯେ ପରୀକ୍ଷା ଜନିତ ଚାପ ଯୋଗୁ ପିଲାଟିର ଶରୀରରେ ସାଲିଭାରି ଏସ୍ ଇମ୍ୟୁନୋଗ୍ଲୋବିନ୍‌ଏ ବା ଏସ୍‌ଏଲ୍‌ଜିଏ ନାମକ ଏକ "ଆଣ୍ଟିବଡ଼ି' କମିଯାଏ। ଏହି ଆଣ୍ଟିବଡ଼ି ଶରୀରକୁ ବିଭିନ୍ନ ରୋଗ ସଂକ୍ରମଣରୁ ସୁରକ୍ଷା ପ୍ରଦାନ କରେ। ସେଥିପାଇଁ ଅନେକ ସ୍ଥଳରେ ଦେଖାଯାଏ ଯେ ପରୀକ୍ଷା ସମୟରେ ହିଁ ପିଲାମାନେ ରୋଗ ସଂକ୍ରମଣର ଅଧିକ ଶିକାର ହୋଇଥାନ୍ତି। ମନୋବିଜ୍ଞାନୀମାନେ କୁହନ୍ତି ଯେ ଛାତ୍ର ବା ଛାତ୍ରୀମାନଙ୍କୁ ଶୃଙ୍ଖଳିତ କରିବା ପାଇଁ ମଧ୍ୟମ ଧରଣର ଚାପ ନିତାନ୍ତ ଆବଶ୍ୟକ। କିନ୍ତୁ ପିଲାମାନଙ୍କ ଉପରେ ମାତ୍ରାଧିକ ଚାପ ଦିଆଯିବା ଉଚିତ ନୁହେଁ। ଅନେକ ବାପା ମା' ଯେଉଁ ଲକ୍ଷ୍ୟ ନିଜେ ସାଧନ କରିବାରେ ବିଫଳ ହୋଇଥାନ୍ତି, ସେମାନେ ନିଜ ପିଲାମାନଙ୍କ ଦ୍ୱାରା ତାହା ହାସଲ କରିବାକୁ ଚେଷ୍ଟା କରନ୍ତି। ଏଭଳି ବାପା ମା ପିଲାମାନଙ୍କ ଉପରେ ଅଧିକ ଚାପ ପ୍ରୟୋଗ କରନ୍ତି। ପିଲାଟି କେଉଁ କ୍ଷେତ୍ରରେ ପାରଦର୍ଶିତା ଦେଖାଇବାର ସମ୍ଭାବନା ରଖିଛି, ସେ ଦିଗରେ ଧ୍ୟାନ ନଦେଇ ସେମାନେ ନିଜ ଦ୍ୱାରା ନିର୍ବାଚିତ କ୍ଷେତ୍ରରେ ପିଲାଟି ଭଲ କରୁ ବୋଲି ଚାହାନ୍ତି। ତାହା ହିଁ ପିଲାଟି ପାଇଁ କାଳ ହୋଇପଡ଼େ।

### ପିଲାଦିନରୁ ଜାଣିହେବ

ପିଲା ଦିନରୁ ଜାଣିହେବ ପିଲାଟି କେଉଁ ବିଷୟରେ ଭଲ କରିବ। ତୃତୀୟ ଶ୍ରେଣୀରେ ପଢ଼ିଲା ବେଳକୁ ସେମାନେ ବିଭିନ୍ନ ବିଷୟ ପ୍ରତି ଆଗ୍ରହ ବା ଅନାଗ୍ରହ ଦେଖାଇ ଥାନ୍ତି। ଜଣେ ସମ୍ବେଦନଶୀଳ ବାପା ମା ଏ ସଂପର୍କରେ ଧାରଣା କରିପାରେ। ପିଲାଟି ପଞ୍ଚମ ଶ୍ରେଣୀ ପଢ଼ିଲା ବେଳକୁ ବାପା'ମା ମାନେ ପିଲାଟି କେଉଁ ବିଷୟରେ ଭଲ କରିବ ବା କେଉଁ କ୍ଷେତ୍ରରେ ପିଲାଟିର ପ୍ରତିଭା ରହିଛି, ତାହା ଜାଣିପାରିବେ।

### ପିଲା ଚାପରେ ନ ଆସିବା ପାଇଁ କ'ଣ କରିବେ

ଏ ଦିଗରେ ବାପା ମା' ମାନଙ୍କର ଦାୟିତ୍ୱ ଅନେକ। ଅନେକ ବାପା ମା ପିଲାଟି ଦିନରୁ ଏ ଦାୟିତ୍ୱକୁ ଠିକ୍ ଭାବେ ତୁଲାଇ ଥାନ୍ତି। ସେମାନଙ୍କ ପିଲାମାନେ ପରୀକ୍ଷା ବେଳେ ହଇରାଣରେ ପଡ଼ନ୍ତି ନାହିଁ। ସାନବେଳୁ ପିଲାମାନେ ଯେମିତି ସେମାନଙ୍କ ଭିତରେ ଏକ ଭଲ ସଉକ ବା "ହବି' ବିକାଶ କରନ୍ତି ତାହା ଦେଖିବା କଥା। ଗପ ବହି ପଢ଼ିବାକୁ ଉତ୍ସାହିତ କରିବା, ଖବର କାଗଜ ପଢ଼ିବାର ଅଭ୍ୟାସ କରାଇବା, କୌଣସି ଏକ ଭଲ ବାଦ୍ୟଯନ୍ତ୍ର ବଜାଇବାର ତାଲିମ ଦେବା ଏଭଳି ସଉକର ଅନ୍ତର୍ଭୁକ୍ତ। ଯେତେବେଳେ ପାଠରୁ ଫୁର୍ସତ ମିଳିବ ସେତିକି ବେଳେ ପିଲାଟିଏ ଯଦି ସେ ଭଲ ପାଉଥିବା ଏଭଳି କୌଣସି ଏକ କାମରେ ଲାଗିବ, ତେବେ ତାର ମନକୁ ହାଲୁକା ହେବ ଏବଂ ପରବର୍ତ୍ତୀ ସମୟରେ ଆଉ ଥରେ ପଢ଼ାପଢ଼ି ଆରମ୍ଭ କଲା ବେଳକୁ ସେ ସତେଜ ହୋଇପାରିଥିବ। ପିଲାଟି ଦିନରୁ ପ୍ରତି ଦିନ ତିନିରୁ ଚାରି ଘଣ୍ଟା ପଢ଼ାର ଅଭ୍ୟାସ କରାଇବା ଭଲ। ଜଣେ ଯଦି ବର୍ଷ ଆରମ୍ଭରୁ ତିନିରୁ ଚାରି ଘଣ୍ଟା ପଢ଼େ, ତେବେ ତାକୁ ପରୀକ୍ଷା ବେଳକୁ ଅତି ଅଧିକ ପରିଶ୍ରମ କରିବାକୁ ପଡ଼ିବ ନାହିଁ। କ୍ଳାନ୍ତି ମେଣ୍ଟାଇବା ପାଇଁ ପିଲା ଭଲ ଭାବେ ଶୋଇବା ଉଚିତ। ପିଲାଟି ଭଲ ଗୀତ ଶୁଣି ବି ମନକୁ ପ୍ରଫୁଲ୍ଲ କରିପାରେ। କିନ୍ତୁ ଟିଭି ଦେଖି ମନକୁ ଖସି କରିବାର ଅଭ୍ୟାସ ଯେମିତି



ପିଲାର ନହୁଏ, ସେ ଦିଗରେ ବାପା ମା'ମାନେ ଧ୍ୟାନ ଦେବା ଉଚିତ।

### ମାନସିକ ସାହସ

ପିଲାକୁ ମାନସିକ ସାହସ ବା ପ୍ରତ୍ୟୟ ଦେବା ପ୍ରତି ବାପାମାଙ୍କ ଦାୟିତ୍ୱ। ଏଇ ପରୀକ୍ଷାଟି ଗୁରୁତ୍ୱପୂର୍ଣ୍ଣ ମାତ୍ର ଖରାପ ହୋଇଗଲେ ସବୁ ବାଟ ବନ୍ଦ ହୋଇଯିବ ନାହିଁ ବୋଲି ପିଲାକୁ ବାପାମାମାନେ ବୁଝାଇବା ଦରକାର। ଏହା ମଧ୍ୟ ସତ ଯେ କୌଣସି ପରୀକ୍ଷା ଯେତେ ଗୁରୁତ୍ୱପୂର୍ଣ୍ଣ ହେଲେ ବି ଏହା ଏକମାତ୍ର କଥା ନୁହେଁ। ସବୁ ପରିସ୍ଥିତିର କିଛି ନା କିଛି ବିକଳ୍ପ ଅଛି।

### ଚାପର ପରିଣାମ

ଚାପଗ୍ରସ୍ତ ପିଲାମାନଙ୍କ ଉପରେ ଏହାର ପ୍ରଭାବ ନକାରାତ୍ମକ ହୋଇଥାଏ। ଏହା ସେମାନଙ୍କ ଆତ୍ମପ୍ରତ୍ୟୟକୁ ଆକ୍ରାନ୍ତ କରେ। ବଡ଼ ହେଲା ପରେ ବି ଏହା ସେମାନଙ୍କ ବ୍ୟକ୍ତିତ୍ୱକୁ ପ୍ରଭାବିତ କରିଥାଏ। ଜଣା ପଡ଼ିଛି ଯେ ଅତ୍ୟଧିକ ଚାପଗ୍ରସ୍ତ ପିଲାମାନଙ୍କ ଭିତରୁ ପଚାଶ ପ୍ରତିଶତ କୌଣସି ନା କୌଣସି ସମୟରେ ଆତ୍ମହତ୍ୟା କରିବା ସଂପର୍କରେ ଗମ୍ଭୀରତାର ସହ ବିଚାର କରନ୍ତି। ସାଧାରଣତଃ ଏଭଳି ଆତ୍ମହତ୍ୟା କରୁଥିବା ପିଲାମାନଙ୍କ ଭିତରେ ପୁଅମାନଙ୍କ ସଂଖ୍ୟା ଝିଅମାନଙ୍କ ଠାରୁ ଅଧିକ। ଏହା ପଛରେ ଥିବା କାରଣଟି ହେଉଛି ପୁଅମାନଙ୍କ ଉପରେ କିଛି କରି ଦେଖାଇବାର ଚାପ ଅଧିକ ଥାଏ।

### ବାପାମାନେ କ'ଣ ଜାଣିବା ଉଚିତ

ଆଜିକାଲି ସହରୀ ବାପା ମା'ମାନଙ୍କ ଭିତରୁ ଅଧିକାଂଶ ଉଚ୍ଚଶିକ୍ଷିତ। ମାତ୍ର, ସେମାନଙ୍କ ଭିତରୁ ବେଶି ଭାଗ ପିଲାର ସାମଗ୍ରିକ ବିକାଶକୁ ନେଇ ଚିନ୍ତିତ ନୁହନ୍ତି ବା ସଚେତନ ନୁହନ୍ତି। ଅଧିକାଂଶ ମନୋବୈଜ୍ଞାନିକଙ୍କ ମତାନୁସାରେ ଏହା ହିଁ ହେଉଛି ପିଲାମାନଙ୍କ ଉପରେ ଚାପର ପ୍ରଧାନ କାରଣ। ସେମାନେ କୁହନ୍ତି ଯେ ପିଲାର ପ୍ରତିଭାକୁ ଏବେ ଗ୍ରେଡ୍ ଅନୁସାରେ ମପାଯାଉଛି। ପିଲାର ଜୀବନ ଏବେ ହୋଇପଡ଼ୁଛି ଗ୍ରେଡ୍ ସର୍ବସ୍ୱ। କିନ୍ତୁ, କୌଣସି ବିଦ୍ୟାଳୟର ଶିକ୍ଷକ ବା ପିଲାମାନଙ୍କ ବାପାମା'ମାନେ ପିଲାର ସୃଜନଶୀଳ ପ୍ରତିଭାର ବିକାଶ ଦିଗରେ ନଜର ଦିଅନ୍ତି ନାହିଁ। ଏହା ହିଁ ହେଉଛି ପିଲା ଉପରେ ବଢୁଥିବା ଚାପର ପ୍ରଥମ କାରଣ। ପୂର୍ବେ ପିଲାଟି କେବଳ ପରୀକ୍ଷାରେ ଭଲ କରୁ ବୋଲି ବାପାମା ଏବଂ ଗୁରୁଜନମାନେ ଆଶା କରୁଥିଲେ, ମାତ୍ର ଏବେ ଯେଉଁ ପିଲାଟି ଭଲ ଖେଳୁଛି, ତା ଉପରେ ବି ଏତେ ଚାପ ପଡ଼ୁଚି, ସେ ତାର ମୁକାବିଲା କରିବାକୁ ଅସମର୍ଥ ହେଉଛି।

### ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ପିଲାମାନଙ୍କୁ କ'ଣ ଖାଇବାକୁ ଦେବେ ?

ପରୀକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ପିଲାମାନଙ୍କ ଖାଦ୍ୟ ତାଲିକା ଚିକିତ୍ସା ବିଜ୍ଞାନରେ ସେପରି କିଛି ସ୍ୱତନ୍ତ୍ର ତାଲିକାରେ ନାହିଁ କିନ୍ତୁ ଏହି ସମୟରେ ଫାଷ୍ଟଫୁଡ୍, ଅତ୍ୟଧିକ ଗରିଷ୍ଠଖାଦ୍ୟ ଦିଅନ୍ତୁ ନାହିଁ। ଅଳ୍ପ ଅଳ୍ପ ଭାବରେ ବରଂ ଦିନକୁ ଚାରି ପାଞ୍ଚଥର ଖାଦ୍ୟ ଦେଲେ ଭଲ। ରାତିରେ ବିଶ୍ରାମ ବେଳେ ପିଲାକୁ କ୍ଷୀର ପିଇବା ପାଇଁ ଦିଅନ୍ତୁ। ବର୍ତ୍ତମାନ ସହଜେ ଗ୍ରୀଷ୍ମର ଉତ୍ତାପ ବଢୁଥିବାରୁ ପିଲାମାନଙ୍କୁ ଫଳଜୁସ୍, ପଇଡ଼ପାଣି ଦେବା ଭଲ। ଥଣ୍ଡାପାନୀୟ ବା ଥଣ୍ଡାଖାଦ୍ୟ ଦିଅନ୍ତୁ ନାହିଁ। ମିଠା, ଆଇସ୍‌କ୍ରିମ ନଦେଲେ ଭଲ। ସୁଷମ ଖାଦ୍ୟ ଦିଅନ୍ତୁ, ତଟକା ପନିପରିବାରେ ଖାଦ୍ୟ ତିଆରି କରନ୍ତୁ। ପିଲାଟିର ଯେପରି ଖାଦ୍ୟଜନିତ କୋଷ୍ଠକାଠିନ୍ୟ ନ ହୁଏ ସେ ଦିଗକୁ ଭୁଲନ୍ତୁ ନାହିଁ। ପିଲାକୁ କୌଣସି ଖାଦ୍ୟ ପାଇଁ ଜବରଦସ୍ତ କରନ୍ତୁ ନାହିଁ ବା ବାଧ କରନ୍ତୁନାହିଁ। ବାଶି ଖାଦ୍ୟ, ତେଲଭାଜି ନଦେଲେ ଭଲ। ଆମିଷ ଦିଅନ୍ତି କିନ୍ତୁ ଏହାର ପରିମାଣ କମ୍ ରଖନ୍ତୁ। ଆମିଷରେ ଛୋଟମାଛ ବା ଦେଶୀ ଅଣ୍ଡା ଭଲ। ପିଲାଟିର କୌଣସି ଦୀର୍ଘକାଳୀନ ଅସୁସ୍ଥତା ଥିଲେ ତୁରନ୍ତ ଶିଶୁବିଶେଷଜ୍ଞଙ୍କ ପରାମର୍ଶ ନିଅନ୍ତୁ। ଏହି ସମୟରେ ପିଲାର ମନସ୍ତାତ୍ତ୍ୱିକ ଦିଗକୁ ଆପଣ ଜଣେ ଅଭିଭାବକ ନୁହେଁ ବରଂ ଜଣେ ବନ୍ଧୁ ଭାବରେ ତା ସହିତ ସମୟ ଦେଲେ, ଭାବର ଆଦାନପ୍ରଦାନ କଲେ ଏହା ପିଲା ଉପରେ ଭଲ ପ୍ରଭାବ ପକାଇବ। ଉପରୋକ୍ତ କଥା ଗୁଡ଼ିକ ମାନି ଚଳନ୍ତୁ ଦେଖିବେ ଆପଣଙ୍କ ପିଲା ନିଶ୍ଚିନ୍ତ ଭାବରେ ଭଲ ଫଳ ପାଇବ।


**ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ**
**ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର**


# ଅଟିଜିମ୍: କାରଣ, ନିରୂପଣ ଓ ନିରାକରଣ

**ମୈତ୍ରୀ ମମତା ପଣ୍ଡା**

ପିଲାଟିଏ ପରିବାରରେ ପାଦ ଦେଲେ ବାପା ମା' ତଥା ପରିବାରର ଅନ୍ୟ ସଦସ୍ୟଙ୍କ ମନରେ ପିଲାଟିକୁ ନେଇ ଉଙ୍କିମାରେ ଅନେକ ସ୍ୱପ୍ନ। ପିଲାଟିର ଠୁକୁ ଠୁକୁ ଚାଲିଠାରୁ ଆରମ୍ଭ କରି ମିଠାମିଠା କଥା ଶୁଣିବାକୁ ସମସ୍ତେ ଚାହିଁ ରୁହନ୍ତି । କିନ୍ତୁ ଏପରି ଯଦି କିଛି ନ ହୁଏ ? ତେବେ ସେତେବେଳେ ବାପା ମା' ତଥା ପରିବାରର ଅନ୍ୟ ଲୋକମାନଙ୍କ ମନରେ ଅନେକ ପ୍ରଶ୍ନ ଉଙ୍କିମାରେ। ବେଳେ ବେଳେ ପିଲାଟିର mile stone development ଠିକ୍ ଥିବାବେଳେ, ତଥା କୌଣସି ଶାରିରୀକ ସମସ୍ୟା ନ ଥିବା ସତ୍ତ୍ୱେ ପିଲାଟି ଅନ୍ୟ ପିଲାମାନଙ୍କ ପରି ଖେଳକୁଦ କରିନଥାଏ ତଥା କଥାବାର୍ତ୍ତା କରିନଥାଏ। ନିଜ ପରିବାରର ଲୋକମାନଙ୍କୁ ଚିହ୍ନିପାରି ନଥାଏ । ନାଁ ଧରି ଡାକିଲେ ମୁହଁକୁ ଚାହିଁ ନଥାଏ। ଏପରି କୁହାଯାଇ ପାରେ କି ପିଲାଟି ପୂର୍ଣ୍ଣ ରୂପରେ ନିଜର ଏକ ଦୁନିଆଁ ତିଆରି କରି ତା ଭିତରେ ହିଁ ନିଜକୁ ଆବଦ୍ଧ କରି ରଖିବାକୁ ଭଲ ପାଏ । ତାର ପାରିପାର୍ଶ୍ୱିକ ପରିବେଶ ଏବଂ ପରିସ୍ଥିତି ଉପରେ ବା ବିଷୟରେ କିଛି ବି ଧାରଣା ନଥାଏ।

ଏପରି ସ୍ଥିତିରେ ଘରର ପୁରୁଖା ଲୋକମାନେ କୁହନ୍ତି, ହଁ ଆଉଟିକେ ବଡ ହେଲେ ଠିକ୍ ହୋଇଯିବ। ଏ ଠାକୁରଙ୍କୁ ପୂଜା କଲେ ପିଲା କଥା କହିବ। ସ୍କୁଲ ଗଲେ ପିଲାଙ୍କ ସହିତ ମିଶିଲେ ଠିକ୍ ହୋଇଯିବ। କିନ୍ତୁ ସମୟ ବିତିବା ସହିତ ପିଲାଟିର ବିଭିନ୍ନ ବ୍ୟାବହାରିକ ସମସ୍ୟା (behavioural issues) ଦେଖାଯିବା ସହିତ ଅନ୍ୟାନ୍ୟ ସମସ୍ୟା ମଧ୍ୟ ଦେଖାଯାଇଥାଏ।

ଏବେ ପ୍ରଶ୍ନ ଆସୁଛି ଏପରି ହୁଏ କାହିଁକି ? ଏହା କ'ଣ ଏକ ରୋଗ ନା ଆଉ କିଛି। ଏହି ସବୁ ଲକ୍ଷଣ ହେଉଛି ଅଟିଜିମ୍‌ର। ଅଟିଜିମ୍ ଏକ ରୋଗ ନୁହେଁ। ଏହା ଏକ ନ୍ୟୁରୋଲୋଜିକାଲ୍ ଡ଼ିଜ୍‌ଅର୍ଡର୍। ଅନ୍ୟ ଏକ ସତ୍ୟତା ହେଉଛି ଅଟିଜିମ୍ କୁ ଭଲ କରାଯାଇ ପାରିବ ନାହିଁ। କିନ୍ତୁ ସଠିକ୍ ଉପାୟ ଅବଲମ୍ବନ ଦ୍ୱାରା ଏହାକୁ ନିୟନ୍ତ୍ରଣକୁ ଅଣାଯାଇ ପାରିବ।

ଅଟିଜିମ୍‌ର ବିଭିନ୍ନ ପ୍ରକାର ଭେଦ ଅଛି, mild, moderate ଏବଂ severe। ଏହା ବ୍ୟତିତ ଅଟିଜିମ୍ କୁ ଆହୁରି ଅନେକ ପ୍ରକାର ଭେଦ ବି କରାଯାଇଛି। ଟିଜିମ୍ ର ସେପରି କୌଣସି ନିର୍ଦ୍ଦିଷ୍ଟ କାରଣ ଆଜି ପର୍ଯ୍ୟନ୍ତ ନିର୍ଣ୍ଣୟ କରାଯାଇ ପାରି ନହିଁ। ତଥାପି ରିସର୍ଚ ଅନୁସାରେ କେତେଗୋଟି କାରଣ ହେଉଛି (1)pre-natal ବା ଜନ୍ମ ପୂର୍ବର କାରଣ। ଏହାର ସମୟ ଗର୍ଭଧାରଣ ଠାରୁ ଆରମ୍ଭ କରି ପିଲାଟିର ଜନ୍ମ ପର୍ଯ୍ୟନ୍ତ। ଏହି ସମୟ ମଧ୍ୟରେ ମା' ଯଦି କିଛି ଦୂରାରୋଗ୍ୟରେ ପୀଡିତ ହୁଏ, କିଛି ଆକସ୍ମିକ ଦୁର୍ଘଟଣା ଘଟେ ଅଥବା ମା' ଯଦି ଅତ୍ୟଧିକ ନିଶାଦ୍ରବ୍ୟ ସେବନ କରେ ତେବେ ପିଲାଟି ଅଟିଜିମ୍ ରେ ଆକ୍ରାନ୍ତ ହେବାର ସମ୍ଭାବନା ଅଧିକ। (2) Natal ବା ଜନ୍ମ ସମୟ ଗତ କାରଣ — ଯଦି ଜନ୍ମ ସମୟରେ ପିଲାଟି କୌଣସି ଦୁର୍ଘଟଣାର ଶିକାର ହୁଏ, କିମ୍ବା ଜନ୍ମ ସମୟରେ ଠିକ୍ ଉପାୟରେ ପ୍ରସବ କରାନଯାଏ ତେବେ ମଧ୍ୟ ପିଲାଟି ଅଟିଜିମ୍ ରେ ଆକ୍ରାନ୍ତ ହେବାର ସମ୍ଭାବନା ଥାଏ। (3) Post natal ବା ଜନ୍ମ ପରବର୍ତ୍ତୀ ସମୟ — ଏହି



ସମୟରେ ଯଦି ପିଲାଟି କୌଣସି ଦୂରାରୋଗ୍ୟରେ ପୀଡିତ ହୁଏ, ଅଥବା କୌଣସି ଦୁର୍ଘଟଣାର ଶିକାର ହୁଏ ତେବେ ମଧ୍ୟ ପିଲାଟି ଅଟିଜିମ୍ ରେ ଆକ୍ରାନ୍ତ ହେବାର ସମ୍ଭାବନା ଥାଏ।

ବେଳେ ବେଳେ ପିଲାଟି ଜନ୍ମରୁ ଅଟିଜିମ୍ ରେ ଆକ୍ରାନ୍ତ ହୋଇଥିବା ବେଳେ, ଜନ୍ମର କିଛି ବର୍ଷ ପରେ ମଧ୍ୟ ଅଟିଜିମ୍ ରେ ଆକ୍ରାନ୍ତ ହେବା ସମ୍ଭାବନାକୁ ଏଡାଇ ଦିଆଯାଇ ନପାରେ। ଅଟିଜିମ୍ ରେ ଆକ୍ରାନ୍ତ ପିଲାଟିର ଜନ୍ମ ସମଯରୁ କୌଣସି ଶାରିରୀକ ସମସ୍ୟା ପ୍ରାୟତଃ ନଥାଏ। ଏହା ସହିତ mile stone development ରେ ମଧ୍ୟ କୌଣସି ଅସୁବିଧା ପରିଲକ୍ଷିତ ହୋଇନଥାଏ। ସେଥିପାଇଁ ସାଧାରଣ ମାତାପିତା ମାନଙ୍କ ପକ୍ଷରେ ପିଲାଟି ଅଟିଜିମ୍ ରେ ଆକ୍ରାନ୍ତ କି ନାହିଁ ତାହା ଜାଣିବା କଷ୍ଟକର ହୋଇଥାଏ / ସମ୍ଭବପର ହୋଇପାରି ନଥାଏ। ଅଟିଜିମ୍ ରେ ଆକ୍ରାନ୍ତ ପିଲାଟି ସାଧାରଣତଃ ନିଜର ପରିବାରର ବ୍ୟକ୍ତିମାନଙ୍କୁ ଚିହ୍ନିବାରେ ଅକ୍ଷମତା ପ୍ରକାଶ କରେ। ପିଲାଟିକୁ ନାଁ ଧରି ଡାକିଲେ ସେ ଶୁଣି ନଥାଏ। ମୁହଁକୁ ଚାହିଁ ନଥାଏ। ଅତ୍ୟଧିକ ଚିଡିଚିଡା ସ୍ୱଭାବ ଦେଖାଇଥାଏ। ବିନା କାରଣରେ ହସିବାକୁ କିମ୍ବା କାନ୍ଦିବାକୁ ଲାଗେ। Finger pointing ମଧ୍ୟ ନଥାଏ। ଖେଳିବାକୁ ଭଲ ପାଏନି। ଅନ୍ୟମାନଙ୍କ ଠାରୁ ନିଜକୁ ଦୂରେଇ ରଖେ। ଯଦି ଏହି ସବୁ ଲକ୍ଷଣ ପିଲାଟି ମଧ୍ୟରେ ପରିଲକ୍ଷିତ ହୁଏ ତେବେ ପିଲାଟି ଅଟିଜିମ୍ ରେ ଆକ୍ରାନ୍ତ ହେବାର ସମ୍ଭାବନା ଥାଏ।

ଆମେ ଜାଣିଲେ ଅଟିଜିମ୍ ଏକ ରୋଗ ନୁହେଁ। ଏହା ଏକ disorder। ଏହାକୁ ସଂପୂର୍ଣ୍ଣ ରୂପରେ ଠିକ୍ କରାଯାଇ ପାରିବ ନାହିଁ। କିମ୍ବା ଏଥିପାଇଁ କୌଣସି medicine ମଧ୍ୟ ନାହିଁ। ତେବେ ଏହାର ନିରାକରଣର ଉପାୟ କ'ଣ ?

(୪) ଅଟିଜିମ୍ ନିୟନ୍ତ୍ରଣ ପାଇଁ ଯଥାକ୍ରମେ ତିନିଗୋଟି ଉପାୟ ଅବଲମ୍ବନ କରାଯାଏ। Screening Assessment and Therapeutic Intervention Screeningରେ ପିଲାଟିର ଲକ୍ଷଣକୁ ଦେଖି ପିଲାଟି ଅଟିଜିମ୍ ରେ ଆକ୍ରାନ୍ତ କି ନାହିଁ ତାହା ଜଣାପଡେ। ସେହି ଅନୁସାରେ ପିଲାଟିର Assessment କରାଯାଏ। Assessment ଦ୍ୱାରା ପିଲାଟିର ଆବଶ୍ୟକତା ଆମକୁ ଜଣାପଡିଥାଏ। ଏହାପରେ ପିଲାଟିକୁ Therapeutic intervention ପାଇଁ ପଠାଯାଇଥାଏ।

ସଠିକ୍ ପ୍ରକ୍ରିୟା ଅବଲମ୍ବନ ଦ୍ୱାରା ପିଲାଟି ଏକ ସୁସ୍ଥ ଏବଂ ସ୍ୱାବଲମ୍ବୀ ଜୀବନ ଅବଲମ୍ବନ କରିବା ସକ୍ଷମ ହୋଇଥାଏ । ସମାଜରେ ଏପରି ଅନେକ ଉଦାହରଣ ଅଛି ଯେଉଁଥିରେ ପିଲାଟି ଅଟିଜିମ୍ ରେ ଆକ୍ରାନ୍ତ ହୋଇଥିଲେ ମଧ୍ୟ ଅନେକ ସଫଳତାର ଅଧିକାରୀ ହେବା ସହିତ ଏକ ସ୍ୱାବଲମ୍ବୀ ତଥା ସ୍ୱାଧୀନ ଜୀବନ ଜିଇଁବାକୁ ସକ୍ଷମ ହୋଇଛନ୍ତି।


**ମୋବାଇଲ୍: ୮୨୬୦୦୩୮୬୮୧**


# ସନାତନର ଅମୃତ ଧାରା: ଦିବ୍ୟ ଆସ୍ଥାର ସଂଗମ

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**



ବିଶ୍ୱର ସବୁଠୁ ବଡ ଧାର୍ମିକ ଓ ସାଂସ୍କୃତିକ ଆୟୋଜନ ମହାକୁମ୍ଭ। ପୌଷ ପୂର୍ଣ୍ଣିମାରୁ ଆରମ୍ଭ ହୋଇ ମହାଶିବରାତ୍ରି ଯାଏ ଚାଲିବାକୁ ଥିବା ଏହି ଦିବ୍ୟ, ଭବ୍ୟ ମେଳା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ଭାରତୀୟ ସଂସ୍କୃତି, ଆଧ୍ୟାତ୍ମିକତା ଓ ଏକତାର ପ୍ରତୀକ ମଧ୍ୟ। ପ୍ରତି ବାର ବର୍ଷରେ ପ୍ରୟାଗରାଜ, ହରିଦ୍ୱାର, ଉଜ୍ଜୟିନୀ ଓ ନାସିକରେ ଆୟୋଜିତ ହେଉଥିବା କୁମ୍ଭମେଳା ଠାରୁ ଏହା ଭିନ୍ନ। ଏହା ପ୍ରତି ୧୪୪ ବର୍ଷରେ ଥରେ ଆୟୋଜିତ ହୋଇଥାଏ। ଗଙ୍ଗା, ଯମୁନା ଓ ସରସ୍ୱତୀ ନଦୀର ମିଳନସ୍ଥଳରେ ଏହା ଆୟୋଜିତ ହେଉଥିବାବେଳେ ଏହାର ଅନେକ ଆଧ୍ୟାତ୍ମିକ ଗୁରୁତ୍ୱ ରହିଛି। ସନାତନ ଶବ୍ଦର ସଂସ୍କୃତ ବ୍ୟାଖ୍ୟା ହେଉଛି ସଦାଭବ ଅର୍ଥାତ୍ ସର୍ବଦା ବିଦ୍ୟମାନ। ଯାହାର ମୂଳ ଅର୍ଥ ହେଉଛି ଯାହା ଅତୀତରେ ଥିଲା ବର୍ତ୍ତମାନ ରହିଛି ଓ ଭବିଷ୍ୟତରେ ମଧ୍ୟ ରହିବ। ହିନ୍ଦୁ କାଳ ଗଣନା ଅନୁସାରେ ମନ୍ୱନ୍ତର, କଳ୍ପ, ଚତୁଜିଗି ଇତ୍ୟାଦିକୁ ହିସାବ କଲେ ଏ ସୃଷ୍ଟିର ପରମାୟୁ ଲକ୍ଷ ଲକ୍ଷ କୋଟି ବର୍ଷର ଯାହାକୁ ଆଧୁନିକ ବିଜ୍ଞାନ ସେଭଳି ସ୍ୱୀକାର କରେନା। ଭାରତୀୟ ଧର୍ମ ସଂସ୍କୃତିକୁ ଅତୀତରେ ସନାତନ ଭାବରେ ନାମିତ କରାଯାଉଥିଲା। ତେବେ ଯାହା ହେଉ ଆମ ପ୍ରାଚୀନ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ବିଭିନ୍ନ ଗ୍ରହ ଓ ନକ୍ଷତ୍ରମାନଙ୍କର ଅବସ୍ଥିତି ଆଧୁନିକ ବୈଜ୍ଞାନିକ ମାନଙ୍କ ମତ ସହ ସମ୍ପୂର୍ଣ୍ଣ ମେଳ ନଖାଇଲେ ମଧ୍ୟ କେତେକ କ୍ଷେତ୍ରରେ ସାମଞ୍ଜସ୍ୟ ଦେଖାଯାଇଥାଏ। ଅମୃତ ଅମରତ୍ୱର ପ୍ରତୀକ। ଅମୃତ ପାନ କରି ଦେବତାମାନେ ଅମର ହୋଇଗଲା ପରି ହରିଦ୍ୱାର, ପ୍ରୟାଗ, ନାସିକ ଓ ଉଜ୍ଜୟିନୀ ପରି ଚାରି ସ୍ଥାନରେ ଥିବା ଧର୍ମ ସଂସ୍କୃତି ମଧ୍ୟ ଅମର ହୋଇଯାଇଛି ବୋଲି ସନାତନୀ ମାନଙ୍କ ଦୃଢ଼ ବିଶ୍ୱାସ ରହିଛି। ବାସ୍ତବରେ ପୃଥିବୀରେ ସର୍ବତ୍ର ଧର୍ମ ଓ ସଂସ୍କୃତିକ ରାଜଆଶ୍ରିତ ହୋଇଥିବାବେଳେ ସନାତନ ସଂସ୍କୃତି ଋଷି ଆଶ୍ରିତ। ଭାରତ ବର୍ଷରେ ସନାତନୀମାନେ ଧାର୍ମିକ ଦୃଷ୍ଟିରୁ ବହୁମତ ପନ୍ଥ ସମ୍ପ୍ରଦାୟରେ ବିଭକ୍ତ। ପ୍ରାଚୀନ ସମ୍ପ୍ରଦାୟ ଭିତରେ ଶୈବ, ଶାକ୍ତ, ବୈଷ୍ଣବ, ଦ୍ୱୈତ, ଅଦ୍ୱୈତ, ବିଶିଷ୍ଟାଦ୍ୱୈତ, ଗୌଡ଼ୀୟ, ଶାକାର, ନିରାକାର ଏଭଳି ବହୁ ପନ୍ଥ ସମ୍ପ୍ରଦାୟ ରହିଛି। ତେବେ ଏ ସବୁର ମୂଳ ହେଉଛି ପରମାତ୍ମାଙ୍କର ସାକ୍ଷାତକାର।

ମହାକୁମ୍ଭ ପ୍ରାଚୀନ ଭାରତୀୟ ନକ୍ଷତ୍ର ବିଜ୍ଞାନର ଗଭୀର ଜ୍ଞାନକୁ ଦର୍ଶାଏ। କୁମ୍ଭମେଳାର ଆୟୋଜନ ସ୍ଥଳ ଓ ସମୟ ଉଭୟକୁ ପୃଥିବୀର ଚୁମ୍ବକୀୟ କ୍ଷେତ୍ର ଓ ଗ୍ରହଙ୍କ ସ୍ଥିତି ଆଧାରରେ ନିର୍ଦ୍ଧାରିତ କରାଯାଏ। ଆମ ପୂର୍ବପୁରୁଷ ନକ୍ଷତ୍ର ବିଜ୍ଞାନ ଓ ଜୈବିକ ପ୍ରଭାବର ଗହନ ଜ୍ଞାନର ଅଧିକାରୀ ଥିଲେ, କୁମ୍ଭମେଳା ତାର ଉଦାହରଣ। ଭୂଚୁମ୍ବକୀୟ ଉର୍ଜ୍ଜା ଆଧାରରେ କୁମ୍ଭମେଳା ଆୟୋଜନ ସ୍ଥଳ ଚୟନ କରାଯାଏ। ଏହି ସ୍ଥାନ, ବିଶେଷକରି ନଦୀ ସଂଗମ କ୍ଷେତ୍ର ମାନଙ୍କୁ ଆଧ୍ୟାତ୍ମିକ ବିକାଶର ଅନୁକୂଳ ମନେକରାଯାଏ। ପ୍ରାଚୀନ ମୁନୀଋଷିମାନେ ଏ ସମସ୍ତ ସ୍ଥାନରେ ଧ୍ୟାନ, ଯୋଗ ଓ ଆତ୍ମିକ ଉନ୍ନତି ପାଇଁ ଉପଯୁକ୍ତ ଉର୍ଜ୍ଜା ପ୍ରବାହକୁ ଅନୁଭବ କରି ଏଗୁଡ଼ିକୁ ପବିତ୍ର ଘୋଷଣା କରିଥିଲେ। ବୈଜ୍ଞାନିକ କାରଣ ଦୃଷ୍ଟିରୁ ଦେଖିଲେ କୁମ୍ଭମେଳା ମାନବ ଶରୀର ଉପରେ ଗ୍ରହ ଓ ଚୁମ୍ବକୀୟ କ୍ଷେତ୍ରର ପ୍ରଭାବକୁ ବୁଝିବାର ଉତ୍କୃଷ୍ଟ ସମୟ। ବାୟୋ ମ୍ୟାଗ୍ନେଟିଜମ୍ ଅନୁସାରେ ମାନବ ଶରୀର ଚୁମ୍ବକୀୟ କ୍ଷେତ୍ରର ଉତ୍ସର୍ଜନ କରେ ଏବଂ ବାହ୍ୟ ଉର୍ଜ୍ଜା କ୍ଷେତ୍ର ଦ୍ୱାରା ପ୍ରଭାବିତ ହୁଏ। କୁମ୍ଭରେ ସ୍ନାନ ଓ ଧ୍ୟାନ ସମୟରେ ଅନୁଭୂତ ଶାନ୍ତି ଓ ସକାରାତ୍ମକତା ଏହି ଉର୍ଜ୍ଜା ପ୍ରବାହରେ ନିହିତ।

ଗ୍ରହଙ୍କ ସ୍ଥିତିର କେବଳ ଆଧ୍ୟାତ୍ମିକ ମହତ୍ୱ ରହିଛି ତାହା ନୁହେଁ, ବୈଜ୍ଞାନିକ ଦୃଷ୍ଟିରୁ ଏହା ପୃଥିବୀ ଓ ମାନବ ଉପରେ ପଡ଼ୁଥିବା ପ୍ରଭାବକୁ ମଧ୍ୟ ଦର୍ଶାଏ। ବୃହସ୍ପତି, ସୂର୍ଯ୍ୟ ଓ ଚନ୍ଦ୍ରର ସ୍ୱତନ୍ତ୍ର ସଂଯୋଗ ପୃଥିବୀର ଚୁମ୍ବକୀୟ କ୍ଷେତ୍ରକୁ ପ୍ରଭାବିତ କରେ। ଏହି ନକ୍ଷତ୍ର ବିଜ୍ଞାନ ସଂଯୋଗ ସମୟରେ କୁମ୍ଭ ସ୍ନାନରେ ଆଧ୍ୟାତ୍ମ ଓ ବିଜ୍ଞାନର ସମନ୍ୱୟ ହୋଇଥାଏ। ସଂଗମ ନଗରୀରେ ଆରମ୍ଭ ହୋଇଛି ବିଶ୍ୱ ପ୍ରସିଦ୍ଧ ମହାକୁମ୍ଭ ମେଳା। ସକଳ ପାପରୁ ମୁକ୍ତି ପାଇଁ, ଜୀବନରେ ସଫଳତା ଲାଭ ପାଇଁ ବିଶ୍ୱର ପ୍ରତ୍ୟେକ କୋଣରୁ ଶ୍ରଦ୍ଧାଳୁ ପବିତ୍ର ମହାକୁମ୍ଭରେ ଏକାଠି ହୋଇଛନ୍ତି। କୁମ୍ଭ କେବଳ ଏକ ଧାର୍ମିକ ଆୟୋଜନ ନୁହେଁ। ଆସ୍ଥା, ସଂସ୍କୃତି, ପରମ୍ପରା ଓ ବିଜ୍ଞାନର ଅଦ୍ୱିତୀୟ ସଂଗମ। ନକ୍ଷତ୍ର ବିଜ୍ଞାନ, ଭୂଗୋଳ ଓ ଆଧ୍ୟାତ୍ମିକତାର ମିଳନ। ପ୍ରାଚୀନ ଭାରତର ଗହନ ବୈଜ୍ଞାନିକ ଓ ଜ୍ୟୋତିର୍ବିଜ୍ଞାନ ସମ୍ବନ୍ଧୀୟ ଜ୍ଞାନର ପ୍ରତୀକ। କିମ୍ବଦନ୍ତୀ କହେ, ସମୁଦ୍ର ଉଛୁଳି ଯେଉଁଠି ଯେଉଁଠି ପଡ଼ିଥିଲା, ସେ ସମସ୍ତ ସ୍ଥାନରେ ଆୟୋଜିତ ହେଉଛି ପବିତ୍ର କୁମ୍ଭ ମେଳା। ଆସ୍ଥା ଓ ବିଜ୍ଞାନ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ, ବରଂ ଉଭୟ ମିଳିତ ଭାବେ ମାନବତାର ମାର୍ଗଦର୍ଶନ କରନ୍ତି ମହାକୁମ୍ଭ ମେଳା ଆମକୁ ଏହି ଶିକ୍ଷା ଦିଏ। ବୈଦିକ କାଳ ଗଣନା ଅନୁସାରେ ପ୍ରତି ବାର ବର୍ଷରେ ଦେବତା ମାନଙ୍କର ଦିନେ ହୁଏ। ତେଣୁ ବାର ବର୍ଷରେ ଥରେ କୁମ୍ଭମେଳା। ପୁଣି ୧୪୪ ବର୍ଷରେ ଥରେ ସମ୍ପୂର୍ଣ୍ଣ ତିଥି ବାର ନକ୍ଷତ୍ରର ମିଳନ ହୁଏ। ଏହାକୁ ଅମୃତ ମହାକୁମ୍ଭ କୁହାଯାଏ। ଏହି ଆସ୍ଥା, ଭକ୍ତି, ବିଶ୍ୱାସର କୁମ୍ଭ ହିଁ ସନାତନର ଅମୃତ ଧାରାକୁ ଚିରନ୍ତନ ଭାବେ ଉଜ୍ଜୀବିତ ରଖି ଆସୁଥିବ।


**ସହ-ପ୍ରତିରତ୍ୱିକ, ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ**
**ମୋବାଇଲ୍: ୯୪୩୭୦୫୧୯୫୭**

## ମହାକୁମ୍ଭରୁ ଫେରୁଥିବା ଯାତ୍ରୀବାହୀ ବସ୍ ସହ ଟ୍ରକ୍ ଧକ୍କା, ୨ ମୃତ, ୨୩ ଯାତ୍ରୀ ଆହତ

**ଇଟାବା ୧୦।୨:** ମହାକୁମ୍ଭରେ ସ୍ନାନ ସାରି ନୋଏଡା ଫେରୁଥିବା ଶ୍ରଦ୍ଧାଳୁଙ୍କ ବସ୍ ସୋମବାର ଏକ ଟ୍ରକ୍ ସହ ଧକ୍କା ଲାଗିଛି। ଫଳରେ ୨ ମହିଳା ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇଥିବା ବେଳେ ୨୩ ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ଜିଲ୍ଲା ହସ୍ପିଟାଲ ଓ ସୈଫଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ୨ ଜଣଙ୍କ ଅବସ୍ଥା ଗୁରୁତର ଥିବା ହସ୍ପିଟାଲ ସୂତ୍ରରୁ ଜଣାପଡିଛି। ଏହି ଦୁର୍ଘଟଣା ଇଟାବା ଜିଲ୍ଲା ଫ୍ରେଣ୍ଡସ୍ କଲୋନୀ ଥାନା ଜାତୀୟ ରାଜମାର୍ଗରେ ହୋଇଛି। ଏସଏସପି ସଞ୍ଜୟ କୁମାର କହିଛନ୍ତି ଯେ ପ୍ରୟାଗରାଜ ମହାକୁମ୍ଭରେ ସ୍ନାନସାରି ଶ୍ରଦ୍ଧାଳୁ ନୋଏଡା ଫେରୁଥିଲେ। ଶ୍ରଦ୍ଧାଳୁଙ୍କ ବସ୍ ଭରଥନା ଛକ ନିକଟରେ ପହଞ୍ଚିଥିବା ବେଳେ ଟ୍ରକ୍ ସହ ଧକ୍କା ଲାଗିଥିଲା। ଫଳରେ ୨ ଜଣ ମହିଳା ଯାତ୍ରୀଙ୍କ ଘଟଣା ସ୍ଥଳରେ ମୃତ୍ୟୁ ହୋଇଛି। ମୃତକ ମହିଳା ଦ୍ୱୟଙ୍କୁ ନୋଏଡା ସେକ୍ଟର ୧୨୮ର ମନୋଜଙ୍କ ପତ୍ନୀ ନିଲୁ ଓ ମୀରା ଭାବେ ଚିହ୍ନଟ କରାଯାଇଛି। ବସ୍ ଚାଳକ ଢୁଳେଇ ପଡିବାରୁ ଏହି ଦୁର୍ଘଟଣା ଘଟିଛି ବୋଲି ଆହତ ଯାତ୍ରୀମାନେ କହିଛନ୍ତି। ଦୁର୍ଘଟଣାଗ୍ରସ୍ତ ବସ୍‌ରେ ପାଖାପାଖି ୨୫ ଜଣ ଯାତ୍ରୀ ଥିଲେ। ଜିଲ୍ଲା ହସ୍ପିଟାଲ ଚିକିତ୍ସାଧିକାରୀ ଡା.ସୌରଭ ଗୁପ୍ତାଙ୍କ ଅନୁସାରେ ୨୦ ଜଣ ଶ୍ରଦ୍ଧାଳୁଙ୍କୁ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଯାଇଛି। ଗୁରୁତର ୨ ଜଣଙ୍କୁ ସୈଫଇ ମେଡିକାଲ କଲେଜ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ଯାତ୍ରୀମାନ ଏକ ଟ୍ରାଭେଲର୍ସ ବସ୍ ଭଡ଼ା କରି ମହାକୁମ୍ଭ ସ୍ନାନ କରିବାକୁ ପ୍ରୟାଗରାଜ ଆସିଥିଲେ। ସ୍ନାନ ସାରି ଫେରିବା ରାସ୍ତାରେ ଏହି ଦୁର୍ଘଟଣା ଘଟିଛି।

## ବୁଡ଼ ପକାଇଲେ ରାଷ୍ଟ୍ରପତି



**ପ୍ରୟାଗରାଜ, ୧୦।୨ (ସଂଚାର ବ୍ୟୁରୋ) :** ଚଳିତ ବର୍ଷ ଧର୍ମନଗରୀ ପ୍ରୟାଗରାଜରେ ବୁଡ଼ ପକାଇବା ପାଇଁ ଶ୍ରଦ୍ଧାଳୁଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ଦେଖିବାକୁ ମିଳୁଥିବାରୁ ଏବେ ତ୍ରିବେଣୀ ସଙ୍ଗମ ଜନସମୁଦ୍ର ପାଲଟିଛି। ମହାକୁମ୍ଭରେ ବୁଡ଼ ପକାଇବାକୁ ଶ୍ରଦ୍ଧାଳୁମାନଙ୍କ ମଧ୍ୟରେ ନାହିଁ ନଥିବା ଉତ୍ସାହ ପରିଲକ୍ଷିତ ହେଉଛି। ଅଦ୍ୟାବଧି ମହାକୁମ୍ଭରେ ଅନେକ ନେତା, ମନ୍ତ୍ରୀ ଓ ଭିଆଇପି ବୁଡ଼ ପକାଇସାରିଛନ୍ତି। ସେମାନଙ୍କ ମଧ୍ୟରେ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହମନ୍ତ୍ରୀ ଅମିତ ଶାହ ଓ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ପ୍ରମୁଖ। ଏହି ସୂଚୀରେ ଆଜି ଦେଶର ପ୍ରଥମ ନାଗରିକ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସାମିଲ୍ ହୋଇଛନ୍ତି। ଆଜି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ପ୍ରୟାଗରାଜ ଗସ୍ତରେ ଯାଇ ସଙ୍ଗମରେ ଆସ୍ଥାସ୍ନାନ କରିଛନ୍ତି। ଏଥିସହ ଶ୍ରୀମତୀ ମୁର୍ମୁ ଦେଶର ପ୍ରଥମ ମହିଳା ରାଷ୍ଟ୍ରପତି ଭାବେ ମହାକୁମ୍ଭରେ ବୁଡ଼ ପକାଇଛନ୍ତି। ବୁଡ଼ ପକାଇବା ପରେ ରାଷ୍ଟ୍ରପତି ସୂର୍ଯ୍ୟଙ୍କୁ ଅର୍ଘ୍ୟ ପ୍ରଦାନ କରିଛନ୍ତି। ରାଷ୍ଟ୍ରପତିଙ୍କ ସହ ଉତ୍ତରପ୍ରଦେଶ ରାଜ୍ୟପାଳ ଆନନ୍ଦୀବେନ ପଟେଲ ଓ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ଉପସ୍ଥିତ ଥିଲେ। ରାଷ୍ଟ୍ରପତିଙ୍କ ଏହି ଗସ୍ତକୁ ଦୃଷ୍ଟିରେ ରଖି ପ୍ରୟାଗରାଜରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଉପରୋକ୍ତ ପ୍ରମୁଖ ବ୍ୟକ୍ତିବିଶେଷଙ୍କ ବ୍ୟତୀତ ଯୋଗୀ ଏକାଧିକ ବାର ବୁଡ଼ ପକାଇସାରିଥିବା ବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ଅଖିଳେଶ ଯାଦବ, ବାବା ରାମଦେବ ଓ ମଥୁରା ସାଂସଦ ହେମାମାଳିନୀ ମଧ୍ୟ ମହାକୁମ୍ଭରେ ବୁଡ଼ ପକାଇସାରିଛନ୍ତି। ସୂଚନାଯୋଗ୍ୟ ଯେ ଗତ ୧୩ରୁ ଆରମ୍ଭ ହୋଇଥିବା ମହାକୁମ୍ଭରେ ଇତିମଧ୍ୟରେ ୪୦ କୋଟିରୁ ଅଧିକ ଶ୍ରଦ୍ଧାଳୁ ବୁଡ଼ ପକାଇସାରିଛନ୍ତି।

## ଜେଜେଙ୍କୁ ୭୦ ଥର ଭୁସିଲା ଛୁରି

**ନୂଆଦିଲ୍ଲୀ, ୧୦।୨:** ସମ୍ପତ୍ତି ପାଇଁ ମଣିଷ କେତେ ତଳକୁ ଖସିଯାଇପାରେ ତାହାର ଏକ ଉଦାହରଣ ଦେଖିବାକୁ ମିଳିଛି ତେଲେଙ୍ଗାନାରେ। ସୂଚନା ମୁତାବକ ହାଇଦ୍ରାବାଦର ଜଣେ ୮୬ ବର୍ଷୀୟ ଶିଳ୍ପପତିଙ୍କୁ ତାଙ୍କ ନାତି ଛୁରି ଭୁସି ଅତ୍ୟନ୍ତ ବିଭତ୍ସ ଭାବେ ହତ୍ୟା କରିଥିବା ଜଣାପଡିଛି। ମୃତ ଶିଳ୍ପପତିଙ୍କ ନାମ ଭେଲାମତି ଚନ୍ଦ୍ରଶେଖର ଜନାର୍ଦ୍ଦନ ରାଓ ହୋଇଥିବା ବେଳେ ସମ୍ପତ୍ତି ଭାଗବଣ୍ଟାକୁ ନେଇ ଏହି ହତ୍ୟାକାଣ୍ଡ ହୋଇଛି ବୋଲି ପୋଲିସ ସୂଚନା ପ୍ରଦାନ କରିଛି। ସୂଚନା ମୁତାବକ, ଶ୍ରୀ ରାଓ ଭେଲଜାନ ଗ୍ରୁପକୁ ପ୍ରତିଷ୍ଠା କରିବା ସହ ଏହାର ଅଧ୍ୟକ୍ଷ ଭାବେ କାମ କରିଆସୁଥିଲେ। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଏହି ଗ୍ରୁପ ଶକ୍ତି, ଯାହାଜ ନିର୍ମାଣ ସହ ଅନେକ ଶିଳ୍ପରେ ସାମିଲ ଥିଲା। ତେବେ ନିକଟରେ ସେ ନିଜର ପାରିବାରିକ ସମ୍ପତ୍ତିକୁ ପରିବାରର ବିଭିନ୍ନ ସଦସ୍ୟ ମାନଙ୍କ ମଧ୍ୟରେ ଭାଗବାଣ୍ଟ କରିଥିଲେ। ଏହି ଭାଗବଣ୍ଟାରୁ ତାଙ୍କର ୨୯ ବର୍ଷୀୟ ନାତି କିଲାରୁ କିର୍ତ୍ତୀ ତେଜାକୁ ୪ କୋଟି ଟଙ୍କା ମିଳିଥିଲେ ମଧ୍ୟ ଏଥିରେ ସେ ଖୁସି ନଥିଲା। ଆଉ ଏହାକୁ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ଆରମ୍ଭ ହୋଇଯାଇଥିଲା। ଆଉ ଶେଷରେ ଜେଜଙ୍କୁ ସବୁଦିନ ପାଇଁ ରାସ୍ତାରୁ ହଟେଇ ଦେବାକୁ ଯୋଜନା କରିଥିଲା ନାତି। ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହେଉଥିବାବେଳେ ତେଜା ହଠାତ୍ ନିକଟରେ ପଡିଥିବା ଏକ ଛୁରି ଆଣି ଶ୍ରୀ ରାଓଙ୍କୁ ଭୁସି ଦେଇଥିଲା। କ୍ରୋଧରେ ଥିବା ତେଜା ଏତିକିରେ ନ ଅଟକି ଥରଥର କରି ଶ୍ରୀ ରାଓଙ୍କୁ ଛୁରି ଭୁସି ଚାଲିଥିଲା। ପାଖାପାଖି ୭୦ ଥରରୁ ଅଧିକ ଛୁରି ଭୁସି ସାରିଲା ପରେ ଘଟଣା ସ୍ଥଳରେ ତେଜାର ମା ପହଞ୍ଚିଥିଲେ। ସେ ତେଜାକୁ ଏଥିରୁ ନିବୃତ ରହିବାକୁ ଅଟକାଇବା ବେଳେ ନିଜେ ମଧ୍ୟ ଆଘାତ ହୋଇଥିଲେ। ଏହି ଘଟଣା ଏତେ ଭୟଙ୍କର ଥିଲା ଯେ ଶ୍ରୀ ରାଓଙ୍କର ଘଟଣାସ୍ଥଳରେ ମୃତ୍ୟୁ ହେବା ସହ ଗୁରୁତର ଆହାତ ହୋଇଥିବା ତେଜାଙ୍କ ମା ବର୍ତ୍ତମାନ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତେଜା ନିକଟରେ ଆମେରିକାରେ ନିଜର ମାଷ୍ଟର୍ସର ପଢ଼ା ଶେଷକରି ଭାରତକୁ ଫେରିଥିଲେ। ତେବେ ପୋଲିସ ତେଜାକୁ ଗିରଫ କରିବା ସହ ଏହି ମାମଲାର ଯୈାଞ୍ଚ ଜାରି ରଖିଛି ବୋଲି ସୂଚନା ପ୍ରଦାନ କରିଛି।

## ଆପ୍‌ର ଦୁର୍ନୀତି ଖୋଲିବ ବିଜେପି

### ପ୍ରଥମ କ୍ୟାବିନେଟ୍‌ରେ ଗଠନ ହେବ ଏସ୍‌ଆଇଟି

**ନୂଆଦିଲ୍ଲୀ,୧୦।୨:** ବିଧାନସଭା ନିର୍ବାଚନରେ ଐତିହାସିକ ବିଜୟ ପରେ ଦିଲ୍ଲୀରେ ସରକାର ଗଢ଼ିବାକୁ ଯାଉଥିବା ବିଜେପି ଏଣିକି ଆପ୍‌କୁ ଜୋରଦାର ଟାର୍ଗେଟ୍ କରିବ। ପୂର୍ବର ଦୁର୍ନୀତି ମାମଲାଗୁଡ଼ିକର ତଦନ୍ତ ସକାଶେ ନୂଆ ବିଜେପି ସରକାର ରଣନୀତି ବନାଇବ। ଏହି କ୍ରମରେ ପ୍ରଥମ କ୍ୟାବିନେଟ୍ ବୈଠକରେ ଦିଲ୍ଲୀ ସରକାର ଏସ୍‌ଆଇଟି ଗଠନ କରିବ। ଦିଲ୍ଲୀ ବିଜେପି ରବିବାର ଏହି ଘୋଷଣା କରିଛି। ପ୍ରଦେଶ ବିଜେପି ମୁଖ୍ୟ ବୀରେନ୍ଦ୍ର ସଚଦେବା କହିଛନ୍ତି, ଦୁର୍ନୀତି ପାଇଁ ଦଳ 'ଶୂନ୍ୟ ସହିଷ୍ଣୁତା' ନୀତି ଆପଣାଉଛି। ଯେଉଁମାନେ (ଆପ୍ ନେତା) ସ୍କାମ୍‌ରେ ସମ୍ପୃକ୍ତ ଅଛନ୍ତି, ସେମାନଙ୍କୁ ଉତ୍ତରଦାୟୀ ହେବାକୁ ପଡ଼ିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦୁର୍ନୀତି ବିରୋଧରେ ଶୂନ୍ୟ ସହିଷ୍ଣୁତା ନୀତି ଆପଣାଇବାକୁ ବାରମ୍ବାର କହୁଛନ୍ତି। ତେଣୁ ନୂଆ ବିଜେପି ସରକାରର ପ୍ରଥମ କ୍ୟାବିନେଟ୍ ବୈଠକରେ ସିଏଜି ରିପୋର୍ଟ ଉପସ୍ଥାପନ ହେବ। ସମସ୍ତ ଦୁର୍ନୀତି ମାମଲାର ତଦନ୍ତ ଲାଗି ଆମେ ଏକ ସ୍ୱତନ୍ତ୍ର ତଦନ୍ତକାରୀ କମିଟି (ଏସ୍‌ଆଇଟି) ଗଠନ କରିବୁ। ସଚଦେବା କହିଛନ୍ତି, ଦିଲ୍ଲୀର ଭୋଟରମାନେ ବିକାଶ ପାଇଁ ବିଜେପିକୁ ସମର୍ଥନ ଜଣାଇଛନ୍ତି।

# ମହାକୁମ୍ଭ ପାଇଁ ୩୦୦ କିମି ଲମ୍ବା ଟ୍ରାଫିକ୍ ଜାମ

### ୪୮ ଘଣ୍ଟା ଫସି ରହିଲା ଗାଡ଼ି

**ପ୍ରୟାଗରାଜ ୧୦।୨:** ପ୍ରୟାଗରାଜରେ ପ୍ରବଳ ଗହଳି। ମହାକୁମ୍ଭରେ ବୁଡ଼ ପକାଇବା ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼। ଯିବା ପାଇଁ ସବୁ ରାସ୍ତାରେ ଭାରି ଜାମ। ୨୦୦-୩୦୦ କିଲୋମିଟର ପର୍ଯ୍ୟନ୍ତ ଲମ୍ବିଛି ଗାଡି। ବିଭିନ୍ନ ଆଡୁ ପ୍ରୟାଗରାଜକୁ ସଂଯୋଗ କରୁଥିବା ସବୁ ରାସ୍ତାରେ ପ୍ରବଳ ଗହଳି। ଦୀର୍ଘ କିଲୋମିଟର ପର୍ଯ୍ୟନ୍ତ ଲମ୍ବିଛି ଗାଡ଼ି। ଭିଡ଼କୁ ଦୃଷ୍ଟିରେ ରଖି ସଙ୍ଗମ ଷ୍ଟେସନକୁ ୫ ଦିନ ପାଇଁ ବନ୍ଦ କରିଦିଆଯାଇଛି। ଷ୍ଟେସନରେ ପାଦ ରଖିବାକୁ ବି ଜାଗା ନାହିଁ। ପ୍ରୟାଗରାଜର ଆଖପାଖ ଜିଲ୍ଲା ଯେପରିକି ବନାରସ, କାନପୁର, ଫତେପୁର, କଟନି, ସତନା ଏବଂ ରେୱାର ଷ୍ଟେସନଗୁଡ଼ିକ ପୂର୍ଣ୍ଣ। ଯାତ୍ରୀମାନଙ୍କୁ ଷ୍ଟେସନରେ ଠିଆ ହେବା ପାଇଁ ମଧ ସ୍ଥାନ ମିଳୁନାହିଁ। ଏହା ବ୍ୟତୀତ ଯେଉଁମାନଙ୍କର ଟିକେଟ୍ କନଫର୍ମ ହୋଇଛି, ସେମାନେ ମଧ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ପରିସ୍ଥିତି ଏପରି ହୋଇଛି ଯେ ସେକେଣ୍ଡ ଏସି, ଥାର୍ଡ ଏସି ମଧ ସାଧାରଣ କୋଚରେ ପରିଣତ ହୋଇଛି। ସେପଟେ ଭିଡ଼କୁ ଦେଖି ବନ୍ଦ ହୋଇଛି ପ୍ରୟାଗରାଜ ସଙ୍ଗମ ଷ୍ଟେସନ୍। ରବିବାରଠାରୁ ତତ୍କାଳ ଷ୍ଟେସନକୁ ଯାତ୍ରୀଙ୍କ ପାଇଁ ବନ୍ଦ କରିଦିଆଯାଇଛି। ଏନେଇ ସୂଚନା ଦେଇଛି ନର୍ଥ ସେଣ୍ଟ୍ରାଲ୍ ରେଲୱେ। ମହାକୁମ୍ଭକୁ ପ୍ରତିଦିନ ଦେଶ ବିଦେଶରୁ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ସୁଅ ଛୁଟୁଛି। ଦିନେ ପରେ ରହିଛି ମାଘ ପୂର୍ଣ୍ଣିମା। ତ୍ରିବେଣୀ ସଙ୍ଗମରେ ମାଘି ସ୍ନାନ ପାଇଁ ଶ୍ରଦ୍ଧାଳୁଙ୍କ ସୁଅ ଛୁଟିଲାଣି। ଭିଡ଼ ନିୟନ୍ତ୍ରଣ ଓ ମାଘ ପୂର୍ଣ୍ଣିମା ସ୍ନାନ ପାଇଁ ବ୍ୟବସ୍ଥା କରିବାକୁ ପ୍ରୟାଗରାଜ ସଙ୍ଗମ ଷ୍ଟେସନକୁ ବନ୍ଦ କରାଯାଇଥିବା ନର୍ଥ ସେଣ୍ଟ୍ରାଲ୍ ରେଲୱେ ମୁଖ୍ୟ ଲୋକସମ୍ପର୍କ ଅଧିକାରୀ ସୂଚନା ଦେଇଛନ୍ତି।



## ଦିଲ୍ଲୀ ନିର୍ବାଚନର ପ୍ରଭାବ ଆମ ଉପରେ ପଡ଼ିବ ନାହିଁ: ମମତା



**ନୂଆଦିଲ୍ଲୀ, ୧୦।୨:** ଦିଲ୍ଲୀ ନିର୍ବାଚନର ପ୍ରଭାବ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ଉପରେ ପଡ଼ିଛି । ସ୍ଥିତି ଏପରି ହୋଇଛି ଯେ ସେ ତରବରିଆଭାବେ ନିଜ ଦଳର ବିଧାୟକ ବୈଠକ ଡାକି ସମୀକ୍ଷା କରିଛନ୍ତି । ତେବେ ସେ କହିଛନ୍ତି ଯେ ଦିଲ୍ଲୀ ନିର୍ବାଚନର ଫଳାଫଳ ଆସନ୍ତା ବର୍ଷ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନକୁ ପ୍ରଭାବିତ କରିବ ନାହିଁ।

ବିଧାନସଭା ବଜେଟ୍ ଅଧିବେଶନ ପୂର୍ବରୁ ଏକ ଆଭ୍ୟନ୍ତରୀଣ ବୈଠକରେ ମମତା ତୃଣମୂଳ ବିଧାୟକମାନଙ୍କୁ କହିଥିଲେ, ଆମେ ଆଗାମୀ ବିଧାନସଭା ନିର୍ବାଚନରେ ନିଜେ ଦୁଇ ତୃତୀୟାଂଶ ସଂଖ୍ୟାଗରିଷ୍ଠତା ସହ କ୍ଷମତାକୁ ଆସିବୁ। ଏଠାରେ କଂଗ୍ରେସର କିଛି ଅସ୍ତିତ୍ୱ ନାହିଁ। ଆମେ ନିଜ ବଳରେ ନିଜେ ବିଜୟ ହାସଲ କରିବୁ। ବିଧାନସଭା ବଜେଟ୍ ଅଧିବେଶନ ପୂର୍ବରୁ ଏକ ଆଭ୍ୟନ୍ତରୀଣ ବୈଠକରେ ମମତା ତୃଣମୂଳ ବିଧାୟକମାନଙ୍କୁ କହିଥିଲେ, ଆମେ ଆଗାମୀ ବିଧାନସଭା ନିର୍ବାଚନରେ ନିଜେ ଦୁଇ ତୃତୀୟାଂଶ ସଂଖ୍ୟାଗରିଷ୍ଠତା ସହ କ୍ଷମତାକୁ ଆସିବୁ। ଏଠାରେ କଂଗ୍ରେସର କିଛି ଅସ୍ତିତ୍ୱ ନାହିଁ। ଆମେ ନିଜ ବଳରେ ନିଜେ ବିଜୟ ହାସଲ କରିବୁ। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି, ଆସନ୍ତା ବର୍ଷ ତୃଣମୂଳ କଂଗ୍ରେସ ଦୁଇ ତୃତୀୟାଂଶରୁ ଅଧିକ ସଂଖ୍ୟାଗରିଷ୍ଠତା ସହ କ୍ଷମତାକୁ ଫେରିବ। ପଶ୍ଚିମବଙ୍ଗରେ ବିଜେପିକୁ ଟକ୍କର ଦେବା ପାଇଁ ତୃଣମୂଳ କଂଗ୍ରେସ ଏକାକୀ ଯଥେଷ୍ଟ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ସେ ଆହୁରି ମଧ କହିଛନ୍ତି ଯେ ଆମ୍ ଆଦମୀ ପାର୍ଟି ହରିୟାଣାରେ କଂଗ୍ରେସକୁ ସାହାଯ୍ୟ କରିନଥିଲା ଏବଂ କଂଗ୍ରେସ ନିକଟରେ ନିର୍ବାଚନ ସମୟରେ ଦିଲ୍ଲୀରେ ଆମ୍ ଆଦମୀ ପାର୍ଟିକୁ ସାହାଯ୍ୟ କରିନଥିଲା। ଦୁଇଦଳ ଏକାଠି ଲଢ଼ିଥିଲେ ଫଳାପଳ ଅଲଗା ହୋଇଥାନ୍ତା।

## ତିରୁପତି ମନ୍ଦିର ଲଡୁ ବିବାଦ: ୪ ଜଣଙ୍କୁ ଗିରଫ କଲା ସିବିଆଇ

**ତିରୁପତି, ୧୦।୨:** ତିରୁପତି ମନ୍ଦିର ପ୍ରାସଦ ଲଡୁରେ ଚର୍ବି ମିଶାଇବା ପ୍ରସଙ୍ଗ। ଘିଅ ବିତରଣ କରୁଥିବା ୪ ଜଣଙ୍କୁ ଗିରଫ କରିଛି ସିବିଆଇ। ଭୋଲେ ବାବା ଡାଏରୀର ପୂର୍ବତନ ନିର୍ଦ୍ଦେଶକ ପୋମିଲ୍ ଜୈନ ଏବଂ ବିପିନ ଜୈନ, ବୈଷ୍ଣବୀ ଡାଏରୀର ସିଇଓ ଅପୂର୍ବ ବିନୟକାନ୍ତ ଏବଂ ଏଆର ଡାଏରୀର ଏମଡି ରାଜୁ ରାଜଶେଖରନଙ୍କୁ ବାନ୍ଧିଛି ସିବିଆଇ। ଆଜି ସମସ୍ତଙ୍କୁ କୋର୍ଟରେ ହାଜର କରାଯିବ। ତେବେ ତିରୁପତି ମନ୍ଦିରର ପ୍ରସାଦ ଲଡୁ ପାଇଁ ବ୍ୟବହାର ହେଉଥିବା ଘିଅରେ ମିଶୁଛି ପଶୁଙ୍କ ଚର୍ବି ଓ ମାଛ ତେଲ। ଏଭଳି ଅଭିଯୋଗ ଆସିବା ପରେ ମାମଲା ପହଞ୍ଚିଥିଲା ସୁପ୍ରିମକୋର୍ଟରେ। ପ୍ରସାଦରେ ଅପମିଶ୍ରଣ କରାଯାଇଥିବା ଅଭିଯୋଗ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ଜଗନମୋହନ ରେଡ୍ଡୀ, ପ୍ରସାଦ କଣ୍ଟ୍ରାଟ ନେଇଥିବା ସଂସ୍ଥା ବିରୋଧରେ ପିଟିସନ ଦାଖଲ କରିଥିଲେ ଆଇନଜୀବୀ। ସେପଟେ ଏହି ପ୍ରସଙ୍ଗ ରାଜନୈତିକ ମୁଦ୍ଦା ପାଲଟିଥିବା ବେଳେ ପ୍ରସାଦର ସ୍ୱଚ୍ଛତା ନେଇ ରିପୋର୍ଟ ତଲବ କରିଥିଲା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ। ଏହି ଘଟଣା ତଦନ୍ତ ଭାର ହାତକୁ ନେଇଥିଲା ସିବିଆଇ। ଏହି ଘଟଣାରେ ଆଜି ଘିଅ ସପ୍ଲାଏ କରୁଥିବା ୪ ଜଣଙ୍କୁ ଗିରଫ କରିଛି ସିବିଆଇ।

## ଅଯୋଧ୍ୟାରେ ଶ୍ରଦ୍ଧାଳୁଙ୍କ ୩ କିମି ଲମ୍ବା ଧାଡ଼ି

**ଅଯୋଧ୍ୟା, ୧୦।୨:** ଉତ୍ତରପ୍ରଦେଶର ପ୍ରୟାଗରାଜରେ ଚାଲିଥିବା ମହାକୁମ୍ଭ ଯୋଗୁଁ କାଶୀ ଓ ଭଗବାନ ରାମଙ୍କ ସହର ଅଯୋଧ୍ୟାରେ ବି ଶ୍ରଦ୍ଧାଳୁଙ୍କ ଭିଡ଼ ବଢ଼ିବାରେ ଲାଗିଛି। କୁମ୍ଭମେଳା ପାଇଁ ବିଦେଶ ଓ ଦେଶର ବିଭିନ୍ନ ରାଜ୍ୟରୁ ଆସୁଥିବା ଶ୍ରଦ୍ଧାଳୁମାନେ ମଧ ଅଯୋଧ୍ୟା ଆସୁଛନ୍ତି। କ୍ରମାଗତ ଭାବେ ବହୁ ସଂଖ୍ୟକ ଶ୍ରଦ୍ଧାଳୁଙ୍କ ଆଗମନ ଯୋଗୁଁ ସମସ୍ତ ବ୍ୟବସ୍ଥା ବ୍ୟାହତ ହେଉଥିବା ବେଳେ କଟକଣା ଯୋଗୁଁ ସ୍ଥାନୀୟ ଲୋକେ ମଧ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅଯୋଧ୍ୟାର ସ୍ଥିତି ଏପରି ହୋଇଛି ଯେ ଜାତୀୟ ରାଜପଥରୁ ରାମ ମନ୍ଦିର ଦ୍ୱାର, ହନୁମାନଗଡ଼ୀ ଏବଂ ଅଯୋଧ୍ୟାର ପ୍ରାଚୀନ ମଠ-ମନ୍ଦିର ପର୍ଯ୍ୟନ୍ତ ପ୍ରାୟ ୩ କିଲୋମିଟର ଲମ୍ବା ଧାଡ଼ି ଲାଗିଛି। ଅଯୋଧ୍ୟାର ମଠ ଓ ମନ୍ଦିରରେ ପୂଜାର୍ଚ୍ଚନା କରିବା ପାଇଁ ଭକ୍ତମାନେ ଲମ୍ବା ଧାଡ଼ିରେ ଛିଡ଼ା ହୋଇଛନ୍ତି। ସେପଟେ ଅଯୋଧ୍ୟା ସୀମାରେ ମଧ ଲମ୍ବା ଟ୍ରାଫିକ ଜାମ୍ ଦେଖିବାକୁ ମିଳୁଛି । ଅଯୋଧ୍ୟାରୁ ରାୟବରେଲୀ ରାସ୍ତା ହେଉ କିମ୍ବା ଅଯୋଧ୍ୟାରୁ ପ୍ରୟାଗରାଜ ରାସ୍ତା ହେଉ, ଅଯୋଧ୍ୟାକୁ ଯାଉଥିବା ସମସ୍ତ ରାସ୍ତାରେ ଗାଡ଼ିର ଲମ୍ବା ଧାଡ଼ି ଦେଖିବାକୁ ମିଳୁଛି। ଅଯୋଧ୍ୟାର ମଠ ଓ ମନ୍ଦିରରେ ପୂଜାର୍ଚ୍ଚନା କରିବା ପାଇଁ ଭକ୍ତମାନେ ଲମ୍ବା ଧାଡ଼ିରେ ଛିଡ଼ା ହୋଇଛନ୍ତି। ସେପଟେ ଅଯୋଧ୍ୟା ସୀମାରେ ମଧ ଲମ୍ବା ଟ୍ରାଫିକ ଜାମ୍ ଦେଖିବାକୁ ମିଳୁଛି । ଅଯୋଧ୍ୟାରୁ ରାୟବରେଲୀ ରାସ୍ତା ହେଉ କିମ୍ବା ଅଯୋଧ୍ୟାରୁ ପ୍ରୟାଗରାଜ ରାସ୍ତା ହେଉ, ଅଯୋଧ୍ୟାକୁ ଯାଉଥିବା ସମସ୍ତ ରାସ୍ତାରେ ଗାଡ଼ିର ଲମ୍ବା ଧାଡ଼ି ଦେଖିବାକୁ ମିଳୁଛି। ରବିବାର ବହୁ ସଂଖ୍ୟାରେ ବାହାର ଭକ୍ତ ମଧ ଅଯୋଧ୍ୟାରେ ପହଞ୍ଚିଥିଲେ। ରାମନଗରରୁ ପ୍ରୟାଗରାଜ, ଲକ୍ଷ୍ନୌ, ରାଏବରେଲି, ଗୋରଖପୁର, ଗୋଣ୍ଡା ଏବଂ ଆମ୍ବେଦକରନଗରକୁ ସଂଯୋଗ କରୁଥିବା ରାଜପଥରେ ଭକ୍ତଙ୍କ ଯାନବାହନକୁ କିଛି ସମୟ ପାଇଁ ଅଟକାଇବାକୁ ପଡ଼ିଥିଲା।

## ଦୁଇ ପ୍ରଯୋଜକଙ୍କ ବିରୋଧରେ ଠକେଇ ଓ ନିର୍ଯାତନା ଅଭିଯୋଗ ଆଣିଲେ: ଆରୁଷି




**ନୂଆଦିଲ୍ଲୀ, ୧୦।୨:** ଉତ୍ତରାଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ରମେଶ ପୋଖରିଆଲ ନିଶଙ୍କଙ୍କ ଝିଅ ତଥା ସିନେମା ନିର୍ମାଣ ଆରୁଷି ପୋଖରିଆଲ ନିଶଙ୍କ ମୁମ୍ବାଇର ଦୁଇଜଣ ସିନେମା ପ୍ରଯୋଜକଙ୍କ ନାମରେ ୪କୋଟି ଟଙ୍କାର ଠକେଇ ଅଭିଯୋଗ ସହିତ ମାନସିକ ନିର୍ଯାତନା ଓ ଧମକ ଦେବା ବି କୋତବ୍ଲାଲି ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ହୋଇଥିବା ଦୁଇଜଣ ସିନେମା ପ୍ରଯୋଜକଙ୍କ ନାମ ମାନସୀ ବରୁଣ ୱାଗଲା ଓ ବରୁଣ ପ୍ରମୋଦ କୁମାର ୱାଗଲା ବୋଲି ଜଣାପଡ଼ିଛି।

ଆରୁଷି ପୋଖରିଆଲ ନିଶଙ୍କ ଏଭଳି ଅଭିଯୋଗ ପରେ ସିନେମା ପ୍ରଯୋଜକ ବରୁଣ ୱାଗଲା ପ୍ରତିକ୍ରିୟା ଦେଇ କହିଛନ୍ତି, 'ଆରୁଷି ଆମ ବିରୋଧରେ କରିଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭାବେ ମିଥ୍ୟା ଅଟେ। ସେ ତାଙ୍କ ସ୍ଥାନ ଓ ଶକ୍ତିର ବ୍ୟବହାର କରି ଗଣମାଧ୍ୟମକୁ ଭୁଆଁ ବୁଲାଉଛନ୍ତି।

କେବେ ଆମେ ତାଙ୍କୁ ଭେଟିବାକୁ ତାଙ୍କ ଘରକୁ ଯାଇଥିଲୁ ତାହାର ପ୍ରମାଣ ସହିତ ସେ ତାରିଖ ବି ଜଣାନ୍ତୁ। ଆମେ ତାଙ୍କ ଘରକୁ କଦାବି ଯାଇ ନାହୁଁ କି ସିନେମା କରିବା ପାଇଁ ଆରୁଷିଙ୍କ ଉପରେ କୌଣସି ପ୍ରକାର ଚାପ ପକାଇ ନାହୁଁ। ବାସ୍ତବ କଥା ହେଉଛି ଆରୁଷିଙ୍କ ସହିତ ତାଙ୍କର କିଛି ପାଖଲୋକ ଆମକୁ ଧମକ ଦେଉଛନ୍ତି।' ଏସଏସପି ଅଜୟ ସିଂହଙ୍କ ସୂଚନା ଅନୁଯାୟୀ, ଆରୁଷି ତାଙ୍କ ଅଭିଯୋଗରେ କହିଛନ୍ତି ମାନସୀ ବରୁଣ ୱାଗଲା ଏବଂ ବରୁଣ ପ୍ରମୋଦ କୁମାର ୱାଗଲା ନାମକ ଦୁଇଜଣ ବ୍ୟକ୍ତି ତାଙ୍କୁ ଡେରାଡୁନସ୍ଥିତ ତାଙ୍କ ଘରେ ଭେଟିଥିଲେ। ଏହି ଭେଟ ସମୟରେ ସେମାନେ ମିନି ଫିଲ୍ମସ୍ ପ୍ରାଇଭେଟ୍ ଲିମିଟେଡର ନିର୍ଦ୍ଦେଶକ ଅଟନ୍ତି ଏବଂ 'ଆଙ୍ଖୋଁ କି ଗୁସ୍ତାଖିଆଁ' ଫିଲ୍ମ ତିଆରି କରୁଛନ୍ତି। ସେମାନେ ଫିଲ୍ମ ପାଇଁ ଏକ ଭୂମିକା ପ୍ରଦାନ କରି ୫ କୋଟି ଟଙ୍କା ନିବେଶ କରିବାକୁ କହିଥିଲେ। ସମଗ୍ର ପ୍ରକଳ୍ପର ୧୫ ପ୍ରତିଶତ ଲାଭ, ଅର୍ଥାତ୍ ୧୫ କୋଟି ଟଙ୍କା ଦେବାର ପ୍ରତିଶ୍ରୁତି ଦେଇ ମଧ ପ୍ରଲୋଭିତ ମଧ କରିଥିଲେ।

ଗତ ବର୍ଷ ଅକ୍ଟୋବର ୧୦, ୨୭, ୩୦ ଏବଂ ନଭେମ୍ବର ୧୯ ତାରିଖରେ ଚାରିଟି କିସ୍ତିରେ ଆରୁଷି ଚାରି କୋଟି ଟଙ୍କା ଦେଇଥିଲେ। ଏହା ପରେ ଉଭୟ ଅଭିଯୁକ୍ତ କାମ ଦେଇ ନଥିଲେ କି ତାଙ୍କ ଟଙ୍କା ଫେରାଇ ନଥିଲେ। ଟଙ୍କା ମାଗିଲେ ଓଲଟି ଧମକ ଦେବା ଆରମ୍ଭ କରି ଦେଉଥିଲେ।

### ଇସ୍ତଫା ଦେବାକୁ ଯାଇଥିବା ଆତିଶୀଙ୍କୁ ଉପରାଜ୍ୟପାଳଙ୍କ କଟାକ୍ଷ

## ଯମୁନା ମା'ଙ୍କ ଅଭିଶାପ ଲାଗିଗଲା



**ନୂଆଦିଲ୍ଲୀ ୧୦।୨:** ଦିଲ୍ଲୀରେ ଆମ୍ ଆଦମୀ ପାର୍ଟି ପରାସ୍ତ ହେବା ପରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି ଆତିଶୀ ମାର୍ଲେନା। ରବିବାର ଉପରାଜ୍ୟପାଳଙ୍କୁ ଭେଟି ସେ ଇସ୍ତଫା ପତ୍ର ଦେଇଥିଲେ। ତେବେ ଇସ୍ତଫା ଦେବାବେଳେ ଆତିଶୀଙ୍କୁ କଟାକ୍ଷ କରିଛନ୍ତି ଦିଲ୍ଲୀ ଉପରାଜ୍ୟପାଳ। ଯମୁନା ପ୍ରଦୂଷଣକୁ ନେଇ ଆତିଶୀଙ୍କୁ ସମାଲୋଚନା କରିଛନ୍ତି ସେ। ସେ କହିଛନ୍ତି ତୁମକୁ ଯମୁନା ମାତାଙ୍କ ଅଭିଶାପ ଲାଗିଗଲା ବୋଧେ। ସେଥିପାଇଁ ତେଣୁ ତୁମେ ପରାସ୍ତ ହେଲ ବୋଲି କହିଛନ୍ତି ଉପରାଜ୍ୟପାଳ ଭି.କେ ସକ୍ସେନା।

ସୂଚନା ଥାଉକି, ଅରବିନ୍ଦ କେଜ୍ରିୱାଲ ମୁଖ୍ୟମନ୍ତ୍ରୀ ପଦ ଛାଡିବା ପରେ ଆତିଶୀ ଗତବର୍ଷ ସେପ୍ଟେମ୍ବର ୨୧ ତାରିଖରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ। ମାତ୍ର ସାଢେ ୪ ବର୍ଷ ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟଭାର ସମ୍ଭାଳିଥିଲେ ଆତିଶୀ। ସୁଷମା ସ୍ୱରାଜ ଓ ଶିଲା ଦୀକ୍ଷିତଙ୍କ ପରେ ଆତିଶୀ ହୋଇଥିଲେ ଦିଲ୍ଲୀର ତୃତୀୟ ମହିଳା ମୁଖ୍ୟମନ୍ତ୍ରୀ। କାଲକାଜୀ ଆସନରୁ ପ୍ରାର୍ଥୀ ହୋଇଥିଲେ ଆତିଶୀ। ସେ ବିଜେପିର ରମେଶ ବିଧୁଡୀଙ୍କୁ ୩୫୦୦ରୁ ଅଧିକ ଭୋଟରେ ହରାଇ ବିଜୟୀ ହୋଇଥିଲେ। କିନ୍ତୁ ତାଙ୍କ ଦଳ ଆପକୁ ମିଳିପାରିନଥିଲା ବହୁମତ। ଫଳରେ ହାତରୁ ଖସିଥିଲା ଆସନ। ଦିଲ୍ଲୀରେ ହୋଇଥିବା ବିଧାନସଭା ନିର୍ବାଚନରେ ଆମ ଆଦମୀ ପାର୍ଟି ପରାସ୍ତ ହୋଇଛି। ୪୮ଟି ଆସନ ଜିତି ୨୭ ବର୍ଷ ପରେ ଦିଲ୍ଲୀ ଦଖଲ କରିଛି ଭାରତୀୟ ଜନତା ପାର୍ଟି। ଦିଲ୍ଲୀ ଫଳାଫଳ ପ୍ରକାଶ ପାଇବା ପରେ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ ଆତିଶୀ। ଏବେ ନୂଆ ମୁଖ୍ୟମନ୍ତ୍ରୀ କିଏ ହେବେ ତାକୁ ନେଇ ବିଜେପିର ମାନସ ମନ୍ଥନ ଜାରି ରହିଛି। ଆପ୍ ସୁପ୍ରିମୋ ଅରବିନ୍ଦ କେଜ୍ରିୱାଲଙ୍କୁ ହରାଇଥିବା ପରବେଶ ବର୍ମା ସିଏମ ରେସରେ ଆଗରେ ରହିଛନ୍ତି। କହିବାକୁ ଗଲେ ଶନିବାର ନିର୍ବାଚନ ଫଳାଫଳ ଆସିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆମ ଆଦମୀ ପାର୍ଟି ଉପରେ ବର୍ଷିଥିଲେ। ଖାସ୍ କରି ଯମୁନାକୁ ସଫା ଏବଂ ସୁନ୍ଦର କରିବା ପାଇଁ ଶପଥ ନେବାକୁ କହିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ ଯେ ଏହି ଲୋକମାନେ ଦିଲ୍ଲୀବାସୀଙ୍କ ବିଶ୍ୱାସକୁ ନିଜ ପାଦ ତଳେ ଦଳି ଦେଇଛନ୍ତି। ତା'ପରେ ଖୋଲାଖୋଲି ଭାବରେ ହରିୟାଣାକୁ ଦୋଷ ଦେଇଛନ୍ତି। ସେ ବାରମ୍ବାର 'ଯମୁନା ମୈୟା କି ଜୟ' କହି ତାଙ୍କ ଭାଷଣ ଶେଷ କରିଥିଲେ।

## ବୀରେନ ସିଂହଙ୍କ ପରେ କିଏ ହେବେ ମଣିପୁର ମୁଖ୍ୟମନ୍ତ୍ରୀ ?

**ଇମ୍ଫାଲ:** ମଣିପୁରରେ ହିଂସାକୁ ନେଇ ରବିବାର ଏନ୍. ବୀରେନ ସିଂହ ରବିବାର ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଛନ୍ତି। ରାଜ୍ୟପାଳ ଅଜୟ କୁମାର ଭଲ୍ଲାଙ୍କୁ ସେ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ଅଧିବେଶନ ସମୟରେ ବିରୋଧୀ ଦଳ ବୀରେନ ସିଂହଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ଯୋଜନା କରୁଥିବାରୁ, କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡାଙ୍କ ସହ ଆଲୋଚନା ପରେ ବୀରେନ ସିଂହ ଇସ୍ତଫା ଦେବାକୁ ନିଷ୍ପତ୍ତି ନେଇଥିଲେ। ରାଜ୍ୟପାଳ ବୀରେନ ସିଂହଙ୍କ ଇସ୍ତଫାପତ୍ର ଇସ୍ତଫାପତ୍ର ଗ୍ରହଣ କରିଥିଲେ ଏବଂ ବିକଳ୍ପ ବ୍ୟବସ୍ଥା ନହେବା ପର୍ଯ୍ୟନ୍ତ ତାଙ୍କୁ ପଦବୀରେ ରହିବାକୁ ଅନୁରୋଧ କରିଥିଲେ। କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କୁ ଭେଟିବା ପରେ ବୀରେନ ସିଂହ ଦିଲ୍ଲୀରୁ ଫେରିବାର କିଛି ଘଣ୍ଟା ପରେ ଇସ୍ତଫା ଦେଇଥିଲେ। ସେପଟେ ଦୀର୍ଘ ୨ ବର୍ଷ ପୂର୍ବରୁ ମଣିପୁରରେ ଆରମ୍ଭ ହୋଇଥିବା ହିଂସା ଲାଗି ବୀରେନ ସିଂହଙ୍କ ଇସ୍ତଫା ଦାବି କରିଆସିଥିଲେ ବିରୋଧୀ। ଏବେ ବୀରେନ ସିଂହ ଇସ୍ତଫା ଦେଇଥିବା ବେଳେ ତାଙ୍କ ସ୍ଥାନ କିଏ ନେବେ ତାକୁ ନେଇ ଲାଗି ରହିଛି ଚର୍ଚ୍ଚା। ତାଙ୍କ ପରେ ମୁଖ୍ୟମନ୍ତ୍ରୀ କିଏ ହେବେ, ସେନେଇ ୫ ଜଣଙ୍କ ନାଁକୁ ନେଇ କଳ୍ପନା ଜଳ୍ପନା ଆରମ୍ଭ ହୋଇଯାଇଛି।



**ଥୋଙ୍ଗାମ ବିଶ୍ୱଜିତ ସିଂହ:** ଥୋଙ୍ଗାମ ବିଶ୍ୱଜିତ ସିଂହ ଭାରତୀୟ ଜନତା ପାର୍ଟିର ସଦସ୍ୟ ଏବଂ ଇମ୍ଫାଲ ପୂର୍ବ ଜିଲ୍ଲାର ଥୋଙ୍ଗଜୁ ନିର୍ବାଚନମଣ୍ଡଳୀରୁ ୨୦୧୨ରୁ ମଣିପୁର ବିଧାନସଭାର ସଦସ୍ୟ ରହିଆସିଛନ୍ତି। ସେ ବର୍ତ୍ତମାନ ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ଏବଂ ଶକ୍ତି, କୃଷି, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଛନ୍ତି। ପ୍ରଥମେ ସେ ୨୦୧୨ରେ ତୃଣମୂଳ କଂଗ୍ରେସ ପ୍ରାର୍ଥୀ ଭାବରେ ନିର୍ବାଚିତ ହୋଇଥିଲେ କିନ୍ତୁ ୨୦୧୫ରେ ଇସ୍ତଫା ଦେଇଥିଲେ। ଇସ୍ତଫା ଦେବା ପରେ ଭାରତୀୟ ଜନତା ପାର୍ଟିରେ ଯୋଗ ଦେଇଥିଲେ ଏବଂ ଭାରତୀୟ ଜନତା ପାର୍ଟି ପ୍ରାର୍ଥୀ ଭାବରେ ଉପନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରି ବିଜୟୀ ହୋଇଥିଲେ।

**ୟୁମନାମ୍ ଖେମଚାନ୍ଦ ସିଂହ:** ୟୁମନାମ୍ ଖେମଚାନ୍ଦ ସିଂହ ମଣିପୁରର ବିଜେପି ନେତା। ୨୦୧୭ ଏବଂ ୨୦୨୨ରେ ମଣିପୁର ବିଧାନସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ଭାବରେ ସିଙ୍ଗଜାମେଇ ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହୋଇଥିଲେ। ସେ ୨୦୧୭ ରୁ ୨୦୨୨ ପର୍ଯ୍ୟନ୍ତ ମଣିପୁର ବିଧାନସଭାର ବାଚସ୍ପତି ଥିଲେ। ବର୍ତ୍ତମାନ, ସେ ପୌର ପ୍ରଶାସନ ଗୃହ ବିକାଶ ଏବଂ ଶିକ୍ଷା ବିଭାଗର କ୍ୟାବିନେଟ ମନ୍ତ୍ରୀ ଅଛନ୍ତି।

**ଥୋକଚୋମ ସତ୍ୟବ୍ରତ ସିଂହ:** ଥୋକଚୋମ ସତ୍ୟବ୍ରତ ସିଂହ ମଣିପୁର ବିଜେପିର ଜଣେ ଟାଣୁଆ ନେତା। ୨୦୧୭ ଏବଂ ୨୦୨୨ରେ ମଣିପୁର ବିଧାନସଭା ନିର୍ବାଚନରେ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ଭାବରେ ୟାଇସ୍କୁଲ ନିର୍ବାଚନମଣ୍ଡଳୀରୁ ନିର୍ବାଚିତ ହୋଇଥିଲେ। ବର୍ତ୍ତମାନ, ସେ ମଣିପୁର ବିଧାନସଭାର ବାଚସ୍ପତି। ସେ ମଣିପୁରର ଉପଭୋକ୍ତା ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ, ଆଇନ ଏବଂ ବିଧାନସଭା ବ୍ୟାପାର, ଶ୍ରମ ଏବଂ ନିଯୁକ୍ତି ମନ୍ତ୍ରୀ ଅଛନ୍ତି।

ଥୌନାଓଜାମ ବସନ୍ତ କୁମାର ସିଂହ: ଥୌନାଓଜାମ ବସନ୍ତ କୁମାର ସିଂହ ବିଷ୍ଣୁପୁର ଜିଲ୍ଲାର ନାମ୍ବୋଲ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଚାରି ଥର ବିଧାୟକ। ସେ ଭାରତୀୟ ଜନତା ପାର୍ଟି ଟିକେଟ୍‌ରେ ୨୦୨୨ ମଣିପୁର ବିଧାନସଭା ଆସନରୁ ଲଢ଼ି ବିଜୟୀ ହୋଇଥିଲେ। ଏବେ ମଣିପୁରର ଶିକ୍ଷା ମନ୍ତ୍ରୀ ଅଛନ୍ତି ଥୌନାଓଜାମ ବସନ୍ତ କୁମାର ସିଂହ।

**ଗୋବିନ୍ଦାସ କନ୍ଥୌଜାମ:** ଗୋବିନ୍ଦାସ କନ୍ଥୌଜାମ ସିଂହ ୨୦୨୨ରେ ସପ୍ତମ ଥର ଲାଗି ମଣିପୁର ବିଧାନସଭାକୁ ନିର୍ବାଚିତ ହୋଇଥିଲେ। ଗତ ନିର୍ବାଚନରେ ସେ ବିଷ୍ଣୁପୁର ନିର୍ବାଚନ ମଣ୍ଡଳୀରୁ ପ୍ରାର୍ଥୀ ହୋଇଥିଲେ। ସେ ରାଜ୍ୟର ପୂର୍ତ୍ତ ବିଭାଗ ସମେତ ଯୁବ ବ୍ୟାପାର ଏବଂ କ୍ରୀଡା ବିଭାଗର ମନ୍ତ୍ରୀ ଅଛନ୍ତି।

# ଡେବ୍ୟୁ ମ୍ୟାଚ୍‌ରେ ଇତିହାସ ରଚିଲେ ଦକ୍ଷିଣ ଆଫ୍ରିକୀୟ କ୍ରିକେଟର୍

## ପ୍ରଥମ ଦିନିକିଆ ଖେଳରେ ୧୫୦ ରନ୍‌ର ଆକର୍ଷଣୀୟ ଇନିଂସ

**ନୂଆଦିଲ୍ଲୀ,୧୦।୨:** ପାଖେଇ ଆସୁଛି ଚାମ୍ପିଅନ୍ସ ଟ୍ରଫି ୨୦୨୫। ଦଳଗୁଡ଼ିକର ପ୍ରସ୍ତୁତି ମଧ ଆରମ୍ଭ ହୋଇଯାଇଛି। ଏଥର ଚାମ୍ପିଅନ୍ସ ଟ୍ରଫି ପାକିସ୍ତାନରେ ଆୟୋଜିତ ହେବ, କିନ୍ତୁ ଟିମ ଇଣ୍ଡିଆ ଏହାର ମ୍ୟାଚ ଦୁବାଇରେ ଖେଳିବ। ବର୍ତ୍ତମାନ ପାକିସ୍ତାନରେ ତିନୋଟି ଦଳ ମଧରେ ଏକ ତ୍ରିକୋଣୀୟ ସିରିଜ ଖେଳାଯାଉଛି। ପାକିସ୍ତାନ ବ୍ୟତୀତ ନ୍ୟୁଜିଲାଣ୍ଡ ଏବଂ ଦକ୍ଷିଣ ଆଫ୍ରିକା ଦଳ ଏଥିରେ ଅଂଶଗ୍ରହଣ କରୁଛନ୍ତି। ଦକ୍ଷିଣ ଆଫ୍ରିକାର ମାଥ୍ୟୁ ବ୍ରିଟଜେକ ଏକ ଏପରି ସଫଳତା ହାସଲ କରିଛନ୍ତି, ଯାହା ଯେକୌଣସି ବ୍ୟାଟସମ୍ୟାନଙ୍କ ପାଇଁ ସ୍ୱପ୍ନ ଭଳି। ଆଜି ସେ ଦକ୍ଷିଣ ଆଫ୍ରିକା ପାଇଁ ତାଙ୍କର ଦିନିକିଆ ଡେବ୍ୟୁ କରୁଥିଲେ ଏବଂ ଏଥିରେ ସେ ଏକ ଚମତ୍କାର ଶତକ ହାସଲ କରିଥିଲେ। ସେ ତାଙ୍କର ପ୍ରଥମ ଦିନିକିଆରେ ୧୫୦ ରନ କରିଥିଲେ, ଏହା ପୂର୍ବରୁ ବିଶ୍ୱର କୌଣସି ବ୍ୟାଟସମ୍ୟାନ ଏପରି କରିପାରି ନ ଥିଲେ। ସେ ପ୍ରାୟ ୪୭ ବର୍ଷର ପୁରୁଣା ବିଶ୍ୱ ରେକର୍ଡ ଭାଙ୍ଗିଛନ୍ତି।

ମାଥ୍ୟୁ ବ୍ରିଟଜେକ ଏବେ ଏକ ନୂଆ ନାମ। ସେ ଦକ୍ଷିଣ ଆଫ୍ରିକା ପାଇଁ ଅନ୍ତର୍ଜାତୀୟ ଟି-୨୦ ଏବଂ ଟେଷ୍ଟ ଖେଳିଛନ୍ତି। କିନ୍ତୁ ଆଜି ସେ ପ୍ରଥମ ଥର ପାଇଁ ଦିନିକିଆ ଖେଳିଛନ୍ତି। ତାଙ୍କୁ ଅଧିନାୟକ ଟେମ୍ବା ବାଭୁମାଙ୍କ ସହ ଓପନିଂ କରିବାର ସୁଯୋଗ ମିଳିଥିଲା। ମାଥ୍ୟୁ ପ୍ରଥମେ ତାଙ୍କର ଶତକ ପୂରଣ କରିଥିଲେ ଏବଂ ତା'ପରେ ଡେବ୍ୟୁରେ ଦକ୍ଷିଣ ଆଫ୍ରିକା ପାଇଁ ସର୍ବାଧିକ ସ୍କୋର କରିଥିବା ବ୍ୟାଟସମ୍ୟାନ ମଧ ହୋଇଥିଲେ। ଦକ୍ଷିଣ ଆଫ୍ରିକା ପାଇଁ ଡେବ୍ୟୁରେ ଦିନିକିଆ ଶତକ ହାସଲ କରିଥିବା ମାତ୍ର ତିନି ଜଣ ବ୍ୟାଟସମ୍ୟାନ ଥିଲେ, କିନ୍ତୁ ଏବେ ସେମାନଙ୍କ ସଂଖ୍ୟା ଚାରିକୁ ବୃଦ୍ଧି ପାଇଛି। ୨୦୧୦ ମସିହାରେ ଯେତେବେଳେ କଲିନ ଇନଗ୍ରାମ ଜିମ୍ବାୱେ ବିପକ୍ଷରେ ଡେବ୍ୟୁ କରିଥିଲେ, ସେତେବେଳେ ସେ ୧୨୪ ରନର ଏକ ଚମତ୍କାର ଇନିଂସ ଖେଳିଥିଲେ। ଏହା ପରେ, ଟେମ୍ବା ବାଭୁମା ମଧ ୨୦୧୬ରେ ଆୟାରଲାଣ୍ଡ ବିପକ୍ଷରେ ଡେବ୍ୟୁ କରିଥିଲେ ଏବଂ ୧୧୩ ରନର ଏକ ଚମତ୍କାର ଇନିଂସ ଖେଳିଥିଲେ। ଏହି ତାଲିକାର ତୃତୀୟ ନାମ ହେଉଛି ରୀଜା ହେଣ୍ଡ୍ରିକ୍ସ। ସେ ୨୦୧୮ରେ ଶ୍ରୀଲଙ୍କା ବିପକ୍ଷରେ ତାଙ୍କର ପ୍ରଥମ ଦିନିକିଆ ମ୍ୟାଚ୍‌ରେ ୧୦୨ ରନ କରିଥିଲେ। କିନ୍ତୁ ଏବେ ମାଥ୍ୟୁ ବ୍ରିଟଜେକ ଏସବୁରୁ ବହୁତ ଆଗକୁ ଯାଇଛନ୍ତି। ସେ ୧୨୫ ରନ କରିବା ମାତ୍ରେ କଲିନ ଇନଗ୍ରାମଙ୍କୁ ପଛରେ ପକାଇ ଦେଇଥିଲେ। ଏହା ପରେ ମଧ, ତାଙ୍କ ବ୍ୟାଟ କାମ କରିଚାଲିଥିଲା ଏବଂ କିଛି ସମୟ ମଧରେ ତାଙ୍କର ସ୍କୋର ୧୫୦ରେ ପହଞ୍ଚିଗଲା। ୧୪୯ ସ୍କୋର ଅତିକ୍ରମ କରିବା ମାତ୍ରେ ସେ ବିଶ୍ୱ ରେକର୍ଡ ମଧ ଭାଙ୍ଗିଦେଲେ।

୧୯୭୮ ମସିହାରେ, ଯେତେବେଳେ ୱେଷ୍ଟଇଣ୍ଡିଜର ଡ୍ୟାସିଂ ବ୍ୟାଟସମ୍ୟାନ ଡେସମଣ୍ଡ ହେନ୍ସ ୧୪୮ ରନର ଇନିଂସ ଖେଳିଥିଲେ। ସେତେବେଳେ ଯେଉଁ ବିଶ୍ୱ ରେକର୍ଡ ହୋଇଥିଲା ତାହା ଏବେ ଭାଙ୍ଗି ଯାଇଛି। ପ୍ରଥମେ ସେ ଧୀରେ ବ୍ୟାଟିଂ କରୁଥିଲେ, କିନ୍ତୁ ଏହା ପରେ ସେ ଶୀଘ୍ର ରନ କରିବା ଆରମ୍ଭ କରିଥିଲେ। ସେ ୧୪୮ ବଲ୍‌ର ସାମ୍ନା କରି ୧୫୦ ରନ କରିଥିଲେ। ଏଥିରେ ୧୧ ଚୌକା ଏବଂ ୫ ଛକା ମାରିଥିଲେ।



## ହାଲ୍‌କା ଅଭ୍ୟାସ ପାଇଁ ବୁମ୍‌ରାଙ୍କୁ ଅନୁମତି

**ନୂଆଦିଲ୍ଲୀ,୧୦।୨:** ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ ଜସପ୍ରୀତ ବୁମରାଙ୍କ ଫିଟନେସ୍‌କୁ ନେଇ ବଡ଼ ଅପଡେଟ୍ ଆସିଛି। ବୁମରା ଏବେ ଜିମ ଏବଂ ହାଲୁକା ବୋଲିଂ ଆରମ୍ଭ କରିପାରିବେ। ସେ ଆଗାମୀ ଗୋଟିଏ କିମ୍ବା ୨ ଦିନ ମଧରେ ଅଭ୍ୟାସ ଆରମ୍ଭ କରିପାରିବେ। ଟିମ ଇଣ୍ଡିଆ ବର୍ତ୍ତମାନ ଇଂଲଣ୍ଡ ବିପକ୍ଷରେ ତିନି ମ୍ୟାଚ ବିଶିଷ୍ଟ ଦିନିକିଆ ସିରିଜ ଖେଳୁଛି। ମେନ ଇନ ବ୍ଲୁ ଦଳକୁ ୨୦୨୫ ଚାମ୍ପିଅନ୍ସ ଟ୍ରଫିରେ ଅଂଶଗ୍ରହଣ କରିବାକୁ ପଡିବ। ବୁମରାଙ୍କ ପାଇଁ ସମ୍ପୂର୍ଣ୍ଣ ଫିଟ ହେବା ବହୁତ ଗୁରୁତ୍ୱପୂର୍ଣ୍ଣ ହେବ। ଏବେ ଟୁର୍ନାମେଣ୍ଟ ପୂର୍ବରୁ, ବୁମରାଙ୍କ ଫିଟନେସକୁ ନେଇ ଏକ ବଡ଼ ଅପଡେଟ ଆସିଛି। ଫେବୃଆରୀ ୧୧ ତାରିଖ ହେଉଛି ଚାମ୍ପିଅନ୍ସ ଟ୍ରଫି ୨୦୨୫ ପାଇଁ ସମସ୍ତ ଦଳ ପାଇଁ ଚୂଡ଼ାନ୍ତ ଦଳ ଦାଖଲ କରିବାର ଶେଷ ତାରିଖ। ରିପୋର୍ଟରେ ଏହା ମଧ ଉଲ୍ଲେଖ କରାଯାଇଛି, ଯଦି ବିସିସିଆଇ ବୁମରାଙ୍କ ଫିଟନେସ ପାଇଁ ଅପେକ୍ଷା କରେ, ତେବେ ଏହା ଆଶ୍ଚର୍ଯ୍ୟଜନକ ହେବ ନାହିଁ। ୨୦୨୩ ଦିନିକିଆ ବିଶ୍ୱକପ ସମୟରେ ଭାରତୀୟ ବୋର୍ଡ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସହିତ ସମାନ କରିଥିଲା।



# ୪୦୦ ମି.ରେ ବାପି ପ୍ରଥମ: ଓଡ଼ିଶାକୁ ଡବଲ୍ ସ୍ୱର୍ଣ୍ଣ

**ଭୁବନେଶ୍ୱର,୧୦।୨(ସଂଚାର ବ୍ୟୁରୋ):** ଉତ୍ତରାଖଣ୍ଡରେ ଚାଲିଥିବା ୩୮ତମ ଜାତୀୟ କ୍ରୀଡ଼ାରେ ରବିବାର ଓଡ଼ିଶାକୁ ଯୁଗଳ ସ୍ୱର୍ଣ୍ଣ ଏବଂ ଗୋଟିଏ ରୌପ୍ୟ ପଦକ ମିଳିଛି। ସମସ୍ତ ୩ ପଦକ ଦୌଡ଼କୁଦରୁ ହିଁ ମିଳିଛି। ୪୦୦ ପୁରୁଷ ଦୌଡ଼ରେ ବାପି ହାଁସ୍‌ଦା ପ୍ରଥମ ସ୍ଥାନରେ ରହି ସ୍ୱର୍ଣ୍ଣ ପଦକ କରାୟତ୍ତ କରିଛନ୍ତି। ସେ ୪୬.୮୨ ସେକେଣ୍ଡରେ ଏହି ରେସ୍ ଶେଷ କରିଥିଲେ। ଏହି ଇଭେଣ୍ଟରେ ଭାଗନେଇଥିବା ଆଉ ଜଣେ ଓଡ଼ିଶା ଖେଳାଳି ଆସ୍ତିକ ପ୍ରଧାନ (୪୭.୨୮) ଚତୁର୍ଥ ସ୍ଥାନରେ ରହି ଅଳ୍ପକେ ପଦକରୁ ବଞ୍ଚିତ ହୋଇଛନ୍ତି। ହରିୟାଣାର ବିକ୍ରାନ୍ତ ପାଞ୍ଚାଲ (୪୬.୯୨ ସେକେଣ୍ଡ୍) ରୌପ୍ୟ ଏବଂ କେରଳର ମନୁ ଏସ୍ (୪୭.୦୮) କାଂସ୍ୟ ପାଇଛନ୍ତି। ଶନିବାର ୧୦୦ ମିଟର ଦୌଡ଼ରେ ସ୍ୱର୍ଣ୍ଣ ଜିତିଥିବା ଅନିମେଶ କୁଜୁର ଏବଂ ତାଙ୍କ ସାଥୀ ଲାଲୁ ପ୍ରସାଦ ଭୋଇ, ଦଣ୍ଡପତି ମୃତ୍ୟୁୟମ ଜୟରାମ ଓ ଅମିୟ ମଲ୍ଲିକଙ୍କୁ ନେଇ ଗଠିତ ଓଡ଼ିଶା ୪ଗୁଣା ୧୦୦ ମିଟର ରିଲେ ଦଳ ମଧ ସ୍ୱର୍ଣ୍ଣ ପଦକ ଜିତିଛି। ଓଡ଼ିଶା ଦଳ ୩୯.୪୭ ସେକେଣ୍ଡ୍‌ରେ ରେସ୍ ଶେଷ କରି ଜାତୀୟ କ୍ରୀଡ଼ା ରେକର୍ଡ ସହ ଏହି ପଦକ ନିଶ୍ଚିତ କରିଥିଲା। ପୂର୍ବରୁ ଏହି ରେକର୍ଡ ସର୍ଭିସେସ୍ (୩୯.୯୪ ସେକେଣ୍ଡ, ୨୦୧୧) ନାମରେ ଥିଲା। ରବିବାର ଏହି ଇଭେଣ୍ଟରେ ତାମିଲନାଡୁ (୪୦.୦୮) ଓ କେରଳ (୪୦.୭୩) ଯଥାକ୍ରମେ ରୌପ୍ୟ ଓ କାଂସ୍ୟ ପାଇଥିଲେ। ଉଚ୍ଚଡିଆଁରେ ଓଡ଼ିଶାର ସ୍ୱାଧୀନ କୁମାର ମାଝୀ ରୌପ୍ୟ ପଦକ କରାୟତ୍ତ କରିଛନ୍ତି। ରବିବାରର ଏହି ୩ ପଦକ ସହ ଓଡ଼ିଶାର ମୋଟ ଓଡ଼ିଶାର ପଦକ ସଂଖ୍ୟା ୨୯ (୮ ସ୍ୱର୍ଣ୍ଣ, ୧୦ ରୌପ୍ୟ, ୧୧ କାଂସ୍ୟ)ରେ ପହଞ୍ଚିଛି।

ଚଳିତ ଜାତୀୟ କ୍ରୀଡ଼ାରେ ରବିବାର ମହିଳା ୧୧୦ ମିଟର ଓ ପୁରୁଷ ୧୦୦ ମିଟର ବାଧାଦୌଡ଼ରେ ଗେମ୍ ରେକର୍ଡ ଦେଖିବାକୁ ମିଳିଛି। ମହିଳାରେ ଆନ୍ଧ୍ରପ୍ରଦେଶର ଜ୍ୟୋତି ୟାରାଜୀ ଓ ପୁରୁଷରେ ମହାରାଷ୍ଟ୍ରର ତେଜାସ ଶୀର୍ଷେ ଏହି ରେକର୍ଡ ସହ ଲଗାତାର ତୃତୀୟ ଥର ଲାଗି ସ୍ୱର୍ଣ୍ଣ ପଦକ କରାୟତ୍ତ କରିଛନ୍ତି। ଏହି ଦୁଇ ଜାତୀୟ ରେକର୍ଡଧାରୀ ୨୦୨୨ ଗୁଜରାଟ ଓ ୨୦୨୩ ଗୋଆ ସଂସ୍କରଣରେ ପ୍ରଥମ ସ୍ଥାନରେ ରହିଥିଲେ। ଏସୀୟ ବିଜୟିନୀ ଓ ହାଂଝୁ ଏସୀୟ କ୍ରୀଡ଼ା ରୌପ୍ୟ ବିଜୟିନୀ ୨୫ ବର୍ଷୀୟା ୟାରାଜୀ (୧୩.୧୦) ନିଜର ପୂର୍ବ ଜାତୀୟ କ୍ରୀଡ଼ା (୨୦୨୩) ରେକର୍ଡ ୧୩.୨୨ ସେକେଣ୍ଡକୁ ଟପିଥିଲେ। ସେ ୨୦୨୩ରେ ୧୨.୭୮ ସେକେଣ୍ଡ ଜାତୀୟ ରେକର୍ଡର ଅଧିକାରୀ ହୋଇଥିଲେ। ୨୨ ବର୍ଷୀୟ ଶୀର୍ଷେ (୧୩.୬୫) ନିଜର ପୂର୍ବ ରେକର୍ଡ ୧୩.୭୧ସେକେଣ୍ଡକୁ (୨୦୨୩) ଟପିଥିଲେ। ସେ ଗତ ବର୍ଷ ୧୩.୪୧ ସେକେଣ୍ଡରେ ରେସ୍ ଶେଷ କରି ଜାତୀୟ ରେକର୍ଡର ଅଧିକାରୀ ହୋଇଥିଲେ।



## ଏଓସିଏ ନିର୍ବାଚନ: ସତ୍ୟ ନୂଆ ସଭାପତି, ସମ୍ପାଦକ ଭାବେ ଦେବବ୍ରତଙ୍କ ହ୍ୟାଟ୍ରିକ୍



**ଭୁବନେଶ୍ୱର, ୧୦।୨:** ଘମାଗୋଟ ଲଢ଼େଇ ଭିତରେ ରବିବାର ନିଖିଳ ଓଡ଼ିଶା ଚେସ୍ ସଂଘ (ଏଓସିଏ)ର ନିର୍ବାଚନ ପୁରୀରେ ସମ୍ପନ୍ନ ହୋଇଛି। ସଂଘ ଭିତରେ ସୃଷ୍ଟି ହୋଇଥିବା ଦୁଇ ଗୋଷ୍ଠୀ ଦୁଇ ପ୍ରମୁଖ ପଦକ କବ୍‌ଜା କରି ନେଇଥିବାରୁ ସନ୍ତୁଳିତ ଫଳାଫଳ ମିଳିଛି। ଖ୍ୟାତନାମା ଚେସ୍ ଗୁରୁ ସତ୍ୟରଂଜନ ପଟ୍ଟନାୟକ ପ୍ରଥମ ଥର ସଭାପତି ନିର୍ବାଚିତ ହୋଇଥିବା ବେଳେ ଦେବବ୍ରତ ଭଟ୍ଟ କ୍ରମାଗତ ତୃତୀୟ ଥର ପାଇଁ ସମ୍ପାଦକ ନିର୍ବାଚିତ ହୋଇ ହ୍ୟାଟ୍ରିକ୍ କରିଛନ୍ତି। ସତ୍ୟରଂଜନ ପଟ୍ଟନାୟକ ୧୫-୧୦ରେ ବିଶିଷ୍ଟ ଶିଳ୍ପପତି ତଥା ରାଜନେତା ଅବିନାଶ ସାମଲଙ୍କୁ ପରାସ୍ତ କରିବା ଉଲ୍ଲେଖନୀୟ ହୋଇଛି।

ଦେବବ୍ରତ ଭଟ୍ଟ କିନ୍ତୁ ୧୩-୧୨ରେ ପୂର୍ବତନ ଖେଳାଳି ଏସ୍ ସତ୍ୟକାମଙ୍କୁ ପରାସ୍ତ କରି ନିଜ ଆଧିପତ୍ୟ ବଜାୟ ରଖିଛନ୍ତି। ବିଧୁଭୂଷଣ ମିଶ୍ର ନିର୍ଦ୍ୱନ୍ଦ୍ୱରେ କୋଷାଧକ୍ଷ ନିର୍ବାଚିତ ହୋଇଛନ୍ତି। ଶଙ୍କର ପ୍ରସାଦ ମିଶ୍ର ଉପସଭାପତି, ଭବେଶ ମହାନ୍ତି ଯୁଗ୍ମସମ୍ପାଦକ ନିର୍ବାଚିତ ହୋଇଥିବା ବେଳେ କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ପଦ୍ମିନୀ ସିଂହ, ରିତେଶ କୁମାର ରଥ, ଅଭିଷେକ ଆଚାର୍ଯ୍ୟ ଓ ପ୍ରଦୀପ କୁମାର ମହାନ୍ତି ନିର୍ବାଚିତ ହୋଇଛନ୍ତି। ଏଓସିଏର ଏହି ନିର୍ବାଚନରେ ମୋଟ ୨୫ ଜିଲ୍ଲାର ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ୩ ବର୍ଷ (୨୦୨୫-୨୮) ପାଇଁ ଏହି କମିଟି କାମ କରିବ ବୋଲି ଜଣାପଡ଼ିଛି। ନିର୍ବାଚନ ପରେ ସତ୍ୟରଂଜନ ପଟ୍ଟନାୟକ କହିଛନ୍ତି ଓଡ଼ିଶା ଚେସ୍‌ର ପ୍ରଚାର ଓ ପ୍ରସାର ପାଇଁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନିଆଯିବ।

### ବାରବାଟୀ ବିଜୟ ପରେ ରୋହିତଙ୍କ ମନ୍ତବ୍ୟ

## ପରିସ୍ଥିତି ଓ ଦଳର ଆବଶ୍ୟକତା ଅନୁସାରେ ଖେଳିବାକୁ ପଡ଼ିବ



**କଟକ,୧୦।୨(ସଂଚାର ବ୍ୟୁରୋ):** ଇଂଲଣ୍ଡ ବିପକ୍ଷରେ ୧୧୯ ରନର ଏକ ଚମତ୍କାର ଇନିଂସ ଖେଳି ରୋହିତ ଶର୍ମା ନିଜ ଫର୍ମକୁ ଫେରିଥିଲେ। ଚାମ୍ପିଅନ୍ସ ଟ୍ରଫି ପୂର୍ବରୁ, ସେ ଫର୍ମ ହାସଲ କରି ସମାଲୋଚକମାନଙ୍କୁ ଉପଯୁକ୍ତ ଜବାବ ଦେଇଥିଲେ। ଏହି ଚମତ୍କାର ପ୍ରଦର୍ଶନ ପାଇଁ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ଦିଆଯାଇଥିଲା। ମ୍ୟାଚ ପରେ ହିଟମ୍ୟାନ କହିଥିଲେ, ଦଳ ପାଇଁ କିଛି ରନ ସ୍କୋର କରିବା ମଜାଦାର ଥିଲା। ମୁଁ ଦଳ ପାଇଁ ବ୍ୟାଟିଂ ଏବଂ ରନ ସ୍କୋର କରିବାର ଉପଭୋଗ କରିଥିଲି। ଏହା ଏକ ଗୁରୁତ୍ୱପୂର୍ଣ୍ଣ ସିରିଜ। ଏହି ଫର୍ମାଟ ଟି-୨୦ଠାରୁ ଭିନ୍ନ ଏବଂ ଟେଷ୍ଟ ଅପେକ୍ଷା ଛୋଟ। ମୁଁ ବହୁତ ଦିନ ଧରି ବ୍ୟାଟିଂ କରିବାକୁ ଚାହୁଁଥିଲି ଏବଂ ଏହା ହିଁ ମୋର ଧ୍ୟାନ ଥିଲା। ଆପଣଙ୍କୁ ପରିସ୍ଥିତି ଏବଂ ଦଳର ଆବଶ୍ୟକତା ଅନୁସାରେ ଖେଳିବାକୁ ପଡିବ। ମୁଁ ଯଥାସମ୍ଭବ ଅଧିକ ସମୟ କ୍ରିଜରେ ରହିବାକୁ ଚାହୁଁଥିଲି। ମୋ ବିପକ୍ଷରେ ଇଂଲଣ୍ଡର ରଣନୀତି ଥିଲା ଶରୀର ଉପରେ ବୋଲିଂ କରିବା ଏବଂ ମୋତେ ସ୍ଥାନ ନ ଦେବା, କିନ୍ତୁ ମୁଁ ଏଥିପାଇଁ ପ୍ରସ୍ତୁତ ଥିଲି। ମୋତେ ଶୁଭମନ ଗିଲ ଏବଂ ଶ୍ରେୟସ ଆୟରଙ୍କଠାରୁ ଭଲ ସମର୍ଥନ ମିଳିଥିଲା। ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ରୋହିତ ପ୍ରଥମେ ୩୦ ବଲ୍‌ରେ ତାଙ୍କର ଅର୍ଦ୍ଧଶତକ ପୂରଣ କରିଥିଲେ ଏବଂ ପରେ ଏହାକୁ ଶତକରେ ପରିଣତ କରିବାକୁ ଅଧିକ ସମୟ ଲାଗି ନ ଥିଲା। ରୋହିତଙ୍କ ବ୍ୟାଟରୁ ଶତକ ଦେଖିବା ପାଇଁ ପ୍ରଶଂସକମାନେ ବହୁତ ଦିନ ଧରି ଅପେକ୍ଷା କରିଥିଲେ, ଯାହା ଶେଷରେ ରବିବାର ଶେଷ ହୋଇଥିଲା। ସେ ୭୬ ବଲ୍‌ରେ ଶତକ ହାସଲ କରିଥିଲେ। ଏହା ରୋହିତଙ୍କ ଦିନିକିଆରେ ୩୨ତମ ଶତକ।

ତାଙ୍କର ଶେଷ ଦିନିକିଆ ଶତକ ୧୧ ଅକ୍ଟୋବର ୨୦୨୩ରେ ନୂଆଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମରେ ଖେଳାଯାଇଥିବା ଦିନିକିଆ ବିଶ୍ୱକପ ମ୍ୟାଚ୍‌ରେ ଆଫଗାନିସ୍ତାନ ବିପକ୍ଷରେ ଆସିଥିଲା। ସେତେବେଳେ ରୋହିତ ୮୪ ବଲ୍‌ରେ ୧୩୧ ରନ କରିଥିଲେ। ରୋହିତ ୧୩ ଇନିଂସ ଖେଳିଥିଲେ, କିନ୍ତୁ ସେ ଶତକ ହାସଲ କରିପାରି ନ ଥିଲେ। ରୋହିତ ଦିନିକିଆରେ ଶତକ ମାରିବାର ମରୁଡ଼ି ଶେଷ କରିଥିଲା ଏବଂ ୧୬ ମାସ ପରେ ତାଙ୍କ ବ୍ୟାଟରୁ ଶତକ ଆସିଲା। ରୋହିତ ୯୦ ବଲ୍‌ରେ ୧୨ ଚୌକା ଏବଂ ୭ ଛକା ସହାୟତାରେ ୧୧୯ ରନ କରିବା ପରେ ଆଉଟ ହୋଇଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଫଳ ନୁହେଁ...

ଆସିଗଲେ, ମନରୁ ଏକାଗ୍ରତା ଚାଲିଯାଏ। ଏକାଗ୍ରତା ପାଇଁ ସାମାନ୍ୟ ରିଲାକ୍ସ ହେବା ଜରୁରୀ। ଏଣୁ ଅଧିକ ସମୟ ଏକାଗ୍ର ଚିତ୍ତରେ ପଢ଼ିବା ପାଇଁ ମଝିରେ ସ୍ୱଳ୍ପ ସମୟ ପାଇଁ ବିରତି ନେବା ଦରକାର। ଏହାପରେ ପୁଣିଥରେ ମନଦେଇ ପାଠ ପଢ଼ିଲେ ଈପ୍‌ସିତ ଫଳାଫଳ ନିଶ୍ଚିତ ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ପରୀକ୍ଷା ମୁଣ୍ଡ ଉପରେ, ସମସ୍ତେ ନିଶ୍ଚିତ ଭାବେ ସେମାନଙ୍କ ପରିଶ୍ରମର ମୂଲ୍ୟ ପାଇବେ। ସର୍ବଦା ଆଗକୁ ବଢ଼ିବାର ଇଚ୍ଛା ନେଇ ଆତ୍ମବିଶ୍ୱାସର ସହ କଠୋର ପରିଶ୍ରମ ଜାରି ରଖିଲେ ଉଦ୍ୟମ ଆଦୌ ବୃଥା ଯିବନାହିଁ। ପରୀକ୍ଷା ଫଳ ଉପରେ ଫୋକସ ନକରି ପରୀକ୍ଷା ପ୍ରସ୍ତୁତି ଉପରେ ଅଧିକ ଫୋକସ କଲେ ହିଁ ସଫଳତା ମିଳିବ। ସେହିପରି ପରୀକ୍ଷା ହଲ୍‌ରେ ଅଲଗା କିଛି ଚିନ୍ତା ନକରି ପ୍ରଶ୍ନପତ୍ରରେ ଥିବା ବିଷୟ ଉପରେ ଧ୍ୟାନ ଦେବା ଉଚିତ। ଯେଉଁ ବିଷୟରେ ପରୀକ୍ଷା ଦେବ, ପରୀକ୍ଷା ପୂର୍ବରୁ ସେହି ବିଷୟର ସାରାଂଶ ନୋଟ କରି ରଖ। ଏହାକୁ ବାରମ୍ବାର ଅଭ୍ୟାସ କରି ପରୀକ୍ଷା ହଲକୁ ଗଲେ ତୁମେମାନେ କଦାପି ନର୍ଭସ ହେବ ନାହିଁ ବୋଲି ପରୀକ୍ଷାର୍ଥୀଙ୍କୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ଏକଦା ସରସ୍ୱତୀ ଶିଶୁ ମନ୍ଦିରର ଗୁରୁଜୀ ଭାବେ କାର୍ଯ୍ୟ କରିଥିବା ମୁଖ୍ୟମନ୍ତ୍ରୀ ପାଠପଢ଼ା ଓ ଡିଜିଟାଲ ଉପକରଣ ବ୍ୟବହାର ଉପରେ ଆଲୋଚନା କରି କହିଛନ୍ତି ଯେ ପଢ଼ା ସମୟରେ ଡିଜିଟାଲ ଉପକରଣର ଯଥାସମ୍ଭବ କମ୍ ଉପଯୋଗ କରିବା ଉଚିତ। ବିଶେଷକରି ପରୀକ୍ଷା ସମୟରେ ମୋବାଇଲଠାରୁ ଦୂରେଇ ରହିବା ଜରୁରୀ। ପରୀକ୍ଷା ଦେବାକୁ ଯିବା ପୂର୍ବରୁ ଅନ୍ୟମନସ୍କ ନ ହୋଇ ନିର୍ଦ୍ଦିଷ୍ଟ ବିଷୟର ରିଭାଇଜ୍ କର। ପାଠ ପଢ଼ିବାର ପ୍ରକୃଷ୍ଟ ସମୟ ବ୍ରାହ୍ମ ମୁହୂର୍ତ୍ତ ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ସମସ୍ତେ ଚାପମୁକ୍ତ ହେବାକୁ ଉଦ୍ୟମ କରିବା ଉଚିତ ବୋଲି କହିଛନ୍ତି। ଶିକ୍ଷକମାନେ ଯାହା ପଢ଼ାଇଛନ୍ତି, ତାକୁ ସର୍ବୋତ୍ତମ ମଡେଲ ଭାବେ ଗ୍ରହଣ କରି ପରୀକ୍ଷାର୍ଥୀମାନେ ନିଜକୁ ପ୍ରସ୍ତୁତ କରିବା ଦରକାର। ପ୍ରଧାନମନ୍ତ୍ରୀ ଚାପ କମାଇବା ପାଇଁ ଯାହା ଟିପ୍ସ ଦେଇଛନ୍ତି, ସେସବୁକୁ ଗୋଟି ଗୋଟି କରି ମନେ ପକାଇବ ଓ ତାକୁ କାମରେ ଲଗାଇବ। ତୁମ ସମସ୍ତଙ୍କ ଭବିଷ୍ୟତ ଉଜ୍ଜ୍ୱଳ। କେବଳ ପାଠ ପଢ଼ାରେ ମନ ଦିଅ, ଶିକ୍ଷକମାନଙ୍କ ପରାମର୍ଶ ନିଅ। ଫଳାଫଳ ନିଶ୍ଚିତ ଭାବେ ଆଶାନୁଯାୟୀ ହେବ ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇ ଛାତ୍ରଛାତ୍ରୀଙ୍କ ମନୋବଳ ବଢ଼ାଇଛନ୍ତି। କାର୍ଯ୍ୟକ୍ରମରେ ୟୁନିଟ-୧ ସରକାରୀ ଉଚ୍ଚ ବିଦ୍ୟାଳୟର ୧୬୮ ଜଣ ମାଟ୍ରିକ ପରୀକ୍ଷା ଦେବାକୁ ଥିବା ଛାତ୍ରଛାତ୍ରୀ ଯୋଗଦେଇ ମୁଖ୍ୟମନ୍ତ୍ରୀଙ୍କ ସହିତ ସିଧାସଳଖ କଥା ହୋଇଥିଲେ। ପରୀକ୍ଷା ପୂର୍ବ ପ୍ରସ୍ତୁତି ବିଷୟରେ ସେମାନେ ପ୍ରଶ୍ନ ପଚାରିବା ସହ ଆଲୋଚନାରେ ମଧ୍ୟ ଭାଗ ନେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀଙ୍କୁ ପରୀକ୍ଷା ପ୍ରସ୍ତୁତି କିଟ୍ ବାଣ୍ଟିଥିଲେ।

କାର୍ଯ୍ୟକ୍ରମରେ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ସଚିବ ଅନୁପମ ସାହା, ଓଡ଼ିଶା ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ, ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନନ୍ୟା ଦାସଙ୍କ ସମେତ ୟୁନିଟ-୧ ସରକାରୀ ଉଚ୍ଚ ବିଦ୍ୟାଳୟର ସମସ୍ତ ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

### ପ୍ରଧାନମନ୍ତ୍ରୀଙ୍କ...

ଦେଶର ପରୀକ୍ଷା ଯୋଦ୍ଧାଙ୍କୁ ମାର୍ଗଦର୍ଶନ, ପ୍ରେରଣା ଏବଂ ସମର୍ଥନ ଦେଇଥିବାରୁ ଶ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେଇଛନ୍ତି। ସେ କହିଛନ୍ତି ଯେ 'ପରୀକ୍ଷା ପେ ଚର୍ଚ୍ଚା' ଏବେ ଏକ ଜନଆନ୍ଦୋଳନରେ ପରିଣତ ହୋଇଛି। ପ୍ରତିବର୍ଷ ଏହା ମାଧ୍ୟମରେ ପ୍ରଧାନମନ୍ତ୍ରୀଙ୍କ ବାର୍ତ୍ତାକୁ ଶୁଣିବା ପାଇଁ ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକଶିକ୍ଷୟିତ୍ରୀ ଉତ୍କଣ୍ଠା ଓ ଆଗ୍ରହର ସହ ଅପେକ୍ଷା କରୁଛନ୍ତି। ଚଳିତ ସଂସ୍କରଣରେ ପ୍ରଧାନମନ୍ତ୍ରୀଙ୍କ ବ୍ୟତୀତ ଦେଶର କଳା, ସାମାଜିକ ଏବଂ ବିଭିନ୍ନ କ୍ଷେତ୍ରର ୭ ଜଣ ବିଶିଷ୍ଟ ବ୍ୟକ୍ତିବିଶେଷ ମାନସିକ ସ୍ୱାସ୍ଥ୍ୟ ଓ ଗୋଟିଏ ବିଷୟରେ ଧ୍ୟାନ ଦେବା ଉପରେ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ ଦେବେ। ଆଗାମୀ ଦିନରେ ଏହାର ଆହୁରି ଅଧିକ ଅଧ୍ୟାୟ ଆସିବ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି।

### ସୂରଜ...

ସେଟ୍ କାହିଁକି ବଦଳାଯାଇନଥିଲା ?

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ପରି ବାରବାଟୀ ଷ୍ଟାଡିୟମର ରୂପାନ୍ତରଣ ପାଇଁ ସେତେବେଳର ଫାଇଭ୍-ଟି ସଚିବ ତଥା ବର୍ତ୍ତମାନର ସନ୍ୟାସୀ ଓ ବର୍ତ୍ତମାନର କ୍ରୀତଦାସ ବାରମ୍ବାର ସେଠାକୁ ଯାଇ ବୁଲୁଥିଲେ। କେମିତି ଶ୍ରୀମନ୍ଦିରକୁ ଶ୍ରୀହୀନ କରିବା ଭଳି ବାରବାଟୀକୁ ଭାଙ୍ଗି ଚୂରମାର କରିଦେବା ଆଉ ରାଜ୍ୟ ବାହାରର ଠିକାଦାରଙ୍କୁ କାମ ଦେଇ ମାଲମାଲ କରିବା ଯୋଜନା ହେଉଥିଲା। ହେଲେ ଷ୍ଟାଡିୟମର ମୂଳ ଭିତ୍ତିଭୂମିର ଉନ୍ନତି ପାଇଁ କେବେ ତ ଉଦ୍ୟମ କରିନଥିଲେ।

ଓସିଏ ମାଲିକାନାରେ ଥିବା ଏହି ଡିଜି ସେଟ୍‌ଗୁଡ଼ିକ କେବଳ ବାରବାଟୀରେ ଆନ୍ତର୍ଜାତିକ ମ୍ୟାଚ ପାଇଁ ବ୍ୟବହାର ହୁଏନାହିଁ। କଟକ କିମ୍ବା ଆଖପାଖ ଅଞ୍ଚଳରେ ଯେଉଁଠି ବି କ୍ରିକେଟ ମ୍ୟାଚ ହୁଏ, ସେଠାକୁ ଏହି ଡିଜି ସେଟ୍ ମାଗଣାରେ ଓସିଏ ଯୋଗାଇଦିଏ। ତେଣୁ ଗତ ୨୪ ବର୍ଷ ଧରି ନିରନ୍ତର ଖଟୁଥିବା ଏହି ବୈଦ୍ୟୁତିକ ଯନ୍ତ୍ରାଂଶର ପରିବର୍ତ୍ତନ ହେବାର ଆବଶ୍ୟକତା ଥିଲା। ସେତେବେଳେ ସବୁ ଆଶାୟୀଙ୍କୁ ନାଲିଆଖି ଦେଖାଇ ଓସିଏ ସଭାପତି ହୋଇଥିବା କ୍ରୀତଦାସ କ'ଣ କରୁଥିଲେ ? ତାଙ୍କ ଦଳର ଯେଉଁ ବହକାଲିଆ ନେତାମାନେ ଏବର କ୍ରୀଡ଼ାମନ୍ତ୍ରୀଙ୍କ ଇସ୍ତଫା ଦାବି କରୁଛନ୍ତି, ବିଜେଡି ସରକାର ଅମଳରେ ଥିବା କ୍ରୀଡ଼ା ମନ୍ତ୍ରୀ କାହିଁକି ନୈତିକ ଦାୟିତ୍ୱ ନେଉନାହାଁନ୍ତି। ଅବଶ୍ୟ ସେତେବେଳେ କ୍ରୀଡ଼ା ମନ୍ତ୍ରୀ ଥିବା ତୁଷାରକାନ୍ତି ବେହେରା ନାଁକୁ ମାତ୍ର ମନ୍ତ୍ରୀ ଥିଲେ। ବିଭାଗ ଥିଲା ସନ୍ୟାସୀ, ପୂର୍ବତନ ସଚିବ ଓ କ୍ରୀତଦାସଙ୍କ ନିୟନ୍ତ୍ରଣରେ। ଯେଉଁମାନେ ଓଡିଶାକୁ ଦେଶର କ୍ରୀଡ଼ା ରାଜଧାନୀ କରିଦେଇଥିବା ଦାବି କରୁଥିଲେ, ସେମାନେ କାହିଁକି ମୁହଁରେ ତୁଣ୍ଡି ବାନ୍ଧିଛନ୍ତି ?

ସାଧାରଣରେ ଏବେ ଏଭଳି ଆଲୋଚନା ଆରମ୍ଭ ହେବାର ଯଥାର୍ଥତା ମଧ୍ୟ ରହିଛି। ବିଜେପି ସରକାର ଜୁନରେ ଦାୟିତ୍ୱ ନେଲା। ସରକାର ଗ୍ରହଣର ୫ ମାସ ମଧ୍ୟରେ ଅର୍ଥାତ ଅକ୍ଟୋବର ମଧ୍ୟଭାଗରେ ମ୍ୟାଚ ପାଇଁ ଭେନ୍ୟୁ ଘୋଷଣା ହେଲା। ନୂଆ ମନ୍ତ୍ରୀ, ନୂଆ ସଚିବ ଓ ନୂଆ ଅଧିକାରୀଙ୍କୁ ନେଇ ସାଢ଼େ ତିନି ମାସ ମଧ୍ୟରେ ଆନ୍ତର୍ଜାତିକ ମ୍ୟାଚର ଆୟୋଜନ କରାଯାଇଛି।

### ୧୨ରେ...

ଗ୍ରହଣ କରିବା ପରେ ଏହା ପ୍ରଥମ ସାକ୍ଷାତ ହେବ, ପୂର୍ବରୁ ତାଙ୍କ ପ୍ରଥମ କାର୍ଯ୍ୟକାଳ ସମୟରେ ଭାରତ ଏବଂ ଆମେରିକା ମଧ୍ୟରେ ଏକ ବ୍ୟାପକ ବୈଶ୍ୱିକ ରଣନୈତିକ ଭାଗିଦାରୀ ଗଠନ କରିବାରେ ଏକତ୍ର କାମ କରିବାର ମୋର ବହୁତ ଚମତ୍କାର ଅନୁଭୂତି ରହିଛି। ଏହି ଗସ୍ତ ତାଙ୍କ ପ୍ରଥମ କାର୍ଯ୍ୟକାଳ ସମୟରେ ଆମର ସହଯୋଗର ସଫଳତାକୁ ଆଗକୁ ବଢ଼ାଇବା ଏବଂ ପ୍ରଯୁକ୍ତି, ବାଣିଜ୍ୟ, ପ୍ରତିରକ୍ଷା, ଶକ୍ତି ଏବଂ ଯୋଗାଣ ଶୃଙ୍ଖଳା ସ୍ଥିରତା କ୍ଷେତ୍ରରେ ଆମର ଭାଗିଦାରୀକୁ ଆହୁରି ଉନ୍ନତ ଏବଂ ଗଭୀର କରିବା ପାଇଁ ଏକ ଏଜେଣ୍ଡା ବିକଶିତ କରିବାର ଏକ ସୁଯୋଗ ହେବ। ଆମେ ଦୁଇ ଦେଶର ଲୋକଙ୍କ ପାରସ୍ପରିକ ଲାଭ ପାଇଁ ଏକାଠି କାମ କରିବୁ ଏବଂ ବିଶ୍ୱ ପାଇଁ ଏକ ଉନ୍ନତ ଭବିଷ୍ୟତ ଗଠନ କରିବୁ ବୋଲି ମୋଦି କହିଛନ୍ତି।

### ଓଡ଼ିଶାରେ...

ଏୟାରପୋର୍ଟରେ ଏନ୍‌ସିସି ପିଲାମାନଙ୍କୁ ବିମାନ ଉଡ଼ାଣ ପ୍ରଶିକ୍ଷଣ ଦେବା ସକାଶେ ନିଷ୍ପତ୍ତି ହୋଇଛି। ଏଥିପାଇଁ ସେଠାରେ ଏକ ହ୍ୟାଙ୍ଗର ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଦେଢ଼ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କହିବାନୁସାରେ, ଏନ୍‌ସିସି ଦେଶର ଏକ ପ୍ରତିଷ୍ଠିତ ସଂସ୍ଥା ହୋଇଥିବା ବେଳେ ଛାତ୍ର ଓ ଯୁବଶକ୍ତିର ସମ୍ଭାବନାକୁ ବିକଶିତ କରି ଦେଶ ସେବାରେ ନିୟୋଜିତ କରିବା କ୍ଷେତ୍ରରେ ଏହାର ତୁଳନା ନାହିଁ। ତେଣୁ ଓଡ଼ିଶାରେ ଏହି ସଂସ୍ଥାର ସମ୍ପ୍ରସାରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ ମୁଖ୍ୟ ଶାସନ ସଚିବ ନିକୁଞ୍ଜ ବିହାରୀ ଧଳ ଓ ଏନ୍‌ସିସିର ଉଚ୍ଚ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଏନ୍‌ସିସି ପକ୍ଷରୁ ଡାଇରେକ୍ଟର କର୍ଣ୍ଣେଲ ସାଗର ମହାନ୍ତି ଓ ଉଚ୍ଚଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଅରବିନ୍ଦ ଅଗ୍ରୱାଲ ଏନ୍‌ସିସି ଓ ରାଜ୍ୟ ସରକାର ମଧ୍ୟରେ ସମନ୍ୱୟ ରକ୍ଷା କରି ଏହି ନିଷ୍ପତ୍ତିଗୁଡ଼ିକର ରୂପାୟନକୁ ତ୍ୱରାନ୍ୱିତ କରିବା ପାଇଁ ନିଷ୍ପତ୍ତି ହୋଇଛି।

### ୪୦ ଦିନରେ...

୨ ଜଣ ଯବାନଙ୍କୁ ଆଜି ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଛି। ତେବେ ଦେଶର ଅନ୍ତରୀଣ ସୁରକ୍ଷା ପ୍ରତି ବିପଦ ନକ୍ସଲଙ୍କ ବିରୋଧରେ ବଡ଼ ଅପରେସନ ହୋଇଥିଲା।

ବିଜାପୁରରେ ସହିଦ ଯବାନ ନରେଶ ଧ୍ରୁବ ଓ ଏସଟିଏଫ ଯବାନ ବାସିତ ରାବତେଙ୍କୁ ଗାର୍ଡ ଅଫ୍ ଅନର ସହ ଦିଆଯାଇଛି ଶ୍ରଦ୍ଧାଞ୍ଜଳି। ବୀର ଯବାନଙ୍କ ବଳିଦାନ ଫଳରେ ବିଜାପୁରରେ ସଫଳ ହୋଇଛି ନକ୍ସଲ ବିରୋଧୀ ବଡ଼ ଅଭିଯାନ। ଯେଉଁଥିରେ ୩୧ ଜଣ ନକ୍ସଲ ନିପାତ ହୋଇଛନ୍ତି।

ବହୁ ପରିମାଣର ଗୁଳିଗୋଳା ଓ ବନ୍ଧୁକ ସହ ନୂଆ ପ୍ରକାରର ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ଛତିଶଗଡ଼ ପୁଲିସ ଡିଜି କହିଛନ୍ତି ବିଜାପୁରର ଅତ୍ୟନ୍ତ ଦୁର୍ଗମ ଓ ଘଞ୍ଚ ଜଙ୍ଗଲ ପରିପୂର୍ଣ୍ଣ ଇନ୍ଦ୍ରାବତୀ ଜାତୀୟ ଉଦ୍ୟାନ ଅଞ୍ଚଳ ଭିତରେ ଏହି ଅଭିଯାନ ଚାଲିଥିବା ବେଳେ ଏବେ ବି ଜାରି ରହିଛି ସର୍ଚ୍ଚ ଅପରେସନ।

● ତୃତୀୟ ରାଷ୍ଟ୍ରୀୟ ଏକଲ ଖେଳକୁଦ ଉଦଯାପନୀ ସମାରୋହ

## ସମୃଦ୍ଧ ରାଷ୍ଟ୍ର ଗଠନ ପାଇଁ ପିଲାଙ୍କୁ ବିକଶିତ କରୁଛି ଏକଲ ଅଭିଯାନ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୦।୨(ସଂଚାର ବ୍ୟୁରୋ): ଏକଲ ଅଭିଯାନ ଆଜି ଭାରତବର୍ଷର ବନାଞ୍ଚଳରେ ରହୁଥିବା ବାଳକ-ବାଳିକାଙ୍କ ଭିତରେ ଶିକ୍ଷା ପ୍ରତି ଜାଗରଣ ସୃଷ୍ଟି କରିଛି। ଏହି ଅଭିଯାନ ଏକ ସଶକ୍ତ ଓ ସମୃଦ୍ଧ ରାଷ୍ଟ୍ର ଗଠନ ପାଇଁ ପିଲାମାନଙ୍କୁ ବିକଶିତ କରିବା ସହିତ ସେମାନଙ୍କ ଭିତରେ ଥିବା ଲୁକ୍କାୟିତ ପ୍ରତିଭାକୁ ଲୋକଲୋଚନକୁ ଆଣିବାରେ ସହାୟକ ହେଉଛି, ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିଅମଠାରେ ଆୟୋଜିତ ତୃତୀୟ ରାଷ୍ଟ୍ରୀୟ ଏକଲ ଖେଳକୁଦ ସମାରୋହର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କହିଛନ୍ତି।

ମୁଖ୍ୟମନ୍ତ୍ରୀ ନିଜ ବକ୍ତବ୍ୟରେ ସ୍ୱାମୀ ବିବେକାନନ୍ଦଙ୍କ ଉଦାହରଣ ଦେଇ କହିଛନ୍ତି ଯେ ଯଦି ବନବାସୀ ବାଳକ ବିଦ୍ୟାଳୟ ଯାଇପାରୁନାହିଁ ତେବେ ବିଦ୍ୟାଳୟକୁ ତା ଦ୍ୱାରକୁ ନେବାକୁ ହେବ। ସ୍ୱାମୀ ବିବେକାନନ୍ଦଙ୍କ ଏହି ବାଣୀକୁ ସାକାର କରିଛି ଏକଲ ବିଦ୍ୟାଳୟ । ଶିକ୍ଷାଦାନ କ୍ଷେତ୍ରରେ ଏହାର ସୁନାମ ରହିଛି। ଏକ ସୁପରିଣାମକାରୀ ଯୋଜନା ଭାବେ ସମଗ୍ର ଦେଶରେ ପାଖାପାଖି ଏକଲକ୍ଷ ବନବାସୀ ଗ୍ରାମରେ ଏହି ଯୋଜନା ମାଧ୍ୟମରେ ଶିକ୍ଷାଦାନ ସହ ବିଭିନ୍ନ କାର୍ଯ୍ୟ ଚାଲିଛି।

ସେ କହିଥିଲେଯେ ଆମ ଓଡ଼ିଶାରେ ୪୫୦୦ ଏକଲ ବିଦ୍ୟାଳୟ ସଞ୍ଚାଳିତ ହେଉଛି । ପ୍ରାଥମିକ ଶିକ୍ଷା ସହିତ ଆରୋଗ୍ୟ, ଗ୍ରାମ ବିକାଶ, ସ୍ୱାଭିମାନ ଜାଗରଣ ତଥା ସଂସ୍କାର ଶିକ୍ଷା ଏଭଳି ପଞ୍ଚମୁଖୀ ଶିକ୍ଷା ମାଧ୍ୟମରେ ଗ୍ରାମାଞ୍ଚଳର ସର୍ବାଙ୍ଗୀନ ବିକାଶ ପାଇଁ ଏହା କାର୍ଯ୍ୟ କରୁଛି । ଶାରୀରିକ କ୍ଷମତାର ବିକାଶ ପାଇଁ ଏକଲ ଅଭିଯାନ ଅଭ୍ୟୁଦୟ ୟୁଥ୍ କ୍ଲବ ମାଧ୍ୟମରେ ଗ୍ରାମାଞ୍ଚଳରେ ଲୁଚିରହିଥିବା ପ୍ରତିଭାର ଅନ୍ୱେଷଣ କରି ଗ୍ରାମସ୍ତରରୁ ରାଷ୍ଟ୍ରୀୟ ସ୍ତର ପର୍ଯ୍ୟନ୍ତ ବିଭିନ୍ନ ପ୍ରକାର ଖେଳକୁଦରେ ଭାଗ ନେବାର ସୁଯୋଗ ପ୍ରଦାନ କରୁଛି।

ସେ ପୁଣି କହିଥିଲେ ଯେ ଓଡ଼ିଶାରେ ଆମ ନୂଆ ସରକାର ଆସିବା ପରେ କ୍ରୀଡ଼ା ଓ କ୍ରୀଡ଼ାବିତମାନଙ୍କ ସାମଗ୍ରିକ ବିକାଶ ସହ ତୃଣମୂଳ ସ୍ତରରେ କ୍ରୀଡ଼ା ପ୍ରତିଭାର ବିକାଶ ପାଇଁ ପ୍ରତିବଦ୍ଧତାର ସହ କାର୍ଯ୍ୟ କରୁଛି। ତୃଣମୂଳ ସ୍ତରରୁ କ୍ରୀଡ଼ାପ୍ରତିଭାମାନଙ୍କୁ ଚୟନ କରାଯାଇ ସେମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ ଦ୍ୱାରା ସଶକ୍ତ କରାଇବା ଏବଂ କ୍ରୀଡ଼ାବିତମାନଙ୍କ ସାମଗ୍ରୀକ ବିକାଶ ଦିଗରେ କାର୍ଯ୍ୟ କରିବା ପାଇଁ ଆମ ସରକାରଙ୍କ ପକ୍ଷରୁ ସିଏମ୍ ଟ୍ରଫି ଚମ୍ପିଆନସିପ୍ ପ୍ରତିଯୋଗିତା ଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । କ୍ରୀଡ଼ା କ୍ଷେତ୍ରରେ ବିକାଶ ଆଣିବା ଓ କ୍ରୀଡ଼ାବିତମାନଙ୍କୁ ଉଚ୍ଚକୋଟୀର ପ୍ରଶିକ୍ଷଣ ପ୍ରଦାନ କରିବାକୁ ଆମେ ଗୁରୁତ୍ୱ ଦେଉଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ କ୍ରୀଡା ଓ ଯୁବସେବା ତଥା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଓ ଏକାମ୍ର ଭୁବନେଶ୍ୱର ବିଧାୟକ ଶ୍ରୀ ବାବୁ ସିଂହ ଯୋଗଦେଇଥିଲେ । ସୂଚନାଯୋଗ୍ୟ ଯେ ଏଠାରେ ଆୟୋଜିତ ଏହି ତୃତୀୟ ରାଷ୍ଟ୍ରୀୟ ଖେଳକୁଦ ପ୍ରତିଯୋଗିତାରେ ଏକଲ ଅଭିଯାନ ଅଭ୍ୟୁଦୟ କ୍ଲବ ମାଧ୍ୟମରେ ସମଗ୍ର ଦେଶରୁ ପ୍ରାୟ ୧୧୦୦ ଖେଳାଳି ଭାଗ ନେଇଥିଲେ। ସେମାନଙ୍କ ମଧ୍ୟରେ ୬୦୦ ଜଣ ବାଳକ ଓ ୪୯୫ ଜଣ ବାଳିକା ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ।

ରାତିରେ ମାତିଛନ୍ତି ଲଘୁଖଣିଜ ଲୁଟେରା

## ୭ ବାଲି ବୋଝେଇ ହାଇୱା ଜବତ



**ବୋରିଗୁମ୍ମା, ୧୦।୨ (ସଂଚାର ବ୍ୟୁରୋ) :** ରାତି ହେଲେ ମାତିଛନ୍ତି ଲଘୁଖଣିଜ ଲୁଟେରା, ନାଁ ଅଛି ପୋଲିସର ଭୟ ନାଁ ଅଛି ଖଣି ଅଧିକାରୀଙ୍କ ଭୟ । ହେଲେ ବାଲି ଚୋରା ଚାଲାଣକାରୀଙ୍କୁ ଧରିବା ପାଇଁ ଏବେ ତତ୍ପରତା ଦେଖାଉଛି ବି. ସିଂହପୁର ପୋଲିସ। ଗତ ବୁଧବାର ରାତ୍ର ୧୧ଟା ସମୟରେ ବି. ସିଂହପୁର ପୋଲିସ ପାଟ୍ରୋଲିଙ୍ଗ କରୁଥିବା ସମୟରେ ବିଶେଷ ସୂତ୍ରରୁ ସୂଚନା ପାଇ ଜୟପୁର ଖଣି ଉପ ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶରେ ବୋରିଗୁମ୍ମା ବ୍ଲକ କୁମୁଲି ଅଞ୍ଚଳରୁ ଚୋରାଉପାୟରେ ଭଳ ଦେଇ ୭ଟି ବୋଝାଇ ବାଲି ବୋଝେଇ ହାଇୱା ନଦୀରୁ ଚୋରା ବାଲି ନେଇ ଯାଉଥିବା ସମୟରେ ବି. ସିଂହପୁର ଥାନା ଅଧିକାରୀ ସୁରଜ କୁମାର ପ୍ରଧାନ ଚଢ଼ାଉ କରି ୫ଟି ବାଲି ବୋଝେଇ ହାଇୱା ଓ ୨ଟି ଖାଲିଥିବା ହାଇୱା ଗାଡ଼ିକୁ ଜବତ କରିବା ସହିତ ହାଇୱା ଚାଳକ ମାନଙ୍କୁ ମଧ୍ୟ ଅଟକ ରଖି ତଦନ୍ତ ଚଳାଉଛି। ଅନ୍ୟପଟେ ୫ଟି ବାଲି ବୋଝେଇ ହାଇୱାର ବାଲି ଚାଲାଣ ନିମନ୍ତେ କୌଣସି ବୈଧ କାଗଜପତ୍ର ନଥିବା ଥାନା ଅଧିକାରୀ ପ୍ରକାଶ କରିଛନ୍ତି । ୨ଦିନ ପରେ ଉକ୍ତ ଜବତ ହାଇୱା ଠାରୁ ୧୧ ଲକ୍ଷ ଟଙ୍କା ରୟାଲଟି ବାବଦରେ ଫାଇନ କଟାଯାଇଥିବା ଏବଂ ଖଣିବିଭାଗ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଜବତ ହାଇୱା ଗୁଡ଼ିକୁ ଛାଡିଦେଇଥିବା ଥାନା ଅଧିକାରୀ ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି। ଏ ବିଷୟରେ ଜୟପୁର ଖଣି ଉପ ନିର୍ଦ୍ଦେଶକ କାର୍ଯ୍ୟାଳୟରେ ଅନୁପସ୍ଥିତ ଥିବାହେତୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ପୁଅ କାଠ ଫାଳିଆ ମାଡ଼ରେ ବାପା ମୃତ

**ଯୋଡ଼ା, ୧୦।୨ (ସଂଚାର ବ୍ୟୁରୋ) :** ପୁଅର ଏକା ଜିଦ୍ ବାହା ହେବା ହେଲେ ବାପା ଚାହୁଁଥିଲେ ପୁଅ ଆଗ ଭଲକରି କାମ ଧନ୍ଦା କରୁ, ତା' ପରେ ଯାଇ ବାହାଘର। ଏହି ଘଟଣାକୁ ନେଇ ବାପା ପୁଅଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ଗତକାଲି ରାତିରେ ଏହି କଥାକୁ ନେଇ ଉଭୟ ବାପ ପୁଅଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା, ଆଉ ତା'ପରେ ଉତକ୍ଷିପ୍ତ ହୋଇ ଉଠିଥିଲା ସେହିଁ ପୁଅ। କେହି କିଛି ବୁଝିବା ଆଗରୁ ଏକ କାଠ ଫାଳିଆ ନେଇ ସିଧା ବାପାଙ୍କ ମୁଣ୍ଡକୁ ପିଟିଦେଇଥିଲା। ପୁଅର କାଠ ଫାଳିଆ ମାଡ଼ରେ ବାପାର ଜୀବନ ଯାଇଛି। ମୃତକଙ୍କ ନାମ ହେଉଛି ଅଜୟ ସେଠି (୫୦) । କେନ୍ଦୁଝର ଜିଲ୍ଲା ଯୋଡ଼ା ପୌରାଞ୍ଚଳର ୧୩ ନଂ ଓ୍ୱାର୍ଡ଼ ବାଂଶପାଣି ଟୋଲ ଗେଟ ନିକଟରେ ଘଟିଛି ଏହି ଘଟଣା। ହତ୍ୟାକାଣ୍ଡ ସମ୍ପର୍କରେ ଖବର ପାଇ ଯୋଡ଼ା ପୋଲିସ୍ ଘଟଣାର କରି ଛାନ୍ ଭିନ୍ ଆରମ୍ଭ କରିଛି। ଏନେଇ ମୃତକ ଅଜୟ ସେଠୀଙ୍କ ପତ୍ନୀ ଗୁରୁବାରି ସେଠୀ ଯୋଡ଼ା ଥାନାରେ ଅଭିଯୋଗ କରିଛନ୍ତି। ପୁଲିସ ଏକ ମାମଲା ରୁଜୁ କରିବା ସହିତ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଭିଯୁକ୍ତ ପୁଅ ବିକାଶ ସେଠୀକୁ ଗିରଫ କରି ଅଧିକ ପଚରାଉଚରା କରୁଛି।

# ନାଲି ଫିତା ତଳେ କୋଣାର୍କର ଉନ୍ନୟନ କାର୍ଯ୍ୟ

**କୋଣାର୍କ, ୧୦।୨ (ସଂଚାର ବ୍ୟୁରୋ) :** ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କର ସାମଗ୍ରିକ ବିକାଶ ଓ ଉନ୍ନୟନ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡ଼ିରହିଥିବା ବେଳେ ସରକାରଙ୍କ ନାଲି ଫିତା ତଳେ ଚାପି ହୋଇ ରହିଥିବା ଭଳି ପରିସ୍ଥିତି ଉପୁଜିଛି।

ଖବରରୁ ପ୍ରକାଶ ଯେ ଚନ୍ଦ୍ରଭାଗା ଠାରୁ ଲାବଣ୍ୟଲତାଙ୍କ ପର୍ଯ୍ୟନ୍ତ ୫୦କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ପୂର୍ତ୍ତବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ବେଳେ ସରକାରୀ ଉଦାସୀନତା ଓ ଆନ୍ତରିକତା ମନୋଭାବର ଅଭାବ ଯୋଗୁଁ ପ୍ରକଳ୍ପ କାର୍ଯ୍ୟ ଅଧାପନ୍ତରିଆ ଭାବେ ପଡି ରହିଛି। ଏହି କାମ ସଂପୂର୍ଣ୍ଣ କରିବା ପାଇଁ ରାଜ୍ୟ ସରକାରଙ୍କ ଆନ୍ତରିକତା ଓ ବିଭାଗୀୟ ଉଦାସୀନତା ମନୋଭାବ ପୋଷଣ ନୀତି ଯୋଗୁଁ ଏହା ସମ୍ଭବ ପର ହୋଇ ପାରୁ ନ ଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ସେହିପରି ତତ୍କାଳୀନ ରାଜ୍ୟ ସରକାରଙ୍କ ପକ୍ଷରୁ କୋଣାର୍କ ସୂର୍ଯ୍ୟ ମନ୍ଦିର ସୌନ୍ଦର୍ଯ୍ୟକରଣ ଓ ପାରିପାର୍ଶ୍ୱିକ ବିକାଶ ପାଇଁ ଓଡିସିସି ମାଧ୍ୟମରେ ୨୦୭ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଥିବା ବେଳେ ବିଭିନ୍ନ ସମସ୍ୟା ଓ ବିଭାଗୀୟ ଉଦାସୀନତା ନୀତି ଯୋଗୁଁ ତାହା ଫଳପ୍ରଦ ହେବା ଆଶଙ୍କା ପ୍ରକାଶ ପାଉଛି।

**ଅଧାରେ ଅଟକିଛି ବିଭିନ୍ନ ପ୍ରକଳ୍ପ କାମ**
**କେବେ ଉଇଁବ କୋଣାର୍କ ବିକାଶ ସୂର୍ଯ୍ୟ**

ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ଠାରୁ ୩ କିମି ଦୂରରେ ଅବସ୍ଥିତ ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗା । ଏହି ପୁରାଣ ପ୍ରସିଦ୍ଧ ଚନ୍ଦ୍ରଭାଗାର ସୌନ୍ଦର୍ଯ୍ୟକରଣ ଓ ପାରିପାର୍ଶ୍ୱିକ ବିକାଶ ପାଇଁ ୪୬ କୋଟି ଟଙ୍କା ବ୍ୟୟ ବରାଦ କରାଯାଇ ପୂର୍ତ୍ତବିଭାଗ ପକ୍ଷରୁ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏହି କାମ ମନ୍ଥର ଗତିରେ ଚାଲିଥିବା ବେଳେ ପାରିପାର୍ଶ୍ୱିକ ଉନ୍ନୟନ କାର୍ଯ୍ୟ ଠପ ହୋଇଯାଇଛି। ଏହିପାଇଁ ବିଭାଗ ନା ବନବିଭାଗ ନା ରାଜ୍ୟ ସରକାର ଦାୟୀ ଏ ନେଇ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି। କୋଣାର୍କର ଜମିଜମା ସମାସ୍ୟାର ସ୍ଥାୟୀ ସମାଧାନ ହୋଇ ନ ଥିବା ଯୋଗୁଁ ଉନ୍ନୟନ କାର୍ଯ୍ୟରେ ବିଭିନ୍ନ ପ୍ରକାରର ପ୍ରତିବନ୍ଧକ ସୃଷ୍ଟି ହୋଇଛି ବୋଲି କୋଣାର୍କ ଅଞ୍ଚଳର ବୁଦ୍ଧିଜୀବୀ, ସଚେତନ ନାଗରିକ, ପରିବେଶବିତ, ବରିଷ୍ଠ ନାଗରିକ ଓ କୋଣାର୍କ ଅଞ୍ଚଳର ଜନସାଧାରଣଙ୍କ ପକ୍ଷରୁ ଦାବି କରାଯାଉଛି। କୋଣାର୍କ ଠାରେ ଚାଲିଥିବା ଉନ୍ନୟନ କାର୍ଯ୍ୟକୁ ପୁନଃ ତ୍ୱରାନ୍ୱିତ କରିବା ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ନିମାପଡ଼ା ବିଧାୟକ ତଥା ଉପ ମୁଖ୍ୟମନ୍ତ୍ରୀ ଓ ପୁରୀ ଜିଲ୍ଲାପାଳ ଦୃଷ୍ଟି ଦେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ପାଇଁ କୋଣାର୍କ ଅଞ୍ଚଳର ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ପକ୍ଷରୁ ଦାବି କରାଯାଇଛି।

ଆଦର୍ଶ ବିଦ୍ୟାଳୟରେ

## ଖେଳୁଥିବା ବେଳେ ଛାତ୍ରୀ ଅସୁସ୍ଥ

**କଣାସ, ୧୦।୨ (ସଂଚାର ବ୍ୟୁରୋ):** କଣାସ ବ୍ଲକର ଯାମଳେଗୋଦାଠାରେ ଥିବା ଆଦର୍ଶ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରୀମାନେ ଗତକାଲି ଶେଷ ପିରିୟଡରେ ଖେଳୁଥିବା ବେଳେ ଲକ୍ଷ୍ମୀପ୍ରିୟା ସାହୁ, କରିସ୍ମା ପଣ୍ଡିମ କବାଟ, ଲିଷ୍ଣା ଶ୍ରୀଚନ୍ଦନ ଅସୁସ୍ଥ ହୋଇ ତଳେ ପଡ଼ିଯିବାରୁ ସଙ୍ଗେ ସଙ୍ଗେ ସେମାନଙ୍କ ଶିକ୍ଷକ ଶିକ୍ଷୟତ୍ରୀ ଚିକିତ୍ସା ପାଇଁ କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଆସିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ଡାକ୍ତର କୁମାର ଅଭିନନ୍ଦନ ସେମାନଙ୍କ ଚିକିତ୍ସା କରିଥିଲେ। ଲକ୍ଷ୍ମୀପ୍ରିୟା ଓ କରିସ୍ମା ସୁସ୍ଥ ହୋଇ ଘରକୁ ଫେରିଯାଇଥିବାବେଳେ ଲିଷ୍ଣା ସ୍ୱାସ୍ଥ୍ୟ ଅବସ୍ଥା ଭଲ ନଥିବାରୁ ତାକୁ ଭୁବନେଶ୍ୱର ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇଦିଆଯାଇଥିଲା।

# ଆରଡି ଉପ ବିଭାଗ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ



**ବାଲିଅନ୍ତା, ୧୦।୨ (ସଂଚାର ବ୍ୟୁରୋ) :** ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ଆଜି ବାଲିଅନ୍ତା ବ୍ଲକ ଉପ ବିଭାଗ କାର୍ଯ୍ୟାଳୟର ନିଜସ୍ୱ ଗୃହ ନିର୍ମାଣ ଲାଗି ଇନ୍ଦ୍ରପାଳ ଗ୍ରାମ ନିକଟରେ ଭିତ୍ତି ପ୍ରସ୍ତର କରାଯାଇଛି। ଜୟଦେବ ବିଧାୟକ ନବ କିଶୋର ମଲ୍ଲିକ, ଜିଲ୍ଲା ପରିଷଦ କୁନମୁନ ଲେଙ୍କା, ବ୍ଲକ ଅଧ୍ୟକ୍ଷା ବାସନ୍ତୀ ଖଟୁଆ ଏବଂ ବ୍ଲକ ଉପାଧ୍ୟକ୍ଷା ଇତିଶ୍ରୀ ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ସେକସନ କାର୍ଯ୍ୟାଳୟ ସହିତ ୩ଟି ଷ୍ଟାଫ କ୍ୱାର୍ଟର ନିର୍ମାଣ ନେଇ ୧ କୋଟି ୫୪ ଲକ୍ଷ ଟଙ୍କା ବିଭାଗ ପକ୍ଷରୁ ମଞ୍ଜୁର ହୋଇଛି । ଏଥିସହିତ ସ୍ଥାନୀୟ ବିଜେଡି ନେତୃବୃନ୍ଦଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ । ସହକାରୀ ନିର୍ବାହୀ ଯନ୍ତ୍ରୀ ତ୍ରିଲୋଚନ ନାୟକ, ସହକାରୀ ଯନ୍ତ୍ରୀ ନାରାୟଣ ସେଠୀ, ଚକ୍ରଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଦୀପ୍ତ ସୁନ୍ଦରାୟ,ପ୍ରସନ୍ନ ପରିଡ଼ା, ଜଗନ୍ନାଥ ସାହୁ, ପ୍ରଫୁଲ୍ଲ ପରିଡ଼ା, ଚିନ୍ମୟ ନନ୍ଦ ମିଶ୍ର, ନିହାର ରଞ୍ଜନ ଜଟ ଓ ସଞ୍ଜୟ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

ରାସନ କାର୍ଡ କେଲେଙ୍କାରୀ

# ଅଯୋଗ୍ୟ ହିତାଧିକାରୀ ଫେରାଇବେ କାର୍ଡ

**କାକଟପୁର/ଅସ୍ତରଙ୍ଗ, ୧୦।୨ (ସଂଚାର ବ୍ୟୁରୋ) :** ଦେଶର ଗରିବ ପରିବାର ଓ ଅସହାୟ ବ୍ୟକ୍ତିଙ୍କୁ ଖାଦ୍ୟ ଯୋଗାଇବା ପାଇଁ ଭାରତ ସରକାର ୨୦୧୪ ମସିହାରେ ଖାଦ୍ୟ ସୁରକ୍ଷା ଆଇନି ପ୍ରଣୟନ କରି ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜନାରେ ରାସନ କାର୍ଡଧାରୀଙ୍କୁ ମାସକୁ ୫କେଜି ଚାଉଳ ସହିତ ଅନ୍ୟ ସୁବିଧା ମଧ୍ୟ ମିଳୁଛି। ମାତ୍ର ରାଜ୍ୟରେ ପୂର୍ବ ସରକାରଙ୍କ ଉଦାସୀନତା ଏବଂ ଖାଦ୍ୟ ଯୋଗାଣ ବିଭାଗର ଖାମଖିଆଲି ନୀତି ଯୋଗୁଁ ତୃଣମୂଳ ସ୍ତରରେ ଏହି ଯୋଜନାର ସୁଫଳ ପ୍ରକୃତ ଯୋଗ୍ୟ ହିତାଧିକାରୀ ଏ ପର୍ଯ୍ୟନ୍ତ ପାଇ ପାରିନାହାନ୍ତି। କାରଣ ବହୁ ଅଯୋଗ୍ୟ ବ୍ୟକ୍ତି ଅସାଧୁ ଉପାୟରେ ରାସନ କାର୍ଡ ହାତେଇଛନ୍ତି। ବର୍ତ୍ତମାନ ରାଜ୍ୟ ସରକାର ଖାଉଟି ବ୍ୟବସ୍ଥାରେ ସ୍ୱଚ୍ଛତା ଆଣିବା ପାଇଁ ଅଣ୍ଟା ଭିଡ଼ିଥିବା ଦେଖିବାକୁ ମିଳିଛି। ପୁରୀ କାକଟପୁର ବ୍ଲକରେ ୮୬ହଜାର ୪ଶହ ୨୮ଜଣ ହିତାଧିକାରୀ ଓ ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଂଚାୟତରେ ୬୯ହଜାର ୪ଶହ ୨୯ଜଣ ହିତାଧିକାରୀ ରାସନକାର୍ଡରେ ଅନ୍ତର୍ଭୁକ୍ତ ହୋଇ ରାସନ ପାଉଛନ୍ତି। ପ୍ରଥମେ ଏଚଆରଏମ ଏସ ଜରିଆରେ ସରକାରୀ ଚାକିରିଆ ଚିହ୍ନଟ କରି କାର୍ଡ ଫେରାଇବାକୁ ସୂଚନା ଦେଇଥିବା ବେଳେ କିଛି ମଧ୍ୟ ଚିହ୍ନଟ ସରି କାର୍ଡ କଟିଯାଇଛି। ଆୟକର ଦାତାଙ୍କୁ ଚିହ୍ନଟ ପାଇଁ 'ସଂଚାର'ରେ ୨ ଫେବୃଆରୀରେ ଖବର ପ୍ରକାଶ ପରେ ଏବେ ରାଜ୍ୟର ଆୟକର ଟିକସ ଦେଉଥିବା ଅଯୋଗ୍ୟ ହିତାଧିକାରୀ ରାସନ ହାତେଇଥିବା ସରକାରଙ୍କ ଚିଠିରୁ ଜଣାପଡିଛି। ରାଜ୍ୟ ଖାଉଟି ବିଭାଗ ପ୍ରମୁଖ ସଚିବଙ୍କ ପତ୍ର ସଂଖ୍ୟା ୨୦୭୬/୩/୨/୨୫ରୁ ଏହା ସ୍ପଷ୍ଟ ହୋଇଛି।

**ଅସ୍ତରଙ୍ଗରେ ୭୦୫, କାକଟପୁରରେ ୮୬୧ଜଣ ଆୟକରଦାତା ଚିହ୍ନଟ**
**କାର୍ଡ ନ ଫେରାଇଲେ ହେବ କାର୍ଯ୍ୟାନୁଷ୍ଠାନ**

ତେବେ ରାଜ୍ୟ ସରକାରଙ୍କ ଦ୍ୱାରା ପୁରୀ ଜିଲ୍ଲା କାକଟପୁର ବ୍ଲକରେ ୮୬୧ଟି କାର୍ଡରେ ୩୪୧୮, ଅସ୍ତରଙ୍ଗ ବ୍ଲକର ୧୫ଗୋଟି ପଂଚାୟତରୁ ୭୦୫ଟି କାର୍ଡରେ ୨୯୯୧ଜଣ ଅଯୋଗ୍ୟ ହିତାଧିକାରୀ ବହୁ ବର୍ଷ ଧରି ରାସନ ହାତଉଛନ୍ତି। ଏବେ ବି ବହୁ ଅସହାୟ, ଭିନ୍ନକ୍ଷମ ଏବଂ ଗରିବ ପରିବାର ଏହି ରାସନ କାର୍ଡ ସୁବିଧାରୁ ବଂଚିତ ଅଛନ୍ତି। ପ୍ରଥମ ପର୍ଯ୍ୟାୟରେ ସରକାରୀ ଚାକିରିଆଙ୍କୁ ଧରିଥିବା ବେଳେ ଏବେ ଆୟକରଦାତାଙ୍କ ପାଳି ପଡିଛି। ଆସନ୍ତା ୭ଦିନ ଭିତରେ ଏହି ଅଯୋଗ୍ୟ ହିତାଧିକାରୀ ସେମାନଙ୍କ ରାସନ କାର୍ଡ ଫେରାଇବାକୁ କାକଟପୁର ଓ ଅସ୍ତରଙ୍ଗ ଯୋଗାଣ ନିରୀକ୍ଷକ ଶିବଚରଣ ବେହେରା ସୂଚନା ଦେଇଛନ୍ତି।

# ଅବସରପ୍ରାପ୍ତ ବ୍ୟାଙ୍କ କର୍ମଚାରୀଙ୍କ ଧାରଣା



**ନୟାଗଡ଼, ୧୦।୨ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା କେନ୍ଦ୍ର ସମବାୟ ବ୍ୟାଙ୍କ ଅବସରପ୍ରାପ୍ତ କର୍ମଚାରୀମାନେ ଗତ ଡିସେମ୍ବର ମାସ ୨ ତାରିଖ ଠାରୁ ଲଗାତାର ଭାବରେ ଧାରଣାରେ ବ୍ୟାଙ୍କରେ ବସି ରହିଛନ୍ତି । ସେମାନଙ୍କର ନାର୍ଯ୍ୟ ଦାବୀ ଗ୍ରାଚ୍ୟୁଟି - ୬ଷ୍ଠ ବେତନ-୭ମ ବେତନ ପାଇବା ପାଇଁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରୁଛନ୍ତି ।

ବ୍ୟାଙ୍କ ସମ୍ପାଦକ ଗତ ନଭେମ୍ବର ୮ ତାରିଖ ଦିନ ଚିଠି ନଂ-୧୮୨୫ ଦ୍ୱାରା ଆସୋସିଏସନଙ୍କୁ ଜଣାଇଥିଲେ କି, ଯଥା ଶୀଘ୍ର ହିସାବ କିତାବ କରି ପ୍ରାପ୍ୟ ପ୍ରଦାନ କରିବେ । ଇତି ମଧ୍ୟରେ ଦୁଇ ମାସ ବିତି ଯାଇଛି ଏବଂ ସମ୍ପାଦକ ଧାରଣା ସ୍ଥଳକୁ ଆସି ବାରମ୍ବାର ମଧୁର ପ୍ରତିଶ୍ରୁତି ଦେଇ ଯାଇଥିଲେ ମଧ୍ୟ କିଛି ବି ପଦକ୍ଷେପ ନେବାର ନାଁ ଧରୁନାହାନ୍ତି । କର୍ମଚାରୀଙ୍କ ନାର୍ଯ୍ୟ ଦାବୀକୁ ବ୍ୟାଙ୍କ ସମ୍ପାଦକ ଅଜୟ କୁମାର ପଟ୍ଟନାୟକ ହେୟଜ୍ଞାନ କରିବା, ନ୍ୟାୟାଳୟର ନିର୍ଦ୍ଦେଶକୁ ଅବମାନନା କରିବା, ପରିଚାଳନା କରିଷଦର ନିଷ୍ପତ୍ତିକୁ ବେଖାତିର କରିବା, ଆଇନ୍‌କୁ ଭୃକ୍ଷେପ ନକରିବା ଭଳି ନିନ୍ଦିତ କାର୍ଯ୍ୟକୁ ନିଜର ଅହଂକାର ବଳରେ ଜାରି ରଖିଛନ୍ତି । ଏପରି ଅପରିଣାମ ଦର୍ଶୀ ଗର୍ବୀ ଅହଂକାରୀ ବ୍ୟକ୍ତି ଆମର ଦାବୀ ପୂରଣ କରିବାରେ ଘୋର ଅନ୍ତରାୟ ହୋଇଥିବାରୁ ଧାରଣାରେ ବସିଥିବା ୨୦୦ ଅବସରପ୍ରାପ୍ତ କର୍ମଚାରୀ ଆଜିଠାରୁ ଅହୋରାତ୍ର ଅନଶନ ଓ ଧାରଣାରେ ବ୍ୟାଙ୍କ ଦୁଆରେ ବସିବା ପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଆସନ୍ତା ୧୭ ତାରିଖ ମଧ୍ୟରେ ଦାବୀ ପୂରଣ ନହେଲେ ଆତ୍ମାହୁତି ଦେବାକୁ ଚେତାବନୀ ଦେଇଛନ୍ତି।

## କ୍ଲଷ୍ଟରସ୍ତରୀୟ ନିପୁଣ ଓଡ଼ିଶା ମେଳା

**ବୋରିଗୁମ୍ମା, ୧୦।୨ (ସଂଚାର ବ୍ୟୁରୋ):** ବୋରିଗୁମ୍ମା ବ୍ଲକ କଷାଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ନୂଆଗାଁ କ୍ଲଷ୍ଟର ସ୍ତରୀୟ ନିପୁଣ ଓଡ଼ିଶା ମେଳା ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ୧୪ଗୋଟି ବିଦ୍ୟାଳୟର ଛାତ୍ରଛାତ୍ରୀ ଭାଗ ନେଇ ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନର ଶିକ୍ଷଣ ସହାୟକ ସାମଗ୍ରୀ ଗୁଡ଼ିକ ଆଣି ପ୍ରଦର୍ଶିତ କରିଥିଲେ। ମୁଖ୍ୟ ଅତିଥି ଭାବେ କଷାଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଞ୍ଜନ କୁମାର ଦାସ, ସମ୍ମାନନୀୟ ଅତିଥି ଭାବେ ଶିକ୍ଷକ ସଂଘ ର ସମ୍ପାଦକ ଏନ୍.କାମେଶ୍ୱର ରାଓ, ବିଶ୍ୱନାଥ ନାୟକ, ମଞ୍ଚାସୀନ ଥିଲେ। ସଭାପତି ଭାବରେ କ୍ଲଷ୍ଟର ସିଆରସିସି ସୁଶାନ୍ତ ନାୟକ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏହା ପରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।

# କୁଜଙ୍ଗ ବ୍ଲକ୍ କାର୍ଯ୍ୟାଳୟରେ ଯୁଗ୍ମ ଜନଅଭିଯୋଗ ଶୁଣାଣି



**କୁଜଙ୍ଗ, ୧୦।୨ (ସଂଚାର ବ୍ୟୁରୋ):** ଆଜି ଜଗତସିଂହପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମଜନ ଅଭିଯୋଗ ଶୁଣାଣି ଶିବିର କୁଜଙ୍ଗ ବ୍ଲକ୍ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି।ଏହି ଅଭିଯୋଗ ଶିବିରରେ ଉପସ୍ଥିତ ଅଧିକାରୀମାନେ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ଆଜି ମୋଟ ୯୭ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୮୬ଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ/ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୧୧ଟି, ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ରେସନ୍ କାର୍ଡ ସମସ୍ୟା ସମ୍ପର୍କୀୟ ୨୦ଟି, ଆବାସ ପାଇଁ ୨ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୨୩ଟି, ଭତ୍ତା ପାଇବା ପାଇଁ ୦୫ଟି, ପୋଲିସ ସହାୟତା ପାଇଁ ୦୫ଟି, ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ସହାୟତା ପାଇଁ ୧ଟି ଏବଂ ଅନ୍ୟାନ୍ୟ ୨୯ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ଗୋଟିଏ ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆରକ୍ଷୀ ଅଧିକ୍ଷକ ଭବାନୀ ଶଙ୍କର ଉଦଗାତା, ଜିଲ୍ଲା ପରିଷଦର ମୁଖ୍ୟ ବିକାଶ ତଥା ନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ଉପଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ, ଗୋଷ୍ଠୀ ଉନ୍ନୟନ ଅଧିକାରୀ କୁଜଙ୍ଗ ବିକାଶ କୁମାର ମହାନ୍ତି, ତହସିଲଦାର ସ୍ୱରୂପ ନନ୍ଦନ ବେହେରା, ଜିଲ୍ଲାସ୍ତରୀୟ ଅଧିକାରୀ, ବ୍ଲକସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

# ଡାଲୁଅ ଚାଷ ପାଇଁ ସାର ଓ ଔଷଧ ଯୋଗାଇବାକୁ ଦାବି



**ନାଉଗାଁ, ୧୦।୨ (ସଂଚାର ବ୍ୟୁରୋ):** ନାଉଗାଁ ବ୍ଲକର ଚାଷୀମାନେ ଖରିଫ୍ ଧାନ ଚାଷ ପରେ ପରେ ସାଧାରଣତ ଡାଲୁଅ ଧାନ ଚାଷ କରିଥାନ୍ତି। ଚଳିତ ବର୍ଷ ଖରିଫ୍ ଧାନ ଚାଷ ସମୟରେ ଅଭାବୀ ବର୍ଷା କାରଣରୁ ଏହି ବ୍ଲକରେ ଧାନ ଚାଷ ବହୁତ ପଛାଇ ଯାଇଥିବା ବେଳେ ଅମଳ ସମୟରେ ଲଘୁଚାପ ଜନିତ ଲଗାଣ ବର୍ଷାରେ ଚାଷୀମାନେ ଅନେକ କ୍ଷତି ସହିଛନ୍ତି। ଯାହାର ଭରଣ ପାଇଁ ଚାଷୀମାନେ ଏବେ ଖରାଦିନିଆ ଡାଲୁଅ ଧାନ ଚାଷ ଆରମ୍ଭ କରିଛନ୍ତି।

ହେଲେ ଏହି ଚାଷ ପାଇଁ ବହୁ ପରିମାଣରେ ଜଳସେଚନର ଆବଶ୍ୟକ ରହିଥିବା ବେଳେ ଚାଷୀମାନେ ଉଠା ଜଳସେଚନ ପ୍ରକଳ୍ପ ଗୁଡ଼ିକ ଉପରେ ନିର୍ଭରଶୀଳ ଅଟନ୍ତି। କିନ୍ତୁ ଏହି ବ୍ଲକରେ ଥିବା ୧୦୦ରୁ ଉର୍ଦ୍ଧ ଉଠା ଜଳସେଚନ ପ୍ରକଳ୍ପ ଗୁଡ଼ିକ ମଧ୍ୟରୁ ଏବେ ଅଧାରୁ ଅଧିକ ପ୍ରକଳ୍ପ ଅଚଳ ଅବସ୍ଥାରେ ରହିଥିବା ଦେଖିବାକୁ ମିଳୁଛି। ଏଥିସହିତ ଏହି ଚାଷ ପାଇଁ ପ୍ରଚୁର ପରିମାଣର ପାଣି ସହ ରାସାୟନିକ ସାର ଓ କୀଟନାଶକ ଔଷଧର ମଧ୍ୟ ଯଥେଷ୍ଟ ଆବଶ୍ୟକତା ରହିଛି। ହେଲେ ଏହି ବ୍ଲକରେ ଥିବା ସାର ଓ କୀଟନାଶକ ଔଷଧ ବିକ୍ରି କରୁଥିବା ବ୍ୟବସାୟୀ ମାନେ ଚାଷୀ ମାନଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସାର ଓ କୀଟନାଶକ ଔଷଧ ମୂଲ୍ୟ ବୃଦ୍ଧି କରୁଥିବାରୁ ଚାଷୀମାନେ ବଡ଼ ଚିନ୍ତାରେ ପଡ଼ି ଥିବା ଅଭିଯୋଗ କରୁଛନ୍ତି। ଯାହାକୁ ଦୃଷ୍ଟିରେ ରଖି କୃଷି ବିଭାଗ ପକ୍ଷରୁ ତୁରନ୍ତ ଏହି ଚାଷୀମାନଙ୍କୁ ସରକାରୀ ରିଆତି ମୂଲ୍ୟରେ ରାସାୟନିକ ସାର ଓ କୀଟନାଶକ ଔଷଧ ଯୋଗାଇ ଦେବାକୁ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଜିଲା ସଂଯୋଜକ ଅଶୋକ ସ୍ୱାଇଁ, କୈଳାସ ଚନ୍ଦ୍ର ପରିଡା, ନବକିଶୋର ଦାସ, ଚତୁର୍ଭୁଜ ମହାନ୍ତି ପ୍ରମୁଖ ଦାବି କରିଛନ୍ତି।

ସନାତନ ସ୍ମୃତି ସାହିତ୍ୟ ସଂସଦ ମୁଖପତ୍ର 'ଅର୍ପଣ'ର ଉନ୍ମୋଚନ ଉତ୍ସବ

# ପାଞ୍ଚ ଜଣଙ୍କୁ ରାଧାକୃଷ୍ଣ ସ୍ମୃତି ସମ୍ମାନ



**ରାଇଘର, ୧୦।୨ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ରାଇଘର ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ସନାତନ ସ୍ମୃତି ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ ଏବଂ ମୁଖପତ୍ର ଅର୍ପଣ ଉନ୍ମୋଚନ ସମେତ ଅଧ୍ୟାପକ ପରୀକ୍ଷିତ ସାହୁଙ୍କ ଅନ୍ଧ ମାଙ୍କଡ଼ ଓ ଅନ୍ୟାନ୍ୟ ପ୍ରବନ୍ଧ ପୁସ୍ତକ ପାଠକାର୍ପିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟାପକ ଡକ୍ଟର ଦୀନବନ୍ଧୁ ନନ୍ଦୀ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ବରିଷ୍ଠ କବି ବଲ୍ଲଭ ରାଉତ, ମୁଖ୍ୟ ବକ୍ତା ଭାବେ ପ୍ରତିଷ୍ଠିତ ସାହିତ୍ୟିକ ଡାକ୍ତର ସୁରେନ୍ଦ୍ରନାଥ ଦାଶ, ସମ୍ମାନୀତ ବକ୍ତା ଭାବେ କବି ହିମାଂଶୁ ଆଚାରୀ, ସମ୍ମାନୀତ ଅତିଥି ଭାବେ ବିଜୟ କୁମାର ଚୌଧୁରୀ, ଜଗଦୀଶ ଚନ୍ଦ୍ର ତ୍ରିପାଠୀ, ରାମପ୍ରସାଦ ପାତ୍ର, ପ୍ରଫୁଲ୍ଲ କୁମାର ରାଉତ, ଶିକ୍ଷାବିତ ଲକ୍ଷ୍ମୀକାନ୍ତ ବାହିନୀପତି, ସମୀକ୍ଷକ ଭାବେ ଅଧ୍ୟାପକ ଗୋପାଳ ମହାରଣା ମଞ୍ଚାସୀନ ହୋଇଥଲେ। ଏହି ଅବସରରେ ପାଞ୍ଚ ଜଣଙ୍କୁ ଯଥାକ୍ରମେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବିଜୟ କୁମାର ସେଠୀ, ସମାଜସେବୀ ହରମୋହନ ଦାସ, ଅଧ୍ୟାପକ ସୁଧାଂଶୁ ଶେଖର ପଟ୍ଟନାୟକ, ଅଧ୍ୟାପିକା ସସ୍ମିତା ଲତା ପାଢ଼ୀ, କବି ଚୈତନ୍ୟ ମଣ୍ଡଳଙ୍କୁ ସାହିତ୍ୟ ଓ ସମାଜସେବା କ୍ଷେତ୍ରର ପ୍ରତିଭାଧାରୀଙ୍କୁ ରାଧାକୃଷ୍ଣ ସ୍ମୃତି ସମ୍ମାନ ତାଙ୍କର ସୁପୁତ୍ର ଦେବେନ୍ଦ୍ରନାଥ ମିଶ୍ରଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଅନ୍ୟ ଆଠ ଜଣଙ୍କୁ ଯଥାକ୍ରମେ ସୁସାହିତ୍ୟିକ ବିଜୟ ଚୌଧୁରୀ, ଡକ୍ଟର ବିଜୟ କୁମାର ମିଶ୍ର, ଶିକ୍ଷାବିତ ଜଗଦୀଶ ଚନ୍ଦ୍ର ତ୍ରିପାଠୀ, ଅଧ୍ୟାପକ ଡକ୍ଟର ଦିନବନ୍ଧୁ ନନ୍ଦୀ,ରମେଶ ଚନ୍ଦ୍ର ନାହାକ, ପ୍ରବନ୍ଧିକ ପୂର୍ଣ୍ଣଚନ୍ଦ୍ର ମିଶ୍ର, କବୀ ଏମ ମଧୁଛନ୍ଦା, ସଂଗଠକ ରାମପ୍ରସାଦ ପାତ୍ରଙ୍କୁ ଅର୍ପଣ ସାରସ୍ୱତ ସମ୍ମାନ, ସାଇ ଅନୁଷ୍କା ମହାରଣାଙ୍କୁ ଅର୍ପଣ ଶିଶୁ ପ୍ରତିଭା ସମ୍ମାନ ପ୍ରଦାନ କରାଯାଇଥିଲା। ଏହି ଅବସରରେ ସଂସଦର ମୁଖ୍ୟ ଉପଦେଷ୍ଟା ମନୋରମା ମହାପାତ୍ରଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା।



## ବିଶ୍ୱଶାନ୍ତି ପାଇଁ ସାଇକେଲ ଶୋଭାଯାତ୍ରା

**ଖୋର୍ଦ୍ଧା, ୧୦।୨ (ସଂଚାର ବ୍ୟୁରୋ):** କେରଙ୍ଗ ଅହମଦୀୟା ମୁସଲିମ ସଂଗଠନର ଆନ୍ତଃ ସଂଗଠନ ମଜଲିସ ଅନସାରୁଲ୍ଲାଃ ପକ୍ଷରୁ ବିଶ୍ୱଶାନ୍ତି ଓ ବିଶ୍ୱ ଭାଇଚାରା ତଥା ତୃତୀୟ ବିଶ୍ୱଯୁଦ୍ଧ ନହେବା ପାଇଁ ଏକ ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏହି ଶୋଭାଯାତ୍ରା କେରଙ୍ଗ ବଜାରରୁ ଆରମ୍ଭ ହୋଇ କୁଣ୍ଡିଲୋ,ଠାକୁର ପଡା, ବରସହି,କୁମ୍ଭିଲୋ ହୋଇ କେରଙ୍ଗ ଜାମେ ମସଜିଦ ଠାରେ ଶେଷ ହୋଇଥିଲା। ଏହି ଶୋଭାଯାତ୍ରାର ଆଭିମୁଖ୍ୟ ହେଲା ବିଶ୍ୱରେ ସ୍ଥାୟୀ ଶାନ୍ତି ସ୍ଥାପନା କରିବା, ବିଶ୍ୱ ଭାଇଚାରା ପ୍ରତିଷ୍ଠା କରିବା ଏବଂ ବିଶ୍ୱ ଯୁଦ୍ଧ ଜନିତ ଭୟାବହ ଧ୍ୱଂସଲିଳାରୁ ମାନବ ସମାଜକୁ ବର୍ତ୍ତୀବା ପାଇଁ ଜନ ସଚେତନ ସୃଷ୍ଟି କରିବା।

# ପରିଶ୍ରମର ଫଳ ପାଉନି ଟମାଟୋ ଚାଷୀ

**କାକଟପୁର/ଅସ୍ତରଙ୍ଗ, ୧୦।୨ (ସଂଚାର ବ୍ୟୁରୋ):** ଅନିୟନ୍ତ୍ରିତ ବଜାର ବ୍ୟବସ୍ଥା, ଶୀତଳଭଣ୍ଡାର ଅଭାବ ଯୋଗୁ ଏବେ ଟମାଟୋ ଚାଷୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବଜାର ହେଉ ଅବା ହାଟରେ

**କେଜି ୬ଟଙ୍କାରେ ବିକ୍ରି କରି ଚାଷୀ ନିରାଶ**



ବ୍ୟବସାୟୀ ଚାଷୀଙ୍କ ଠାରୁ ଏବେ କେଜି ୬ରୁ ୮ ଟଙ୍କାରେ କିଣି ବିକ୍ରି କରୁଥିବାରୁ ଚାଷୀମାନେ ନିରାଶ ହୋଇପଡ଼ିଛନ୍ତି। ଖର୍ଚ୍ଚ ଓ ପରିଶ୍ରମ ତୁଳନାରେ ଅଭାବୀ ବିକ୍ରିର ଶିକାର ହେବାକୁ ପଡୁଛି ବୋଲି ଅସ୍ତରଙ୍ଗ ବ୍ଲକ ସ୍ଥାନୀୟ ଆଳଙ୍ଗପୁର ପଞ୍ଚାୟତ ବେଗୁନିଆବସ୍ତ ଗାଁର ଚାଷୀ ତ୍ରିଭୁବନ ନାୟକ କହିଛନ୍ତି। ବିଲାତି ମଞ୍ଜି ୧୦ଗ୍ରାମକୁ ୫ଶହ ଟଙ୍କାରୁ ଅଧିକ ପଡୁଛି। ଜମିକୁ ଚାଷ କରିବା, ଲଗାଇବା, ପାଣି ମଡ଼ାଇବା, ସାର ଔଷଧ ପକାଇବାରେ ଏକର ପିଛା ୫୫ରୁ ୬୦ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହେଉଛି। ବିଲାତି ତୋଳିବା ପାଇଁ ବି ମଜୁରିଆ ଦିନକୁ ୫ଶହ ଟଙ୍କା ନେଉଛି। ତୋଳିବା ପରେ ତାକୁ ବାଛି ବୋହିକି ହାଟକୁ ନେବା ଯାହା ଖର୍ଚ୍ଚ ସେହି ପଇସା ମଧ୍ୟ ଉଠିବା କଷ୍ଟକର ହୋଇପଡିଛି। ମାଘ ପୌଷରେ ଟମାଟୋ ଉତ୍ପାଦନ ଅଧିକ ହେଉଥିବାରୁ ମୂଲ୍ୟ ପ୍ରଭାବିତ ହେଉଛି। ପନିପରିବା ଦର ମହଙ୍ଗା ଥିବା ସମୟରେ ଉତ୍ପାଦନ କରି ହେଉନି। ଶୀତଳଭଣ୍ଡାର ଅଭାବରୁ ଉତ୍ପାଦିତ ପରିବା କି ଶସ୍ୟ ସଂରକ୍ଷିତ କରି ରଖିହେଉନି। ଯାହାଦ୍ୱାରା ତାଙ୍କ ପରି ଗରିବ ଚାଷୀଙ୍କୁ କ୍ଷତି ସହିବାକୁ ପଡୁଛି।

ଅନ୍ୟପକ୍ଷେ ଦଶନ୍ଧି ଦଶନ୍ଧି ଧରି ଖରିଫ ଚାଷ ନେଇ ଏହି ଅଞ୍ଚଳର ଚାଷୀମାନେ ସବୁବେଳେ ମାନସିକ ଚାପରେ ରହି ଆସୁଛନ୍ତି। ସରକାର ବିଲାତି ସଂରକ୍ଷଣ ବ୍ୟବସ୍ଥା ନ କଲେ ତାର ବିକ୍ରୟ ବ୍ୟବସ୍ଥା ନଚେତ ପ୍ରକ୍ରିୟାକରଣ ଶିଳ୍ପ କରାଇଲେ ଚାଷୀ ତାର ଉତ୍ପାଦିତ ସାମଗ୍ରୀର ଉଚିତ ମୂଲ୍ୟ ପାଇପାରନ୍ତା ବୋଲି ସେ କହିଥିଲେ। ସରକାରୀ ପ୍ରୋତ୍ସାହନ ସହ ଅଞ୍ଚଳରେ ଥିବା ପ୍ରାକୃତିକ ଜଳ ସମ୍ପଦର ସୁ ବିନିଯୋଗ କରାଗଲେ ଚାଷୀ ଉପକୃତ ହୋଇପାରିବେ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ କହିଛନ୍ତି।

ରଥିଜେମା କପ କ୍ରିକେଟ ଉଦ୍‌ଯାପିତ

# ଭି ଲାୟନ୍ସ ଓଡ଼ିଶା ଚାମ୍ପିୟନ




**ବାଲିଅନ୍ତା, ୧୦।୨ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ପ୍ରତାପ ଶାସନ ପଞ୍ଚାୟତ ଅଧୀନ ରଥିଜେମା ଖେଳ ପଡିଆରେ ସରୋଜ ମେମୋରିଆଲ ଟ୍ରଷ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ ରଥିଜେମା କପ କ୍ରିକେଟ ପ୍ରତିଯୋଗିତା ଫାଇନାଲ ମ୍ୟାଚରେ ୩୦ ରନରେ ଏମବିଏସ ଏକାଦଶକୁ ହରାଇ ଭି ଲାୟନ୍ସ ଚାମ୍ପିୟନ ହୋଇଛି । ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣୀ ସଭାରେ ବରିଷ୍ଠ ସାମ୍ବାଦିକ ବଙ୍କିମ ଚନ୍ଦ୍ର ନାୟକ, ଶ୍ରୀବତ୍ସ ଧଳ, ଦୁର୍ଗାଶିଷ ମିଶ୍ର,ବ୍ଲକ ଅଧ୍ୟକ୍ଷା ବାସନ୍ତୀ ଖଟୁଆ, ଉପାଧ୍ୟକ୍ଷା ଇତିଶ୍ରୀ ଜେନା, ଜିଲ୍ଲା ପରିଷଦ ସଭ୍ୟ କୁନମୁନ ଲେଙ୍କା, ସ୍ଥାନୀୟ ସରପଞ୍ଚ ରୀନାରାଣୀ ବେହେରା, ସମିତି ସଭ୍ୟ ଗଙ୍ଗାଧର ମାହାରି, ବ୍ଲକ ବିଜେଡି ସଭାପତି ପ୍ରଦୀପ୍ତ ଜେନାମଣି, ନିର୍ମାଣ ଏଜୁକେଶନାଲ ଟ୍ରଷ୍ଟ ଅଧ୍ୟକ୍ଷ ସିଦ୍ଧେଶ୍ୱର ମହାନ୍ତି, ସିନେ ଅଭିନେତା ଚନ୍ଦନ କର, ଅଭିନେତ୍ରୀ ହିରଣ୍ୟମୟୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ପରିପ୍ରେକ୍ଷୀରେ ଚାମ୍ପିୟନ ଭି ଲାୟନ୍ସ ଓଡିଶାକୁ ୧ ଲକ୍ଷ ଟଙ୍କା ସହ ଟ୍ରଫି ଏବଂ ରନର୍ସ ଅପ ଏମବିଏସକୁ ୫୦ ହଜାର ଅର୍ଥ ରାଶି ସହିତ ଟ୍ରଫି ପ୍ରଦାନ କରି ଅତିଥିବୃନ୍ଦ ପୁରସ୍କୃତ କରିଥିଲେ ।

### ଜୋରନ୍ଦା ମହିମାଗାଦିରେ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଉଦ୍‌ଘାଟିତ

# ୧୦.୩୪ କୋଟିର ପ୍ରକଳ୍ପରେ ଉପକୃତ ହେବେ ୧୩ ଗାଁ

- ଭିଡିଓ କନ୍‌ଫରେନ୍ସିଂରେ ଯୋଗଦେଲେ କେନ୍ଦ୍ର ମନ୍ତ୍ରୀ
- ୧୦ ମଠ ଓ ସର୍ବସାଧାରଣ ସ୍ଥାନକୁ ୨୪ ଘଣ୍ଟିଆ ଜଳ ଯୋଗାଣ
- ଉପକୃତ ହେବେ ୧୨ ହଜାରରୁ ଊର୍ଦ୍ଧ୍ୱ ଲୋକ
- ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ଜିଲ୍ଲା ପ୍ରଶାସନ ଓ ଓଏନଜିସିକୁ ଦେଲେ ଧନ୍ୟବାଦ



**ଢେଙ୍କାନାଳ,୧୦।୨(ସଂଚାର ବ୍ୟୁରୋ):** ପବିତ୍ର ମାଘମେଳା ପୂର୍ବରୁ ଜୋରନ୍ଦା ମହିମାଗାଦିରେ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପ ଆରମ୍ଭ ହୋଇଛି। ଆଜିର ଏହି ପଦକ୍ଷେପ ଦ୍ୱାରା ମହିମା ସମାଜର ଦୀର୍ଘଦିନର ଦାବି ପୂରଣ ହୋଇପାରିଛି ବୋଲି ଆଜି ମହିମାଗାଦିରେ ମେଗା ପାନୀୟ ଜଳ ଯୋଗାଣ ପ୍ରକଳ୍ପର ଶୁଭାରମ୍ଭ ଅବସରରେ ଭିଡିଓ ବାର୍ତ୍ତାରେ ମତ ରଖିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଅବସରରେ ଶ୍ରୀ ପ୍ରଧାନ ମହିମା ଧର୍ମର ପବିତ୍ର ତୀର୍ଥକ୍ଷେତ୍ର ତଥା ଢେଙ୍କାନାଳ ଜିଲ୍ଲାର ଜୋରନ୍ଦାଗାଦିର ସାଧୁସନ୍ଥ ଓ ଭକ୍ତଙ୍କୁ ପବିତ୍ର ମାଘମେଳା ପାଇଁ ଶୁଭକାମନା ଦେବା ସହ ଯୋରନ୍ଦା ମାଘ ମେଳା ବିଶ୍ୱ କଲ୍ୟାଣ ପାଇଁ ପୂଜ୍ୟ ମହିମା ସାଧୁମାନଙ୍କ ଏକତା ଓ ସମୂହ ପ୍ରାର୍ଥନା ମେଳା ବୋଲି ମତ ଦେଇଛନ୍ତି। ସେ କହିଛନ୍ତି ଯେ ଜୋରନ୍ଦାର ମହିମାଗାଦି କେବଳ ମହିମା ଧର୍ମର କେନ୍ଦ୍ର ବିନ୍ଦୁ ନ ଥିଲା, ଏହା ଦିନେ ସାରା ଓଡ଼ିଶାର ଶିକ୍ଷା ଓ ଜ୍ଞାନର କେନ୍ଦ୍ର ଭାବେ ପରିଚିତ ଥିଲା। ମହିମା ଧର୍ମର ମହାନ ପ୍ରଚାରକ ସନ୍ଥକବି ଭୀମ ଭୋଇ ଏହି ପବିତ୍ର ମାଟିରେ ଶିକ୍ଷା ଓ ଆଧ୍ୟାତ୍ମିକତାର ଏକ ବିରାଟ ଆନ୍ଦୋଳନକୁ ଜନ୍ମ ଦେଇଥିଲେ। ଶୂନ୍ୟ ଭଗବାନଙ୍କ ନିକଟରେ ଶରଣ ପଶିବା ଓ ସରଳ ଜୀବନଯାପନ ମହିମାଧର୍ମର ମହାନ ବିଚାର। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମହିମା ଦର୍ଶନରେ ଅନୁପ୍ରାଣିତ ଓ ମହିମାଗାଦିର ବିକାଶ ପାଇଁ ସବୁବେଳେ ଚେଷ୍ଟିତ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି।

ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଭାରତ ସରକାରଙ୍କ 'ଜଳ ଜୀବନ ମିଶନ'ରେ ଗଁଦିଆ ବ୍ଲକର ମହିମାଗାଦିରେ ଦୈନିକ ୩୫ ଲକ୍ଷ ଲିଟର କ୍ଷମତା ବିଶିଷ୍ଟ ପାନୀୟ ଜଳ ପ୍ରକଳ୍ପ ଆରମ୍ଭ ହୋଇଛି। ଏହି ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଓଏନଜିସି ପକ୍ଷରୁ ସିଏସଆର ପ୍ରକଳ୍ପ ଅଧୀନରେ ୧୦ କୋଟି ୩୪ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏଠାରେ ଦିନକୁ ୧୦ ଲକ୍ଷ ଲିଟର ପାଣି ଷ୍ଟୋରେଜ୍ ହୋଇପାରିବ। ଏହି ବ୍ୟବସ୍ଥା ଦ୍ୱାରା ସାନ ମଠ, ବଡ଼ ମଠ, ଯାତ୍ରା ପଡ଼ିଆ ସମେତ ୧୦ଟି ମଠ ଓ ସର୍ବସାଧାରଣ ସ୍ଥାନକୁ ପାଇପ ଯୋଗେ ୨୪ ଘଣ୍ଟା ସ୍ୱଚ୍ଛ ପାନୀୟ ଜଳ ଯୋଗାଯାଇପାରିବ। ଏହି ବ୍ୟବସ୍ଥା ଦ୍ୱାରା ମୋଟ ୧୩ଟି ଗାଁର ୧୨ ହଜାରରୁ ଊର୍ଦ୍ଧ୍ୱ ଲୋକ ଉପକୃତ ହେବେ। ସେଥିରେ ୨୦ ପ୍ରତିଶତ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବର୍ଗର ଲୋକ ଅଛନ୍ତି।

କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ପ୍ରତିବର୍ଷ ଓଡ଼ିଶା ଓ ଏହାର ପଡୋଶୀ ରାଜ୍ୟରୁ ପ୍ରାୟ ୨ ଲକ୍ଷ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ମାଘମେଳା ଆସିଥାନ୍ତି। ଆଜି ଉଦ୍‌ଘାଟିତ ମେଗା ପାନୀୟ ଜଳ ପ୍ରକଳ୍ପ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କ ବିଶୁଦ୍ଧ ପାନୀୟ ଜଳ ଆବଶ୍ୟକତାକୁ ପୂରଣ କରିବ। ଏହି ବିକାଶମୂଳକ ପ୍ରକଳ୍ପ ପାଇଁ କେନ୍ଦ୍ରମନ୍ତ୍ରୀ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଢେଙ୍କାନାଳ ଜିଲ୍ଲା ପ୍ରଶାସନ ଓ ଆର୍ଥିକ ଅନୁଦାନ ପାଇଁ ଓଏନଜିସିକୁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି। କାର୍ଯ୍ୟକ୍ରମରେ ଢେଙ୍କାନାଳ ସାଂସଦ ରୁଦ୍ର ନାରାୟଣ ପାଣି, ପରଜଙ୍ଗ ବିଧାୟକ ବିଭୁତି ଭୁଷଣ ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ସେନା, ହିନ୍ଦୋଳ ବିଧାୟିକା ସୀମାରାଣୀ ନାଏକ, ଗଁଦିଆ ବ୍ଲକ ଚେୟାରମ୍ୟାନ ଦିନାରାଣୀ ଖଟୁଆ, ଜିଲ୍ଲା ମାଜିଷ୍ଟ୍ରେଟ୍ ଓ ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ଓ ଏସପି ଅଭିନବ ସୋନକର ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ମହିମାଗାଦିରେ ପାନୀୟ ଜଳର ଉତ୍କଟ ସମସ୍ୟା ସମ୍ପର୍କରେ ସ୍ଥାନୀୟ ଜନସାଧାରଣ ଓ ସାଧୁସନ୍ଥ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ ପୂର୍ବରୁ ଅବଗତ କରିଥିଲେ। ଏହାକୁ ଭିତ୍ତି କରି କେନ୍ଦ୍ରମନ୍ତ୍ରୀ ଯୋରନ୍ଦା ମଠରେ ଏକ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ଓନଜିସିକୁ ନିର୍ଦ୍ଦେଶ ଦେଇଥିଲେ।

### ଦୁଇ କମ୍ପାନୀ ବିରୋଧରେ ରଣହୁଙ୍କାର

## ଖଣିରେ ଧସେଇ ପଶିଲେ ବିକ୍ଷୋଭକାରୀ



**କୋଇଡ଼ା,୧୦।୨(ସଂଚାର ବ୍ୟୁରୋ):** କୋଇଡା ଖଣି ମଣ୍ଡଳ ଓଡ଼ିଶା ଖଣି ନିଗମ ପରିଚାଳିତ କୁର୍ମିତର ଖଣ୍ଡାଧାର ଲୌହ ଖଣି କାର୍ଯ୍ୟାଳୟଠାରେ ଗତ ୮ ତାରିଖରେ ବଣାଇଁ ବିଧାୟକ ଲକ୍ଷ୍ମଣ ମୁଣ୍ଡାଙ୍କ ନେତୃତ୍ୱରେ ହଜାର ହଜାର କର୍ମୀ ବ୍ୟାନର ପୋଷ୍ଟର, ପତାକା ଧରି ଗଣଧାରଣା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆଜି ପୁଣି ନାରାୟଣପୋଷସ୍ଥିତ ଜେଏସଡବ୍ଲ୍ୟୁ ଖଣିରେ ବିଧାୟକଙ୍କ ନେତୃତ୍ୱରେ ୫ ହଜାରରୁ ଊର୍ଦ୍ଧ୍ୱ କର୍ମୀଙ୍କ ସହ ସିପିଆଇଏମ ଜିଲା ସାଧାରଣ ସମ୍ପାଦକ ପ୍ରମୋଦ ସାମଲ, ରାଜ୍ୟ କମିଟି ସଭ୍ୟ ପ୍ରଭାତ ପଣ୍ଡା, ଜିଲା ପରିଷଦ ସଦସ୍ୟା ସୁଶୀଳା ମୁଣ୍ଡା, ବିମାନ ମାଇତି, ସୁରେନ୍ଦ୍ର ଦାସ, ଅସିତ ଚୌଧୁରୀ, ସହଦେବ ନାଏକ, କୃଷ୍ଣଚନ୍ଦ୍ର ବାରିକ, ଶୁରେଶ ମୁଦୁଲି, ଅଶୋକ କୁମାର ସାମଲ, ଆନନ୍ଦମାସୀ ହୋରୋ,ଜନ ଡୁଙ୍ଗଡୁଙ୍ଗ, ହଳଧର ଦେହୁରୀ, ଲାଲବାହାଦୁର ମହାନ୍ତ, ବାଟୁ ମୁଣ୍ଡା, ପ୍ରଭାତ ପାତ୍ର ପ୍ରମୁଖଙ୍କ ସହ ଅନ୍ୟାନ୍ୟ ସିପିଆଇଏମ କର୍ମୀ ସାମିଲ ହୋଇଥିଲେ।

ଖଣି ରେଜିଂ ଠିକାସଂସ୍ଥା ଆଦାନୀ ଗ୍ରୁପ ଜେଏସଡବ୍ଲ୍ୟୁ କର୍ତ୍ତୃପକ୍ଷଙ୍କ ମିଶି ସମସ୍ତ ପରିବହନ ସହ ରେଳ ସାଇଡିଂ କାର୍ଯ୍ୟ କରିବା ପାଇଁ ଚୁକ୍ତିନାମା ହୋଇଥିଲା। ଏହି ଚୁକ୍ତିନାମାକୁ ବିରୋଧ କରିବା ସହ ପାରିପାର୍ଶ୍ୱିକ ଉନ୍ନତି ଓ ସମସ୍ତ ଚୁକ୍ତିନାମାକୁ ବାତିଲ, ସ୍ଥାନୀୟ ନିଯୁକ୍ତି ଦାବି, ଲୋଡିଂ ଏବଂ ପରିବହନ କାର୍ଯ୍ୟରେ ଏକଚାଟିଆ କାରବାର ପାଇଁ ଆଦାନୀ ଗ୍ରୁପ ଏବଂ ଜେଏସଡବ୍ଲ୍ୟୁ ଗ୍ରୁପର ମିଳିତ ଷଡ଼ଯନ୍ତ୍ର ବନ୍ଦ କରିବା ସହ ଜିଲା ପ୍ରଶାସନ ସହ ଆଲୋଚନା ପରେ କେତେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ହୋଇଥିଲା। ତେବେ ଲୋଡିଂ ଏବଂ ପରିବହନ ପାଇଁ ୬ଟି ରେଳ ସାଇଡିଂ ଯଥା ବିମଳାଗଡ, ପଟାସାହି, ରକ୍ସି, ରେଞ୍ଜଡା, ଚାନ୍ଦିପୋଷ ଏବଂ ବରସୁଁଆରେ ନିୟୋଜିତ ଥିବା ସ୍ଥାନୀୟ ଠିକାଦାରଙ୍କ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି କରିବା ବନ୍ଦ କରିବା ପ୍ରମୁଖ ୧୨ ଦଫା ଦାବି ନେଇ ପ୍ରଥମେ ୫୨୦ ନମ୍ବର ଜାତୀୟ ରାଜପଥ ଦେଇ ଖଣିକୁ ପ୍ରବେଶ କଲା ବେଳେ ପୁଲିସ ସହ ଧସ୍ତାଧସ୍ତି ପରିସ୍ଥିତି ଘଟିଥିଲା ଓ ପୁଲିସ ବ୍ୟାରିକେଡ୍ ଭାଙ୍ଗି ବିକ୍ଷୋଭକାରୀମାନେ ଖଣି ଭିତରକୁ ପ୍ରବେଶ କରିଥିଲେ। ପରେ ଖଣି ଭିତରେ ବ୍ୟାପକ ଭଙ୍ଗାରୁଜା ମଧ୍ୟ କରିଥିଲେ। ତେବେ ବିଧାୟକ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ଶାନ୍ତ କରିଥିଲେ। ସମସ୍ୟାର ସମାଧାନ ନ ହେଲା ପର୍ଯ୍ୟନ୍ତ ଗଣଧାରଣା ଜାରି ରହିବ ଓ ସମସ୍ତ ରେଳ ସାଇଡିଂକୁ ସମ୍ପୂର୍ଣ୍ଣ ଭାବେ ଠପ କରିଦିଆଯିବ ବୋଲି ବିଧାୟକ ଚେତାବନୀ ଦେଇଛନ୍ତି।

## ଘରୁ ଡାକି ନେଇ ହତ୍ୟା, ୨ ଗିରଫ

**ନୟାଗଡ଼,୧୦।୨(ସଂଚାର ବ୍ୟୁରୋ):** ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଜନୈକ ଯୁବକଙ୍କୁ ହତ୍ୟା କରାଯାଇଥିବା ବେଳେ ଏହି ମାମଲାରେ ପୁଲିସ୍ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ନୟାଗଡ଼ ଜିଲ୍ଲା ଆଡ଼କଟା ପଞ୍ଚାୟତ ହଦପଶି ଗ୍ରାମର ଚରଣ ବେହେରାଙ୍କୁ ହତ୍ୟା ଘଟଣାରେ ପୂର୍ବରୁ ମୁଖ୍ୟ ଅଭିଯୁକ୍ତକୁ ଗିରଫ କରାଯାଇଥିବା ବେଳେ ଆଜି ଅନ୍ୟତମ ଅଭିଯୁକ୍ତ ମଧ୍ୟ ପୁଲିସ୍ ହାବୁଡ଼ରେ ପଡ଼ିଯାଇଛି। ଏହି ଘଟଣାରେ ଏବେ ବି ଆଉ ଜଣେ ଅଭିଯୁକ୍ତ ଫେରାର୍ ରହିଛି ବୋଲି ଆଜି ଏଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ନୟାଗଡ଼ର ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ (ଏଏସ୍‌ପି) ସୁବାସ ପଣ୍ଡା।ଏଏସ୍‌ପିଙ୍କ ସୂଚନାନୁସାରେ, ଗତ ୩୦ ତାରିଖ ସନ୍ଧ୍ୟାରେ ନୟାଗଡ଼ ଜିଲ୍ଲା ଆଡ଼କଟା ପଞ୍ଚାୟତ ହଦପଶି ଗ୍ରାମର ଚରଣ ବେହେରାଙ୍କୁ ମଦ ପିଇବା ସକାଶେ ଅଭିଯୁକ୍ତ ପିଣ୍ଟୁ ବେହେରା ଓ ମାନସ ଡାଙ୍ଗୁଆ ଡାକିନେଇଥିଲେ। କିନ୍ତୁ ପରେ ଚରଣ ଆଉ ଘରକୁ ଫେରିନଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ହେଁ ତାଙ୍କର କୌଣସି ପତ୍ତା ନ ପାଇବାରୁ ଶେଷରେ ଗଣିଆ ଥାନାରେ ଅଭିଯୋଗ କରିଥିଲେ। ପରଦିନ ଅର୍ଥାତ୍ ୩୧ ତାରିଖ ଅପରାହ୍ନରେ ଘରଠାରୁ ୨ ଶହ ମିଟର ଦୂରରେ ଏକ ଜମିରେ ଚରଣଙ୍କ ଏଟିଏମ୍ କାର୍ଡ ଓ ରକ୍ତଚିହ୍ନ ସହ ସେଠାରେ ଘୋଷରା ଚିହ୍ନ ଦେଖିବାକୁ ମିଳିଥିଲା। ଖବର ପାଇ ପୁଲିସ୍ ସେଠାରେ ପହଞ୍ଚିବା ସହ ଅନୁସନ୍ଧାନ ଆରମ୍ଭ କରିଥିଲା। ଅନୁସନ୍ଧାନ ପରେ ଜଣାପଡ଼ିଥିଲା ଯେ ତିନି ଜଣଯାକ ମଦ ପିଇବା ସମୟରେ ବର୍ଷେ ତଳର ଜମିଜମା ବିବାଦ ନେଇ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏହାପରେ ମାନସ ଓ ପିଣ୍ଟୁ ଏକ ଠେଙ୍ଗାରେ ଚରଣଙ୍କ ମୁଣ୍ଡକୁ ପିଟିଦେଇଥିଲେ। ଫଳରେ ଚରଣଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିଲା। ଉଭୟ ଚତୁରତାର ସହ ମୃତଦେହକୁ ଚିତ୍ତରଞ୍ଜନ ବେହେରା ନାମକ ବ୍ୟକ୍ତିଙ୍କ ଅଟୋରେ ଅଳ୍ପ କିଛି ବାଟ ନେବା ପରେ ପିଣ୍ଟୁର ଆଇଚର୍ ଟ୍ରକ୍‌ରେ ଖଜୁରୀପଡ଼ା ଆଣି ଘାଟି ତଳେ ଫିଙ୍ଗିଦେଇଥିଲେ। ନୟାଗଡ଼ ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ୍ ଗଠନ କରାଯାଇ ନାନା ଦିଗକୁ ନେଇ ତଦନ୍ତ ଆରମ୍ଭ ହୋଇଥିଲା। ଅଭିଯୁକ୍ତମାନଙ୍କ କଲ୍ ରେକର୍ଡ ଯାଞ୍ଚ କରିବା ପରେ ପୁଲିସ୍‌କୁ ସୁରାକ ମିଳିଥିଲା। ହତ୍ୟାକାଣ୍ଡ ଘଟାଇବା ପରେ ଅଭିଯୁକ୍ତ ପିଣ୍ଟୁ ଭଞ୍ଜନଗର ଚାଲିଯାଇଥିଲା। ସେଠାରେ ସେ ଟ୍ରକ୍‌ରୁ ମାଲ୍ ଖାଲି କରି ଭୁବନେଶ୍ୱର ଆସିଥିଲା। ସେଠାରୁ ପୁଣି ଆସି ଭଞ୍ଜନଗରରେ ଲୁଚିଥିବା ବେଳେ ପୁଲିସ ପିଣ୍ଟୁକୁ ଗିରଫ କରିଥିଲା। ତେବେ ଗତ ଶନିବାର ସନ୍ଧ୍ୟାରେ ସହଯୋଗୀ ଅଭିଯୁକ୍ତ ମାନସକୁ ଗିରଫ କରିବା ସହ ପୁଲିସ୍ ଅଧିକ ତଦନ୍ତ ଜାରି ରଖିଥିଲା। ପିଣ୍ଟୁଠାରୁ ମିଳିଥିବା ତଥ୍ୟ ଅନୁସାରେ ସହଯୋଗୀ ମାନସକୁ ଗିରଫ କରାଯାଇଛି। ଦୁଇ ଅଭିଯୁକ୍ତଙ୍କୁ ଗତକାଲି କୋର୍ଟ ଚାଲାଣ କରାଯାଇଛି। ଦୁଇ ଅଭିଯୁକ୍ତ ତଥ୍ୟ ଆଧାରରେ ହଦପଶିଠାରେ ହତ୍ୟାକାଣ୍ଡରେ ବ୍ୟବହୃତ ବାଉଁଶ ଠେଙ୍ଗାକୁ ଜବତ କରାଯାଇଛି। ଏକ ପଲସର ବାଇକ, ଅଟୋ ରିକ୍ସା ଓ ଆଇଚର୍ ଟ୍ରକକୁ ପୁଲିସ୍ ଜବତ କରିବାରେ ସକ୍ଷମ ହୋଇଛି।

### ● ବିବାହ ପରେ ଧୋକ୍କା ଅଭିଯୋଗ

## ଶାଶୂଘର ଆଗରେ ବୋହୂର ଧାରଣା

**ତିହିଡ଼ି,୧୦।୨(ସଂଚାର ବ୍ୟୁରୋ):** ଶାଶୂଘର ସାମ୍ନାରେ ଧାରଣା ଦେଇଛନ୍ତି ବୋହୂ। ବିବାହ ଆଳରେ ତାଙ୍କ ସହ ଧୋକ୍କା ହୋଇଥିବା ଅଭିଯୋଗ କରି ବୋହୂ ପୁଷ୍ପାଞ୍ଜଳି ବେହେରା ଆଜି ପୂର୍ବାହ୍ନ ୧୧ଟାଠାରୁ ଧାରଣାରେ ବସିବା ସହ ଶାଶୂଘର ଲୋକଙ୍କ ବିରୋଧରେ ଦଣ୍ଡ ବିଧାନ ସ୍ୱରୂପ ୧ କୋଟି ଟଙ୍କା ଦାବି କରିଛନ୍ତି। ତିହିଡି ଥାନା ଦୋଳସାହି ପଞ୍ଚାୟତ ଅଧୀନ ରାଢ଼ଙ୍ଗ ଗ୍ରାମର ତାଙ୍କ ଶାଶୂଘର ସାମ୍ନାରେ ପୁଷ୍ପାଞ୍ଜଳି ଧାରଣା ଦେଇଥିବା ଜଣାପଡ଼ିଛି। ତାଙ୍କ ଘର ପୀରହାଟ ଥାନା ଦୌଲତପୁର ପଞ୍ଚାୟତ ଅଧୀନସ୍ଥ ଅର୍ଜୁନବିନ୍ଧା ଗ୍ରାମରେ ହୋଇଥିବା ବେଳେ ଗତ ୨୦୦୦ରେ ରାଢ଼ଙ୍ଗ ଗ୍ରାମର ଅନନ୍ତ ମୁଦୁଲିଙ୍କ ପୁଅ ନୀଳମଣିଙ୍କ ସହ ତାଙ୍କ ବିବାହ ଭଦ୍ରକ ହଳଦିସ୍ଥିତ ଭାରତମାତାଙ୍କ ମନ୍ଦିରରେ ହୋଇଥିଲା। ବିବାହ ପରେ ନୀଳମଣି ଜଣେ କିନ୍ନର ବୋଲି ସେ ଜାଣିବାକୁ ପାଇଥିଲେ। ଫଳରେ ତାଙ୍କର ଏକ ସୁନ୍ଦର ସଂସାର ଗଢ଼ିବା ସ୍ୱପ୍ନ ପାଣିରେ ମିଶିଯାଇଥିଲା। ପରେ ସେ ଶାଶୂଘର ଛାଡ଼ିବା ସହ ଅସମ୍ମାନ ପାଇଁ କ୍ଷତିପୂରଣ ବାବଦରେ ୧ କୋଟି ଟଙ୍କା ଦାବି କରିଆସୁଥିଲେ। ମାତ୍ର ତାଙ୍କୁ ଏଯାବତ ଏହା ମିଳି ନ ଥିବାରୁ ସେ ଶେଷରେ ଶାଶୂଘର ସମ୍ମୁଖରେ ଧାରଣା ଦେବା ଭଳି ପଦକ୍ଷେପ ନେଇଛନ୍ତି। ତାଙ୍କ ସହ ମା' କନକ ବେହେରା ମଧ୍ୟ ଧାରଣାରେ ସାମିଲ ହୋଇଥିବା ବେଳେ ଧାରଣାସ୍ଥଳରେ ରାନ୍ଧି ଖାଇବା ସକାଶେ ସେ ରନ୍ଧନ ଗ୍ୟାସ ସହ ରୋଷେଇ ସରଞ୍ଜାମ ରଖିଥିବା ଦେଖିବାକୁ ମିଳିଛି।

### ● ନୌବାଣିଜ୍ୟ ସଂଗ୍ରହାଳୟରେ ବିଚିତ୍ର ସ୍ଥିତି

## ଉପସ୍ଥାନ ପାଇଁ ଦୁଇ ଦୁଇଟି ବାୟୋମେଟ୍ରିକ୍ ମେସିନ୍





**କଟକ,୧୦।୨(ସଂଚାର ବ୍ୟୁରୋ):** କଟକ ଯୋବ୍ରା ନୌବାଣିଜ୍ୟ ସଂଗ୍ରହାଳୟରେ କର୍ମଚାରୀଙ୍କ ଉପସ୍ଥାନରେ ଜାଲିଆତି କରିଥିବା ଅଭିଯୋଗ ପରେ ବିଭାଗ ପକ୍ଷରୁ ଦୁଇ ଦୁଇଟି ସ୍ଥାନରେ ବର୍ତ୍ତମାନ ବାୟୋମେଟ୍ରିକ ମେସିନ ଲଗାଯାଇଥିବା ଦେଖାଯାଇଛି। ପୂର୍ବରୁ ଗୋଟିଏ ମେସିନ ଲାଗିଥିବା ବେଳେ ବର୍ତ୍ତମାନ କେବଳ ଜଣେ କର୍ମଚାରୀ ଅନୁପସ୍ଥିତି ସତ୍ତ୍ୱେ ତାହାର ଦରମାକୁ ଠିକାସଂସ୍ଥା ଓ ବିଭାଗୀୟ ଅଧିକାରୀ ମିଳିମିଶି ଲୁଟ୍ କରୁଥିବା ଯୋଗୁଁ ଆଉ ଗୋଟିଏ ମେସିନ ଲଗାଇ ବାୟୋମେଟ୍ରିକ ମେସିନରେ ଉପସ୍ଥାନ ଜାଲିଆତି କରିବା ପାଇଁ ଏକ ନୂଆ ଷଡ଼ଯନ୍ତ୍ର କରିଥିବା ଅଭିଯୋଗ ହୋଇଛି। କର୍ମଚାରୀ ବିଜ୍ଞାନ କୁମାର ନାୟକ ଅନୁପସ୍ଥିତ ରହି ଦରମା ନେବା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବୀ ହେଉଛି।ଏହି କର୍ମଚାରୀ ଜଣଙ୍କ ନୌବାଣିଜ୍ୟ ସଂଗ୍ରହାଳୟରେ ଆକ୍ୱାରିୟମ ରକ୍ଷଣାବେକ୍ଷଣ ପାଇଁ ଠିକା ନେଇଥିବା ଠିକାସଂସ୍ଥାର ସମ୍ପର୍କୀୟ ବୋଲି ବିଭାଗୀୟ ଅଧିକାରୀ ନିରବ ରହୁଥିବା ଜଣାପଡ଼ିଛି। ଠିକାସଂସ୍ଥାକୁ ମାସିକ ୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆକ୍ୱାରିୟମ ରକ୍ଷଣାବେକ୍ଷଣ ପାଇଁ ବିଭାଗ ପୈଠ କରୁଥିବା ବେଳେ ଏଥିରେ ବ୍ୟାପକ ଅର୍ଥ ହେରଫେର ହେଉଛି ଯାହାକି ସେଭଳି ରକ୍ଷଣାବେକ୍ଷଣ ହେଉନାହିଁ କି ଆକ୍ୱାରିୟମରେ ଉନ୍ନତ ମାନର ମାଛ ଦେଖିବାକୁ ମିଳୁନାହିଁ।ସେଥିପାଇଁ ବୁଲିବାକୁ ଆସୁଥିବା ଦର୍ଶକ ନିରାଶ ହେଉଛନ୍ତି।

# ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ଭେଟିଲେ ବରଗଡ଼ ସାଂସଦ



### ଗନ୍ଧମାର୍ଦ୍ଦନକୁ ଜାତୀୟ ସମ୍ପତ୍ତି ମାନ୍ୟତା ଦାବି

**ବରଗଡ଼,୧୦।୨(ସଂଚାର ବ୍ୟୁରୋ):** ବରଗଡ ସାଂସଦ ପ୍ରଦୀପ ପୁରୋହିତ ଆଜି ସଂସଦ ଭବନରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କୁ ସାକ୍ଷାତ କରିବା ସହ ବରଗଡ଼ ଲୋକସଭା କ୍ଷେତ୍ର ଅନ୍ତର୍ଗତ ଗନ୍ଧମାର୍ଦ୍ଦନ ପୀଠକୁ ପରିଦର୍ଶନରେ ଆସିବା ପାଇଁ ଆମନ୍ତ୍ରଣ କରିଛନ୍ତି। ଆଜି ମଧ୍ୟାହ୍ନ ପ୍ରାୟ ୧୨ଟା ୪୦ ମିନିଟ ସମୟରେ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ବରଗଡ଼ ଲୋକସଭା ସଦସ୍ୟ ଶ୍ରୀ ପୁରୋହିତ ସାକ୍ଷାତ କରିବା ସହ ୨ଟି ଗୁରୁତ୍ୱପୂର୍ଣ୍ଣ ବିଷୟ ପ୍ରତି ତାଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ସେ ସମ୍ପର୍କରେ ବିଶଦ ଆଲୋଚନା କରିଛନ୍ତି। ଆଲୋଚନା ସମୟରେ ଶ୍ରୀ ପୁରୋହିତ କହିଥିଲେ ଯେ ଓଡ଼ିଶାର ପଶ୍ଚିମାଞ୍ଚଳର ୧୧ଟି ଜିଲ୍ଲାର ଲୋକଙ୍କର ମାତୃଭାଷା ହେଉଛି ସମ୍ବଲପୁରୀ-କୋଶଳି ଭାଷା। ଏହି ଭାଷାର ଏକ ସମୃଦ୍ଧ ସାହିତ୍ୟ ବ୍ୟାକରଣ ଥିବାରୁ ଏହାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦର ସାମିଲ କରାଯିବାର ଆବଶ୍ୟକତା ରହିଛି। ସେହିପରି ପ୍ରାକୃତିକ, ଐତିହାସିକ ପୀଠ ଗନ୍ଧମାର୍ଦ୍ଦନ ପର୍ବତର ସୁରକ୍ଷା ସହ ଏହାକୁ ଜାତୀୟ ସମ୍ପତ୍ତିର ମାନ୍ୟତା ପ୍ରଦାନ ଦାବି ନେଇ ଶ୍ରୀ ପୁରୋହିତ ସ୍ୱରାଷ୍ଟ୍ର ମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଆଲୋଚନା ପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଗନ୍ଧମାର୍ଦ୍ଦନ ଅଞ୍ଚଳ ପରିଦର୍ଶନରେ ଆସିବା ପାଇଁ ସହମତି ପ୍ରକାଶ କରିଥିବା ଶ୍ରୀ ପୁରୋହିତ ସୂଚନା ଦେଇଛନ୍ତି।

# ବିଏମ୍‌ସି କାର୍ଯ୍ୟାଳୟରୁ ଫାଇଲ ଗାଏବ୍

**ବ୍ରହ୍ମପୁର,୧୦।୨(ସଂଚାର ବ୍ୟୁରୋ):** ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି) ପିଛା ଛାଡୁନି ବିବାଦ। ଦୁଇ କର୍ପୋରେଟର ଗୋଷ୍ଠୀର କଳିକୁ ନେଇ ବ୍ରହ୍ମପୁରଠାରୁ ଭୁବନେଶ୍ୱର ଯାଏଁ ଉଠୁଥିବା ପଡୁଥିବା ବେଳେ ଏବେ ପୁଣି ଏକ ବିବାଦର ସୂତ୍ରପାତ ହୋଇଛି। ମହାନଗର ନିଗମ ପରିସରରେ ଥିବା ସ୍ୱାସ୍ଥ୍ୟ ବିଭାଗ ଅଧୀନସ୍ଥ ସିଟି ପ୍ରୋଗ୍ରାମିଂ କାର୍ଯ୍ୟାଳୟରୁ କିଛି ଗୁରୁତ୍ୱପୂର୍ଣ୍ଣ ଫାଇଲ୍ ଚୋରି ହୋଇଥିବା ଅଭିଯୋଗ ହୋଇଛି। ପୁଲିସ ତଦନ୍ତ ଜାରି ରଖିଥିବା ବେଳେ କିଏ କେଉଁ ଉଦ୍ଦେଶ୍ୟରେ ଫାଇଲ ଚୋରି କରିନେଇଛି, ତାହା ସ୍ପଷ୍ଟ ହୋଇପାରିନି। ଅନ୍ୟପକ୍ଷରେ ଗୋଟିଏ କର୍ପୋରେଟର ଗୋଷ୍ଠୀ କହିଲେଣି ଯେ ଦୁର୍ନୀତି ଥିବାରୁ ଫାଇଲକୁ ଜାଣିଶୁଣି ଗାଏବ୍ କରିଦିଆଯାଇଛି। ମହାନଗର ନିଗମରେ ବିଭିନ୍ନ ଦୁର୍ନୀତି ହେଉଥିବା କିଛି କର୍ପୋରେଟର୍ ଅଭିଯୋଗ କରୁଥିବା ବେଳେ ନିଗମ କାର୍ଯ୍ୟାଳୟରୁ ଚୋରି ହୋଇଛି ଫାଇଲ୍। ଭାଇରାଲ ହୋଇଥିବା ସିସିଟିଭି ଫୁଟେଜରୁ ଜଣାପଡୁଛି ଯେ ଜଣେ ବ୍ୟକ୍ତି ସିଟି ପ୍ରୋଗ୍ରାମିଂ କାର୍ଯ୍ୟାଳୟ ଭିତରକୁ ଆସି କିଛି ଫାଇଲ୍ ଚୋରି କରିନେଇଛନ୍ତି। ଏନେଇ ଟାଉନ୍ ଥାନାରେ ସିଟି ପ୍ରୋଗ୍ରାମିଂ କାର୍ଯ୍ୟାଳୟ ପକ୍ଷରୁ କିଛି ନଥିପତ୍ର ସହ ଅନ୍ୟାନ୍ୟ ସାମଗ୍ରୀ ଚୋରି ହୋଇଥିବା ଅଭିଯୋଗ କରାଯାଇଛି। କିନ୍ତୁ କେଉଁ ଫାଇଲ ଚୋରି ହୋଇଛି, ସେ ବିଷୟରେ କୌଣସି ତଥ୍ୟ ଦିଆଯାଇନାହିଁ। ତେବେ ପୁଲିସ ଅଭିଯୋଗ ପାଇବା ପରେ ସିସିଟିଭି ଫୁଟେଜ ଆଧାରରେ ତଦନ୍ତ କରୁଛି। ଏହି ଘଟଣାରେ ଦୁଇ ଜଣଙ୍କୁ ଅଟକ ରଖାଯାଇଥିବା କହିଛନ୍ତି ବ୍ରହ୍ମପୁର ଏସ୍‌ପି।

ତେବେ ବିଏମ୍‌ସିରେ ଦୁର୍ନୀତି ପ୍ରବଳ ହେଉଥିବାରୁ ଫାଇଲ ବେଳେ ବେଳେ ମିଳେ ଓ ବହୁ ସମୟରେ ମିଳେ ନାହିଁ। ପୂର୍ବରୁ ବହୁ ଫାଇଲ ଚୋରି ଅଭିଯୋଗ ହୋଇଥିଲା। ଏଥର ବି କୌଣସି ଦୁର୍ନୀତିକୁ ଲୁଚାଇବା ପାଇଁ ପ୍ରାୟୋଜିତ ଭାବେ ଏହା କରାଯାଇ ଥାଇପାରେ ବୋଲି କେତେକ କର୍ପୋରେଟର କହୁଛନ୍ତି।

### ● ନିମ୍ନମାନର ରାସ୍ତା କାର୍ଯ୍ୟ ନେଇ ଖବର ପରେ ବିଧାୟକଙ୍କ ତତ୍ପରତା

## ଘଟଣାସ୍ଥଳରେ ପହଞ୍ଚି କଲେ ଅନୁଧ୍ୟାନ, ସଠିକ୍ କାର୍ଯ୍ୟ ପାଇଁ ତାଗିଦ୍

**ମାହାଙ୍ଗା,୧୦।୨(ସଂଚାର ବ୍ୟୁରୋ):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ଜଗତପୁର ଜଳସମ୍ପଦ ଉତ୍ତର ବିଭାଗ ଅଧୀନସ୍ଥ ପଟ୍ଟାମୁଣ୍ଡାଇ କେନାଲ ଦକ୍ଷିଣ ପାର୍ଶ୍ୱବନ୍ଧ ଚାର୍ଜପାଳଠାରୁ ବାଗସରପୁର ପର୍ଯ୍ୟନ୍ତ ହେଉଥିବା ଉନ୍ନତିକରଣ ଓ ଢଳେଇ କାର୍ଯ୍ୟରେ ବ୍ୟାପକ ଅନିୟମିତତା ସହ ନିର୍ମାଣ କାର୍ଯ୍ୟ ଶେଷ ହେବାର କେଇଦିନ ଭିତରେ ଗୋଡ଼ି ଉଠିବା ଓ ଢଳେଇ ଫାଟିବା ଆଦି ଖବର ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ଏନେଇ ଜାଣିବା ପରେ ଆଜି ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ ବିଭାଗୀୟ ଅଧିକାରୀ ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଘଟଣାସ୍ଥଳକୁ ଡକାଇ କାର୍ଯ୍ୟର ଅନୁଧ୍ୟାନ କରିଛନ୍ତି। ଏହି କାର୍ଯ୍ୟରେ ବ୍ୟାପକ ଅନିୟମିତତା ହୋଇଥିବା ଜଣାପଡ଼ିବା ପରେ ବିଧାୟକ ତୁରନ୍ତ ସଠିକ୍ କାର୍ଯ୍ୟ କରିବାକୁ ସମ୍ପୃକ୍ତ ଅଧିକାରୀ ଓ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଆଗାମୀ ଦିନରେ ଏପରି ଅନିୟମିତତାର ପୁନରାବୃତ୍ତି ହୁଏ, ତା'ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଧାୟକ ଚେତାବନୀ ଦେଇଛନ୍ତି। ଏହାଛଡ଼ା ମାହାଙ୍ଗା ଅଞ୍ଚଳରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ଚାଲୁଥିବା ବେଳେ କୌଣସି ସ୍ଥାନରେ କିଛି ବି ଅନିୟମିତତା ଦେଖିଲେ ଗଣମାଧ୍ୟମ ପ୍ରତିନିଧିମାନେ ଏ ସମ୍ପର୍କରେ ଖବର ପ୍ରକାଶ କରିବାକୁ ମଧ୍ୟ ବିଦାୟକ କହିଥିଲେ। ବିଧାୟକଙ୍କ ଏପରି ତ୍ୱରିତ ପଦକ୍ଷେପକୁ ସ୍ଥାନୀୟ ଲୋକେ ପ୍ରଶଂସା କରିବା ସହ ଅନ୍ୟ ବିଧାୟକମାନେ ଏଥିରୁ କିଛି ଶିଖିବା ଉଚିତ ବୋଲି ମତ ଦେଇଛନ୍ତି। ବିଧାୟକଙ୍କ ସହ ଘଟଣାସ୍ଥଳରେ ଓସିସି ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଦୀପ୍ତ ମହାନ୍ତି, ବାଲିଚନ୍ଦ୍ରପୁର ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ଶାରଦା ପ୍ରସନ୍ନ ସେଠୀ, ସମିତିସଭ୍ୟ ସୁରେନ୍ଦ୍ର ମହାନ୍ତି, ପୂର୍ବତନ ସରପଞ୍ଚ ଜିତେନ୍ଦ୍ର ଶତପଥୀ, ଯୁବ ସଙ୍ଗଠକ ମନୋରଞ୍ଜନ ବିଶ୍ୱାଳ, ଯୁବନେତା ଭକ୍ତଚରଣ ସ୍ୱାଇଁ, ଦେବେନ୍ଦ୍ର କୁମାର ସାହୁ, ରମେଶ ଚନ୍ଦ୍ର ସ୍ୱାଇଁ, ଅଭିନ୍ନ ଜେନା, ନିରଞ୍ଜନ ମୁଦୁଲି, ରଘୁନାଥ ବିଶ୍ୱାଳ, ମୃତ୍ୟୁଞ୍ଜୟ ବିଶ୍ୱାଳ, ଅରୁଣ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।



# ବଜେଟ୍ ଅଧିବେଶନ ହେବ ସରଗରମ

### ଘେରିବାକୁ ବିରୋଧୀ ଓ ମୁକାବିଲା ପାଇଁ ସରକାର ପ୍ରସ୍ତୁତ

**ଭୁବନେଶ୍ୱର,୧୦।୨:** ଓଡ଼ିଶା ବିଧାନସଭାର ଆଗାମୀ ବଜେଟ୍ ଅଧିବେଶନ ବେଶ୍ ସରଗରମ ହେବ ବୋଲି ପ୍ରାକ୍ ସୂଚନା ମିଳୁଛି। ବିଭିନ୍ନ ପ୍ରସଙ୍ଗରେ ମୁଖ୍ୟ ବିରୋଧୀଦଳ ବିଜେଡି ଓ କଂଗ୍ରେସ ସରକାରଙ୍କୁ ଘେରିବା ପାଇଁ ନକ୍ସା ପ୍ରସ୍ତୁତ କରୁଥିବାବେଳେ ବିରୋଧୀ ଦଳର ସମସ୍ତ ପ୍ରସଙ୍ଗର ଠିକଣା ଉତ୍ତର ରଖିବା ପାଇଁ ସରକାର ମଧ୍ୟ ପ୍ରସ୍ତୁତ।

ବିରୋଧୀ ବିଧାୟକମାନଙ୍କ ସୂତ୍ରରୁ ମିଳୁଥିବା ସୂଚନା ମୁତାବକ, ବାରବାଟୀ ଷ୍ଟାଡିୟମ ପ୍ରାୟ ଅଧ ଘଣ୍ଟା ଧରି ଅନ୍ଧାର ହେବାରୁ ଆର୍ନ୍ତଜାତିକ କ୍ରିକେଟ ମ୍ୟାଚ୍‌ରେ ଯେଭଳି ସମସ୍ୟା ଉପୁଜିଲା, ସେ ସଂକ୍ରାନ୍ତରେ ସରକାରଙ୍କୁ ସିଧାସଳଖ ଜବାବ ମଗାଯିବ। ଏହାଛଡ଼ା ଧାନମଣ୍ଡିରେ ବିଭିନ୍ନ ଜିଲ୍ଲାରେ ଉପୁଜିଥିବା ସମସ୍ୟା ବିଶେଷକରି କଟ୍‌ନୀ ଛଟ୍‌ନୀକୁ ମଧ୍ୟ ବିରୋଧୀ ବିଧାୟକମାନେ ପ୍ରମୁଖ ପ୍ରସଙ୍ଗ କରିବେ।

କୋଟିଆ ଓ ପୋଲାଭରମ ପ୍ରସଙ୍ଗ ମଧ୍ୟ ବିଧାନସଭାରେ ବିରୋଧୀମାନେ ଉଠାଇବେ। ମହାନଦୀ ଜଳ ବିବାଦର ସମାଧାନ ହେଉନଥିବାରୁ ମହାନଦୀ ଯେଉଁ ବିପଜ୍ଜନକ ସ୍ଥିତିକୁ ଆସିଛି, ସେ ସମ୍ପର୍କରେ ବି ଆଲୋଚନା ହୋଇପାରେ। ଏହାଛଡ଼ା କଣାସ ଓ ବାଙ୍କି ସମେତ ରାଜ୍ୟର ଆଉ କେତେକ ଅଞ୍ଚଳରେ ଜଳ ପ୍ରଦୂଷଣ ଯୋଗୁଁ ଯେଭଳି ରୋଗବ୍ୟାଧି ବ୍ୟାପୁଛି, ସେ ସ୍ରଂକାନ୍ତରେ ବି ବିରୋଧୀମାନେ ପ୍ରଶ୍ନ ଉଠାଇବା ଏକପ୍ରକାର ନିଶ୍ଚିତ।

ଜଳସେଚନ ସହ କୃଷି ବି ଅନ୍ୟତମ ପ୍ରସଙ୍ଗ ହୋଇପାରେ। ଜଣେ କଂଗ୍ରେସ ବିଧାୟକ କହିଛନ୍ତି ଯେ ୨୫ ବର୍ଷ ତଳେ କଂଗ୍ରେସ ଶାସନରୁ ବିଦାୟ ନେବା ବେଳକୁ ରାଜ୍ୟର ଋଣବୋଝ ପ୍ରାୟ ୧୮ ହଜାର କୋଟି ଟଙ୍କା ଥିବାବେଳେ ଏବେ ତାହା ୧ କୋଟି ୨୫ ହଜାର କୋଟି ଟଙ୍କାକୁ ଟପିବାକୁ ଯାଉଛି। ରାଜ୍ୟର ତଥା ଦେଶର ବଢ଼ିଚାଲିଥିବା ଋଣବୋଝ ଯୋଗୁଁ ଅର୍ଥନୀତି ବିପର୍ଯ୍ୟସ୍ତ ହେଉଛି। ମୁଦ୍ରାସ୍ଫୀତି, ଦରଦାମ ବୃଦ୍ଧି, ବେକାରୀ ଓ ବେରୋଜଗାରୀ ସମସ୍ୟା, ଦାଦନ ପ୍ରସଙ୍ଗ ସହ ଆଇନ୍‌ଶୃଙ୍ଖଳା ଓ ନିଶା ନିବାରଣ ସମେତ ବିଭିନ୍ନ ପ୍ରସଙ୍ଗ ବି ଉଠାଇବା ପାଇଁ କଂଗ୍ରେସ ବିଧାୟକମାନେ ସଜବାଜ ହେଉଛନ୍ତି।

ସରକାରୀ ଚାକିରି କ୍ଷେତ୍ରରେ ଖାଲି ପଡ଼ିଥିବା ସମସ୍ତ ପଦବୀକୁ ସୀମିତ ସମୟରେ ପୂରଣ କରିବା ସହ ବିଶ୍ୱବିଦ୍ୟାଳୟଗୁଡ଼ିକରେ ନିୟମିତ କୁଳପତି, ଶିକ୍ଷକ ଓ ଅଣଶିକ୍ଷକ ନିଯୁକ୍ତି, କଲେଜ ଓ ସ୍କୁଲମାନଙ୍କରେ ଲାଗି ରହିଥିବା ଶିକ୍ଷକ ସମସ୍ୟାର ସମାଧାନ, ଡାକ୍ତରଖାନା, ମେଡିକାଲ କଲେଜ ଆଦିରେ ଖାଲି ପଡ଼ିଥିବା ଡାକ୍ତର ଓ ଡାକ୍ତରୀ ଶିକ୍ଷକ ଏବଂ ଅନ୍ୟାନ୍ୟ ପଦପଦବୀ ପୂରଣ ଦିଗରେ ହେଉଥିବା ଟାଳଟୁଳ ମନୋଭାବକୁ ମଧ୍ୟ ବିରୋଧୀଦଳ ଉଠାଇବା ସମ୍ଭାବନା ଅଧିକ।

ଏହାଛଡ଼ା ରାଜ୍ୟର ଆଇନ୍‌ଶୃଙ୍ଖଳା ପରିସ୍ଥିତି, ନିଶା ପ୍ରସାରଣଜନିତ ବିପତ୍ତି, ସଡ଼କ ଦୁର୍ଘଟଣା ବୃଦ୍ଧି ଆଦି ପ୍ରସଙ୍ଗ ଉପରେ ବି ପ୍ରଶ୍ନ ଆସିପାରେ। ଏମିତିକି ପୂର୍ବତନ ମନ୍ତ୍ରୀ ନବ ଦାସଙ୍କ ହତ୍ୟା ଓ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ହତ୍ୟା ଘଟଣାର ତଦନ୍ତ ପାଇଁ ମଧ୍ୟ ବିଭିନ୍ନ ଦଳରୁ ପ୍ରସଙ୍ଗ ଉଠିବାର ସୂଚନା ମିଳୁଛି।

ବିଧାନସଭାର ବଜେଟ୍ ଅଧିବେଶନ ଆସନ୍ତା ୧୩ ତାରିଖରୁ ଆରମ୍ଭ ହେବାକୁ ଯାଉଛି। ଏହା ପୂର୍ବରୁ ଶାସକ ବିଜେପି ଓ ବିରୋଧୀଦଳରେ ଥିବା ବିଜେଡି ଓ କଂଗ୍ରେସ ବିଧାୟକ ଦଳ ବୈଠକରେ ଦଳୀୟ ରଣନୀତି ଚୂଡ଼ାନ୍ତ ହେବ। ତେବେ ବିଧାନସଭା ଅଧିବେଶନ ଯେଭଳି ସୁରୁଖୁରୁରେ ଚାଲେ, ସେଥିନେଇ ବାଚସ୍ପତି ମଧ୍ୟ ସର୍ବଦଳୀୟ ବୈଠକ ଆହୂତ କରିବେ। (ତଥ୍ୟ)

## ବ୍ରିଜ୍ ଉପରେ ଝୁଲି ରହିଛି ହାଇୱା

**ରେଢ଼ାଖୋଲ, ୧୦।୨ (ସଂଚାର ବ୍ୟୁରୋ):** ରେଢ଼ାଖୋଲରେ ଘଟିଛି ଏକ ଅଘଟଣ। ବ୍ରିଜ ଉପରେ ଝୁଲି ରହିଛି ଏକ ବାଲି ବୋଝେଇ ହାଇୱା ଗାଡ଼ି। ଗାଡି ଭିତରେ ଚାପି ହୋଇ ରହିଛନ୍ତି ଡ୍ରାଇଭର। ଏହି ଘଟଣାଟି ଘଟିଛି ବୌଦ୍ଧ ରାସ୍ତାର କନ୍ଦରା ଗ୍ରାମ ନିକଟରେ। ଭାରସାମ୍ୟ ହରାଇ ବ୍ରିଜ ଉପରୁ ତଳକୁ ଅଧା ଝୁଲି ରହିଛି ହାଇୱା ଗାଡ଼ି। ଗତକାଲି ବିଳମ୍ବିତ ରାତିରେ ହାଇୱାଟି ବୌଦ୍ଧ ମହାନଦୀରୁ ବାଲି ଧରି ରେଢାଖୋଲ ଆସୁଥିଲା। କିନ୍ତୁ ଭାରସାମ୍ୟ ହରାଇ ଏହା ବ୍ରିଜ୍‌ର ବାଡ଼ା ସହ ପିଟି ହୋଇଯାଇଥିଲା। ତେବେ ଏହା ଅଧାରେ ଅଟକି ରହିଥିବା ବେଳେ ଖବର ପାଇ ଘଟଣାସ୍ଥଳରେ ରେଢାଖୋଲ ପୁଲିସ ଓ ଅଗ୍ନିଶମ ବାହିନୀ ପହଞ୍ଚିଛନ୍ତି। କଟର ସାହାଯ୍ୟରେ କାଟି ଅଗ୍ନିଶମ ବାହିନୀ ଡ୍ରାଇଭରଙ୍କୁ ଉଦ୍ଧାର ପାଇଁ ଉଦ୍ୟମ ଜାରି ରଖିଛି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776

Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର






## ବଢ଼ିଲା ସୁନା ରେଟ୍

ହୁ ହୁ ହୋଇ ବଢୁଛି ସୁନା ରେଟ। ବିବାହ ଋତୁ ଚାଲିଥିବା ବେଳେ ସୁନା ଦରରେ ଅହେତୁକ ବୃଦ୍ଧି ଗ୍ରାହକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି। କେନ୍ଦ୍ର ସରକାର ବଜେଟ୍ ଘୋଷଣା କରିବା ଓ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କାନାଡା, ମେକ୍ସିକୋ ଓ ଚୀନ୍ ଉପରେ ଶୁଳ୍କ ଲଗାଇବା ପରଠାରୁ ସୁନା ଦରରେ ନିଆଁ ଲାଗିଛି। ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ରେକର୍ଡ ୭୯ ହଜାର ୮୦୦ ଟଙ୍କା ହୋଇଛି। ଏହାସହ ୨୨ କ୍ୟାରେଟ୍ ସୁନା ମୂଲ୍ୟ ୮୭ ହଜାର ୦୬୦ ଟଙ୍କା ଛୁଇଁଛି। ଇଣ୍ଟରନ୍ୟାସନାଲ ମାର୍କେଟରେ ଦରବୃଦ୍ଧି ଓଡ଼ିଶା ମାର୍କେଟରେ ପ୍ରଭାବ ପଡିଛି। ଏଭଳି ଦରବୃଦ୍ଧି ହେଲେ ଖୁବଶୀଘ୍ର ସୁନା ଦର ୧ଲକ୍ଷ ଛୁଇଁବ ବୋଲି ଆଶଙ୍କା କରୁଛନ୍ତି ବ୍ୟବସାୟୀ। ସେହିପରି ଭୁବନେଶ୍ୱରରେ ୨୨ କ୍ୟାରେଟ ସୁନା ଦର ୭୯, ୮୦୦ ଟଙ୍କାରେ ପହଞ୍ଚିଥିବା ବେଳେ ୨୪ କ୍ୟାରେଟ୍ ସୁନା ଦର ୮୭ ,୦୬୦ ଟଙ୍କା ରହିଛି। ମୁମ୍ବାଇରେ ୨୨ କ୍ୟାରେଟ୍ ଓ ୨୪ କ୍ୟାରେଟ୍ ମୂଲ୍ୟ ୭୯,୮୦୦ ଟଙ୍କା ଓ ୮୭,୦୬୦ ଟଙ୍କା ଥିବା ରେକର୍ଡ ହୋଇଥିବା ବେଳେ ନୂଆଦିଲ୍ଲୀରେ ୭୯, ୯୫୦ ଟଙ୍କା ଓ ୮୭, ୨୧୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୨ କ୍ୟାରେଟ ମୂଲ୍ୟ ୭୯,୮୦୦ଟଙ୍କା ଥିବା ବେଳେ ୨୪ କ୍ୟାରେଟ ମୂଲ୍ୟ ୮୭, ୦୬୦ ଟଙ୍କା ଥିବା ରେକର୍ଡ ହୋଇଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୭୯,୮୦୦ ଟଙ୍କା ଓ ୮୬,୦୬୦ ଟଙ୍କା ରହିଛି। ସେହିପରି ରୁପା ୯୯, ୫୦୦ ଟଙ୍କାରେ ପହଞ୍ଚିଛି।



## ଆଜିର ପେଟ୍ରୋଲ, ଡିଜେଲ ଦର

ପ୍ରତିଦିନ ଆପଣ ଆମର ଏ ପାଠ୍ୟକ୍ରମରେ ପେଟ୍ରୋଲ ଓ ଡିଜେଲ ଦରର ତାଜା ଅପଡେଟ ପାଇପାରିବେ। ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୦. ୯୪ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୫୨ ପଇସା ରହିଛି। ସେହିପରି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୦୧ ଟଙ୍କା ଥିବାବେଳେ ଡିଜେଲ ଦର ୯୧ ଟଙ୍କା ୮୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

## ନିବେଶର କେନ୍ଦ୍ରବିନ୍ଦୁ ହେବ ସୁନା: ସଞ୍ଜୟ

ଭୁବନେଶ୍ୱର,୧୦।୨: ବର୍ତ୍ତମାନ ସମୟରେ ସୁନା ଦର ଓ ବଜାରକୁ ନେଇ ସବୁଆଡେ ଚର୍ଚ୍ଚା ହେଉଥିଲାବେଳେ ସୁନା ନିବେଶର ମୁଖ୍ୟ କେନ୍ଦ୍ରବିନ୍ଦୁ ହେବ ବୋଲି ଲାଲ୍‌ଚନ୍ଦ ଜୁଏଲର୍ସର ପ୍ରତିଷ୍ଠାତା ସଞ୍ଜୟ ହଂସ ଆକଳନ କରିଛନ୍ତି। ଅପରପକ୍ଷରେ ଟ୍ରମ୍ପଙ୍କ ଆକ୍ରମଣାତ୍ମକ ବାଣିଜ୍ୟ ନୀତି ଓ ତାଙ୍କ ଦ୍ୱାରା ଟାର୍ଗେଟ୍ କରାଯାଇଥିବା ଦେଶଗୁଡ଼ିକଠାରୁ ପ୍ରତିଶୋଧର ଭୟ ସୁନାର ମୂଲ୍ୟକୁ ବୃଦ୍ଧି କରିଛି। ତଥାପି ସୁନା ବଜାର ଉପରେ ଅଭିଜ୍ଞ ସଞ୍ଜୟ ହଂସ ବିଶ୍ୱାସ କରନ୍ତି, ସୁନା ବର୍ତ୍ତମାନ ବି ଏକ ସୁରକ୍ଷିତ ନିବେଶ। ଯେତେବେଳେ ଆର୍ଥିକ୍ ଏବଂ ଭୂ-ରାଜନୈତିକ ଅସ୍ଥିରତା ଥାଏ, ସେତେବେଳେ ଏହାକୁ ନିରାପଦ ଭାବେ ବିବେଚନା କରାଯାଏ ବୋଲି ସେ କହିଛନ୍ତି। ସେହିଭଳି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଚାଇନା,ମେକ୍ସିକୋ ଏବଂ କାନାଡ଼ା ଭଳି ଦେଶଗୁଡ଼ିକ ଉପରେ ଶାସ୍ତିମୂଳକ ଶୁଳ୍କ ଲାଗୁ କରିବା ପଦକ୍ଷେପ ଯୋଗୁ ବିଶ୍ୱରେ ବାଣିଜ୍ୟ ଯୁଦ୍ଧର ଆଶଙ୍କା ସୃଷ୍ଟି ହୋଇଛି। ଏହା ସହିତ ଟଙ୍କା ଦୁର୍ବଳ ହେବା କାରଣରୁ ସୁନା ମୂଲ୍ୟ ରେକର୍ଡ ସ୍ତରରେ ପହଞ୍ଚତ୍ୟାଇଛି।

# ହାଇବ୍ରିଡ୍ ପାୱାରଟ୍ରେନ୍ ସହିତ ଆସିବ ନୂଆ କିଆ ସେଲ୍ଟସ୍

**ନୂଆଦିଲ୍ଲୀ, ୧୦।୨:** କିଆ ସେଲ୍‌ଟସ୍‌ର ନୂଆ ଜେନେରେସନ୍ ମଡେଲ୍ ଆଣିବା ପାଇଁ ପ୍ରସ୍ତୁତି ଚାଲିଛି। ଅଟୋ ମେକର୍ସମାନେ ଏହି ଏସୟୁଭିକୁ ଏକ ନୂଆ ଷ୍ଟାଇଲିଂ ଲୁକ୍ ସହିତ ଆଣିପାରିବେ। କିଆର ଏହି କାର୍ ବକ୍ସି ଡିଜାଇନ୍ ସହିତ ଆସିପାରିବ। ଏହି କାରରେ ନୂଆ ଭର୍ଟିକାଲ ଏଲଇଡି ସିଗ୍ନେଚର ମଧ ଲଗାଯାଇପାରିବ। ଏହା ସହିତ ଫ୍ରଣ୍ଟ-ଏଣ୍ଡକୁ ମଧ ସମ୍ପୂର୍ଣ୍ଣ ଭାବରେ ପରିବର୍ତ୍ତନ କରାଯାଇପାରିବ। କିଆ ସେଲ୍‌ଟସ୍ ର ନୂଆ ଜେନେରେସନ୍ ମଡେଲର ସାଇଜ୍ ପୁରୁଣା ମଡେଲ୍ ସହିତ ସମାନ ହୋଇପାରେ। କିନ୍ତୁ ଏହାର ବକ୍ସି ଡିଜାଇନ୍ ଏହି କାରକୁ ବେଟର ଲୁକ୍ ଦେଇପାରେ। ଏହି କିଆ କାରର ଟପ୍-ଏଣ୍ଡ ଭର୍ସନରେ ନୂଆ ୧୮-ଇଞ୍ଚର ଆଲୋଇ ହୁଇଲ୍ ରହିଛି। ନୂଆ କିଆ ସେଲ୍‌ଟସ୍ ର ମଡେଲ ପୁରୁଣା ପ୍ଲାଟଫର୍ମ ଉପରେ ବେସ୍ଡ ହୋଇପାରେ। କିନ୍ତୁ ଏହି କାରର ଇଣ୍ଟେରିୟରରେ ନୂଆ ଏବଂ ବଡ଼ ଟଚସ୍କ୍ରିନ୍ ମିଳିପାରିବ। ଏହା ସହିତ ନୂଆ ଡିଜିଟାଲ୍ ଇନଷ୍ଟ୍ରୁମେଣ୍ଟ କ୍ଲଷ୍ଟର ମଧ ଏହି ଗାଡିରେ ଲଗାଯାଇପାରିବ।



ଏହି କାରର ଷ୍ଟିୟରିଂ ହୁଇଲରେ କିଆ ର ଲୋଗୋ ମଧ ରଖାଯାଇପାରିବ। କିଆ ସେଲ୍‌ଟସ୍ ର ନୂଆ ମଡେଲର ସବୁଠାରୁ ଖାସ୍ କଥା ହେଉଛି ଯେ ଏହି କାରରେ ଉପଲବ୍ଧ ଥିବା ହାଇବ୍ରିଡ୍ ପାୱାରଟ୍ରେନ୍। କିନ୍ତୁ ଏହା ଦେଖିବାକୁ ବାକି ରହିଛି ଯେ ସେଲ୍‌ଟସ୍‌ର ହାଇବ୍ରିଡ୍ ମଡେଲ୍ ଭାରତରେ ଆସିବ କି ନାହିଁ। ଭାରତରେ ହାଇବ୍ରିଡ୍ ମଡେଲ କାରଗୁଡିକୁ ବହୁତ ପସନ୍ଦ କରାଯାଉଛି, କାରଣ ଏହି କାରଗୁଡିକ ଉନ୍ନତ ଫ୍ୟୁଏଲ ଏଫିସିଏନ୍ସି ପ୍ରଦାନ କରିଥାଏ।

୨୦୨୬ ସୁଦ୍ଧା କିଆ ସେଲ୍‌ଟସ୍‌ର ନୂଆ ଜେନେରେସନ୍ ମଡେଲ୍ ସହିତ ଗ୍ଲୋବାଲ୍ ଡେବ୍ୟୁ କରିପାରେ। ନିକଟରେ ମାର୍କେଟରେ ବଢୁଥିବା କମ୍ପିଟିସନ୍ ଯୋଗୁ କିଆ ସେଲଟସର ସେଲ୍ ହ୍ରାସ ପାଇଛି। ସେହିଭଳି ଏହି କାରର ନୂଆ ମଡେଲ୍ କମ୍ପାନୀ ସେଲକୁ ବଢ଼ାଇପାରିବ। କିନ୍ତୁ ଏହି ନୂଆ ମେଡଲ୍ ଭାରତୀୟ ବଜାରରେ ହୁଣ୍ଡାଇ କ୍ରେଟା ସହିତ ଟକ୍କର ଦେବ, ଯାହା ଏହି ସେଗମେଣ୍ଟର ଦେଶର ସବୁଠାରୁ ପପୁଲାର୍ ଏସୟୁଭି ମଧରୁ ଗୋଟିଏ।

# ଟିକ୍‌ଟକ୍‌କୁ କିଣିବେନି ମସ୍କ

**ନୂଆଦିଲ୍ଲୀ, ୧୦।୨:** ଚୀନ୍‌ର କମ୍ପାନି ବାଇଟ୍‌ଡ୍ୟାନ୍ସଠାରୁ ଟିକ୍‌ଟକ୍‌ର ଆମେରିକୀୟ କାରବାରକୁ କିଣିବା ଲାଗି ବିଶ୍ୱର ଏକ ନମ୍ବର ଧନୀ ତଥା ଏକ୍ସର ମୁଖ୍ୟ ଏଲନ୍ ମସ୍କ ଆଗ୍ରହୀ ନଥିବା କହିଛନ୍ତି। ଜାତୀୟ ନିରାପତ୍ତା ପ୍ରତି ବିପଦ ଦର୍ଶାଇ ଟିକ୍‌ଟକ୍‌କୁ ନିଷିଦ୍ଧ କରିବା ଲାଗି ଆମେରିକାରେ ପ୍ରୟାସ କରାଯାଉଛି। କମ୍ପାନିକୁ ଦୁଇଟି ବିକଳ୍ପ ଦିଆଯାଇଛି। ଗୋଟିଏ ହେଉଛି ଏହା ନିଜ ଆମେରିକୀୟ କାରବାରକୁ ଅନ୍ୟ କାହାକୁ ବିକ୍ରି କରୁ ଅନ୍ୟଥା ସମ୍ପୂର୍ଣ୍ଣ ରୂପେ କାରବାର ବନ୍ଦ କରୁ। ଡୋନାଲ୍ଡ ଟ୍ରମ୍ପ ଆମେରିକାର ରାଷ୍ଟ୍ରପତି ହେବା ପରେ ଟିକଟକ୍‌ର ଭବିଷ୍ୟତକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଟିକ୍‌ଟକ୍‌କୁ ମସ୍କ କିଣନ୍ତୁ ବୋଲି ଟ୍ରମ୍ପ ଆଗ୍ରହ ପ୍ରକାଶ କରିଛନ୍ତି। କିନ୍ତୁ ଏକ ସମ୍ମିଳନୀରେ ଆଭାସୀ ମାଧମରେ ଯୋଗଦେଇଥିବା ମସ୍କ ଟିକ୍‌ଟକ୍‌କୁ କିଣିବା ପାଇଁ ଆଗ୍ରହୀ ନଥିବା କହିଛନ୍ତି। ମସ୍କ କହିଥିଲେ ଯେ ମୁଁ ବ୍ୟକ୍ତିଗତ ଭାବେ କ୍ଷୁଦ୍ର ଭିଡିଓ ଆପ୍ ବ୍ୟବହାର କରୁନାହିଁ। ତା ବିଷୟରେ ମୁଁ ଜାଣିନାହିଁ। ସାଧାରଣରେ ମୁଁ ଅଧିଗ୍ରହଣ କରେ ନାହିଁ। ତାହା ମୋ ପାଇଁ ଅତି ବିରଳ ଘଟଣା। ମୁଁ କମ୍ପାନି ମୂଳରୁ ଆରମ୍ଭ କରେ। ତେଣୁ ଟିକ୍‌ଟକ୍‌କୁ ଅଧିଗ୍ରହଣ କରିବା ମୋର ଯୋଜନା ନାହିଁ ବୋଲି ସେ କହିଥିଲେ। ମସ୍କ କିଛି ବର୍ଷ ପୂର୍ବେ ସୋସିଆଲ ମିଡିଆ କମ୍ପାନି ଟ୍ୱିଟର (ବର୍ତ୍ତମାନର ଏକ୍ସ)କୁ ୪୪୦୦ କୋଟି ଡଲାରରେ ଅଧିଗ୍ରହଣ କରିଥିଲେ। ତାଙ୍କ ଅନ୍ୟ କମ୍ପାନି ଯଥା ଟେସ୍‌ଲା, ସ୍ପେସ୍‌ଏକ୍ସ, ଷ୍ଟାର୍‌ଲିଙ୍କ୍, ନ୍ୟୁରାଲିଙ୍କ୍ ଆଦିକୁ ସେ ନିଜେ ସ୍ଥାପନ କରିଛନ୍ତି। ଟିକ୍‌ଟକ୍‌କୁ ଆମେରିକାରେ ୧୭ କୋଟିରୁ ଅଧିକ ଲୋକ ବ୍ୟବହାର କରୁଛନ୍ତି। ତେଣୁ ତାହାକୁ ହଠାତ୍ ସମ୍ପୂର୍ଣ୍ଣ ନିଷିଦ୍ଧ କରିବାକୁ ଟ୍ରମ୍ପ ଚାହୁଁନାହାନ୍ତି। ଏହାକୁ କିଣିବା ଲାଗି ସେ ନିଜେ ବିଭିନ୍ନ ପକ୍ଷ ସହ କଥାବାର୍ତ୍ତା କରୁଛନ୍ତି। ଚଳିତ ମାସ ଶେଷ ଆଡ଼କୁ ଟିକ୍‌ଟକ୍‌ର ଭବିଷ୍ୟତ ନେଇ ସେ ଚୂଡ଼ାନ୍ତ ନିଷ୍ପତ୍ତି ନେବେ। ତେବେ ଟିକ୍‌ଟକ୍‌ର ମାଲିକାନା ରଖିଥିବା ସଂସ୍ଥା ବାଇଟ୍‌ଡ୍ୟାନ୍ସ ନିଜ ଆଡୁ ସ୍ପଷ୍ଟ କରିଛି ଯେ ଏହା ଟିକ୍‌ଟକ୍‌କୁ ବିକ୍ରି କରିବ ନାହିଁ।




# କୋହଳ ହେବ ଏଫ୍‌ଡିଆଇ ନୀତି

## ଅଂଶୀଦାରଙ୍କ ସହ ବିଚାରବିମର୍ଶ

ନୂଆଦିଲ୍ଲୀ: ଦେଶକୁ ଅଧିକ ବିଦେଶୀ ପୁଞ୍ଜି ଆଣିବା ଲାଗି ପ୍ରତ୍ୟକ୍ଷ ବୈଦେଶିକ ପୁଞ୍ଜିନିବେଶ (ଏଫ୍‌ଡିଆଇ) ନୀତିକୁ ଆହୁରି କୋହଳ କରିବା ଉପରେ କେନ୍ଦ୍ର ସରକାର ବିଚାର କରୁଛନ୍ତି। ନିକଟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଉପସ୍ଥାପନ କରିଥିବା ୨୦୨୫-୨୬ ବଜେଟ୍‌ରେ ବୀମାରେ ଏଫ୍‌ଡିଆଇ ସୀମାକୁ ୭୪ ପ୍ରତିଶତରୁ ବଢ଼ାଇ ୧୦୦ ପ୍ରତିଶତ କରିଛନ୍ତି। ତେବେ ଆହୁରି ଏଭଳି କେତେକ କ୍ଷେତ୍ର ରହିଛି, ଯେଉଁଥିରେ ବିଦେଶୀ ପୁଞ୍ଜି ଲାଗି ରହିଥିବା ପ୍ରତିବନ୍ଧକ ଦୂର କରିବା ଆବଶ୍ୟକତା ରହିଛି। କିଭଳି ଅଧିକ ବିଦେଶୀ ପୁଞ୍ଜି ଦେଶକୁ ଆସିପାରିବ ତାହା ଜାଣିବା ଲାଗି ଶିଳ୍ପ ଓ ଆଭ୍ୟନ୍ତରୀଣ ବ୍ୟବସାୟ ପ୍ରସାର ବିଭାଗ (ଡିପିଆଇଆଇଟି) ପକ୍ଷରୁ ବିଭିନ୍ନ ବିଭାଗ, ନିୟାମକ ସଂସ୍ଥା, ଶିଳ୍ପ ସଂସ୍ଥା, ଉପଦେଷ୍ଟା ଓ ଆଇନ ସଂସ୍ଥା, ପେନ୍‌ସନ୍ ପାଣ୍ଠି, ପ୍ରାଇଭେଟ୍ ଇକ୍ୱିଟି ଓ ଭେଞ୍ଚର କ୍ୟାପିଟାଲ୍‌ମାନଙ୍କ ସହ ଆଲୋଚନା କରାଯାଇଥିଲା। ଏଫ୍‌ଡିଆଇକୁ ନେଇ ରହିଥିବା କେତେକ ସମସ୍ୟାର ସମାଧାନ ଲାଗି ବୈଠକରେ ସୁଚିନ୍ତିତ ପରାମର୍ଶ ମିଳିଛି। କିଛି ଚୂଡ଼ାନ୍ତ ନିଷ୍ପତ୍ତି ହୋଇନାହିଁ। କିନ୍ତୁ ନିୟମକୁ ଆହୁରି କୋହଳ କରିବା ଉପରେ ବିଚାର କରାଯାଉଛି।



ଇ-କମର୍ସ କ୍ଷେତ୍ରରେ କେବଳ ରପ୍ତାନି ପାଇଁ ଅନ୍‌ଲାଇନ୍ କାରବାରର ଇନ୍‌ଭେଣ୍ଟୋରି ମଡେଲ୍‌ରେ ଏଫ୍‌ଡିଆଇ ଅନୁମତି ଦେବା, ହିତଧିକାରୀ ମାଲିକାନା ସଂଜ୍ଞାର ପ୍ରେସ୍ ନୋଟ୍ ୩ କୋହଳ କରିବା ଏବଂ ଏକକ ବ୍ରାଣ୍ଡର ଖୁଚୁରା କାରବାରରେ ନିୟମ କୋହଳ କରିବା ନେଇ ବୈଠକରେ ଆଲୋଚନା ହୋଇଥିଲା। ମାଲିକାନା ସମ୍ପର୍କିତ ପ୍ରେସ୍ ନୋଟ୍‌ରେ ଭାରତ ସହ ଯେଉଁ ଦେଶଗୁଡ଼ିକର ସୀମା ରେଖା ଯୋଡ଼ିହୋଇ ରହିଛି, ସେହି ଦେଶଗୁଡ଼ିକରୁ ଆସୁଥିବା ନିବେଶ ପ୍ରସ୍ତାବ ପାଇଁ ସରକାରୀ ଅନୁମୋଦନ ବାଧ୍ୟତାମୂଳକ କରାଯାଇଛି। ଚୀନ୍‌କୁ ନଜରରେ ରଖିବା ଲାଗି ନିଆଯାଇଥିବା ଏହି ପଦକ୍ଷେପ ଅନ୍ୟ ଦେଶଗୁଡ଼ିକରୁ ଆସୁଥିବା ନିବେଶ ପାଇଁ ପ୍ରତିବନ୍ଧକ ସାଜିଥିବା କୁହାଯାଉଛି। ୨୦୦୦ ଏପ୍ରିଲ୍‌ରୁ ୨୦୨୪ ସେପ୍ଟେମ୍ବର ମଧ୍ୟରେ ଦେଶକୁ ୧ ଲକ୍ଷ କୋଟି ଡଲାରରୁ ଅଧିକ ଏଫ୍‌ଡିଆଇ ଆସିଛି। କମ୍ପ୍ୟୁଟର ସଫ୍ଟୱେର, ହାର୍ଡୱେର୍, ଟେଲିଯୋଗାଯୋଗ, ଟ୍ରେଡିଂ, ନିର୍ମାଣ, ଅଟୋମୋବାଇଲ୍, ରସାୟନ ଓ ଫାର୍ମାସ୍ୟୁଟିକାଲ୍ କ୍ଷେତ୍ର ଅଧିକ ବିଦେଶୀ ନିବେଶ ଆକୃଷ୍ଟ କରିଛନ୍ତି। ଚଳିତ ଆର୍ଥିକ ବର୍ଷର ଏପ୍ରିଲ୍‌ରୁ ସେପ୍ଟେମ୍ବର ମଧ୍ୟରେ ଦେଶକୁ ୨୯୭୯ କୋଟି ଡଲାରର ଏଫ୍‌ଡିଆଇ ଆସିଛି ଯାହା ପୂର୍ବବର୍ଷର ସେହି ସମୟ ତୁଳନାରେ ୪୫ ପ୍ରତିଶତ ଅଧିକ।

# ୨୦୨୬ ସୁଦ୍ଧା ୫ ଜଳମାର୍ଗ ପ୍ରକଳ୍ପ

## କାର୍ଯ୍ୟକାରୀ ପର୍ଯ୍ୟାୟରେ ୮୭୩୫ କୋଟିର ବନ୍ଦର ସଂଯୋଗୀକରଣ ପ୍ରକଳ୍ପ

**ଭୁବନେଶ୍ୱର, ୧୦।୨:** ରାଜ୍ୟରେ ବିକାଶ କରାଯାଉଥିବା ୫ଟି ଅନ୍ତର୍ଦେଶୀୟ ଜଳମାର୍ଗ ପ୍ରକଳ୍ପ ୨୦୨୬ ଏପ୍ରିଲ୍ ସୁଦ୍ଧା କାର୍ଯ୍ୟକ୍ଷମ ହେବ। ସଂସଦରେ କେନ୍ଦ୍ର ବନ୍ଦର, ଜାହାଜ ଓ ଜଳମାର୍ଗ ମନ୍ତ୍ରୀ ସର୍ବାନନ୍ଦ ସୋନୋୱାଲ ଉପସ୍ଥାପନ କରିଥିବା ତଥ୍ୟ ଅନୁସାରେ ୨୦୨୪-୨୫ ଆର୍ଥିକ ବର୍ଷର ଜାତୀୟ ଜଳମାର୍ଗ ବିକାଶ ପାଇଁ ୧୧୯୫.୧୧ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ବ୍ରାହ୍ମଣୀ ନଦୀରେ ଜାତୀୟ ଜଳମାର୍ଗ-୫ ଅଧୀନରେ ଧାମରା-ପାରାଦୀପ ଭାୟା ମଙ୍ଗଳାଯୋଡ଼ିରୁ ପଙ୍କପାଳ ପର୍ଯ୍ୟନ୍ତ ଓ ମହାନଦୀ ଉପରେ ଜଳମାର୍ଗ-୬୪ ଭଳି ପ୍ରକଳ୍ପ ପାଇଁ ପାଣ୍ଠି ପ୍ରଦାନ କରାଯାଇଛି। ମନ୍ତ୍ରୀ ଶ୍ରୀ ସୋନୋୱାଲ ସୂଚନା ଦେଇଛନ୍ତି ଯେ ଓଡ଼ିଶାରେ ୧୫.୨୦ କୋଟି ଟଙ୍କା ବଜେଟ୍‌ରେ ଜାତୀୟ ଜଳମାର୍ଗ-୬୪ ଅଧୀନରେ ମହାନଦୀ ଉପରେ ମୁସାଡିଆ-ବାହାକୁଦା ଫେରି ସେବା ପାଇଁ ଦୁଇଟି ଏବଂ ଜାତୀୟ ଜଳମାର୍ଗ-୧୪ରେ ବୈତରଣୀ ନଦୀରେ ଗୋଟିଏ ଭାସମାନ ଜେଟି ବିକାଶ କରାଯାଉଛି। ଏହି ପ୍ରକଳ୍ପ ଚଳିତ ବର୍ଷ ଡିସେମ୍ବର ସୁଦ୍ଧା କାର୍ଯ୍ୟକ୍ଷମ ହେବା ସମ୍ଭାବନା ରହିଛି। ସେହିପରି, ଜାତୀୟ ଜଳମାର୍ଗ-୬୪ ଅଧୀନରେ ଇଫ୍‌କୋ ପାଇଁ ମହାନଦୀରେ ଏକ ଜେଟି ସ୍ଥାପନ କରାଯାଉଛି। ଏହି ପ୍ରକଳ୍ପରେ ୬୭ କୋଟି ଟଙ୍କା ବିନିଯୋଗ କରାଯାଉଥିବା ବେଳେ ତାହା ୨୦୨୬ ଏପ୍ରିଲ୍ ସୁଦ୍ଧା କାର୍ଯ୍ୟକ୍ଷମ ହେବା ଆଶା କରାଯାଉଛି। ଅନ୍ୟ ତିନି ଜଳମାର୍ଗ ପ୍ରକଳ୍ପ ସମ୍ପର୍କରେ ମନ୍ତ୍ରୀ ଶ୍ରୀ ସୋନୋୱାଲ ଦେଇଥିବା ସୂଚନା ଅନୁସାରେ, ଜାତୀୟ ଜଳମାର୍ଗ-୬୪ ଅଧୀନରେ ମହାନଦୀରେ ଫେୟାରୱେ ରକ୍ଷଣାବେକ୍ଷଣରେ ୧୦ କୋଟି ଟଙ୍କା ନିବେଶ କରାଯାଉଛି। ସେହି ପ୍ରକଳ୍ପ ୨୦୨୬ ମାର୍ଚ୍ଚ ସୁଦ୍ଧା କାର୍ଯ୍ୟକ୍ଷମ ହେବା ଆଶା କରାଯାଉଛି। ଜାତୀୟ ଜଳମାର୍ଗ ୬୪ ଅଧୀନରେ ଦିଗ ମାପକ ସହାୟତା ପାଇଁ ୨.୩୪ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ଜାତୀୟ ଜଳମାର୍ଗ-୫ର ଡିଟେଲ୍ ପ୍ରୋଜେକ୍ଟ ରିପୋର୍ଟ (ଡିପିଆର୍)କୁ ଅପ୍‌ଡେଟ୍ କରିବା ଲାଗି ୩.୧ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ଏହି କାର୍ଯ୍ୟ ୨୦୨୬ ଜୁନ୍ ସୁଦ୍ଧା ଶେଷ ହେବା ଆଶା କରାଯାଉଛି। ଅନ୍ୟ ପକ୍ଷରେ ବନ୍ଦର ସଂଯୋଗୀକରଣ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ ଶ୍ରୀ ସୋନୋୱାଲ ସୂଚନା ଦେଇଛନ୍ତି ଯେ ଓଡ଼ିଶାରେ ୧୩,୮୦୧ କୋଟି ଟଙ୍କାରେ କାର୍ଯ୍ୟକାରୀ କରାଯାଇଥିବା ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଶେଷ ହୋଇଛି। ୮୭୩୫ କୋଟି ଟଙ୍କା ନିବେଶରେ କିଛି ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯାଉଛି ଏବଂ ୧୧,୭୪୪ କୋଟି ଟଙ୍କାରେ କାର୍ଯ୍ୟକାରୀ ହେବାକୁ ଥିବା ପ୍ରକଳ୍ପ ବିକାଶ ପର୍ଯ୍ୟାୟରେ ରହିଛି ବୋଲି ସେ କହିଛନ୍ତି।





## ବିଏସ୍‌ଏନ୍‌ଏଲ୍‌କୁ ୬୦୦୦ କୋଟି

**ନୂଆଦିଲ୍ଲୀ, ୧୦।୨:** ସରକାରୀ ଟେଲିକମ୍ କମ୍ପାନି ଭାରତ ସଞ୍ଚାର ନିଗମ ଲିମିଟେଡ୍ (ବିଏସ୍‌ଏନ୍‌ଏଲ୍)କୁ ୪ଜି ସେବା ଲାଗି କେନ୍ଦ୍ର ସରକାର ୬୦୦୦ କୋଟି ଟଙ୍କା ଦେଇଛନ୍ତି। ଗ୍ରାହକଙ୍କ ନିକଟରେ ୪ଜି ସେବାକୁ ପହଞ୍ଚାଇବାରେ ଭିତ୍ତିଭୂମି ବ୍ୟବସ୍ଥା କରିବା ଦିଗରେ କମ୍ପାନି ଏହି ଟଙ୍କା ଖର୍ଚ୍ଚ କରିବ। ଗତ ଶୁକ୍ରବାର ଅନୁଷ୍ଠିତ ହୋଇଥିବା କ୍ୟାବିନେଟ୍ କମିଟି ବୈଠକରେ ବିଏସ୍‌ଏନ୍‌ଏଲ୍ ଓ ଏନ୍‌ଟିଏନ୍‌ଏଲ୍‌କୁ ୬୦୦୦ କୋଟି ଟଙ୍କା ଦେବା ପ୍ରସ୍ତାବ ଏଜେଣ୍ଡାରେ ଥିଲା। ସେହି ପ୍ରସ୍ତାବକୁ ଅନୁମୋଦନ ମିଳିଥାଇପାରେ। କିନ୍ତୁ ସାମ୍ବାଦିକ ସମ୍ମିଳନୀରେ ସେ ସମ୍ପର୍କରେ କିଛି ଘୋଷଣା କରାଯାଇନାହିଁ। ପ୍ରସ୍ତାବ ଅନୁସାରେ ଏହି ପାଣ୍ଠିକୁ ବ୍ୟବହାର କରି ୧ ଲକ୍ଷ ୪ଜି ସାଇଟ୍ ସ୍ଥାପନ କରାଯିବ। ସର୍ବଭାରତୀୟ ସ୍ତରରେ ୪ଜି ସେବାକୁ ବ୍ୟାପକ କରିବା ଲାଗି ବିଏସ୍‌ଏନ୍‌ଏଲ୍‌ର ଯେଉଁ ଯୋଜନା ଥିଲା, ସେଥିପାଇଁ ୧୯ହଜାର କୋଟି ଟଙ୍କା ଦରକାର ହେଉଥିଲା। ସେଥିରୁ ୧୩ହଜାର କୋଟି ଟଙ୍କାକୁ କମ୍ପାନି ଖର୍ଚ୍ଚ କରିସାରିଛି। ଅବଶିଷ୍ଟ ଭିତ୍ତିଭୂମି ଗଠନ ଲାଗି ଏହା ଆଉ ୬୦୦୦ କୋଟି ଆବଶ୍ୟକ ଥିଲା। ସେଥିପାଇଁ କମ୍ପାନି ଟେଲିକମ ବିଭାଗକୁ ଏକ ପ୍ରସ୍ତାବ ଦେଇଥିଲା। ସେହି ପ୍ରସ୍ତାବକୁ କ୍ୟାବିନେଟ୍‌ରେ ଉପସ୍ଥାପନ କରାଯାଇଥିଲା।

## ଆୟୁର୍ବେଦର ପ୍ରଚାରପ୍ରସାର ଉପରେ ପତଞ୍ଜଳିର ଗୁରୁତ୍ୱ

**ଭୁବନେଶ୍ୱର,୧୦।୨(ସଂଚାର ବ୍ୟୁରୋ):** ଶିକ୍ଷା ମନ୍ତ୍ରଣାଳୟ ଅଧୀନ ରାଷ୍ଟ୍ରୀୟ ପୁସ୍ତକ ନ୍ୟାସ ତତ୍ତ୍ୱାବଧାନରେ ନୂଆଦିଲ୍ଲୀ ପ୍ରଗତି ମଇଦାନସ୍ଥିତ ଭାରତ ମଣ୍ଡପରେ ଓ୍ୱାର୍ଲ୍‌ଡ ବୁକ୍ ଫେୟାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ପତଞ୍ଜଳି ଯୋଗପୀଠର ମହାମନ୍ତ୍ରୀ ଆଚାର୍ଯ୍ୟ ବାଲକ୍ରିଷ୍ଣା ଯୋଗଦେଇଥିଲେ। ଏ ଅବସରରେ ସେ କହିଥିଲେ, ସମଗ୍ର ବିଶ୍ୱରେ 'ଯୋଗ' ଏପରି ଏକ ଶବ୍ଦ ଯାହାକୁ ସମସ୍ତ ଭାଷାଭାଷୀ ଲୋକ ସେହି ସମାନ ଅର୍ଥରେ ବୁଝିପାରନ୍ତି। ବ୍ରିଦିଙ୍ଗ ଏକ୍ସରସାଇଜ୍, ଫିଜିକାଲ ଏକ୍ସରସାଇଜ୍, ଆସନ ଓ ପ୍ରାଣାୟମ ବିଷୟରେ ଅଧିକାଂଶ ଲୋକ ଜାଣନ୍ତି। ଏହାସହ ଆୟୁର୍ବେଦ ପ୍ରଚାର ପ୍ରସାର ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ପତଞ୍ଜଳି ପକ୍ଷରୁ ଓ୍ୱାଲର୍‌ଡ ଇନ୍‌ସାଇକ୍ଲୋପିଡିଆ ନାମରେ ପ୍ରକାଶିତ ଏକ ମହାଗ୍ରନ୍ଥରେ ୩୨ ହଜାର ଔଷଧୀୟ ବୃକ୍ଷର ସଚିତ୍ର ବର୍ଣ୍ଣନା କରାଯାଇଥିବା ଆଚାର୍ଯ୍ୟ ସୂଚନା ଦେଇଛନ୍ତି। ଏହା ବ୍ୟତୀତ ଆୟୁର୍ବେଦ ଆଧାରିତ ପୁସ୍ତକ 'ସୌମିତ୍ରେୟନିଦାନମ୍' ପ୍ରକାଶ ପାଇଛି। ସେ ଆହୁରି ମଧ କହିଲେ, ପତଞ୍ଜଳି ମାଧମରେ ଯୋଗ, ଆୟୁର୍ବେଦ ଶିକ୍ଷା, ଚିକିସତ୍ା, ଅନୁସନ୍ଧାନ, ପ୍ରାଚୀନ ପାଣ୍ଡୁଲିପି ଆଧାରିତ ଗ୍ରନ୍ଥ ତଥା ପ୍ରେରଣାଦାୟକ ଆଧାମତ୍ିକ ପୁସ୍ତକର ପ୍ରକାଶନ କରାଯାଇଛି। ଭାରତୀୟ ଶିକ୍ଷା ବୋର୍ଡ ଅନ୍ତର୍ଗତ ସ୍ୱଦେଶୀ ଶିକ୍ଷା ବ୍ୟବସ୍ଥାରେ ପ୍ରଥମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟକ୍ରମ ପ୍ରକାଶ କରାଯାଉଛି।



# ବଜାର ପ୍ରବେଶ କରିଛି ହୁଣ୍ଡାଇ ଓ୍ୱରା

**ନୂଆଦିଲ୍ଲୀ, ୧୦।୨:** ଭାରତୀୟ ବଜାରରେ ବିଭିନ୍ନ ସେଗମେଣ୍ଟରେ ଗାଡ଼ି ଅଫର କରୁଥିବା ଦକ୍ଷିଣ କୋରିଆର ଅଟୋମୋବାଇଲ୍ ମେକର ହୁଣ୍ଡାଇ କମ୍ପାକ୍ଟ ସେଡାନ୍ କାର୍ ହୁଣ୍ଡାଇ ଓ୍ୱରାର କର୍ପୋରେଟ୍ ଏଡିସନ୍ ଲଞ୍ଚ କରିଛି। ଏହି ଏଡିସନରେ କମ୍ପାନୀ ଦ୍ୱାରା କେଉଁ ଫିଚର୍ସ ପ୍ରଦାନ କରାଯାଇଛି। ଏହି ଏଡିସନରେ କେତୋଟି ଭ୍ୟାରିଆଣ୍ଟ ଅଣାଯାଇଛି ଏବଂ ଏହାକୁ କେଉଁ ମୂଲ୍ୟରେ କିଣାଯାଇପାରିବ। ତେବେ ଆସନ୍ତୁ ଜାଣିବା ଏହି ସବୁ ଡିଟେଲ୍ସ ବିଷୟରେ।

କମ୍ପାକ୍ଟ ସେଡାନ୍ କାର୍ ସେଗମେଣ୍ଟରେ ହୁଣ୍ଡାଇ ଦ୍ୱାରା ଓ୍ୱରା ଅଫର କରାଯାଏ। ଏହି ସେଗମେଣ୍ଟରେ ପ୍ରଦାନ କରାଯାଇଥିବା ହୁଣ୍ଡାଇ ଓ୍ୱରା ଏକ କର୍ପୋରେଟ୍ ଏଡିସନ୍ ସହିତ ଲଞ୍ଚ କରାଯାଇଛି। ଯାହା ଫଳରେ ବୁଲାବୁଲି ସମୟରେ ଏକ୍ସପେରିୟନ୍ସ ଉନ୍ନତ ହେବ। ଓ୍ୱରାର ନୂଆ ଏଡିସନରେ କମ୍ପାନୀ ଦ୍ୱାରା ଅନେକ ଫିଚର୍ସ ପ୍ରଦାନ କରାଯାଇଛି। ଏଥିରେ ୬.୭୫ ଇଞ୍ଚ ଟଚସ୍କ୍ରିନ୍ ଡିସପ୍ଲେ ଅଡିଓ ଅଛି। ଏହା ସହିତ ୧୫ ଇଞ୍ଚ ଟାୟାର ସହିତ ଡୁଆଲ ଟୋନ୍ ଷ୍ଟାଇଲ୍ ଷ୍ଟିଲ୍ ହୁଇଲ୍, ଏଲଇଡି ଡିଆରଏଲ, ରିୟର ଓ୍ୱିଙ୍ଗ ସ୍ପଏଲର, ଟିପିଏମଏସ, ରିୟର ଏସି ଭେଣ୍ଟ, କପ୍ ହୋଲ୍ଡର ସହିତ ରିୟର ସେଣ୍ଟର ଆର୍ମରେଷ୍ଟ ପ୍ରଦାନ କରାଯାଇଛି। ଏହା ସହିତ କାରରେ କର୍ପୋରେଟ୍ ବ୍ୟାଜିଂ ମଧ ଦିଆଯାଇଛି। ଏହି ସେଡାନ କାରଟି ଏକ କର୍ପୋରେଟ୍ ଏଡିସନ୍ ସହିତ ଲଞ୍ଚ କରାଯାଇଛି। କିନ୍ତୁ ଏହାର ଇଞ୍ଜିନରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ। ଏହା ଏକ ୧.୨ ଲିଟର ଇଞ୍ଜିନ୍ ସହିତ ଲ୍ୟାସ୍ ଯାହା ୮୩ ପିଏସ ପାୱାର୍ ଏବଂ ୧୧୩.୮ ନ୍ୟୁଟନ୍ ମିଟର ଟର୍କ ମିଳିଥାଏ। ପେଟ୍ରୋଲ ସହିତ ଏଥିରେ ସିଏନଜି ଇଞ୍ଜିନର ଅପ୍ସନ ମଧ ରହିଛି ଯେଉଁଥିରେ ୧.୨ ଲିଟର ଇଞ୍ଜିନ୍ ଏହାକୁ ୬୯ ପିଏସ ପାୱାର ଏବଂ ୯୫.୨ ନ୍ୟୁଟନ୍ ମିଟରର ଟର୍କ ଜେନେରେଟ୍ କରିଥାଏ। ହୁଣ୍ଡାଇ ଓ୍ୱରା କର୍ପୋରେଟ୍ ଏଡିସନ୍‌ରେ ମଧ ୫-ସ୍ପିଡ୍ ମାନୁଆଲ୍ ଏବଂ ସ୍ମାର୍ଟ ଅଟୋ ଏଏମଟି ଟ୍ରାନ୍ସମିସନ୍ ଅପ୍ସନ ମିଳିଥାଏ। ହୁଣ୍ଡାଇ ପେଟ୍ରୋଲ ଏବଂ ସିଏନଜି ଇଞ୍ଜିନ ଉଭୟ ଅପ୍ସନ ସହିତ ଓ୍ୱରାର କର୍ପୋରେଟ୍ ଏଡିସନ୍ ଲଞ୍ଚ କରିଛି। ସେଡାନ୍ କାରର କର୍ପୋରେଟ୍ ଏଡିସନର ପେଟ୍ରୋଲ ଭ୍ୟାରିଆଣ୍ଟର ଏକ୍ସ-ସୋରୁମ୍ ପ୍ରାଇସ୍ ୭.୪୮ ଲକ୍ଷ ଟଙ୍କା ରଖାଯାଇଛି। ଏହାର ଏଡିସନକୁ ୮.୪୭ ଲକ୍ଷ ଟଙ୍କା ଏକ୍ସ-ସୋରୁମ୍ ମୂଲ୍ୟରେ କିଣାଯାଇପାରିବ। ହୁଣ୍ଡାଇ ଓ୍ୱରାକୁ କମ୍ପାକ୍ଟ ସେଡାନ କାର୍ ସେଗମେଣ୍ଟରେ ଅଣାଯାଇଛି। ଏହି ସେଗମେଣ୍ଟରେ ଏହା ମାରୁତି ଡିଜେୟାର, ଟାଟା ଟିଆଗୋ ଏବଂ ହୋଣ୍ଡା ଆମେଜ୍ ଭଳି କାର ସହିତ ଟକ୍କର କରିବ।



## ଫରେଷ୍ଟର ଓ ସାମ୍ବାଦିକ ହାତାହାତି,ଥାନାରେ ମାମଲା


ଚିତ୍ତରଞ୍ଜନ ବେହେରା

ଭବାନୀପାଟଣା,୧୦।୨ (ସଂଚାର ବ୍ୟୁରୋ): ଦକ୍ଷିଣ ବନଖଣ୍ଡ ଧର୍ମଗଡ଼ ରେଞ୍ଜ ଆମପାଣି ଫରେଷ୍ଟର ସେକ୍ସନ ର ଫରେଷ୍ଟର ଚିତ୍ତରଞ୍ଜନ ବେହେରା ଓ ଜଣେ ଗଣମାଧ୍ୟମ ପ୍ରତିନିଧି ଙ୍କ ମଧ୍ୟରେ ଭାଲୁ ଘଉଡାଇବା ପାଇଁ ଯୁକ୍ତିଯୁକ୍ତ ସହ ହାତାହାତି ହୋଇଥିବା ବେଳେ ଫରେଷ୍ଟର ଚିତ୍ତରଞ୍ଜନ ବେହେରା ଆମପାଣି ଥାନାରେ ସାମ୍ବାଦିକ ତ୍ରିଲୋକ୍ୟ ବେଶ୍ରା ଙ୍କ ନାଁରେ ମାମଲା ରୁଜୁ କରିଛନ୍ତି। ପରେ ସାମ୍ବାଦିକ ତ୍ରିଲୋକ୍ୟ ବେଶ୍ରା ମଧ୍ୟ ଫରେଷ୍ଟର ଙ୍କ ବିରୋଧରେ ମାମଲା ରୁଜୁ କରିଥିବା ଜଣାପଡ଼ିଛି। ସୂଚନା ମତେ ସୋମବାର କୋକସରା ବ୍ଲକ କାଉତୋଳା ଗ୍ରାମ ର ଜନବସତି କୁ ପାଖ ଜଙ୍ଗଲ ରୁ ଏକ ଭାଲୁ ଆସିଥିବା ବେଳେ ସ୍ଥାନୀୟ ଗ୍ରାମବାସୀମାନେ ଏନେଇ ଆତଙ୍କିତ ହୋଇ ପଡ଼ିଥିଲେ। ଭାଲୁ ଟି ଦିର୍ଘ ସମୟ ଧରି ହରିଜନ ପଡା ନିକଟରେ ଥିବା ବେଳେ ଏନେଇ ସାମ୍ବାଦିକ ବେଶ୍ରା ସ୍ଥାନୀୟ ଆମପାଣି ଫରେଷ୍ଟର ବେହେରା ଙ୍କୁ ମୋବାଇଲରେ ଯୋଗାଯୋଗ କରି ଶୀଘ୍ର ଟିମ ନେଇ ଭାଲୁ କୁ ଘଉଡାଇବା କୁ କହିଥିଲେ। ତେବେ ବିଳମ୍ବ ହେବାରୁ ଜିଲ୍ଲା ଦକ୍ଷିଣ ବନଖଣ୍ଡ ଅଧିକାରୀ ଙ୍କୁ ମଧ୍ୟ ବିଭାଗୀୟ ଅଧିକାରୀ ଙ୍କ ଅବହେଳା କୁ ନେଇ ଅଭିଯୋଗ କରିଥିଲେ।

# କଟନୀ ଛଟନୀକୁ ବିରୋଧ, ତାତିଲେ ନବ ନିର୍ମାଣ କୃଷକ ସଂଘ ସଦସ୍ୟ

## ଲଙ୍ଗଳ ଓ ଲାଠି ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଘେରିଲେ



ନୟାଗଡ଼,୧୦।୨(ସଂଚାର ବ୍ୟୁରୋ): ନୟାଗଡ଼ରେ ଧାନ କାଟକୁ ନେଇ ଆଜି ଉତ୍ୟକ୍ତ ହୋଇଥିଲେ ଚାଷୀ। ମୁଣ୍ଡରେ ଝାମ୍ପି, ହାତରେ ଲଙ୍ଗଳ ଓ ଲାଠି ଧରି ଘଣ୍ଟା ଘଣ୍ଟା ପର୍ଯ୍ୟନ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଧାରଣା ଦେଇଥିଲେ। ପ୍ରତି ମଣ୍ଡିରେ ୭ ରୁ ୧୧ କେଜି ପର୍ଯ୍ୟନ୍ତ ମନମୁଖୀ କାଟ ବିରୁଦ୍ଧରେ ଜିଲ୍ଲା ପ୍ରଶାସନ ବିରୋଧରେ ବିକ୍ଷୋଦଗାର କରିଥିଲେ। ନବ ନିର୍ମାଣ କୃଷକ ସଂଗଠନ ଜିଲ୍ଲା ସଂଯୋଜକ ପ୍ରସନ୍ନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭ ସଭାରେ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ଯୋଗଦେଇ ଜିଲ୍ଲା ପ୍ରଶାସନ ଉପରେ ବର୍ଷି ଥିଲେ। ଜିଲ୍ଲାପ୍ରଶାସନକୁ ସମାଲୋଚନା କରି ସେ କହିଥିଲେ ଯେ, ଜିଲ୍ଲାସାରା ସମବାୟ ସଂପାଦକ ତୃଣମୂଳ ନେତା ପ୍ରଚାର କରିଛନ୍ତି ଯେ, ନୟାଗଡ଼ରେ ସାଧାରଣ ମାନ ଧାନ ନାହିଁ। ଏହି ବାହାନାରେ ଚାଷୀଙ୍କ ସଫା, ଶୁଖିଲା ସାଧାରଣ ଧାନ ମାନ ଉପରୁ ଶହ ଶହ କୋଟି ଟଙ୍କାର ଧାନ କାଟି ନିଆଯାଉଛି। ଜିଲ୍ଲାପାଳ, ଉପଜିଲ୍ଲାପାଳ, ଯୋଗାଣ ଅଧିକାରୀ, ସମବାୟ ସହ ନିବନ୍ଧକ ସେମାନଙ୍କର କର୍ତ୍ତବ୍ୟ ପାଳନ କରୁନାହାନ୍ତି। ଯୋଗାଣ ବିଭାଗ ସ୍ୱାର୍ଡ଼ ମଣ୍ଡି ପରିଦର୍ଶନରେ ଯାଉନାହାନ୍ତି। ଯେଉଁ ଚାଷୀ ଧାନ କାଟ ଦେବ ନାହିଁ ବୋଲି ପ୍ରତିବାଦ କରୁଛି ତାଙ୍କୁ କୁହାଯାଉଛି, ତମ ଧାନ ନୟାଗଡ଼ରେ ଟେଷ୍ଟିଙ୍ଗ୍ ହେବ। ଜିଲ୍ଲା ପ୍ରଶାସନ ତୁରନ୍ତ ଏହି ବ୍ୟବସ୍ଥା ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ। ଜିଲ୍ଲା ସଭାପତି ରଣଜିତ୍ ଦଳବେହେରା, ବାଇନାଥ ସାହୁ କେତେକ ମଣ୍ଡି ଉଦାହରଣ ଦେଇ ଅଭିଯୋଗ କରିଥିଲେ । ଅନିୟମିତତା ବିରୁଦ୍ଧରେ ଅଭିଯୋଗର ତଦନ୍ତ ପାଇଁ ପ୍ରଶାସନିକ ଅଧିକାରୀମାନେ ପ୍ରତିଶ୍ରୁତି ଦେଇଥିଲେ। ଯୁବଛାତ୍ର ସଭାପତି ମନଓ୍ୱର ଅଲ୍ଲୀ କହିଥିଲେ ଯେ, ଏହି ଆନ୍ଦୋଳନ ସାଙ୍କେତିକ ଆନ୍ଦୋଳନ, ଯଦି ପ୍ରଶାସନ ପ୍ରତିଶ୍ରୁତି ମୁତାବକ କାର୍ଯ୍ୟ ନକରେ ତେବେ ଜୋରଦାର ଆନ୍ଦୋଳନ ହେବ। ନୟାଗଡ଼ରେ ସାଧାରଣ ଧାନ ମାନ ନାଁରେ ଯେଉଁମାନେ ଆତଙ୍କ ଖେଳାଇଛନ୍ତି ସେମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ହେଉ। ଆଜିର ସଭାରେ ଅନ୍ୟମାନଙ୍କ ମଧ୍ୟରେ ରଣପୁର ସଂଗଠକ ଅଜୟ ମହାନ୍ତି, ଭାଗବତ ପରିଡ଼ା, ଦଶପଲ୍ଲାର ସମରଣା ନାୟକ, ଶିଶିର ଭଞ୍ଜ, ବିନୋଦ ପ୍ରଧାନ ରବିନ୍ଦ୍ର ବରାଳ, ଉଚ୍ଛବ ଚରଣ ସ୍ୱାଇଁ, ବୈକୁଣ୍ଠ ସାହୁ, ଶଙ୍କରଶଂଣ ବରାଳ, ଛାଟିଆ ବେହେରା, ପ୍ରମୁଖ ଯୋଗ ଦେଇଥିଲେ। ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମାଦାର ଦାବିପତ୍ର ଗ୍ରହଣ କରିଥିଲେ ।

**ଦେଶି ମଦଭାଟି ଡକାୟତି ଘଟଣା**

## ନୂଆ ଟଙ୍କା ବିଡ଼ା ଆସିଲା କେଉଁଠୁ ?

ଧର୍ମଗଡ଼,୧୦।୨(ସଂଚାର ବ୍ୟୁରୋ): ଧର୍ମଗଡ଼ ଦେଶି ମଦଭାଟି ଡକାୟତି ଘଟଣାର ୧୦ ଦିନ ବିତିଲାଣି । ଡକାୟତ ଧରାପଡ଼ି ଜେଲ ଗଲେଣି । ହେଲେ ସେମାନଙ୍କ ଠାରୁ ଜବତ ହେଇଥିବା ଟଙ୍କା ବିଡାକୁ ନେଇ ଚର୍ଚ୍ଚା ଥମିବାର ନାଁ ଧରୁନାହିଁ ।ଉଲ୍ଲେଖଯୋଗ୍ୟ, ଗତ ୩୦ ତାରିଖ ରାତିରେ ଧର୍ମଗଡ଼ ଦେଶି ମଦଭାଟିରେ ବଡଧରଣର ଡକାୟତି ହୋଇଥିଲା । କଳାହାଣ୍ଡି ଏସପିଙ୍କ ପ୍ରଚେଷ୍ଟା ଓ ଓଡ଼ିଶା, ଝାଡ଼ଖଣ୍ଡ ପୁଲିସର ମିଳିତ ଉଦ୍ୟମରେ ଝାଡ଼ଖଣ୍ଡ, ରାଞ୍ଚି ଅଞ୍ଚଳରୁ ଡକାୟତ ଧରାପଡ଼ିଥିଲେ । ସେମାନଙ୍କ ଠାରୁ ୩ କୋଟି ୫୧ ଲକ୍ଷ ଟଙ୍କା ସମେତ ମାରଣାସ୍ତ୍ର ଇତ୍ୟାଦି ଜବତ ହୋଇଥିଲା । ଇତିମଧ୍ୟରେ ଡକାୟତ ମାନଙ୍କୁ ଜେରା ପରେ ପୁଲିସ ସେମାନଙ୍କୁ କୋର୍ଟ ଚାଲାଣ କଲା। ଏବେ ସେମାନେ ବିଚାର ବିଭାଗୀୟ ହାଜତରେ ଅଛନ୍ତି । ଜବତ ଟଙ୍କା ବ୍ୟାଙ୍କରେ ଜମା ହୋଇଛି । ତେବେ ଡକାୟତ ମାନଙ୍କ ଠାରୁ ଜବତ ହୋଇଥିବା ଟଙ୍କା ବିଡାକୁ ନେଇ ସାଧାରଣରେ ଚର୍ଚ୍ଚା ଥମିନାହିଁ। ସୂଚନାଯୋଗ୍ୟ, ଧର୍ମଗଡ଼ ସ୍ଥିତ ଦେଶି ମଦଭାଟିରୁ ୩ କୋଟି ୫୧ ଲକ୍ଷ ଟଙ୍କା ଡକାୟତି ହେଇଥିବା ଅଭିଯୋଗ ହେଲା । ଡକାୟତ ମାନଙ୍କ ଠାରୁ ଟଙ୍କାତକ ଜବତ ମଧ୍ୟ ହେଲା ।




ହେଲେ ଅଧିକାଂଶ ନୂଆ ୫୦୦ ଟଙ୍କିଆ ଓ ଅଳ୍ପ କିଛି ୧୦୦ ଓ ୫୦ ଟଙ୍କିଆ ବିଡା ଜବତ ହୋଇଛି । ତେବେ ନୂଆ ନୋଟ୍ ବିଡା ଗୁଡ଼ିକୁ ଦେଖି ଅନେକଙ୍କ ଆଖି କପାଳକୁ ଉଠିଯାଉଛି। ଏକ ଦେଶି ମଦଭାଟିରୁ କୋଟି କୋଟି ନଗଦ ଟଙ୍କା ବାହାରିବା ଘଟଣା କଳାହାଣ୍ଡିରେ ପ୍ରଥମ । ଏଣୁ ସାମ୍ନାରେ ସାଧାରଣ ଦିଶୁଥିବା ଏକ ଖପର ଘରେ ଏତେ ପରିମାଣର ଟଙ୍କା ରଖାଯିବା ନେଇ ସାଧାରଣରେ ବିସ୍ମୟ ସୃଷ୍ଟି ହେଉଛି। ପୁଣି ଗ୍ରାହକ ମାନେ ପ୍ରାୟ ୨୦ ରୁ ୧୦୦ ଟଙ୍କା ଧରି ଜରି ପାଉଚ ମଦ ପିଇବାକୁ ମଦଭାଟିକୁ ଯିବା ଦେଖାଯାଏ । ଏପରି ସ୍ଥଳେ ୫୦୦ ଟଙ୍କିଆ ନୂଆ ନୋଟ ବିଡା କେଉଁଠୁ ଆସିଲା ? ଏହା ମଦ ବିକ୍ରି ଟଙ୍କା ନା ଅନ୍ୟ କୌଣସି ସୂତ୍ରରୁ ଆସିଛି ତାକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ଯଦି ଏହା ବ୍ୟାଙ୍କରେ ବଦଳା ଯାଇଛି ତେବେ ବ୍ୟାଙ୍କରେ ଜମା ନକରି ଭାଟି ମାଲିକ ନିଜ ପାଖରେ କାହିଁକି ରଖିଥିଲେ ତାକୁ ନେଇ ମଧ୍ୟ ପ୍ରଶ୍ନ ଉଠୁଛି। ପୁଣି ସେହି ଏକା ସମୟରେ ଅଳ୍ପ କିଛି ଟଙ୍କା ବ୍ୟାଙ୍କ ରେ ଜମା କରି ନଗଦ ଟଙ୍କା ଭାଟିରେ ରଖାଯାଇଥିଲା କି ବୋଲି ନାହିଁ ତାର ତଦନ୍ତ ହେବା ଆବଶ୍ୟକ ବୋଲି ସାଧାରଣ ରେ ମତ ପ୍ରକାଶ ପାଉଛି ।ଆୟକର ବିଭାଗ ଏହି ଟଙ୍କାର ତଦନ୍ତ କରିବ ବୋଲି ବରିଷ୍ଠ ପୋଲିସ ଅଧିକାରୀ କହିଥିଲେ ।ହେଲେ ଏଯାଏ ଆୟକର ବିଭାଗ ମଦଭାଟିର କାଗଜପତ୍ର ତନଖି କରିଛନ୍ତି କି ନାହିଁ ସେନେଇ ସ୍ଥାନୀୟ ପୁଲିସ ଅଧିକାରୀ ମୁହଁ ଖୋଲୁ ନାହାନ୍ତି । ସାଧାରଣତଃ କୌଣସି ସରକାରୀ କର୍ମଚାରୀ କିମ୍ବା ସାଧାରଣ ଲୋକଙ୍କ ଗାଡ଼ିରୁ ଲକ୍ଷାଧିକ ଟଙ୍କା ଠାବ ହେଲେ ଭିଜିଲାନ୍ସ, ଆୟକର ବିଭାଗ ତଦନ୍ତ କରିବା ଏକାଧିକ ନଜିର ରହିଛି । ଏପରି ସ୍ଥଳେ ଦେଶୀ ମଦଭାଟିରୁ କୋଟି କୋଟି ଟଙ୍କାର ନୂଆ ଟଙ୍କା ବିଡା ମିଳିବା ଘଟଣାରେ ଆୟକର ବିଭାଗର ତଦନ୍ତ କରାଯିବା ଓ ତଦନ୍ତ ରିପୋର୍ଟ ସାର୍ବଜନୀନ କରାଯିବା ଉଚିତ୍ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି ।

## ଭାକରସାହିରେ ଜିଲ୍ଲାପାଳଙ୍କ ଜନଶୁଣାଣି



ବାଲିପାଟଣା,୧୦।୨(ସଂଚାର ବ୍ୟୁରୋ): ଭାକରସାହି ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଆଜି ପୂର୍ବାହ୍ନ ରେ ଜିଲ୍ଲାପାଳ ଚଞ୍ଚଳ ରାଣା ବ୍ଲକ ସ୍ତରୀୟ ଜନଶୁଣାଣୀ କରିଛନ୍ତି। ମୋଟ ୯୬ ଗୋଟି ଅଭିଯୋଗ ଆଜି ଶୁଣାଣି ପାଇଁ ଆସିଥିଲା ।ସେଥିମଧ୍ୟରୁ ୭୪ ଗୋଟି ବ୍ୟକ୍ତିଗତ ଓ ୧୫ ଗୋଟି ସାମୁହିକ ସମସ୍ୟା ରହିଥିବା ବେଳେ ୬ ଜଣଙ୍କର ସମସ୍ୟାର ତୁରନ୍ତ ସମାଧାନ କରାଯାଇଥିଲା। ମୁଖ୍ୟମନ୍ତ୍ରୀ ଙ୍କ ରିଲିଫ ପାଣ୍ଠି ରୁ ସହାୟତା ପାଇଁ ଜଣେ ବ୍ୟକ୍ତି ଦରଖାସ୍ତ କରିଥିଲେ। ଜିଲ୍ଲାପାଳ ଙ୍କୁ ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରୁଦ୍ର ନାରାୟଣ ମହାନ୍ତି,ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଜ୍ୟୋତି ଶଙ୍କର ହି ସାହୁ,ଉପ ଜିଲ୍ଲାପାଳ ମନୋରଞ୍ଜନ ସାହୁ,ବିଡ଼ିଓ ସ୍ମୃତି ପ୍ରଜ୍ଞା ପ୍ରିୟଦର୍ଶିନୀ,ତହସିଲଦାର କଳ୍ପନା ଦାସ,ସରପଞ୍ଚ ଚନ୍ଦ୍ରକାନ୍ତି ବେହେରା,ସମିତି ସଭ୍ୟ କାହ୍ନୁ ଚରଣ ପାତ୍ର ପ୍ରମୁଖ ଙ୍କ ସହିତ ସମସ୍ତ ବିଭାଗୀୟ ଅଧିକାରୀ ଓ ଲୋକ ପ୍ରତିନିଧି ସହଯୋଗ କରିଥିଲେ।ବି ଏସ ଏସ ଓ ଦିବ୍ୟଜ୍ୟୋତି ଭୂତିଆ ଓ ସହଯୋଗୀ ସଂଗ୍ରାମ କେଶରୀ ଦାସ କାର୍ଯ୍ୟ ପରିଚାଳନା କରିଥିଲେ।

# ଜାତୀୟ କୃମିନାଶକ ଔଷଧ ସେବନ କାର୍ଯ୍ୟକ୍ରମ ଆରମ୍ଭ

● ଜିଲ୍ଲାକୁ କୃମିମୁକ୍ତ କରିବାକୁ ଆହ୍ୱାନ



ସୁବର୍ଣ୍ଣପୁର,୧୦।୨(ସଂଚାର ବ୍ୟୁରୋ): ଜିଲ୍ଲାରେ ଆଜି ୧୦ ଫେବୃୟାରୀ ୨୦୨୫ ତାରିଖ ଜାତୀୟ କୃମିନାଶକ ଦିବସ ପାଳନ କରାଯାଉଅଛି । ଏହି ପରିପ୍ରେକ୍ଷୀରେ ଜିଲ୍ଲା ସ୍ୱାସ୍ଥ୍ୟ ସମିତି, ସୁବର୍ଣ୍ଣପୁର ଦ୍ୱାରା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମଝିପଡ଼ା ଠାରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ ପ୍ରଦୀପ କୁମାର ଗୁରୁଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କୃମିନାଶକ ଦିବସ ପାଳନର ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଜି ଶୁଭାରମ୍ଭ ଅବସରରେ ଉକ୍ତ ସ୍କୁଲର ସମୁଦାୟ ୧୭୨ ଜଣ ଛାତ୍ରଛାତ୍ରୀ ମଧ୍ୟରୁ ୧୬୩ ଜଣ ଏହି ଔଷଧ ସେବନ କରିଛନ୍ତି । ଯେଉଁମାନେ ଆଜି ୧୦ ତାରିଖ ଦିନ ଔଷଧ ଖାଇବାରୁ ବଞ୍ଚିତ ରହିବେ ତାଙ୍କୁ ୧୭ ଫେବୃଆରୀରେ ମପ୍‌ଅପ୍ ରାଉଣ୍ଡରେ ଔଷଧ ଖାଇବାକୁ ଦିଆଯିବ। ଏହି କାର୍ଯ୍ୟକ୍ରମରେ ଆମ ଜିଲ୍ଲାର ୧,୭୭,୨୦୨ ହିତାଧିକାରୀ ଆଲବେଣ୍ଡାଜୋଲ ଔଷଧ ଖାଇବେ । ଏହା ମଧ୍ୟରୁ ୧ ବର୍ଷ ରୁ ୧୯ ବର୍ଷ ପର୍ଯ୍ୟନ୍ତ ୧,୬୫,୨୬୭ ଜଣ ଶିଶୁ ଓ କିଶୋର ଏବଂ ୨୦ ବର୍ଷରୁ ୨୪ ବର୍ଷ ପର୍ଯ୍ୟନ୍ତ ୧୧,୯୩୫ ଜଣ ପ୍ରଜନନକ୍ଷମ ମହିଳା ରହିଛନ୍ତି । ସନ୍ତାନ ପ୍ରଜନନକ୍ଷମ ମହିଳାଙ୍କ ମଧ୍ୟରେ ଥିବା ଗର୍ଭବତୀ ଓ ପ୍ରସୂତି ମାନେ ଏହି ଔଷଧ ଖାଇବେ ନାହିଁ । ଆମ ଜିଲ୍ଲାର ୧୦୫୬୭ଟି ସରକାରୀ ଓ ବେସରକାରୀ ସ୍କୁଲ ମହାବିଦ୍ୟାଳୟ , ୧୫୧୬ଟି ଅଙ୍ଗନବାଡ଼ି କେନ୍ଦ୍ରରେ ଏହି କୃମି ନାଶକ ଔଷଧ ମାଗଣାରେ ପ୍ରଦାନ କରିବାର ସୁବ୍ୟବସ୍ଥା ହୋଇଯାଇଅଛି। କାର୍ଯ୍ୟକ୍ରମକୁ ବ୍ୟବସ୍ଥିତ ଓ ସୁଚାରୁ ସମ୍ପାଦନ ପାଇଁ ୯୨ ଜଣ ମହିଳା ସ୍ୱାସ୍ଥ୍ୟ କର୍ମୀ, ୬୪୦ ଜଣ ଆଶାକର୍ମୀ ତଥା ୧୫୧୬ ଜଣ ଅଙ୍ଗନବାଡ଼ି କର୍ମୀଙ୍କୁ ଆବଶ୍ୟକ ତାଲିମ ସହ ଔଷଧ ସେବନ କରାଇବାକୁ ନିୟୋଜିତ କରାଯାଇଥିବା ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡ଼ଃ ଗୁରୁ ସୂଚନା ପ୍ରଦାନ କରିଛନ୍ତି ।

## ୫୩ତମ ବାର୍ଷିକ ଉତ୍ସବ ପାଳିତ



ଯୋଡ଼ା,୧୦।୨(ସଂଚାର ବ୍ୟୁରୋ): ଶୁକ୍ରବାର ଦିନ ଯୋଡ଼ା ବ୍ଲକ ସ୍ଥିତ ସରକାରୀ ପୌର ଉଚ୍ଚ ବିଦ୍ୟାଳୟ, ନାଳଦା ଠାରେ ୫୩ତମ ବାର୍ଷିକ ଓ ପୁରସ୍କାର ବିତରଣ ଉତ୍ସବ ପାଳିତ ହୋଇ ଯାଇଛି। ଏଥିରେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ମହେନ୍ଦ୍ର କୁମାର ଜେନା ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ବଡ଼ବିଲ ପୌର ପାଳିକା ର କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ନାୟକ ଓ ସମ୍ମାନିତ ଅତିଥି ଭାବେ ବଡ଼ବିଲ ପୌର ପାଳିକାର ଇଂ ପୂର୍ଣ୍ଣଚନ୍ଦ୍ର ମହନ୍ତ, ଶିକ୍ଷା କମିଟି ସଭାପତି ମାନିଆ ଚାମ୍ପିଆ, କାଉନ ସିଲର ଶ୍ରୀଯୁକ୍ତ ଆନନ୍ଦ ସାଣ୍ଡିଲ, ବିଦ୍ୟାଳୟ ର ପୂର୍ବତନ ଶିକ୍ଷକ ଶ୍ରୀଯୁକ୍ତ ରଘୁନାଥ ବାରିକ, ପ୍ରତାପ ଚନ୍ଦ୍ର ମହନ୍ତ, ଅଶୋକ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ବକ୍ତା ଭାବେ +୨ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ବଡ଼ ଜାମଦା, ଝାଡ଼ଖଣ୍ଡ ର ଅଧ୍ୟାପକ ଡକ୍ଟର ଶାନ୍ତନୁ କୁମାର ନାୟକ ଛାତ୍ର ଛାତ୍ରୀ ମାନଙ୍କୁ ବିଭିନ୍ନ ଶିକ୍ଷଣୀୟ ଉପାଦେୟ ତଥା ସୁସ୍ଥ ସବଳ ରହିବା ପାଇଁ କ୍ରୀଡା କୁ ପ୍ରାଧାନ୍ୟ ଦେବା, କଠିନ ପରିଶ୍ରମ ବଳରେ ନିଜକୁ ଜଣେ ଜଣେ ଆଦର୍ଶ ଛାତ୍ର ଭାବେ ଗଢି ତୋଳିବା ପାଇଁ ମୂଲ୍ୟବାନ ମତାମତ ନିଜର ବକ୍ତବ୍ୟ ମାଧ୍ୟମରେ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଏବଂ ସମସ୍ତ ସମ୍ମାନିତ ଅତିଥି ମାନେ ଆଜିର ବାର୍ଷିକ ଉତ୍ସବ ଏବଂ ପୁରସ୍କାର ବିତରଣ ଦିବସରେ ପିଲାମାନଙ୍କ ପ୍ରତିଭା କୁ ଏହିପରି ବିକଶିତ କରାଇ ବିଦ୍ୟାଳୟ ର ଗୌରବ ଆଣିବା ସହିତ ଜିଲ୍ଲା ଏବଂ ରାଜ୍ୟ ସ୍ତରରେ ସେମାନଙ୍କ ପ୍ରତିଭା କୁ ପହଂଚାଇବା ପାଇଁ ଉଦବୋଧନ ଦେଇଥିଲେ ଏବଂ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଶିକ୍ଷାଦାନ ଦେବା ସହିତ ଯୋଗ, ପ୍ରାଣାୟାମ, କ୍ରୀଡା ଉପରେ ଅଧିକ ଧ୍ୟାନ ଦେବା ପାଇଁ ପରାମର୍ଶ ଦେଇଥିଲେ। ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ମାନଙ୍କ ଦ୍ୱାରା କୃତି ପ୍ରତିଯୋଗୀ ମାନଙ୍କୁ ପୁରସ୍କାର ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

## ଆର୍ଟ ଅଫ ଲିଭିଂ ପକ୍ଷରୁ ହେପିନେସ ପ୍ରୋଗ୍ରାମ



ସୁବର୍ଣ୍ଣପୁର,୧୦।୨(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଠାରେ ଶ୍ରୀ ଶ୍ରୀ ରବିଶଙ୍କର ଙ୍କ ଦ୍ୱାରା ପରିଚାଳିତ ଆର୍ଟ ଅଫ ଲିଭିଂ ସଂସ୍ଥା ଦ୍ୱାରା ଏକ ହେପିନେସ ପ୍ରୋଗ୍ରାମ ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ତିନିଦିନ ଧରି ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ଆର୍ଟ ଅଫ ଲିଭିଂର ବରିଷ୍ଠ ଶିକ୍ଷକ ଶ୍ରୀ ଶ୍ୟାମ ଅଗ୍ରୱାଲ ଏବଂ ଶିକ୍ଷୟତ୍ରୀ ସୁଶ୍ରୀ ଆସନା ଗୁପ୍ତା ପ୍ରୋଗ୍ରାମକୁ ପରିଚାଳନା କରିଥିଲେ। ସ୍ଥାନୀୟ ଜନସାଧାରଣ ବହୁତ୍ ଉତ୍ସାହର ସହ ହାପିନେସ ପ୍ରୋଗ୍ରାମରେ ଭାଗ ନେଇଥିବା ବେଳେ ଲୋକେ ଶାନ୍ତି, ଚିନ୍ତା ମୁକ୍ତ, ଶାନ୍ତ ଓ ଉତ୍ସାହରେ ଭରପୁର ଆନନ୍ଦ ନେଇ ଥିବାର ଦେଖାଯାଇଥିଲା। ଲୋକଙ୍କର ଉତ୍ସାହ ଓ ଅନୁରୋଧକୁ ଦେଖି ପୁଣି ଆସନ୍ତା ମାର୍ଚ୍ଚ ୨୧ ରୁ ୨୩ ତାରିଖ ପର୍ଯ୍ୟନ୍ତ ଆର୍ଟ ଅଫ ଲିଭିଂ ର ପରବର୍ତ୍ତୀ ହେପିନେସ ପ୍ରୋଗ୍ରାମ କରାଯିବାର ସ୍ଥିର କରାଯାଇଥିବା ସଂସ୍ଥା ପକ୍ଷରୁ ସୂଚନା ମିଳିଛି। ଏବଂ ଇଚ୍ଛୁକ ବ୍ୟକ୍ତିବିଶେଷ ଆର୍ଟ ଅଫ ଲିଭିଂର ହେପିନେସ ପ୍ରୋଗ୍ରାମରେ ଯୋଗଦେବା ପାଇଁ ୭୦୦୮୧୨୬୦୭୦ ନମ୍ବର ରେ ଯୋଗାଯୋଗ କରିବା ପାଇଁ ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

## ସମଲେଇଚୁଆଁ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଡୁଙ୍ଗୁରିପାଲି,୧୦।୨ (ସଂଚାର ବ୍ୟୁରୋ): ଡୁଙ୍ଗୁରିପାଲି ବ୍ଲକ ସମଲେଇଚୁଆଁ ଉଚ୍ଚ ବିଦ୍ୟାଳୟ ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଶିକ୍ଷକ ଲୋକନାଥ ମେହେର ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ କାର୍ଯ୍ୟକ୍ରମ ରେ ସ୍ଥାନୀୟ ସରପଞ୍ଚ ବିଭୁଦତ୍ତ ରାଜହଂସ ମୁଖ୍ୟ ଅତିଥିଭାବେ ଯୋଗଦେଇ ଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିବା ସହ ବିଦ୍ୟାଳୟ ର ଉନ୍ନତି ପାଇଁ ଛାତ୍ରଛାତ୍ରୀ,ଅଭିଭାବକ ଓ ଶିକ୍ଷକଶିକ୍ଷୟିତ୍ରୀ ସମର୍ପିତ ହେବାକୁ ପ୍ରେରଣା ଦେଇଥିଲେ। ଶିକ୍ଷକ ଆଲୋକ ପଧାନ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବରିଷ୍ଠ ଶିକ୍ଷକ ନାରାୟଣ ମେହେର ବାର୍ଷିକ ବିବରଣୀ ପଠନ କରିଥିଲେ। ମୁଖ୍ୟବକ୍ତା ଭାବେ ଡୁଙ୍ଗୁରିପାଲି ମହାବିଦ୍ୟାଳୟ ର ରାଜନୀତିବିଜ୍ଞାନ ପ୍ରଧ୍ୟାପକ ସରୋଜକୁମାର ଦାଶ ଯୋଗଦେଇ ଡିଜିଟାଲ ଗଣମାଧ୍ୟମ ଅପେକ୍ଷା ଖବର କାଗଜ ଓ ପୁସ୍ତକ ପଠନ କୁ ଜୀବନର ବ୍ରତ କଲେ ଛାତ୍ରଛାତ୍ରୀ ଙ୍କ ଶୈକ୍ଷିକ ଦିଗରେ ବିକାଶ ହୋଇପାରିବ ବୋଲି ମତପ୍ରକାଶ କରିଥିଲେ ।

## ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦରର ବାର୍ଷିକ ଉତ୍ସବ



ସାଲେପୁର,୧୦।୨(ସଂଚାର ବ୍ୟୁରୋ): ରବିବାର ଦିନ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ସାଲେପୁରର '୩୬ତମ ବାର୍ଷିକ ଉତ୍ସବ' ମହା ସମାରୋହରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଶ୍ରୀ ଜଗନ୍ନାଥ ଚେତନା ମହା ସତସଙ୍ଗର ରାଷ୍ଟ୍ରୀୟ ସଭାପତି ଇଂ.ପ୍ରଫେସର ଡଃ ପ୍ରସନ୍ନ କୁମାର ସ୍ୱାଇଁ ଯୋଗ ଦେଇ ସ୍ୱ ବକ୍ତବ୍ୟ ରେ ଛାତ୍ର ଜୀବନରେ ନୈତିକ ମୂଲ୍ୟବୋଧଭିତ୍ତିକ ଶିକ୍ଷା ର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଶିକ୍ଷାବିକାଶ ସମିତି, ଓଡିଶାଙ୍କ ସଭାପତି ଶ୍ରୀଯୁକ୍ତ କିଶୋର ଚନ୍ଦ୍ର ମହାନ୍ତି ମୁଖ୍ୟବକ୍ତା ଭାବେ ଉପସ୍ଥିତ ରହି ନିଜସ୍ୱ ଅଭିଭାଷଣ ରେ ବର୍ତ୍ତମାନ ସମୟରେ ଶିକ୍ଷାରେ ଭାରତୀୟତା ଉପରେ ସାରଗର୍ଭକ ବକ୍ତବ୍ୟ ରଖିଥିଲେ। ବିଦ୍ୟାଳୟର ସମ୍ପାଦକ ଶ୍ରୀଯୁକ୍ତ ଦେବେନ୍ଦ୍ର କୁମାର ପଣ୍ଡା ଅତିଥିମାନଙ୍କର ପରିଚୟ ପ୍ରଦାନ ଓ ସ୍ୱାଗତ ଭାଷଣ ଦେଇଥିବାବେଳେ ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ଶ୍ରୀଯୁକ୍ତ ଶଙ୍କର୍ଷଣ ପାଣିଗ୍ରାହୀ ବାର୍ଷିକ ବିବରଣୀ ପଠନ କରିଥିଲେ। ବିଦ୍ୟାଳୟର ସଭାପତି ଡଃ ତରୁଲତା ଦେବୀ ସମସ୍ତଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ। ସାଂସ୍କୃତିକ ପ୍ରମୁଖ ଆଚାର୍ଯ୍ୟ ଗୋବିନ୍ଦ ଚନ୍ଦ୍ର ବେହେରା ଧନ୍ୟବାଦ କରିଥିଲେ। ବିଦ୍ୟାଳୟର ବାର୍ଷିକ ମୁଖପତ୍ର 'ମନୀଷା'ର ଶୁଭ ଉନ୍ମୋଚନ ଅତିଥିମାନଙ୍କ କରକମଳରେ ସମ୍ପାଦିତ ହୋଇଥିଲା। ବିବିଧ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ, ଆଚାର୍ଯ୍ୟ ଆଚାର୍ଯ୍ୟା, ଅଭିଭାବକ ବନ୍ଧୁଭଗିନୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା।ପରିଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସଙ୍ଗୀତ, ବାଦ୍ୟ, ନୃତ୍ୟ ଓ ଅଭିନୟ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ଗ୍ୟାରେଜ୍‌ରେ ଅଗ୍ନିକାଣ୍ଡ, ଜଳିଗଲା ୨ ବାଇକ୍

● ଦୁର୍ବୃତ୍ତ ଅଗ୍ନିକାଣ୍ଡ ଘଟାଇଥିବା ସନ୍ଦେହ
● ବିଦ୍ୟୁତ ନଥିବା ଗ୍ୟାରେଜରେ କିପରି ଲାଗିଲା ଅଗ୍ନିକାଣ୍ଡ



କାକଟପୁର/ଅସ୍ତରଙ୍ଗ,୧୦।୨(ସଂଚାର ବ୍ୟୁରୋ): ଅସ୍ତରଙ୍ଗ ମୁଖ୍ୟ ବଜାର ନୂଆଗଡ ଛକ ନିକଟରେ ଥିବା ଗାଡି ଗ୍ୟାରେଜ ରେ କୌଣସି ଦୁର୍ବୃତ୍ତ ନିଆଁ ଲଗାଇଦେଇଥିବା ଅଭିଯୋଗ। ଲକ୍ଷାଧିକ ଟଙ୍କାର ଗାଡି ସରଞ୍ଜାମ ଜଳିପୋଡି ପାଉଁଶ। ଦିନ ଦ୍ୱିପ୍ରହରେ ଏମିତି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଖବର ମୁତାବକ,ପୁରୀ ଜିଲ୍ଲା ଅସ୍ତରଙ୍ଗ ମୁଖ୍ୟବଜାର ନୂଆଗଡ ଛକ ନିକଟରେ ଦୀର୍ଘ ଦିନହେବ ଧାରକରଜ କରି ପରିବାର ଗୁଜୁରାଣ ମେଣ୍ଟାଇବାକୁ ପ୍ରଦୀପ୍ତ କୁମାର ପଢ଼ିୟାରୀ ଏକ ଛୋଟ କ୍ୟାବିନି କରି ଗାଡି ଗ୍ୟାରେଜ କରିଥିଲେ। କିନ୍ତୁ ସୋମବାର ଦିନ ସକାଳ ୯ଘଟିକାରେ କୌଣସି ଦୁର୍ବୃତ୍ତ ନିଆଁ ଲଗାଇଦେଇଥିବାରୁ କ୍ଷଣିକ ମଧ୍ୟରେ ଦୋକାନରେ ଥିବା ମରାମତି ପାଇଁ ଆସିଥିବା ଦୁଇଚକିଆ ଗାଡି ୨ଟି, ଗାଡି ସର୍ଭିସ ମେସିନ, ସ୍ପେୟାର ପାର୍ଟ୍ସ ଓ ପ୍ଲାଷ୍ଟିକି ସାମଗ୍ରୀ ହୁତୁହୁତୁ ହୋଇ ଜଳିଥିଲା। ଖବର ପାଇଁ ଅସ୍ତରଙ୍ଗ ଅଗ୍ନିଶମ ବାହିନୀର ୨ଟି ଦମ୍ କଳ ଗାଡି ଘଟଣାସ୍ଥଳରେ ପହଂଚି ନିଆଁଲିଭାଇଥିଲେ। କିନ୍ତୁ ଦୋକାନମଧ୍ୟରେ ପୋଡା ମୋବିଲ ରହିଥିବାରୁ ଅଗ୍ନିକାଣ୍ଡ ରେ ପ୍ରଚୁର ମାତ୍ରାଜଳିଥିଲା ଦୀର୍ଘସମୟ। ଦୋକାନ ମଧ୍ୟରେ ବିଦ୍ୟୁତ ସଂଯୋଗ ନଥିବା ବେଳେ ଦୁର୍ବୃତ୍ତ ଅଗ୍ନିକାଣ୍ଡ ଘଟାଇଥିବା ସନ୍ଦେହ। ଏ ନେଇ ପ୍ରଦୀପ୍ତ କୁମାର ପଢ଼ିୟାରୀ ଅସ୍ତରଙ୍ଗ ଥାନାରେ ଲିଖିତ ଅଭିଯୋଗ ପରେ ପୁଲିସ ଅଗ୍ନିକାଣ୍ଡ ଘଟଣାର ତନାଘନା କରୁଛି। ଅଗ୍ନିକାଣ୍ଡ ସମ୍ପର୍କରେ ପ୍ରଦୀପ୍ତ ପଢ଼ିୟାରୀ ତହସିଲ ଓ ଅଗ୍ନିଶମ କେନ୍ଦ୍ରରେ ଲିଖିତ ଅଭିଯୋଗ କରିଛନ୍ତି। ନିଆଁ ଲିଭାଇବା କାର୍ଯ୍ୟରେ ଅସ୍ତରଙ୍ଗ ଅଗ୍ନିଶମ କେନ୍ଦ୍ର ଷ୍ଟେସନ ଅଧିକାରୀ ପ୍ରହଲ୍ଲାଦ ରାୟ, ଡ୍ରାଇଭର ତାପସ ରାଉତ, ଆଗ୍ନୀକ ସଂଗ୍ରାମ କେଶରୀ ସ୍ୱାଇଁ, ସାରଦା ପ୍ରଶନ ସ୍ୱାଇଁ, ସୁବ୍ରତ ସାମଲ, ଇନ୍ଦ୍ରଜିତି ସାହୁ ଓ ନିରଞ୍ଜନ ମାନସିଂ ପହଂଚି ନିଆଁ କୁ ଆୟତ୍ତ କରିଥିଲେ। ଅସ୍ତରଙ୍ଗ ପୂର୍ବତନ ସରପଞ୍ଚ ଦିବାକର ଛାଟୋଇ ଓ ବଜାର କମିଟି ସଭାପତି ଦୁଷ୍ମନ୍ତ ପରିଡା ଉକ୍ତ ସ୍ଥାନରେ ପହଂଚି ପ୍ରଦୀପ୍ତ ଙ୍କୁ ସାନ୍ତ୍ୱନା ଦେବା ସହ ଦାବୀ କରିଛନ୍ତି ଗ୍ୟାରେଜ ମାଲିକ ପ୍ରଦୀପ୍ତ ପଢ଼ିୟାରୀ ଙ୍କୁ ସରକାରୀ ସ୍ତରରେ ସହାୟତା ପ୍ରଦାନ ପାଇଁ, ଏବେ କିପରି ଋଣ ସୁଜିବେ ସେନେଇ ଚିନ୍ତାରେ ଅଗ୍ନିବିପନ୍ନ ପ୍ରଦୀପ୍ତ ପଢ଼ିୟାରୀ।

## ଭାରସାମ୍ୟ ହରାଇ ଓଲଟିଲା ଯାତ୍ରୀବାହୀ ବସ, ୩ ଗୁରୁତର

ବେଗୁନିଆ,୧୦।୨(ସଂଚାର ବ୍ୟୁରୋ): ବୋଲଗଡ଼ ଗୋପବନ୍ଧୁ ଛକରେ ଭାରସାମ୍ୟ ହରାଇ ଓଲଟିଲା ଯାତ୍ରୀବାହୀ ବସ । ଭୁବନେଶ୍ୱରରୁ ନୟାଗଡ଼ ଅଭିମୁଖେ ଯାଉଥିଲା ଘରୋଇ ଯାତ୍ରୀବାହୀ ବସ ନାରାୟଣୀ । ଏହି ଦୁର୍ଘଟଣାରେ ଅନେକ ଆହତ ହୋଇଥିବା ବେଳେ ୩ଜଣ ଗୁରୁତର ହୋଇଥିବା ଜଣାପଡିଛି । ସମସ୍ତଙ୍କୁ ବୋଲଗଡ଼ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ଲାଗି ଭର୍ତ୍ତି କରାଯାଇଥିବା ବେଳେ ଗୁରୁତର ୩ ଜଣଙ୍କୁ ଖୋର୍ଦ୍ଧା ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, ଭୁବନେଶ୍ୱରରୁ ନୟାଗଡ଼ ଅଭିମୁଖେ ଯାଉଥିବା ଘରୋଇ ଯାତ୍ରୀବାହି ବସ ନାରାୟଣୀ ଭାରସାମ୍ୟ ହରାଇ ବୋଲଗଡ଼ ଗୋପବନ୍ଧୁ ଛକରେ ହଠାତ ପଶିଯାଇ ଓଲଟି ପଡିଥିଲା । ପରେ ସ୍ଥାନୀୟ ଲୋକ ବସ ଭିତରୁ ଯାତ୍ରୀଙ୍କୁ ଉଦ୍ଧାର କରିବା ସହିତ ଆହତମାନଙ୍କୁ ଅଗ୍ନିଶମ ଏବଂ ଆମ୍ବୁଲାନ୍ସ ଯୋଗେ ବୋଲଗଡ଼ ଏବଂ ଖୋର୍ଦ୍ଧା ପଠାଇଥିଲେ। ତେବେ ଏ ନେଇ ବୋଲଗଡ଼ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ବେଳେ ଦ୍ରୁତଗତିରେ ଓଭରଟେକ ଦୁର୍ଘଟଣାର କାରଣ ବୋଲି ଜଣାପଡିଛି ।

# ଆସୁନି ଚିଠି ଓ ଶୁଭୁନି ଡାକବାଲାର ସ୍ୱର




କଳାହାଣ୍ଡି,୧୦।୨(ସଂଚାର ବ୍ୟୁରୋ): ଦିନଥିଲା ଗାଁ ହେଉ ଅବା ସହରର ସାହି ବସ୍ତିରେ ଡାକବାଲାକୁ ଦେଖିଲେ ଲୋକମାନେ ଘରୁ ବାହାରକୁ ଦୌଡି ଆସୁଥିଲେ । ଆମର କିଛି ଚିଠି ପତ୍ର ଆସିଛି କି ସେ ସଂକ୍ରାନ୍ତରେ ପଚାରି ବୁଝୁଥିଲେ । ସମୟ ବଦଳିବା ସହିତ ଲୋକଙ୍କ ସାମାଜିକ ଚଳଣି ମଧ୍ୟ ଦିନକୁ ଦିନ ବଦଳିବାରେ ଲାଗିଛି । ବିଗତ କିଛି ବର୍ଷ ହେଲା ଚିଠି ପତ୍ରର ସ୍ଥାନ ନେଉଛି ସ୍ମାର୍ଟ ଫୋନ୍ । ଯାହାରି ଫଳରେ ଡିଜିଟାଲ୍ ଦୁନିଆରେ ଡାକବାକ୍ସ ସାଧାରଣ ଜନତାଙ୍କ ମାନସ ପଟରୁ ଲିଭିବାକୁ ବସିଥିବା ବେଳେ ଏବେ ଆଉ ଆଗଭଳି ଡାକବାକ୍ସର ଚାହିଦା ନଥିବା ଦେଖିବାକୁ ମିଳିଛି। ଏପରିକି ଆଗାମୀ କିଛିବର୍ଷ ପରେ ଯୁବପିଢି ଡାକବାକ୍ସ କୁ କହିଲେ ଆଉ କିଛି ବୁଝି ପାରିବେ ନାହିଁ ବୋଲି ଆଶା କରାଯାଉଛି । ଏପରିକି ଡାକବାକ୍ସ ସଂଗ୍ରହାଳୟରେ ସ୍ମୃତି ହୋଇ ରହିଯିବାର ସମ୍ଭାବନାକୁ ମଧ୍ୟ ଏଡାଇ ହେବନାହିଁ । ବିଗତ କିଛି ବର୍ଷ ତଳେ ଖବର ପହଞ୍ଚାଇବାକୁ ଖୋଜା ପଡୁଥିଲା ଡାକବାକ୍ସ । କଳାହାଣ୍ଡି ଜିଲ୍ଲା ସହର ତଥା ଏହାର ଆଖପାଖ ଗ୍ରାମାଞ୍ଚଳର କୋଣ ଅନୁକୋଣରେ ଥିବା ଡାକଘର ଠାରୁ ଆରମ୍ଭ କରି ବିଭିନ୍ନ ସାହି ବସ୍ତିରେ ଲାଲ୍ ରଙ୍ଗର ଡାକବାକ୍ସ ଶୋଭା ପାଉଥିଲା । ତେବେ ଏବେ ଆଉ ଖୋଜିଲେ ବି ପ୍ରାୟତଃ ମିଳୁନି ଡାକବାକ୍ସ। ହାତଗଣତି କିଛି ସ୍ଥାନରେ ପଡି ରହିଛି ଡାକବାକ୍ସ। ସେସବୁରୁ କେତେକ ଭଙ୍ଗା ଦଦରା ଅବସ୍ଥାରେ ଥିବା ବେଳେ ଆଉ କେତେକ ଡାକବାକ୍ସକୁ କଳଙ୍କି ଲାଗିଯାଇଥିବା ଦେଖିବାକୁ ମିଳୁଛି। ସତେ ଯେମିତି ଡାକବାକ୍ସର ଆୟୁଷ ସରିସରି ଆସୁଛି । ଅତୀତରେ ଖବର ପହଞ୍ଚାଇବାର ପ୍ରମୁଖ ମାଧ୍ୟମ ସାଜିଥିବା ଡାକବାକ୍ସ ଏବେ ନିଜର ଅସ୍ତିତ୍ୱ ହରାଇବାକୁ ବସିଛି। ଚିଠି କଥା ଭାବିଲେ ମନକୁ ଆସୁଥିଲା ଲାଲ୍ ରଙ୍ଗର ଡାକବାକ୍ସ ତା' ସାଙ୍ଗକୁ ମାଟିଆ ବସ୍ତାରେ ସିଲ୍ ହୋଇଥିବା ବସ୍ତାଏ ଚିଠିକୁ ନେଇ ସାଇକଲରେ ମାଟିଆ ରଙ୍ଗର ପୋଷାକ ପିନ୍ଧି ଯାଉଥିଲା ଡାକବାଲା। ଶତାଧିକ ବର୍ଷ ପୂର୍ବେ ନିଜର ସ୍ୱତନ୍ତ୍ର ପରିଚୟ ପାଇଥିଲା ଏହି ଡାକବାକ୍ସ କଳାହାଣ୍ଡି ସହର ତଥା ଏହାର ଆଖପାଖ ଅଞ୍ଚଳରେ ଥିବା ଡାକବାକ୍ସରେ ଶହଶହ ଚିଠି ପଡୁଥିଲା । ସରକାରୀ ଚିଠି ସମେତ ଘରୋଇ ଚିଠି ଅଧିକ ଦେଖିବାକୁ ମିଳୁଥିଲା। ଆଉ ଏହି ଡାକବାକ୍ସରୁ ଚିଠି ଗୁଡିକୁ କାଢି ପୋଷ୍ଟମ୍ୟାନ୍ ଲୋକଙ୍କ ନିକଟରେ ପହଞ୍ଚାଇବାର ବ୍ୟବସ୍ଥା ମଧ୍ୟ କରୁଥିଲେ । ଏବେ କିନ୍ତୁ ଯୁଗ ବଦଳିଯାଇଛି। ଚାଲିଛି ଡିଜିଟାଲ ଯୁଗ ଆଉ ଏହାର ସ୍ଥାନ ନେଇଛି ସ୍ମାର୍ଟ ଫୋନ୍ ।

## ମଶାଧୂପରୁ ଛାତ୍ରୀ ନୀବାସରେ ଅଗ୍ନିକାଣ୍ଡ, ଜଣେ ଗୁରୁତର




ଗଜପତି,୧୦।୨ (ସଂଚାର ବ୍ୟୁରୋ): ମଶା ଧୂପରୁ ନିଆଁ ଲାଗି ଛାତ୍ରୀ ଗୁରୁତର। ଗଜପତି ଜିଲ୍ଲା ପାରଳାଖେମୁଣ୍ଡି ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀନିବାସରେ ଅଗ୍ନିକାଣ୍ଡ। ନିଆଁ ଲାଗି ଯୁକ୍ତ ୩ ଶେଷ ବର୍ଷର ଛାତ୍ରୀ ଗୁରୁତର ହୋଇଛନ୍ତି । ଗତକାଲି ରାତିରେ ଘଟିଛି ଏଭଳି ଅଭାବନୀୟ ଘଟଣା । ହଷ୍ଟେଲ କମନ ରୁମରେ ବସିଥିବା ବେଳେ ମଶା ଧୂପରୁ ଛାତ୍ରୀଙ୍କ ଚୁଟିରେ ନିଆଁ ଲାଗିଯାଇଥିଲା । ଏହାକୁ ଆୟତ୍ତ କରିବା ବେଳେ ନିଆଁ କମନରୁମକୁ ବ୍ୟାପି ଯାଇଥିଲା। ଏହାକୁ ଦେଖି ଅନ୍ୟ ଛାତ୍ରୀମାନେ ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଲାଗି ଛାତ୍ରୀଙ୍କ ଶରୀରର ବିଭିନ୍ନ ଅଂଶ ପୋଡି ଯାଇଛି। ୱାର୍ଡେନଙ୍କ ସହାୟତାରେ ଗୁରୁତର ଛାତ୍ରୀଙ୍କୁ ପାରଳାଖେମୁଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି ।

# ମନ୍ଦିରରୁ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଅଳଙ୍କାର ଓ ଟଙ୍କା ଚୋରି



ଫୁଲବାଣୀ,୧୦।୨(ସଂଚାର ବ୍ୟୁରୋ): ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଉଛନ୍ତି ଲୁଟେରା। କାହିଁକି ନା ଲୁଟେରାଙ୍କୁ ଆଉ ପୋଲିସର ଭୟ ରହୁନି । ଦିନ ବେଳେ ଘର, ଦୋକାନ-ବଜାର ଓ ମନ୍ଦିରକୁ ଟାର୍ଗେଟ କରୁଛନ୍ତି ଆଉ ରାତି ହେଲେ କଳାକନା ବୁଲାଉଛନ୍ତି ଲୁଟେରା। କନ୍ଧମାଳ ଜିଲ୍ଲା ଫୁଲବାଣୀ ଜଗନ୍ନାଥ ମନ୍ଦିରରୁ ହୋଇଛି ଚୋରି। ଏଭଳି ଘଟଣା ପରେ ଏବେ ସମସ୍ତ ଭକ୍ତମାନଙ୍କ ମନରେ ଲାଗିଛି କୁଠାର ଆଘାତ । କାହିଁକି ନା ମନ୍ଦିରରୁ ପ୍ରାୟ ପନ୍ଦର ଲକ୍ଷରୁ ଉର୍ଦ୍ଧ୍ୱ ଅଳଙ୍କାର ଓ ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। କେଉଁ ପରିସ୍ଥିତିରେ ଓ କିଏ ଏହି ଚୋରିରେ ସାମିଲ ଅଛି ତାକୁ ନେଇ ଫୁଲବାଣୀ ଟାଉନ୍ ଥାନା ପୋଲିସ୍ କରୁଛି ତଦନ୍ତ । କନ୍ଧମାଳ ଜିଲ୍ଲା ଫୁଲବାଣୀ ସଦର ମହକୁମା ଠାରେ ରହିଛି ଶ୍ରୀ ଜଗନ୍ନାଥଙ୍କ ମନ୍ଦିର। ମନ୍ଦିର ମଧ୍ୟରୁ ଚୋରି ଘଟଣା ଏବେ ଜିଲ୍ଲାରେ ଚର୍ଚ୍ଚାର ବିଷୟ ହୋଇଛି। ପ୍ରତି ଦିନ ପରି ମନ୍ଦିରର ବଡ ପଣ୍ଡା ଭୋର ସକାଳ ୫ଟା ସମୟରେ ମନ୍ଦିରକୁ ପୂଜାର୍ଚ୍ଚନା କରିବା ପାଇଁ ଯାଇଥିଲେ । ଏହି ସମୟରେ ମନ୍ଦିର ଭିତରେ ଦାନ ହୁଣ୍ଡି ବାକ୍ସ ନଥିବା ଦେଖିଥିଲେ ପୂଜକ। ପରେ ମନ୍ଦିରର ମୁଖ୍ୟ କବାଟ ତାଲା ଭାଙ୍ଗି ସିଂହାସନରେ ରହିଥିବା ତିନି ଠାକୁରଙ୍କ ଚିତା ଓ ସୁନା ଅଳଙ୍କାର ନଥିବା ଦେଖି ମୁଖ୍ୟ ପୂଜକ ସ୍ତବ୍ଧ ହୋଇ ପଡିଥିଲେ। ଏସବୁ ଦେଖିବା ପରେ ପୂଜକ ତୁରନ୍ତ ମନ୍ଦିର ସଭାପତି ଓ ମନ୍ଦିର ପରିଚାଳନା କମିଟର ସମସ୍ତ ସଦସ୍ୟଙ୍କୁ ଜଣାଇଥିଲେ । ମନ୍ଦିରରୁ ଚୋରି ଘଟଣାକୁ ନେଇ ଫୁଲବାଣୀ ଟାଉନ୍ ଥାନାରେ ପରିଚାଳନା କମିଟି ପକ୍ଷରୁ ଅଭିଯୋଗ କରାଯାଇଛି ।